ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, May 8/2025 Page 14 ₹ 7.00

୫୧ଶ ଭାଗ ୧୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 162 ମୂଲ୍ୟ ₹୭/-





# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ | Bhubaneswar, Thursday, May 8/2025




ଭାରତୀୟ ସଶସ୍ତ୍ର ବଳର ମିଶାଇଲ ମାଡ଼ରେ ବିଧ୍ୱସ୍ତ ପିଓକେ ରାଜଧାନୀ ମୁଜାଫରାବାଦର ଏକ ଆତଙ୍କବାଦୀ ଶିବିର।

# ପାକ୍ ଆତଙ୍କବାଦୀ ଆଡ୍ଡା ବିଧ୍ୱସ୍ତ

## ଅପରେଶନ ସିନ୍ଦୂର

**ପହଲଗାମ୍‌ରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ହତ୍ୟାର ୧୪ ଦିନ ପରେ ଏହାର ପ୍ରତିଶୋଧ ନେଇଛି ଭାରତ। ଭାରତୀୟ ସଶସ୍ତ୍ର ବଳ ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ୯ଟି ସ୍ଥାନରେ କେତେକ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟାଳୟ ଓ ଶିବିରରେ ଏୟାର ଷ୍ଟ୍ରାଇକ୍ କରିଛନ୍ତି। ରାତି ୧ଟା ୫ରୁ ୧ଟା ୩୦ ପର୍ଯ୍ୟନ୍ତ ୨୫ ମିନିଟ୍ ଧରି ଚାଲିଥିବା ଏହି ମିଶାଇଲ ମାଡ଼ରେ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧୂଳିସାତ୍ ହୋଇଯାଇଛି। ବିଶେଷକରି ହାଫିଜ୍ ସୟିଦ୍‌ଙ୍କ ଲଶ୍କର-ଇ-ତୋଇବା (ଏଲ୍‌ଇଟି), ମାସୁଦ୍ ଅଜହରଙ୍କ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ସୟଦ ସଲହାଉଦ୍ଦିନ୍‌ଙ୍କ ହିଜ୍‌ବୁଲ୍ ମୁଜାହିଦ୍ଦିନ୍ (ଏଚ୍‌ଏମ୍)ର ବଡ଼ଧରଣର କ୍ଷତି ହୋଇଥିବା ଭାରତୀୟ ସୁରକ୍ଷା ବଳ ଦାବି କରିଛି। ଏହି ଜବାବୀ କାର୍ଯ୍ୟାନୁଷ୍ଠାନରେ ୭୦ରୁ ୮୦ ଆତଙ୍କବାଦୀ ନିହତ ଓ ଅନ୍ୟ ୬୦ ଆହତ ହୋଇଥିବା ଭାରତ ପକ୍ଷରୁ କୁହାଯାଇଥିବାବେଳେ ପାକିସ୍ତାନୀ ସେନା ଓ ସରକାର ୨୬ ନାଗରିକଙ୍କ ମୃତ୍ୟୁ ଘଟିଥିବା ଏବଂ ୪୬ ଜଣ ଆହତ ହୋଇଥିବା କହିଛନ୍ତି। ସ୍ଥଳସେନା, ବାୟୁସେନା ଓ ନୌସେନାର ଏହି ରାତିଅଧିଆ ମିଳିତ କାର୍ଯ୍ୟାନୁଷ୍ଠାନକୁ 'ଅପରେଶନ୍ ସିନ୍ଦୂର' ନାମ ଦିଆଯାଇଛି। ଭାରତର ଏହି ସୀମାପାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଭାରତକୁ ଜବାବ ଦେବାକୁ ମାଡ଼ିଆସିଥିବା ଏକ ପାକିସ୍ତାନୀ ଏୟାରକ୍ରାଫ୍ଟକୁ ଭାରତୀୟ ସେନା ଖସାଇ ଦେଇଥିବା ଦାବି କରିଛି। କିନ୍ତୁ ପାକିସ୍ତାନୀ ସେନା ଭାରତୀୟ ବାୟୁସେନାର ୫ଟି ଜେଟ୍‌କୁ ଖସାଇଦେଇଥିବା ଦାବି କରିଛି। ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳିଗୋଳା ବର୍ଷଣରେ ୧୫ କଶ୍ମୀରୀ ପ୍ରାଣ ହରାଇଥିବା ୫୭ଜଣ ଆହତ ହୋଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ, ପାକିସ୍ତାନ ସରକାର ନିଜ ଦେଶ ସେନାକୁ ଉପଯୁକ୍ତ ଜବାବ ଦେବାକୁ କ୍ଷମତାପ୍ରାପ୍ତ କରିଛନ୍ତି। ପାକିସ୍ତାନ ପଟୁ ସମ୍ଭାବ୍ୟ ପ୍ରତିଆକ୍ରମଣକୁ ଦୃଷ୍ଟିରେ ରଖି ଭାରତର ୩୦୦ରୁ ଉର୍ଦ୍ଧ୍ୱ ବିମାନ ଚଳାଚଳକୁ ବାତିଲ କରିଦିଆଯାଇଛି। ଏଥିସହ ୨୫ଟି ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ ରଖାଯାଇଛି। ସେହିପରି ଭାରତ ଓ ପାକିସ୍ତାନକୁ କେତେକ ଦେଶ ବିମାନ ସେବା ବାତିଲ କରିଛନ୍ତି।**

**ନୂଆଦିଲ୍ଲୀ/ଇସ୍‌ଲାମାବାଦ ୭।୫(ପି.ଟି./ଏଜେନ୍ସି)**

ଅପରେଶନ 'ସିନ୍ଦୂର' ସମ୍ପର୍କରେ ମଙ୍ଗଳବାର ରାତି ୧ଟା ୪୪ରେ ପ୍ରଥମେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିଜ ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଥିଲେ 'ଭାରତ ମାତା କୀ ଜୟ'। ଅପରେଶନ 'ସିନ୍ଦୂର'କୁ ଦେଶରେ ଦଳମତ ନିର୍ବିଶେଷରେ ପ୍ରଶଂସା କରାଯିବା ସହ ଭାରତୀୟ ସେନାର ବୀରତ୍ୱର ଜୟଗାନ କରାଯାଇଛି। ଅନ୍ୟପକ୍ଷରେ ଅନେକ ଦେଶ କୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ କରିବା ସହ ଉଭୟ ଭାରତ ଓ ପାକିସ୍ତାନକୁ ସଂଯମ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ତେବେ ପାକିସ୍ତାନ ପଟରୁ ପ୍ରତିଆକ୍ରମଣ ଆଶଙ୍କା ବଢ଼ିଯାଇଥିବାରୁ ଭାରତରେ ସାଧାରଣ ନାଗରିକଙ୍କ ସୁରକ୍ଷା ସମ୍ପର୍କିତ ମକ୍ ଡ୍ରିଲ୍ ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ଆୟୋଜିତ ହୋଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁରୋପ ଗସ୍ତକୁ ବାତିଲ କରିଦେଇଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଆମେରିକା ସମେତ ଅନେକ ୟୁରୋପୀୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହ ଭାରତୀୟ ସଶସ୍ତ୍ର ବଳର ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି।

### ପାକ୍ ଓ ପିଓକେର ୯ ସ୍ଥାନରେ ୨୪ ମିଶାଇଲ୍ ମାଡ଼

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ଆତଙ୍କବାଦୀମାନେ ୨୫ ଭାରତୀୟ ଓ ଜଣେ ନେପାଳୀ ନାଗରିକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଭାରତ ଏଥିପାଇଁ ପାକିସ୍ତାନକୁ ଦାୟୀକରି ଆତଙ୍କବାଦୀଙ୍କୁ ଖୋଜି ନିପାତ କରାଯିବ ବୋଲି ଅନେକ ଥର ଚେତାବନୀ ଦେଇଥିଲା। ଆଶା କରାଯାଉଥିଲା, ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ। କିନ୍ତୁ ଓଲଟା ଭାରତକୁ ପରମାଣୁ ଅସ୍ତ୍ରରେ ଆକ୍ରମଣର ଧମକ ଦେଇଚାଲିଥିଲା। ଏଥିସହ ଏଲ୍‌ଓସିରେ ୧୨ ଦିନ ଧରି ଅସ୍ତ୍ରବିରତି ଉଲ୍ଲଘନ କରି ଗୁଳି ଓ ମୋର୍ଟାର ମାଡ଼ କରିଚାଲିଥିଲା। ଇତିମଧ୍ୟରେ ପାକିସ୍ତାନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଭାରତୀୟଙ୍କ ଦାବି ଜୋର୍ ଧରିଥିଲା। ଶେଷରେ ମେ' ୬ ତାରିଖ ବିଳମ୍ବିତ ରାତିରେ ଭାରତ 'ଅପରେଶନ୍ ସିନ୍ଦୂର' ଆରମ୍ଭ କରିଥିଲା। ଏନେଇ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟମାନଙ୍କୁ ନ୍ୟାୟ ପ୍ରଦାନ ଏବଂ ଆକ୍ରମଣକାରୀଙ୍କୁ ଦଣ୍ଡିତ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିରେ ପାକିସ୍ତାନ ଏବଂ ଏହାର ନିୟନ୍ତ୍ରଣରେ ଥିବା ଭୂଖଣ୍ଡରେ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରାଯାଇଛି। ଏହା ଭାରତର 'ପ୍ରଦର୍ଶନମୂଳକ ପଦକ୍ଷେପ' ନୁହେଁ। ଭାରତର କାର୍ଯ୍ୟାନୁଷ୍ଠାନ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ନିୟମ ଅନୁକୂଳ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକାରୀ, ସେମାନଙ୍କ ସଙ୍ଗଠନ, ପାଣ୍ଠି ଯୋଗାଣକାରୀ ଓ ପୃଷ୍ଠପୋଷକଙ୍କୁ ଉତ୍ତରଦାୟୀ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମିଶାଇଲ୍ ଷ୍ଟ୍ରାଇକ୍ କରାଯାଇଥିବା ସ୍ଥାନଗୁଡ଼ିକ ହେଲା ମୁଜାଫରାବାଦ, କୋଟ୍‌ଲି, ବାହାୱଲପୁର, ରାୱଲକୋଟ୍, ଚକ୍ସୱାରି, ଭିମ୍ବର, ନୀଲମ୍ ଉପତ୍ୟକା, ଝେଲମ୍ ଓ ଚକ୍‌ୱାଲ। ଏୟାର ଷ୍ଟ୍ରାଇକ୍ ବେଳେ ପାକିସ୍ତାନୀ ସେନା ଓ ନାଗରିକଙ୍କ କୌଣସି କ୍ଷତି ହୋଇନାହିଁ। କେବଳ ଆତଙ୍କବାଦୀଙ୍କୁ ଟାର୍ଗେଟକରି ୯ଟି ସ୍ଥାନରେ ୨୪ ମିଶାଇଲ୍ ମାଡ଼ କରାଯାଇଛି। ଅପରେଶନ୍ ସିନ୍ଦୂର ଅଧୀନରେ ଭାରତୀୟ ସାମରିକ ବଳ ମୁରିଦକେସ୍ଥିତ ଏଲ୍‌ଇଟି ମୁଖ୍ୟାଳୟ ମର୍କଜ ତେଇବା, ବାହାବଲପୁରରେ ଥିବା ଜେଇଏମ୍‌ର ମର୍କଜ ସୁଭାନ୍ ଆଲ୍ଲା ଏବଂ ସିଆଲ୍‌କୋଟ୍‌ସ୍ଥିତ ମୋହମୁନା ଜୋୟା ଫାସିଲିଟିର ହିଜ୍‌ବୁଲ୍ ମୁଜାହିଦ୍ଦିନ ଶିବିର ସମେତ ଆତଙ୍କବାଦୀଙ୍କ ଆହୁରି କେତେକ କୋଠା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି ବୋଲି ମିସ୍ରିଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ସେନା କର୍ ର କଲୋନିଆଲ ସୋଫିଆ କୁରେସି ଏବଂ ଭାରତୀୟ ବାୟୁସେନାର ହେଲିକପ୍ଟର ପାଇଲଟ୍ ବ୍ୟୋମିକା ସିଂ ସୂଚନା ଦେଇଛନ୍ତି।




## ୩୦୦ ବିମାନ ଉଡ଼ାଣ ବାତିଲ





**ନୂଆଦିଲ୍ଲୀ, ୭।୫**

ପାକିସ୍ତାନରେ ଭାରତୀୟ ସେନାର ଏୟାର ଷ୍ଟ୍ରାଇକ୍ ପରେ ଭାରତରେ ୩୦୦ରୁ ଅଧିକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ସେହିପରି ଶ୍ରୀନଗର ସମେତ ୨୫ଟି ଏୟାରପୋର୍ଟକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ପାଇସ୍ ଜେଟ୍, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଅକାସା ଏୟାର ସମେତ କିଛି ବିଦେଶୀ ଏୟାରଲାଇନ୍ସ ମଧ୍ୟ ଭାରତର ବିଭିନ୍ନ ଏୟାରପୋର୍ଟ ପାଇଁ ନିଜ ସେବାକୁ ବାତିଲ କରିଛନ୍ତି। ଏନେଇ ଏୟାରଲାଇନ୍ସଗୁଡ଼ିକ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ଉତ୍ତର ଏବଂ ପଶ୍ଚିମ ଭାରତର ୨୫ଟି ଏୟାରପୋର୍ଟକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଭାରତୀୟ ଏୟାରଲାଇନ୍ସଗୁଡ଼ିକ ପକ୍ଷରୁ ବିଭିନ୍ନ ଏୟାରପୋର୍ଟରୁ ଯିବାକୁ ଥିବା କିମ୍ବା ଆସିବାକୁ ଥିବା ୩୦୦ରୁ ଅଧିକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। କେବଳ ଇଣ୍ଡିଗୋ ଏୟାରଲାଇନ୍ସ ଅମୃତସର ଏବଂ ଶ୍ରୀନଗର ସମେତ ବିଭିନ୍ନ ଏୟାରପୋର୍ଟରୁ ୧୬୫ଟି ବିମାନ ଉଡ଼ାଣ ବାତିଲ କରିଥିବା ନେଇ ସୂଚନା ଦେଇଛି।

ଅନେକ ଅନ୍ତର୍ଜାତୀୟ ଏୟାରଲାଇନ୍ସ ମଧ୍ୟ ସେମାନଙ୍କ ରୁଟ୍ ପରିବର୍ତ୍ତନ କରିବା ସହ ଭାରତ ଏବଂ ପାକିସ୍ତାନର ଅନେକ ଏୟାରପୋର୍ଟକୁ ନିଜ ବିମାନ ଉଡ଼ାଣକୁ ବାତିଲ କରିଛନ୍ତି। ୟୁଏଇ ସମେତ ବିଭିନ୍ନ ଗଲ୍ଫ ଦେଶଗୁଡ଼ିକର ଏମିରେଟ୍ସ, ଇତିହାଦ, କାତାର ଏୟାରୱେଜ୍ ଆଦି ଏୟାରଲାଇନ୍ସ ଦୁବାଇ, ଆବୁଧାବି ଏବଂ ଦୋହାରୁ ଉତ୍ତର ଭାରତର ବିଭିନ୍ନ ଏୟାରପୋର୍ଟ ଏବଂ ପାକିସ୍ତାନର ବିମାନବନ୍ଦରଗୁଡ଼ିକୁ ଯିବାକୁ ଥିବା ବିମାନ ଉଡ଼ାଣକୁ ବାତିଲ କରିଛନ୍ତି।

## ଅପରେଶନ୍‌ର ନାଁ ମୋଦି ରଖିଥିଲେ 'ସିନ୍ଦୂର'


**ନୂଆଦିଲ୍ଲୀ,୭।୫**



ନରେନ୍ଦ୍ର ମୋଦି

ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ କରାଯାଇଥିବା 'ଅପରେଶନ୍ ସିନ୍ଦୂର'ର ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଖିଥିଲେ। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀମାନେ ଭାରତୀୟ ମହିଳାମାନଙ୍କ ମଥାରୁ ପରମ୍ପରାର ପ୍ରତୀକ ସିନ୍ଦୂର ଲିଭାଇଦେଇଥିବାରୁ ମୋଦି ଏପରି ନାମ ରଖିଥିଲେ। କାରଣ ପ୍ରାଣ ହରାଇଥିବା ସମସ୍ତ ୨୬ ଜଣ ପୁରୁଷ ଥିଲେ। ସେମାନଙ୍କ ସ୍ତ୍ରୀମାନେ ବିଧବା ହୋଇଯାଇଛନ୍ତି। ଏହି ଘଟଣାରେ ବ୍ୟଥିତ ମୋଦି ମଙ୍ଗଳବାର ରାତିରେ ସମ୍ପୂର୍ଣ୍ଣ ଅପରେଶନ୍‌କୁ ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

## ଜିନ୍ ମୋହି ମାରା, ତେ ମାଇ ମାରେ: ରାଜନାଥ



ରାଜନାଥ ସିଂ

ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ପକ୍ଷରୁ କରାଯାଇଥିବା 'ଅପରେଶନ୍ ସିନ୍ଦୂର'ରେ ପାକିସ୍ତାନର କୌଣସି ନାଗରିକଙ୍କୁ ଟାର୍ଗେଟ କରାଯାଇ ନାହିଁ। ଆମେ କେବଳ ସେହିମାନଙ୍କୁ ଟାର୍ଗେଟ କରିଛୁ, ଯେଉଁମାନେ ଆମ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ ବୋଲି ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ବର୍ଡର ରୋଡ୍ସ ଅର୍ଗାନାଇଜେଶନ୍ (ବିଆର୍‌ଓ)ର ୫୦ ଭିତ୍ତିଭୂମି ପ୍ରକଳ୍ପକୁ ଉଦ୍‌ଘାଟନ ଅବସରରେ ରାଜନାଥ ରାମାୟଣର ଏକ ପଂକ୍ତି ଉଦ୍ଧାର କରି କହିଛନ୍ତି, 'ଜିନ୍ ମୋହି ମାରା, ତେ ମାଇ ମାରେ'। ସୀତାଙ୍କୁ ରାବଣ ବନ୍ଦୀ କରି ରଖିଥିବା ଅଶୋକ ବାଟିକାକୁ ଧ୍ୱଂସ କରିବା ସମୟରେ ହନୁମାନଙ୍କ ଏହି ବକ୍ତବ୍ୟକୁ ପ୍ରତିରକ୍ଷା ମନ୍ତ୍ରୀ ଉଦ୍ଧୃତ କରି ପାକିସ୍ତାନକୁ ଆସୁରିକ ଶକ୍ତି ସହ ତୁଳନା କରିଛନ୍ତି।


## ଏଲ୍‌ଓସିରେ ପାକ୍ ସେନାର ଗୁଳି: ୧୫ ନିହତ



ଜମ୍ମୁ-କଶ୍ମୀର ଉରି ସେକ୍ଟର ସଂଲଗ୍ନ ଏଲ୍‌ଓସିରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳି ଓ ମୋର୍ଟାର ମାଡ଼ରେ ୧୫ ନାଗରିକ ନିହତ ହୋଇଥିବାବେଳେ ସଲ୍‌ମାବାଦରେ ଅନେକ ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

## ଅଜହରଙ୍କ ୧୦ ସମ୍ପର୍କୀୟ, ୪ ସହଯୋଗୀ ନିହତ

**ବାହାୱଲପୁର,୭।୫**



ମାସୁଦ୍ ଅଜହର

ଅପରେଶନ୍ ସିନ୍ଦୂରରେ ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍-ଇ-ମହମ୍ମଦ ମୁଖ୍ୟ ମୌଲାନା ମାସୁଦ୍ ଅଜହରଙ୍କ ୧୦ ସମ୍ପର୍କୀୟ ଓ ୪ ଘନିଷ୍ଠ ସହଯୋଗୀ ନିହତ ହୋଇଛନ୍ତି। ୫୬ ବର୍ଷୀୟ ଅଜହର ନିଜେ ଏହି ବିଷୟ ସ୍ୱୀକାର କରିଛନ୍ତି। ଅଜହର କହିଛନ୍ତି, ଜେଇଏମ୍ ମୁଖ୍ୟାଳୟରେ ତାଙ୍କ ଭଉଣୀ, ଭାଇଁ, ପୁତୁରା, ପୁତୁରାଙ୍କ ସ୍ତ୍ରୀ, ଭାଣିଜୀ ଏବଂ ସେମାନଙ୍କର ୫ ପିଲାଛୁଆ ପ୍ରାଣ ହରାଇଛନ୍ତି। ଏହାସତ୍ତ୍ୱେ ଅଜହର ଅନୁତପ୍ତ କିମ୍ବା ମର୍ମାହତ ନୁହନ୍ତି ବୋଲି କହିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷିତ ଅଜହର ୧୯୯୪ରେ ଭାରତରେ ଗିରଫ ହୋଇଥିଲେ। କିନ୍ତୁ କାନ୍ଦାହାର ଏୟାର ଇଣ୍ଡିଆ ଆଇସି୮୧୪ ବିମାନ ଅପହରଣ ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ୨୦୦୧ ପାର୍ଲାମେଣ୍ଟ ଆକ୍ରମଣ, ୨୦୦୮ ମୁମ୍ବାଇ ଆକ୍ରମଣ, ୨୦୧୬ ପଠାନ୍‌କୋଟ୍ ଆକ୍ରମଣ ଏବଂ ୨୦୧୯ ପୁଲୱାମା ଆକ୍ରମଣରେ ଅଜହରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। କିନ୍ତୁ ପାକିସ୍ତାନ ତାଙ୍କ ସମ୍ପର୍କରେ କୌଣସି ତଥ୍ୟ ନ ଥିବା କହିଆସିଛି।

### ବିଶ୍ୱନେତାଙ୍କ ପ୍ରତିକ୍ରିୟା

ଲଜ୍ଜାର କଥା। କିଛି ଘଟିବାକୁ ଯାଉଥିବା ନେଇ ଧାରଣା ଥିଲା। ଅନେକ ବର୍ଷ ଏବଂ ଶତାବ୍ଦୀ ଧରି ଭାରତ ଏବଂ ପାକିସ୍ତାନ ପରସ୍ପର ବିରୋଧରେ ଲଢୁଛନ୍ତି। ଉଭୟ ଦେଶ ସଂଯମତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଆଶା କରୁଛି ଉଭୟ ଦେଶ ମଧ୍ୟରେ ଥିବା ଶତ୍ରୁତା ଶୀଘ୍ର ଶେଷ ହେବ।

**-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**

ସମ୍ପ୍ରତି ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ମୁକାବିଲା ହେଲେ ଏହାକୁ ବିଶ୍ୱ ସହ୍ୟ କରିପାରିବ ନାହିଁ।

**-ଆଣ୍ଟୋନିଓ ଗୁଟେରସ୍, ଜାତିସଂଘ ମହାସଚିବ**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ସ୍ଥିତିକୁ ନେଇ ଆମେରିକା କଡ଼ା ନଜର ରଖିଛି।

**-ମାର୍କୋ ରୁବିଓ, ଆମେରିକା ପରରାଷ୍ଟ୍ର ସଚିବ**

ଭାରତ ଓ ପାକିସ୍ତାନ ମଧ୍ୟରେ ମଙ୍ଗଳବାର ରାତିରେ ଘଟିଥିବା ସଂଘର୍ଷ ଯୋଗୁ ଗଭୀର ଭାବେ ଚିନ୍ତିତ ରହିଛି।

**- ଫ୍ରେଡରିକ ମର୍ଜ, ଜର୍ମାନ ଚାନ୍ସେଲର**

ଉଭୟ ଦେଶ ମଧ୍ୟରେ ତୀବ୍ର ହେଉଥିବା ସାମରିକ ମୁକାବିଲାକୁ ନେଇ ରୁଷିଆ ଚିନ୍ତିତ ରହିଛି।

**-ମାରିଆ ଜାଖାରୋଭା, ରୁଷିଆ ବହିର୍ବ୍ୟାପାର ସଚିବ**

ପାକିସ୍ତାନର କେତେକ ସ୍ଥାନରେ ଭାରତର ଏୟାରଷ୍ଟ୍ରାଇକ୍ ଦୁଃଖଦାୟକ। ଉଭୟ ପରସ୍ପରର ପଡୋଶୀ ଦେଶ ହୋଇଥିବାରୁ ଶାନ୍ତି ଏବଂ ସ୍ଥିରତା ପାଇଁ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟେ ସଂଯମତା ରକ୍ଷା କରନ୍ତୁ।

**-ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ**

ଉଭୟ ଦେଶ ପରସ୍ପର ବିରୋଧରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ଶାନ୍ତିକୁ ଭଙ୍ଗ ନ କରନ୍ତୁ।

**-ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦ ଅଲ୍ ନହୟାନ, ୟୁଏଇ ଉପ ପ୍ରଧାନମନ୍ତ୍ରୀ**

ଭାରତ ଏବଂ ପାକିସ୍ତାନ ପରସ୍ପର ବିରୋଧରେ ପ୍ରତିଶୋଧମୂଳକ ସାମରିକ ସଂଘର୍ଷରୁ ବିରତ ରୁହନ୍ତୁ। ଉଭୟ ଦେଶ ମଧ୍ୟରେ ଜାରି ରହିଥିବା ସ୍ଥିତିକୁ ନେଇ ଜାପାନ ଚିନ୍ତିତ।

**-ୟୋଶିମାସା ହୟାଶି, ଜାପାନ ମୁଖ୍ୟ କ୍ୟାବିନେଟ୍ ସେକ୍ରେଟାରୀ**

## ଆଜି ସର୍ବଦଳୀୟ ବୈଠକ

'ଅପରେଶନ୍ ସିନ୍ଦୂର' ସମ୍ପର୍କରେ ଦେଶର ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କୁ ଅବଗତ କରାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ପାର୍ଲାମେଣ୍ଟ କମ୍ପ୍ଲେକ୍ସର ଲାଇବ୍ରେରି ବିଲ୍ଡିଂସ୍ଥିତ କମିଟି ରୁମ୍ ଜି-୦୭୪ରେ ପୂର୍ବାହ୍ନ ୧୧ଟାରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏକ୍ସ'ରେ ସୂଚନା ଦେଇଛନ୍ତି। କିଭଳି ସ୍ଥିତିରେ ଓ କିପରି ଭାବେ ସମ୍ପୂର୍ଣ୍ଣ ଅପରେଶନ୍ କରାଗଲା, ସେନେଇ ସରକାର ଉକ୍ତ ବୈଠକରେ ବିବୃତି ରଖିବେ। ତେବେ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ଉଚିତ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି।

ଧରିତ୍ରୀ DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ | Bhubaneswar, Thursday, May 8/2025


# ଏନ୍‌କାଉଣ୍ଟରରେ ୨୬ ମାଓବାଦୀ ନିହତ

**ମାଲକାନଗିରି,୭ା୫(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଓ ତେଲଙ୍ଗାନା ସୀମାବର୍ତ୍ତୀ କେରାଗୁଟା ଜଙ୍ଗଲରେ ୧୬ ଦିନ ଧରି ସିଆର୍‌ପିଏଫ୍, ଡିଆର୍‌ଜି ଓ ଏସ୍‌ଟିଏଫ୍ ଯବାନଙ୍କ ପକ୍ଷରୁ ମାଓବାଦୀ ଅପରେଶନ ଜାରି ରହିଛି। ବୁଧବାର କେରାଗୁଟା ପାହାଡ଼ରେ ପୋଲିସ ସହ ଗୁଳି ବିନିମୟ ଘଟି ୨୬ ମାଓବାଦୀ ନିହତ ହୋଇଛନ୍ତି। ଆକ୍ରମଣ ଓ ପ୍ରତିଆକ୍ରମଣରେ ୬ଯବାନ ଆହତ ହୋଇଥିବାବେଳେ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଜଙ୍ଗଲରେ ୧ ହଜାରରୁ ଊର୍ଦ୍ଧ୍ୱ ମାଓବାଦୀ ରହିଥିବା ଗୋଇନ୍ଦା ସୂତ୍ରରୁ ଖବର ପାଇ ୧୬ ଦିନ ପୂର୍ବରୁ ଯବାନମାନେ କେରାଗୁଟା ଜଙ୍ଗଲ ଓ ପାହାଡ଼ ଘେରାଉକରି ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ଉକ୍ତ ଜଙ୍ଗଲରେ ସପ୍ତାହେ ପୂର୍ବେ ମାଓବାଦୀଙ୍କ ଗୁମ୍ଫା ଠାବହୋଇଥିବା ବେଳେ ବହୁ ଅସ୍ତ୍ରଶସ୍ତ୍ର ଯବାନମାନେ ଜବତ କରିଥିଲେ। ଏହି ଅପରେଶନରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଯବାନ ସମ୍ପୂର୍ଣ୍ଣ ଜଙ୍ଗଲ ଓ ପାହାଡ଼କୁ ଘେରାବନ୍ଦୀ କରି ରଖିଥିବା ବେଳେ ଏଠାରେ ଟପ୍ କ୍ୟାଡର ମାଓବାଦୀ ଓ ସେମାନଙ୍କ ନେତା ଥିବା ଜଣାପଡ଼ିଛି। ଅପରେଶନ ଜାରି ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଯବାନମାନେ ଜବତ କରିଥିବା ଅସ୍ତ୍ରଶସ୍ତ୍ର ଓ ନିହତ ମାଓବାଦୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ।

SIKSHA 'O' ANUSANDHAN
SAAT-2025
Empowering students for a brighter future
MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଦିବ୍ୟାଙ୍ଗ, ମହିଳା, କିନ୍ନର, ଛାତ୍ର, ବରିଷ୍ଠ ନାଗରିକଙ୍କୁ ୫୦% ରିହାତି

## ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା

**ଭୁବନେଶ୍ୱର,୭ା୫(ରବିନାରାୟଣ ଜେନା)**

ରାଜ୍ୟବାସୀଙ୍କୁ କିଭଳି ଗମନାଗମନରେ ସୁବିଧା ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ମୁଖ୍ୟମନ୍ତ୍ରୀ ବସ୍ ସେବା(ଏମ୍‌ବିଏସ୍) ପ୍ରସ୍ତାବକୁ ମୋହର ମାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ଟି ବିଭାଗର ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ମହିଳା, କିନ୍ନର, ଛାତ୍ର, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ବାତାନୁକୂଳ (ଏସି) ଓ ଅଣ-ବାତାନୁକୂଳ (ନନ୍-ଏସି) ବସ୍ ଭଡ଼ାରେ ୫୦% ରିହାତି ମିଳିବ। ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଏକ ସୁରକ୍ଷିତ, ନିର୍ଭରଯୋଗ୍ୟ, ସୁଲଭ ଏବଂ ଅଧିକ ଦକ୍ଷ ପରିବହନ ସେବାଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ କ୍ୟାବିନେଟ୍ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବସ୍‌ଗୁଡ଼ିକରେ ସିସିଟିଭି କ୍ୟାମେରା, ଲାଇଭ୍ ଭ୍ୟାନ ଟ୍ରାକିଂ, ଯାତ୍ରୀ ସୂଚନା ବ୍ୟବସ୍ଥା ଓ ପାନିକ୍ ବଟନ୍ ଇତ୍ୟାଦି ରହିବ। ମହିଳା ତଥା ଶିଶୁମାନଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯିବ। ଅଭିନବ ସଡ଼କ ସୁରକ୍ଷା ବ୍ୟବସ୍ଥା ଭାବରେ ସମସ୍ତ ଏମ୍‌ବିଏସ୍ ବସ୍‌ରେ ଉନ୍ନତ ଡ୍ରାଇଭର ସହାୟତା ପ୍ରଣାଳୀ ରହିବ। ନାଗରିକଙ୍କ ଆବଶ୍ୟକତା ଅନୁଯାୟୀ ସମାବେଶୀ ଏବଂ ସମନ୍ୱିତ ପରିବହନ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବା ସହିତ ହିତାଧିକାରୀଙ୍କ ସହ ଉତ୍ତମ ପରାମର୍ଶ ମାଧ୍ୟମରେ ବର୍ତ୍ତମାନର ଗ୍ରାମୀଣ ସଂଯୋଗୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଯୋଜନାର ଲକ୍ଷ୍ୟ।

**କ୍ୟାବିନେଟ୍ ନିଷ୍ପତ୍ତି**

ଆଜିର ସମ୍ପାଦକୀୟ ସଂଯୋଗର ପଥ

Muthoot Finance
ଗୋଲଡ୍ ଲୋନ୍
ଜିତନ୍ତୁ ₹75 ଲକ୍ଷ+ ପର୍ଯ୍ୟନ୍ତ ଗିଫ୍ଟ୍ ଭାଉଚର୍ ଏବଂ ସ୍ୱର୍ଣ୍ଣ ମୁଦ୍ରା^
2.5 ଲକ୍ଷ+ ଗ୍ରାହକ ପ୍ରତିଦିନ ସେବା ପାଇଥାନ୍ତି*
24 Ct ସୁନା ପାଆନ୍ତୁ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ଉପରେ^
ତୁରନ୍ତ ଲୋନ୍
7,000+ ଶାଖା*
7 ସ୍ତରୀୟ ସୁରକ୍ଷା
ଅନ୍‌ଲାଇନ୍ ପେଠ ସୁବିଧା
1 କୋଟି+ ଡାଉନ୍‌ଲୋଡ୍ ହୋଇସାରିଛି

INDIA'S #1 MOST TRUSTED FINANCIAL SERVICES BRAND 2025#
1800 313 1212
muthootfinance.com
Muthoot Family - 800 years of Business Legacy
#TRA's Brand Trust Report. www.muthootfinance.com/terms-and-condition.

DSPL-56

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ

# ଶୀତଳ ଭଣ୍ଡାର ନୀତି

ଫସଲ ହେବ ସଂରକ୍ଷିତ, ଚାଷୀ ହେବେ ସଶକ୍ତ

ଶୀତଳ ଭଣ୍ଡାର ସ୍ଥାପନ ନିମିତ୍ତ ଆର୍ଥିକ ସହାୟତା ପାଇଁ ୨୫୨ କୋଟି ଟଙ୍କା ବ୍ୟୟ ବରାଦ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନୂତନ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ନୀତି

- ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ମହିଳା/ ତୃତୀୟ ଲିଙ୍ଗ ଏବଂ ଅନୁସୂଚିତ ଅଞ୍ଚଳର ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜି ବିନିଯୋଗ ଉପରେ ୭୦% ଅଥବା ସର୍ବାଧିକ ୭.୫୦ କୋଟି ପର୍ଯ୍ୟନ୍ତ ସବ୍‌ସିଡିର ସୁବିଧା ଏବଂ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କୁ ସ୍ଥାୟୀ ପୁଞ୍ଜି ବିନିଯୋଗ ଉପରେ ୫୦% ଅଥବା ସର୍ବାଧିକ ୭.୦୦ କୋଟି ପର୍ଯ୍ୟନ୍ତ ସବ୍‌ସିଡିର ସୁବିଧା
- ସୁଧ ଉପରେ ୭% ପର୍ଯ୍ୟନ୍ତ ଆର୍ଥିକ ସହାୟତା
- କାର୍ଯ୍ୟକାରୀ ପୁଞ୍ଜିର ଋଣ ଉପରେ ଲାଗୁ ହେଉଥିବା ସୁଧ ଉପରେ ମଧ ଫେରସ୍ତର ପ୍ରାବଧାନ
- ନୂତନ ଶୀତଳ ଭଣ୍ଡାର, କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ଏବଂ ଭବିଷ୍ୟତରେ ପୁନଃରୁଦ୍ଧାର ହେବାକୁ ଥିବା ଶୀତଳ ଭଣ୍ଡାରର ବିଦ୍ୟୁତ ଶୁଳ୍କ ଉପରେ ୭ ବର୍ଷ ପର୍ଯ୍ୟନ୍ତ ୫୦% ସବ୍‌ସିଡିର ସୁବିଧା
- ଅଣ-କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରର ପୁନଃରୁଦ୍ଧାର ପାଇଁ ସର୍ବାଧିକ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆର୍ଥିକ ସହାୟତା






ଆଗ୍ରହୀ ବ୍ୟକ୍ତି, ଘରୋଇ ଉଦ୍ୟୋଗୀ ଇତ୍ୟାଦି ରାଜ୍ୟ ସରକାରଙ୍କ GO-SUGAM ପୋର୍ଟାଲରେ (sugam.odisha.gov.in) ଆବେଦନ କରିପାରିବେ

ଅଧିକ ସୂଚନା ପାଇଁ ନିକଟସ୍ଥ ଉଦ୍ୟାନ କୃଷି କାର୍ଯ୍ୟାଳୟ / କୃଷି ସମୃଦ୍ଧି ହେଲ୍ପ ଲାଇନ୍ ନମ୍ବର - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01510/13/0045/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆପୋଲୋ ହସ୍ପିଟାଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହସ୍ପିଟାଲ ପରିସର, ସମୟ: ଅପରାହ୍ନ ୩ଟା।
- 'ଦି କଲ୍ ଅଫ୍ ଦି ମଦରଲ୍ୟାଣ୍ଡ' ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଯୋଜନା ଓ ସଂଯୋଜନ ବିଭାଗ ସାଂସ୍କୃତିକ ପରିଷଦର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଶ୍ରଦ୍ଧାର ଅମୃତଧାରା ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଓଡ଼ିଶା ରକ୍ତଦାତା ସଂଘର ପ୍ରତିଷ୍ଠା ଦିବସ ଓ ବିଶ୍ୱ ରେଡକ୍ରସ୍ ଦିବସ, ସ୍ଥାନ: ଜଗନ୍ନାଥ ଡିଗ୍ରୀ କଲେଜ, ଜଳେଶ୍ୱର, ସମୟ: ସକାଳ ୯ଟା।
- ଓଷ୍ଟା ଖଇରା ଶାଖା ପକ୍ଷରୁ ଏ-୧ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବିଶ୍ୱ ରେଡକ୍ରସ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୮ଟା।
- ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖେମପୁର, ବାସୁଦେବପୁର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟ୍‌ବଲ୍ ମ୍ୟାଚ୍‌ର ୪ର୍ଥ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବଂଚୋ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।
- ଚତୁର୍ଥ ପ୍ରହରୀ ନାମଯଜ୍ଞ, ନଗର ଭ୍ରମଣ, ସ୍ଥାନ: ସଡ଼ା, ଛେନାପଦି, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡିଆ ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱ ରେଡକ୍ରସ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୮ଟା ୩୦।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ଗଜପତି
- ବିଶ୍ୱ ରେଡକ୍ରସ୍ ଦିବସ, ସ୍ଥାନ: ଗ୍ରାମଣୀ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ସକାଳ ୮ଟା।
- ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମଳନୀ କକ୍ଷ, ସମୟ: ସକାଳ ୯ ଟା।
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ପଦଯାତ୍ରା, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ
- ଶ୍ରୀରାମାଭିଷେକ ଓ ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀଶ୍ରୀ ରଘୁନାଥ ଜୀଉ ମଠ, ସିମିଳିଆ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: : ଲୋକନାଥ ନଗର, ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା
- ମା'ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ ସନ୍ଧ୍ୟା ୬ଟା।

## ଯାଜପୁର
- ଶ୍ରୀଶ୍ରୀ ସିଦ୍ଧ ମହାବୀର ହନୁମାନ ଜୀଉଙ୍କ ମନ୍ଦିର ଓ ନୂତନ ବିଗ୍ରହଙ୍କ ମହାସ୍ନାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ବ୍ରହ୍ମଣଦା, ସମୟ: ସକାଳ ୭ଟା।
- ବିଶ୍ୱ ରେଡକ୍ରସ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ମା' ମଙ୍ଗଳା ମନ୍ଦିରର ୧୩ତମ ପ୍ରତିଷ୍ଠା ଉତ୍ସବରେ କେନ୍ଦୁଝରର ନିର୍ଭୟା କଳାବିକାଶ କେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭିଙ୍ଗିପୁର ଗ୍ରାମ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ଚନ୍ଦନଯାତ୍ରାର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ନବମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ନବମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ନବମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ନବମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ନବମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ:ନୟାଗଡ ସହର ପରିକ୍ରମା, ସମୟ: ସକାଳ ୮ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ:ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ସାଢ଼େ ୯ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ ଟାଉନ୍‌ସିପ୍, ସେକ୍ଟର-୧ ଯଜ୍ଞ ମଣ୍ଡପ, ସମୟ: ସକାଳ ୬ଟା।
- ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ସମ୍ପର୍କରେ ଆଲୋଚନା, ସ୍ଥାନ: ଜୟପୁର ମାଉଣ୍ଟଭ୍ୟାଲି ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ଦିଶା ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଜୋନାଲସ୍ତରୀୟ ଜଙ୍ଗଲ ଜମି ଅଧିକାର ଆଇନ ବୈଠକ, ସ୍ଥାନ : କୋରାପୁଟ ଓସ୍ୱାନ ଗୃହ, ସମୟ :ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଛାତ୍ର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ଧନୁପାଲିସ୍ଥିତ ବିଦ୍ୟାଳୟର ସଭାକକ୍ଷ, ସମୟ : ସକାଳ ୯ଟା।

## ରାଉରକେଲା
- ଜିଙ୍ଗଲ ବେଲ୍ ପକ୍ଷରୁ ନୃତ୍ୟ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସମିତିର ବୈଠକ, ସ୍ଥାନ: ଜାମସେରା, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ବିଶ୍ୱ ରେଡକ୍ରସ ଦିବସ,ସ୍ଥାନ: ସଦଭାବନା ଭବନ,ସମୟ: ସକାଳ:୯ଟା।

## ବରଗଡ଼
- ବୈଶାଖୀମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୃସିଂହନାଥ, ପାଇକମାଳ, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ:ସକାଳ ୮ଟା।

## ବୌଦ୍ଧ
- ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ସକାଳ ୮ଟା।
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ ସହର, ସମୟ: ଭୋର ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ସମୟ: ସନ୍ଧ୍ୟା ୭ଟା
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ,ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର, ସମୟ: ସକାଳ ୮ଟା।
- ଟାଙ୍ଗର ସାହି ପାନୀୟ ଜଳ ସମାସ୍ୟା ସମାଧାନ ପାଇଁ ବୈଠକ, ସ୍ଥାନ: ଟାଙ୍ଗରସାହି ଗ୍ରାମ୍ୟ ମଣ୍ଡପ, ସମୟ: ସକାଳ ୮ଟା ।
- ତରଭା ବ୍ଲକ ମରାଡୁଗୋଛା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ମା'ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମା' ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ବିଜୟଗଡ ରାଜା କୋମନା, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ପ୍ରାତଃ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରବିଙ୍କ ସୁପ୍ରଭାବରୁ ଉଚ୍ଚଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଧର୍ମକାର୍ଯ୍ୟ କରିବାକୁ ମନ ବଳାଇବେ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ଫଳପ୍ରଦ ରହିବ। କଥାରେ, ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**ବୃଷ** ବୁଧଙ୍କ ଦୁର୍ବଳତା କାରଣରୁ ବନ୍ଧୁଙ୍କ ଅସହଯୋଗ ସାଙ୍ଗକୁ ଅର୍ଥାଭାବ ସକାଶେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**ମିଥୁନ** ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ହନ୍ତସନ୍ତ ହେବେ। ହାତରୁ ଖର୍ଚ୍ଚ କରି ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। କୌଣସି ପ୍ରିୟଜନଙ୍କ ଅନୁରୋଧକ୍ରମେ ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ପ୍ରତ୍ୟୁଷଯାତ୍ରା, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ ଏବଂ ସଭାସମିତିରେ ପ୍ରଶଂସିତ ହେବେ।

**କର୍କଟ** କୌଶଳ ପ୍ରୟୋଗ କରି ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପାରସ୍ପରିକ ଆଲୋଚନାକ୍ରମେ ପାରିବାରିକ କ୍ଷେତ୍ରରେ ରହିଥିବା ଟେନସନ୍ କେତେକାଂଶରେ କମିଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ଖର୍ଚ୍ଚ ବଢ଼ିଯାଇପାରେ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ। ଶିଳ୍ପ, ବ୍ୟବସାୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତି, ମନୋରଞ୍ଜନରେ ସଫଳତା ଅର୍ଜନ କରିବେ।

**କନ୍ୟା** କର୍ମକ୍ଷେତ୍ରରେ କାମ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତ ହେବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ଅର୍ଥ ଲାଭ ସାଙ୍ଗକୁ କଳ୍ପନାର ବାହାରେ ଥିବା କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ପାରିବାରିକ ସମସ୍ୟା ରହିଥିଲେ ମଧ୍ୟ ବୁଦ୍ଧି ଖଟାଇ ତାହାର ନିରାକରଣରେ ସମର୍ଥ ହେବେ। ପୂର୍ବରୁ କଥା ଦେଇଥିବା ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳାନାରେ ସତର୍କ ନ ରହିଲେ ଅଘଟଣ ଘଟିପାରେ। ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ।

**ବିଛା** କର୍ମକ୍ଷେତ୍ରର କେତେକ ଗୁରୁତ୍ୱପୂର୍ଣ୍ଣ କାମରେ ଅବହେଳା କରି ସମାଲୋଚିତ ହେବେ। ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହୋଇପାରେ। ବନ୍ଧୁଙ୍କ ଉପର ଠାଉରିଆ ସ୍ନେହ ଓ ସଦ୍‌ଭାବକୁ ଲକ୍ଷ୍ୟକରି ଆନମନା ହୋଇପାରନ୍ତି। କର୍ମକ୍ଷେତ୍ରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ** ନିଜ ମନଲାଖି କାମ ନ କରିପାରିବାରୁ ମନ ଅସ୍ଥିର ରହିବ। ପାରିବାରିକ ଜଞ୍ଜାଳ ମାନସିକ ଚାପକୁ ବୃଦ୍ଧି କରିବ। ଆନୁଷ୍ଠାନିକ କାମ କିମ୍ବା ସଭାସମିତିରେ ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇପାରନ୍ତି।

**ମକର** ଗତାନୁଗତିକ କର୍ମଧାରାରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ମଧ୍ୟ ନୀରବତା ମଧ୍ୟରେ ସନ୍ତୁଷ୍ଟ ରହିବାକୁ ପଡିବ। ଆପଣଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇପାରନ୍ତି। ପରିସ୍ଥିତି ପ୍ରତି ସଚେତନ ରହି ନିଜ ଲୋକଙ୍କୁ ଆପଣେଇ ନେବେ। ଦିନଟିରେ ପରୋକ୍ଷ ଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ।

**କୁମ୍ଭ** ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ମନ ଉଦ୍‌ବେଗ ରହିବ। ପୂର୍ବ ଯୋଜନାନୁଯାୟୀ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାକୁ ପଡିପାରେ। ସମସ୍ୟା ଲାଗିରହିଥିଲେ ମଧ୍ୟ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** ଆପଣଙ୍କ ଯୁକ୍ତିରେ ଅସନ୍ତୋଷ ପ୍ରକାଶ କଲେ ମଧ୍ୟ କୌଣସି ବ୍ୟକ୍ତି ମୁହଁ ସାମନାରେ କିଛି କହିବାକୁ ସାହସ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଟେନସନ୍ ମଧ୍ୟ କମିଯିବ। ଆଜିର ଯାତ୍ରା, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ସାହିତ୍ୟ, ସଙ୍ଗୀତ, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି।

ଆଜି ମେ ୮ ତାରିଖ, ବିଶ୍ୱ ରେଡ୍‌କ୍ରସ ଓ ବିଶ୍ୱ ଥାଲାସେମିଆ ଦିବସ, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ମୋହିନୀ ଏକାଦଶୀ ଗୁରୁବାର। ରାଶିନକ୍ଷତ୍ର- ଉତ୍ତରାଫାଲଗୁନୀ/କନ୍ୟା, ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୫.୧୭ ଗତେ ଘ.୦୭.୦୦ ମଧ୍ୟେ, ଘ.୧୦.୨୬ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୧୯ ଗତେ ଘ.୦୨.୫୬ ମଧ୍ୟେ ରାହୁ କାଳ।

# ତାତି ବଢ଼ିଲା, ଗୁଳୁଗୁଳି ଫେରିଲା

**ଭୁବନେଶ୍ୱର, ୭।୫(ଅନୁରାଧା ମହାରଣା)**

କିଛିଦିନର ବିରତି ପରେ ରାଜ୍ୟକୁ ପୁଣି ତାତି ସହ ଗୁଳୁଗୁଳି ଫେରିଛି। ଫଳରେ ବୁଧବାର ରାଜ୍ୟର ଅଧିକାଂଶ ଜିଲାରେ ତାପମାତ୍ରାରେ ବୃଦ୍ଧି ପାଇଛି। ବିଶେଷକରି ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରାରେ ପ୍ରାୟ ୨ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ହେଲେ ଓଡ଼ିଶାର ଅନ୍ୟ କୌଣସି ଜିଲାରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଅନ୍ୟପକ୍ଷରେ ୧୩ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ଗ୍ରୀଷ୍ମଲହରୀ, ଉଷ୍ମ ଓ ଆର୍ଦ୍ର ଅବସ୍ଥା ପ୍ରବାହର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ କମ୍ ଓ ଅନ୍ୟ କେତେକ ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨-୩ ଡିଗ୍ରୀ କମ୍ ରହିଥିଲା। ଆଗାମୀ ୨ ଦିନ ପାଇଁ ଦିନର ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବନାହିଁ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାର ଜିଲାଗୁଡ଼ିକରେ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗୁରୁବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାର କେତେକ ସ୍ଥାନରେ ଉଷ୍ମ ଏବଂ ଆର୍ଦ୍ର ଅବସ୍ଥା ପ୍ରବାହର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# 'ଅପରେଶନ ସିନ୍ଦୂର' ବିଷୟରେ ଦେଶକୁ ସୂଚନା ଦେଲେ ୨ ମହିଳା ସେନା ଅଧିକାରୀ

**ନୂଆଦିଲ୍ଲୀ, ୭।୫**


ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ


କର୍ନଲ ସୋଫିୟା କ୍ୟୁରେଶୀ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ୧୫ ଦିନ ପରେ ଭାରତ ପକ୍ଷରୁ ପାକିସ୍ତାନ ଏବଂ ପାକିସ୍ତାନ ଅଧୀକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ୯ଟି ଠିକଣାକୁ ଟାର୍ଗେଟ କରାଯାଇ ଏୟାର ଷ୍ଟ୍ରାଇକ୍ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଭାରତୀୟ ସେନା ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି କରାଯାଇ ଏନେଇ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ବୁଧବାର ଭାରତ ସରକାର ଏକ ଖବରଦାତା ସମ୍ମିଳନୀ କରି ଅପରେଶନ ସିନ୍ଦୂର ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ତ୍ରିଙ୍କ ସମେତ ୨ ଜଣ ମହିଳା ସେନା ଅଧିକାରୀ କର୍ନଲ ସୋଫିୟା କ୍ୟୁରେଶୀ ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ରହିଥିଲେ। ଏହି ୨ ମହିଳା ସେନା ଅଧିକାରୀ ଭାରତୀୟ ସେନାର ପରାକ୍ରମକୁ ବିଶ୍ୱ ସମ୍ମୁଖରେ ରଖିଥିଲେ। ପାକିସ୍ତାନର ପୃଷ୍ଠପୋଷକତାରେ ହେଉଥିବା ଆତଙ୍କବାଦୀ ଗତିବିଧିକୁ କିପରି ଭାରତୀୟ ସେନା ପ୍ରହାର କରିଛି ସେନେଇ ଉଭୟେ ଦେଶବାସୀଙ୍କୁ ସୂଚନା ଦେଇଥିଲେ। ସୋସିଆଲ ମିଡିଆରେ ଏବେ ଏହି ୨ ମହିଳା ସେନା ଅଧିକାରୀଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏକ ଗୁରୁତ୍ୱପୂର୍ଣ୍ଣ ଖବରଦାତା ସମ୍ମିଳନୀ ପାଇଁ ଭାରତ ସରକାର ୨ ମହିଳା ସେନା ଅଧିକାରୀଙ୍କୁ ବାଛିଥିବାରୁ ଅନେକ ୟୁଜର୍ସ ଖୁସି ପ୍ରକଟ କରିଛନ୍ତି।

ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଇଞ୍ଜିନିୟରିଂ ପଢ଼ା ଶେଷ କରିବା ପରେ ନ୍ୟାଶନାଲ କାଡେଟ କର୍ପସ୍ (ଏନ୍‌ସିସି)ରେ ଯୋଗଦେଇଥିଲେ। ୨୦୦୪ ଡିସେମ୍ବର ୧୮ରେ ସେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ଏହାର ୧୩ ବର୍ଷ ପରେ ୨୦୧୭ ଡିସେମ୍ବର ୧୮ରେ ସେ ୱିଙ୍ଗ୍ କମାଣ୍ଡର ହୋଇଥିଲେ। ୨୦୧୯ରେ ତାଙ୍କୁ ଭାରତୀୟ ବାୟୁସେନାର ହେଲିକପ୍ଟର ପାଇଲଟ ଭାବେ ନିୟୋଜିତ କରାଯାଇଥିଲା। ଚିତା ଏବଂ ଚେତକ ପରି ଫାଇଟର ହେଲିକପ୍ଟର ଉଡ଼ାଇବାରେ ସେ ନିପୁଣ। ସେହିପରି ୩୫ ବର୍ଷୀୟ ସେନା ଅଧିକାରୀ କର୍ନଲ ସୋଫିୟା କ୍ୟୁରେଶୀ ଗୁଜରାଟର ହୋଇଥିବାବେଳେ ସେ ସୈନିକ ପରିବାରରୁ ଆସିଛନ୍ତି। ୨୦୧୬ ମାର୍ଚ୍ଚରେ ସେ ଏକ ବହୁରାଷ୍ଟ୍ରୀୟ ସାମରିକ ଅଭ୍ୟାସରେ ପ୍ରଥମ ମହିଳା ଭାବେ ଇଣ୍ଡିଆନ ଆର୍ମି କଣ୍ଟିଜେଣ୍ଟର ନେତୃତ୍ୱ ନେଇ ଇତିହାସ ରଚିଥିଲେ।

# ରୁଷିଆ ଦୂତାବାସରେ ବିଜୁଙ୍କ ସ୍ମାରକୀ ଉନ୍ମୋଚିତ

**ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)**

ନାଜିବାଦ ବିରୋଧରେ ରୁଷିଆର ବିଜୟର ଅଶୀତମ ବାର୍ଷିକ ଉତ୍ସବ ପାଳନ ଆରମ୍ଭ ହୋଇଯାଇଛି। ଏଥିଲାଗି ଆସନ୍ତା ୯ରେ ମସ୍କୋରେ ବିକାଶ ଆୟୋଜନ ଚାଲିଛି। ଏହି ଆୟୋଜନରେ ରୁଷିଆ ଜଣେ ଓଡ଼ିଆ ଭାବେ ବିଜୁ ପଟ୍ଟନାୟକଙ୍କ ଅବଦାନକୁ କୃତଜ୍ଞତାର ସହ ମନେପକାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୁବାବୁଙ୍କ ସାହସ ଶୌର୍ଯ୍ୟ ଓ ପରାକ୍ରମର ଗାଥା ରୁଷିଆର ଦୂତାବାସରେ ଏବେ ପୁଣିଥରେ ଗୁଞ୍ଜରିତ ହୋଇଛି। ରୁଷିଆ ହାଉସର ବର୍ଣ୍ଣାଢ଼୍ୟ ପରିବେଶରେ ଷ୍ଟାଲିନ୍ ଗ୍ରାଡ୍ ଅଭିଯାନରେ ବିଜୁବାବୁଙ୍କ ଅବଦାନକୁ ମନେପକାଇ ବୁଧବାର ଏକ ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇଛନ୍ତି। ନବୀନ ଭାରତରେ ରୁଷିଆର ରାଷ୍ଟ୍ରଦୂତ ଡେନିସ୍ ଅଲିପୋଭଙ୍କ ଉପସ୍ଥିତିରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ସ୍ମାରକୀ ଫଳକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ନବୀନ କହିଛନ୍ତି, ବିଜୁ ବାବୁଙ୍କ ସାହସ ଓ ପରାକ୍ରମ ପାଇଁ ସାରା ଦେଶ ଗର୍ବିତ।

# ପାକିସ୍ତାନ ପାଇଁ ଟ୍ରାଭେଲ ଆଡ୍‌ଭାଇଜରି ଜାରିକଲା ଆମେରିକା

**ଇସ୍‌ଲାମାବାଦ,୭।୫**

ଭାରତର ଅପରେଶନ ସିନ୍ଦୂର ପରେ ପାକିସ୍ତାନରେ ଆମେରିକୀୟ ଦୂତାବାସ ପକ୍ଷରୁ ବୁଧବାର ଆମେରିକୀୟଙ୍କ ପାଇଁ ଟ୍ରାଭେଲ ଆଡଭାଇଜରି ଜାରି କରାଯାଇଛି। ପାକିସ୍ତାନରେ ଉତ୍ତେଜନାମୂଳକ ଅଞ୍ଚଳ ଖାସ୍‌କରି ଭାରତ ସୀମା ନିକଟବର୍ତ୍ତୀ ଅଞ୍ଚଳକୁ ନ ଯିବା ପାଇଁ ଏହି ଆଡ୍‌ଭାଇଜରିରେ ପରାମର୍ଶ ଦିଆଯାଇଛି। ଭାରତର ଅପରେଶନ ସିନ୍ଦୂର ପରେ ଉଭୟ ଦେଶ ମଧ୍ୟରେ ଚାଲିଥିବା ଘଟଣାକ୍ରମ ଉପରେ ଆମେରିକା କଡ଼ା ନଜର ରଖିଥିବା ଏହି ଆଡ୍‌ଭାଇଜରିରେ କୁହାଯାଇଛି।

# କୃଷି ମନ୍ତ୍ରଣାଳୟକୁ ମିଳୁନି ରାଜ୍ୟ ଉତ୍ତର

## ଶସ୍ୟ ଦର ବଢ଼ିବା ପ୍ରସଙ୍ଗ

**ଭୁବନେଶ୍ୱର,୭।୫(ରବିନାରାୟଣ ଜେନା)**

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ଅହରହ ଉଦ୍ୟମ କରୁଛନ୍ତି। ହେଲେ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯେଭଳି ଆନ୍ତରିକତାର ସହ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା କଥା ସେଥିରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି, ଯାହାଫଳରେ ଅନେକ ସମୟରେ ଯୋଜନାର କାର୍ଯ୍ୟାନ୍ୱୟନ ସୁଚାରୁରୂପେ ସମ୍ପାଦନ ହୋଇପାରୁନାହିଁ। ଏହିଭଳି ଏକ ଘଟଣା କୃଷି ବିଭାଗ କାର୍ଯ୍ୟକାରିତାରୁ ଜଣାପଡ଼ିଛି।

ଚଳିତ ୨୦୨୫-୨୬ ବର୍ଷ ଖରିଫ ଶସ୍ୟ ଲାଗି ସହାୟକ ଦର ନିର୍ଦ୍ଧାରଣ କରାଯିବ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କ ମତାମତ ଲୋଡ଼ାଯାଇଥିଲା। ଏମିତିକି ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ତାଙ୍କ ସୁଚିନ୍ତିତ ମତାମତ ଦେବାକୁ କୁହାଯାଇଥିଲା। ହେଲେ ଇତିମଧ୍ୟରେ ୪୫ ଦିନ ବିତିଯାଇଥିଲେ ବି କୃଷି ବିଭାଗ ପକ୍ଷରୁ ମତାମତ ପଠାଯାଇପାରୁନାହିଁ।

ସୂଚନାଯୋଗ୍ୟ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ସଚିବ ଦେବେଶ ଚତୁର୍ବେଦୀ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଚଳିତ ଖରିଫ୍ ଲାଗି ଶସ୍ୟର ସହାୟକ ଦର ନୀତି ନିର୍ଦ୍ଧାରଣ କରାଯିବ। ଏଥିପାଇଁ ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ତାଙ୍କ ମତାମତ ନିଶ୍ଚିତ ପଠାଇବା ଆବଶ୍ୟକ। ଯଦି ଏହି ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ମତାମତ ନ ଆସେ, ତେବେ କମିଶନ ଫର୍ ଏଗ୍ରିକଲ୍‌ଚର କଷ୍ଟସ ଆଣ୍ଡ ପ୍ରାଇସ୍(ସିଏସିପି) ସୁପାରିସ ସହ ରାଜ୍ୟ ସରକାର ସହମତ ବୋଲି ଧରାଯିବ। ନଚେତ୍ କେନ୍ଦ୍ର ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ସମୟରେ ରିପୋର୍ଟ ଗ୍ରହଣ କରାଯିବ। ଭାରତ ସରକାରଙ୍କ ପକ୍ଷରୁ ଯେପର୍ଯ୍ୟନ୍ତ ଖରିଫ ଶସ୍ୟର ବଜାରଦର ସମ୍ପର୍କରେ ସିଏସିପି ରିପୋର୍ଟ ପ୍ରକାଶ ପାଇନାହିଁ ସେପର୍ଯ୍ୟନ୍ତ ଏହି ତଥ୍ୟକୁ ଲୁକ୍କାୟିତ ରଖିବାକୁ ସଚିବ ଦେବେଶ ଦର୍ଶାଇଥିଲେ।

କେନ୍ଦ୍ର କୃଷି ସଚିବଙ୍କ ନିର୍ଦ୍ଦେଶକୁ ନେଇ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଭାଗୀୟ ସ୍ୱତନ୍ତ୍ର ସଚିବ ଡି.କେ. ପରିଡ଼ା ଜଳସମ୍ପଦ ବିଭାଗ ସହ ସମବାୟ, ରାଜସ୍ୱ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଦ୍ୟାନ କୃଷି, ଓୟୁଏଟି, ଓଇଆର୍‌ସି, ରାଜ୍ୟସ୍ତରୀୟ ବ୍ୟାଙ୍କ ସମୂହ କମିଟିଠାରୁ ତ୍ୱରିତ ମତାମତ ଲୋଡ଼ିଥିଲେ। ବିଭାଗ ପକ୍ଷରୁ ଗତ ଏପ୍ରିଲ ୧୧ରେ ଅବଗତ କରାଯାଇଥିବାବେଳେ ୨୫ରେ ମଧ୍ୟ ପତ୍ର ଲେଖି ଏହାକୁ ଅତ୍ୟନ୍ତ ଜରୁରୀ(ଏକ୍ସଟ୍ରିମ୍‌ଲି ଅର୍ଜେଣ୍ଟ) ବୋଲି ପତ୍ରରେ ଦର୍ଶାଯାଇଥିଲା। ସେଥିରେ କେଉଁ ନିର୍ଦ୍ଦେଶାଳୟ କି ପ୍ରକାର ବିବରଣୀ ଦେବେ ତାହା ମଧ୍ୟ ଉଲ୍ଲେଖ ରହିଥିଲା। ହେଲେ ଏପର୍ଯ୍ୟନ୍ତ କେତେକ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଚାଷୀ ପ୍ରସଙ୍ଗକୁ କେବଳ ପତ୍ରାଳାପରେ ସୀମିତ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏନେଇ ମେ'୨ରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିବାବେଳେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ମିଳି ନ ଥିବା ବିଭାଗୀୟ ଅନୁସନ୍ଧାନରୁ ଜଣାପଡ଼ିଛି।

# ମଣ୍ଡି ଶ୍ରମିକଙ୍କ ଦୁଃଖ
# ୫ ବର୍ଷ ଧରି ମିଳିନି ପାଉଣା

**ଭୁବନେଶ୍ୱର,୭।୫(ରବିନାରାୟଣ ଜେନା)**

ଶ୍ରମିକଙ୍କ ପାଉଣା ଦିନେ ବିଳମ୍ବ ହେଲେ ଝମେଲା ପର୍ଯ୍ୟନ୍ତ କଥା ଯାଉଛି। ହେଲେ ଧାନମଣ୍ଡିରେ ନିୟୋଜିତ କୃଷି ଶ୍ରମିକଙ୍କ ପାଉଣା ସରକାରୀ ଖାତାରେ ବର୍ଷ ବର୍ଷ ଧରି ଗଡୁଛି। ଏଥିନେଇ ମଣ୍ଡି କିମ୍ବା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) କର୍ତ୍ତୃପକ୍ଷ ଯେଭଳି ଗୁରୁତ୍ୱ ଦେବା କଥା ତାହା ଦେଉନାହାନ୍ତି, ଫଳରେ ଗତ ୫ ବର୍ଷ ଧରି ଶ୍ରମିକଙ୍କ ପାଉଣା କାଗଜପତ୍ରରେ ସୀମିତ ହୋଇ ରହିଛି। ଏନେଇ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ବାରମ୍ବାର ପତ୍ର ଲେଖାଗଲାଣି। ହେଲେ ଶ୍ରମିକଙ୍କ ତଥ୍ୟ ମିଳିପାରୁନାହିଁ। ଏଭଳି ଏକ ଅପ୍ରୀତିକର ପରିସ୍ଥିତି ପାକ୍ସସ୍ତରରେ ସୃଷ୍ଟି ହୋଇଥିବା ରାଜ୍ୟ ଯୋଗାଣ ନିଗମ ତଥ୍ୟରୁ ଜଣାଯାଇଛି। ଯୋଗାଣ ନିଗମ ପକ୍ଷରୁ ଅର୍ଥ ପରାମର୍ଶଦାତା ଦେବରାଜ ମଣ୍ଡଳ ଏ ସଂକ୍ରାନ୍ତରେ ଶେଷଥର ଏପ୍ରିଲ ୧୬ରେ ରାଜ୍ୟର ୧୯ ଜିଲାର ଯୋଗାଣ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଯଥାଶୀଘ୍ର ମଣ୍ଡି ଶ୍ରମିକଙ୍କ ପାଉଣା ବାବଦ ଆବଶ୍ୟକ ତଥ୍ୟ ପଠାଇବାକୁ ସେ ପାକ୍ସଗୁଡ଼ିକୁ ପତ୍ରରେ ଦର୍ଶାଇଛନ୍ତି। ନିଗମ ପକ୍ଷରୁ କୁହାଯାଇଛି ଯେ, ପାକ୍ସଗୁଡ଼ିକ ମଣ୍ଡି ଶ୍ରମିକଙ୍କ ପାଉଣା ପଇଠ କରିବାକୁ ହେଲେ ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ତଥ୍ୟ ସହ ପାଣ୍ଠି ଦାବି ପ୍ରଦାନ କରିବା କଥା। ହେଲେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପାକ୍ସଗୁଡ଼ିକ ମଣ୍ଡି ଶ୍ରମିକଙ୍କ ପାଉଣା ପାଣ୍ଠି ଦାବି କରୁ ନ ଥିବା ବେଳେ କିଛି ପାକ୍ସ ଦେଉଥିବା ତଥ୍ୟରେ ଅଭାବ କାରଣରୁ ପାଣ୍ଠି ପ୍ରଦାନ କରାଯାଇପାରୁ ନାହିଁ। ତେଣୁ ଯଥାଶୀଘ୍ର ଉପଯୁକ୍ତ ଫର୍ମାଟ୍‌ରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ପାଣ୍ଠି ଦାବି ସମ୍ପର୍କରେ ଅବଗତ କରାଅ। ରାଜ୍ୟ ଯୋଗାଣ ନିଗମର ନିର୍ଦ୍ଦେଶ ପାଇବା ପରେ ଜିଲାସ୍ତରରେ ଏହାକୁ ନେଇ ତତ୍ପରତା ଦେଖାଦେଇଛି। ଗୋଟିଏ ସପ୍ତାହ ମଧ୍ୟରେ ତଥ୍ୟ ପଠାଇବାକୁ ବାଲେଶ୍ୱର ଭଳି କେତେକ ଜିଲାର ଅଧସ୍ତନ ଅଧିକାରୀଙ୍କୁ କହିଛନ୍ତି। ତେବେ ଯୋଗାଣ ନିଗମର ଅର୍ଥ ପରାମର୍ଶଦାତାଙ୍କ ନିର୍ଦ୍ଦେଶରୁ ବାଦ୍ ପଡ଼ିଥିବା ୧୧ ଜିଲା ମଧ୍ୟରେ ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କୋରାପୁଟ, ମାଲକାନଗିରି, ନୟାଗଡ଼, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ରହିଥିବା ଜଣାପଡ଼ିଛି।




# ଯୁଦ୍ଧ ପରିସ୍ଥିତିର ମୁକାବିଲା ମକ୍‌ଡ୍ରିଲ୍

## ୧୨ ଜିଲାରେ ବାଜିଲା ସାଇରନ୍

ଭୁବନେଶ୍ୱର,୭।୫(ସତ୍ୟଜିତ ରାଉତ)

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ସିଭିଲ୍‌ଡିଫେନ୍ସ(ନାଗରିକ ପ୍ରତିରକ୍ଷା) ମକ୍‌ଡ୍ରିଲ୍ କରାଯାଇଛି। ଏହି କ୍ରମରେ ଓଡ଼ିଶାର ୧୨ଟି ଜିଲାରେ ମକ୍‌ଡ୍ରିଲ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅପରାହ୍ନ ୪ଟାରେ ଭୁବନେଶ୍ୱର ରାଜମହଲ ଛକ ନିକଟ ଜନପଥରେ ମକ୍‌ଡ୍ରିଲ୍ କରାଯାଇ ସଚେତନତା ସୃଷ୍ଟି କରାଯାଇଛି। ୩୦ ମିନିଟ୍ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀମାନେ ଜୀବନ ରକ୍ଷା କରିବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ଏୟାର ଷ୍ଟ୍ରାଇକ୍ ପରର ଉଦ୍ଧାର ଅଭିଯାନର ଡେମୋ ଦେଖାଇଛନ୍ତି। ଯୁଦ୍ଧ ବେଳେ ଯଦି କୌଣସି ସ୍ଥାନରେ ଏୟାର ଷ୍ଟ୍ରାଇକ୍ ହେବ, ସେହି ସମୟରେ ଧନଜୀବନ ସହ ନିଜକୁ କିଭଳି ସୁରକ୍ଷିତ କରିହେବ; ସେନେଇ ଆବଶ୍ୟକ କୌଶଳ ଓ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି ସମୟରେ ଠିକ୍ ୪ଟାରୁ ୪ଟା ୫ଯାଏ ୱାର୍ନିଂ ସାଇରନ୍ ବାଜିଥିଲା। ଏହି ସାଇରନ୍ ବାଜିବା ପରେ ସ୍ୱେଚ୍ଛାସେବୀମାନେ କଂକ୍ରିଟ୍ ଛାତ ତଳକୁ ଦୌଡ଼ି ଯାଇଥିଲେ। ସେହିପରି ରାସ୍ତାରେ ରହିଯାଇଥିବା ସ୍ୱେଚ୍ଛାସେବୀମାନେ ନିଜକୁ ସୁରକ୍ଷିତ ରଖିବାକୁ ଶୋଇ ରହିଥିଲେ। ସେମାନେ ଆଖି ଓ କାନ ବନ୍ଦ କରି ତଳେ ପେଟେଇ ରହିଥିଲେ। ଶୋଇଥିବାବେଳେ ଛାତି ତଳେ ନ ଲଗାଇ ସଚେତନତା ସୃଷ୍ଟି କରାଯାଇଥିଲା। ସେପଟେ ସ୍ଥାନୀୟ ଅଞ୍ଚଳରେ ବୋମା ପଡ଼ିବା ଭଳି ଧୂଆଁ ମଧ୍ୟ ଛଡ଼ାଯାଇଥିଲା। କେତେଜଣ ସ୍ୱେଚ୍ଛାସେବୀ ରାସ୍ତାରେ ଆହତ ଅବସ୍ଥାରେ ପଡ଼ି ରହିଥିଲେ। ୪ଟା ୧୫ ଯାଏ ୧୦ ମିନିଟ୍ ଧରି ସମ୍ଭାବ୍ୟ ବୋମା ପଡ଼ିବା ସମୟ ରହିଥିବାବେଳେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସତର୍କତା ଅବଲମ୍ବନ କରିଥିଲେ। ସମ୍ଭାବ୍ୟ ଏୟାର ଷ୍ଟ୍ରାଇକ୍ ବେଳେ କୌଣସି ରକେଟ୍ ମାଡ଼ ହୋଇ ରାସ୍ତାରେ ପଡ଼ିଥିବା ବେଳେ ତାହା ଉପରେ କିଭଳି ବାଲି ବସ୍ତା ପକାଯାଇ ବିପତ୍ତି ଏଡ଼ାଯାଇ ପାରିବ ତାହା ଦେଖାଯାଇଥିଲା। ଏହାପରେ ୪ଟା ୧୫ରୁ ୪ଟା ୨୦ ଯାଏ ପୁଣି (ଆବଟିଂ) ସାଇରନ୍ ବାଜିଥିଲା, ଯାହା ଶତ୍ରୁ ବିମାନ ଫେରିଗଲା ବୋଲି ସୂଚିତ କରିଥିଲା। ଏହାପରେ ଏୟାର ଷ୍ଟ୍ରାଇକ୍‌ରେ କ୍ଷୟକ୍ଷତି ହୋଇଥିବା ପରବର୍ତ୍ତୀ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ହୋଇଥିଲା। ଏକ ସ୍ଥାନରେ ବୋମା ପଡ଼ି ନିଆଁ ଲାଗିଥିବା ବେଳେ ଅଗ୍ନିଶମ ବାହିନୀ ପାଣି ପକାଇ ଲିଭାଇଥିଲା। ସେହିପରି ଜନପଥ ପାର୍ଶ୍ୱ ବାପୁଜୀନଗର ମାର୍କେଟ୍‌ର ଏକ କୋଠାରୁ ଫସି ରହିଥିବା ଦୁଇ ଜଣଙ୍କୁ ଦୌଡ଼ି ଦ୍ୱାରା କିଭଳି ଉଦ୍ଧାର କରାଯାଇଥିଲା ତାହା ଦେଖାଯାଇଥିଲା। ଏପଟେ ଆମ୍ବୁଲାନ୍ସ ଆସି ଆହତମାନଙ୍କୁ ହସ୍ପିଟାଲ ନେଇଥିଲା। ଏଥିସହ ସାଥୀ ସ୍ୱେଚ୍ଛାସେବୀମାନେ ଆହତଙ୍କୁ କାନ୍ଧରେ ଆମ୍ବୁଲାନ୍ସ ଯାଏ ଆଣିଥିଲେ। ଘଟଣାସ୍ଥଳକୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ପ୍ରମୁଖ ପହଞ୍ଚି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେପଟେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି)ରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାଶ ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଏହାକୁ ମନିଟର୍ କରିଥିଲେ। ବେସାମରିକ ପ୍ରତିରକ୍ଷା ନେତୃତ୍ୱରେ ପୋଲିସ, ଅଗ୍ନିଶମ, ଏନ୍‌ସିସି, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଏହି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିଥିଲେ।



ୱାର୍ନିଂ ସାଇରନ୍ ବାଜିବା ପରେ ମକ୍‌ଡ୍ରିଲ୍‌ରେ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀ, ସ୍ଥାନୀୟ ଲୋକେ ଓ ଅନ୍ୟମାନେ ନିଜ ସୁରକ୍ଷା ପାଇଁ ରାସ୍ତାରେ ଶୋଇଯାଇଛନ୍ତି।

# ସମୟ ନେଲେ ରାଜ୍ୟ ସରକାର

### ହାଇକୋର୍ଟରେ ଓଡ଼ିଶା ସାର୍ବଜନୀନ ପାଠାଗାର ସମସ୍ୟା ମାମଲା

### ଜୁନ୍ ୧୮ରେ ପରବର୍ତ୍ତୀ ଶୁଣାଣି

କଟକ,୭।୫(କାର୍ତ୍ତିକ ସାହୁ)

ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ ଓ ନିୟମାବଳୀ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ପାଠଗାର ସଂକ୍ରାନ୍ତୀୟ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ଏହି ମାମଲାରେ ଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାର ଅଧିକ ସମୟ ଦେବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଅଧିକ ସମୟ ଦେବା ସହିତ ପରବର୍ତ୍ତୀ ଶୁଣାଣି ଜୁନ୍ ୧୮ ତାରିଖରେ ହେବାକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ, ୨୦୦୧ ପ୍ରଣିତ ହେବାର ବହୁ ବର୍ଷ ପରେ ଓଡ଼ିଶା ସାର୍ବଜନୀନ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲା। ୨୦୨୩ ଅକ୍ଟୋବରରେ ଓଡ଼ିଶା ପାଠାଗାର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଥିଲେ। କିନ୍ତୁ ଅଧିନିୟମର ଅନ୍ୟ ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରାଗଲା ନାହିଁ। ଅଧିନିୟମର ଧାରା-୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା-୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠିତ ହେଲାନାହିଁ। ଏପରିକି ଧାରା-୧୨ ଅନୁସାରେ ଓଡ଼ିଶା ପାଠାଗାର ପାଣ୍ଠି ପ୍ରତିଷ୍ଠିତ ହୋଇ ନାହିଁ। ଜିଲାସ୍ତରରେ ସାର୍ବଜନୀନ ପାଠାଗାର କମିଟି ମଧ୍ୟ ଗଠନ ହୋଇନାହିଁ। ରାଜ୍ୟର ସାର୍ବଜନୀନ ପାଠାଗାର ସମୂହରେ ଅନେକ ଅନୁମୋଦିତ ପଦବୀ ଖାଲି ପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ଅନୁମୋଦିତ ୫୮ପଦବୀରୁ ୪୩ ପଦବୀ ଖାଲି ପଡ଼ିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାର୍ବଜନୀକ ପାଠାଗାର ଅଧିନିୟମ ଓ ନିୟମାବଳୀକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ରାଜ୍ୟସ୍ତରୀୟ ପାଠାଗାର ପରିଷଦ, ପାଠାଗାର କର୍ତ୍ତୃପକ୍ଷ, ପାଠାଗାର ପାଣ୍ଠି ପ୍ରତିଷ୍ଠା କରିବାକୁ, ଜିଲା ପାଠାଗାର କମିଟି ଗଠନ କରିବାକୁ ତଥା ରାଜ୍ୟର ସମସ୍ତ ସାର୍ବଜନୀନ ପାଠାଗାରରେ ଖାଲି ପଦରେ ନିଯୁକ୍ତି ଦେବାକୁ ଆବେଦନକାରୀ ପ୍ରବୀର କୁମାର ଦାସ ପ୍ରାର୍ଥନା କରିଛନ୍ତି। ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଏବଂ ସାର୍ବଜନିକ ପାଠାଗାର ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ସୈନିକମାନେ ଭାରତର ସଂକଳ୍ପର ସମ୍ମାନ ରକ୍ଷାକରନ୍ତି: ମୋହନ

### ସୈନ୍ୟବାହିନୀକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)

ଅପରେଶନ ସିନ୍ଦୂର ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭାରତୀୟ ସେନାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନକରି ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଅପରେଶନ ସିନ୍ଦୂର ହେଉଛି ପ୍ରକୃଷ୍ଟ ନିଦର୍ଶନ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସିନ୍ଦୂର ହେଉଛି ଆମ ପରମ୍ପରା, ତ୍ୟାଗ ଓ ସଂକଳ୍ପର ପ୍ରତୀକ। ଭାରତର ସୈନ୍ୟମାନେ ସେହି ସଂକଳ୍ପର ସମ୍ମାନ ରକ୍ଷା କରିବାକୁ ସଦାସର୍ବଦା ପ୍ରସ୍ତୁତ। କୌଣସି ପରିସ୍ଥିତିରେ ଆତଙ୍କବାଦକୁ ବରଦାସ୍ତ କରାଯିବ ନାହିଁ। ମୋଦିଙ୍କ ନେତୃତ୍ୱରେ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ପଦକ୍ଷେପ ଜାରି ରହିବ ବୋଲି ସେ କହିଛନ୍ତି।

## ଅଜିତ୍ ମିଶ୍ର ନବୀନଙ୍କ ଅତିରିକ୍ତ ରାଜନୈତିକ ସଚିବ

**ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅତିରିକ୍ତ ରାଜନୈତିକ ସଚିବ ଭାବେ ଅଜିତ୍ କୁମାର ମିଶ୍ରଙ୍କୁ ବୁଧବାର ନିଯୁକ୍ତି ମିଳିଛି। ଅଜିତ୍ ଜଣେ ପ୍ରଶାସନିକ ଅଧିକାରୀ ଥିଲେ। କିଛିଦିନ ହେବ ସେ ସରକାରୀ ଚାକିରିରୁ ଅବସର ନେବା ପରେ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ବିଜେଡି ସରକାର ସମୟରେ ସେ ବହୁ ବିଭାଗରେ ଦାୟିତ୍ୱ ତୁଲାଇଥିଲେ। ସେ ନବୀନଙ୍କ କୋଟେରି ଗ୍ରୁପ୍‌ର ବହୁ ଘନିଷ୍ଠ ଥିଲେ। ଏବେ ପୁଣି ଥରେ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ନବୀନଙ୍କ ଅତିରିକ୍ତ ରାଜନୈତିକ ସଚିବ ଭାବେ ନିଯୁକ୍ତି ମିଳିବା ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି କରିଛି। ଅଫିସର୍ ରାଜ ବିଷୟକୁ ନେଇ ରାଜ୍ୟରୁ ଶାସନ କ୍ଷମତାରୁ ଯାଇଥିବା ବିଜେଡି ଏବେ ବି ପ୍ରଶାସନିକ ଅଧିକାରୀମାନଙ୍କୁ କାହିଁକି ଛାଡ଼ିପାରୁ ନାହିଁ ବୋଲି ଦଳରେ ପ୍ରଶ୍ନ ଉଠିଛି।

# ବିଚାରବିଭାଗୀୟ ବ୍ୟବସ୍ଥା ସୁଦୃଢ଼ୀକରଣ ହେବ: ମୋହନ

## ନୂଆ ଆପରାଧିକ ଆଇନର କାର୍ଯ୍ୟକାରିତା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା




- ରାଜ୍ୟରେ ଖୁବ୍‌ଶୀଘ୍ର ୩୨ ଫୋରେନ୍‌ସିକ୍ ଭ୍ୟାନ୍
- ଉଗ୍ରବାଦୀ କାର୍ଯ୍ୟକଳାପର ତଦନ୍ତ ଏସ୍‌ପି ତଳ ପାହ୍ୟା ଅଧିକାରୀ କରିବେନି

ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ୩ଟି ନୂଆ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ବିଚାରବିଭାଗୀୟ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ଜିରୋ ଏଫ୍‌ଆଇଆର୍, ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ, ସରଳ ହେବା ସହ ତ୍ୱରିତ ବେଗରେ କାର୍ଯ୍ୟକାରୀ କରାଯାଇପାରିବ। ଏଥିଲାଗି ଜେଲ, ହସ୍ପିଟାଲ, ଫୋରେନ୍‌ସିକ ଲାବ୍, କୋର୍ଟ ଇତ୍ୟାଦିକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ସାକ୍ଷୀମାନେ ଯେଉଁ ସ୍ଥାନରେ ଥିବେ, ସେଠାରୁ ହିଁ ସାକ୍ଷ୍ୟ ପ୍ରଦାନ କରିପାରିବେ। ତଦନ୍ତ ଓ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଯେତେଦୂର ସମ୍ଭବ ଇଲେକ୍ଟ୍ରୋନିକ୍ ମୋଡ୍‌ରେ କରିବା ଜରୁରୀ।

ଫୋରେନ୍‌ସିକ୍ ବ୍ୟବସ୍ଥାର ଉନ୍ନତି ପାଇଁ ଅତ୍ୟାଧୁନିକ ମୋବାଇଲ ଫୋରେନସିକ୍ ଭ୍ୟାନ୍ ନିୟୋଜିତ କରାଯିବ। ରାଜ୍ୟରେ ଖୁବ୍‌ଶୀଘ୍ର ୩୨ ଫୋରେନ୍‌ସିକ୍ ଭ୍ୟାନ ନିୟୋଜିତ ହେବ। ଭିଡ଼ହିଂସା, ଉଗ୍ରବାଦୀ କାର୍ଯ୍ୟକଳାପ ଏବଂ ସଙ୍ଗଠିତ ଅପରାଧ କ୍ଷେତ୍ରରେ ଏସ୍‌ପିଙ୍କ ତଳ ର୍‍ୟାଙ୍କର କୌଣସି ଅଧିକାରୀ ତଦାରଖ କରିବେନାହିଁ। ଫୋରେନସିକ୍ ଓ ସାଇବର ଫୋରେନ୍‌ସିକ ବିଶେଷଜ୍ଞମାନଙ୍କ ପାଇଁ ୨୪୭ ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବଦନାମ କରିବାକୁ ପ୍ରୟାସ, ହେବ କାର୍ଯ୍ୟାନୁଷ୍ଠାନ

## ଓମ୍‌ଫେଡ୍ କ୍ଷୀରରେ ଅପମିଶ୍ରଣ ଅଭିଯୋଗ ମାମଲା

ଭୁବନେଶ୍ୱର,୭।୫ (ଅନୁରାଧା ମହାରଣା)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବାଲିସାହିରେ ଥିବା ମା’ ଛତରେଇ ଦୁଗ୍ଧ ସଂଗ୍ରହ କେନ୍ଦ୍ର ବା ମିଲ୍କ ଚିଲର କେନ୍ଦ୍ରରୁ ଅପମିଶ୍ରଣ ଦୁଗ୍ଧ ଓମ୍‌ଫେଡ୍‌କୁ ଦିଆଯାଉଥିବା ମଙ୍ଗଳବାର ଅଭିଯୋଗ ହୋଇଥିଲା। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏନେଇ ବୁଧବାର କହିଛନ୍ତି, ଓମ୍‌ଫେଡ୍ ହେଉଛି ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧଚାଷୀଙ୍କ ସମବାୟ ସଂସ୍ଥା। ଚାଷୀମାନଙ୍କଠାରୁ ସଂଗୃହୀତ ଦୁଗ୍ଧ ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷା ନିରୀକ୍ଷା କରାଯାଇଥାଏ। ଶୀତଳୀକରଣ କେନ୍ଦ୍ରରେ ପୁନଃ ପରୀକ୍ଷା ହେବା ସହ ତା’ର ମାନ ଅତ୍ୟାଧୁନିକ ମେଶିନ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଏଥିରେ ସାମାନ୍ୟତମ ଅପମିଶ୍ରଣ ରହିଲେ ତାହା ସହଜରେ ଜଣାପଡ଼ିଯିବ। ତେବେ ମା’ ଛତରେଇ ବ୍ଲକ ମିଲ୍କ ଚିଲର କେନ୍ଦ୍ରରୁ ଓମ୍‌ଫେଡ୍‌କୁ ଦୈନିକ ୬୦୦ ଲିଟର ଦୁଗ୍ଧ ଆସୁଛି। ସେଥିରେ ମିଶ୍ରଣ ହୋଇଥିବା ନେଇ ସନ୍ଦେହ ହେବାରୁ, ଓମ୍‌ଫେଡ୍ ପକ୍ଷରୁ ଖାଦ୍ୟ ସୁରକ୍ଷା ବିଭାଗକୁ ଯାଞ୍ଚ ପାଇଁ ଅବଗତ କରାଯାଇଥିଲା। ସେଥିପାଇଁ ସଂପୃକ୍ତ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ତେବେ ଅନ୍ୟ ଘରୋଇ କମ୍ପାନୀକୁ ଦୁଗ୍ଧ ଦେଉଥିବା ବ୍ୟକ୍ତି ଓମ୍‌ଫେଡ୍‌କୁ ବଦନାମ୍ କରିବାକୁ ପ୍ରୟାସ କରିଥିବାରୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଲାଙ୍ଗେ କହିଛନ୍ତି।

ଆହୁରି ମଧ୍ୟ ସେ କହିଛନ୍ତି, ଓମ୍‌ଫେଡ୍‌ର ବିଭିନ୍ନ ପ୍ଲାଣ୍ଟରେ ସବୁଠାରୁ ଅତ୍ୟାଧୁନିକ ଟେଷ୍ଟିଂ ମେଶିନ ରହିଛି। ବିଭିନ୍ନ ପର୍ଯ୍ୟାୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପରୀକ୍ଷା ନିରୀକ୍ଷା କରାଯାଉଛି। କୌଣସି ଦୁଗ୍ଧରେ ସାମାନ୍ୟତମ ଅପମିଶ୍ରଣ ଲକ୍ଷଣ ଜଣାପଡ଼ିଲେ ଉକ୍ତ ଟ୍ୟାଙ୍କର ଦୁଗ୍ଧକୁ ସଂପୃକ୍ତ ସୋସାଇଟିକୁ ଫେରାଇ ଦିଆଯାଉଛି। ଓମ୍‌ଫେଡ୍ ରାଜ୍ୟର କୌଣସି ସ୍ଥାନରୁ ଅପମିଶ୍ରଣ ଦୁଗ୍ଧ ସଂଗ୍ରହ କରେନାହିଁ। ଗୁଣବତ୍ତା ଉପରେ ସର୍ବଦା ଗୁରୁତ୍ୱାରୋପ କରିଆସୁଥିବା ଓମ୍‌ଫେଡ୍ ତା’ର ପ୍ରତ୍ୟେକ ଉତ୍ପାଦର ମାନ ରକ୍ଷା କରିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ବଜାୟ ରହିବ ବୋଲି ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ କୁଲାଙ୍ଗେ କହିଛନ୍ତି।



ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ

-ମୋହିନୀ ଏକାଦଶୀ,
ଲକ୍ଷ୍ମୀନାରାୟଣ ଏକାଦଶୀ
ବ୍ରତ ଓ ହଳ ନିଷେଧ



# ସଂଯୋଗର ପଥ



ଦେବଦତ୍ତ ପଟ୍ଟନାୟକ

ଏକଦା ବାଣିଜ୍ୟ ରାଜପଥଗୁଡ଼ିକ ଭାରତ ଦେଇ ଯାଇଥିଲା। ଏହାକୁ ଗୋଲ୍ଡେନ ରୋଡ୍, ହର୍ସ ରୋଡ୍, କଟନ୍ ରୋଡ୍ ଏବଂ ସ୍ପାଇସ୍ ରୋଡ୍ କୁହାଯାଉଥିଲା। ଏସବୁ ରାସ୍ତା ବିଶେଷକରି ପୂର୍ବ ଓ ପଶ୍ଚିମକୁ ସଂଯୋଗ କରୁଥିଲା। ଯଦି ୟୁରୋପ ଓ ଆମେରିକାକୁ ପଶ୍ଚିମ ଭାଗ (ପାଶ୍ଚାତ୍ୟ) ଭାବେ ଏବଂ ଚାଇନାକୁ ପୂର୍ବ ଭାଗ ଭାବେ ଦେଖିବା ତେବେ ଭାରତୀୟ ଉପମହାଦେଶ ପୃଥିବୀର ଠିକ୍ ମଝିରେ ରହିଥିଲା। ପୃଥିବୀ ବିଭିନ୍ନ ଦେଶରେ ବିଭକ୍ତ ହେବା ପରେ ଏହି ଉପମହାଦେଶକୁ ଏବେ କୁହାଯାଉଛି ଦକ୍ଷିଣ ଏସିଆ। ତେବେ ବିଭାଜିତ ଦେଶଗୁଡ଼ିକର ସୀମା ରହିଛି ଓ ବିନା ଭିଜା କିମ୍ବା ପାସ୍‌ପୋର୍ଟରେ ଏହି ସୀମାକୁ କେହି ଅତିକ୍ରମ କରିପାରିବେ ନାହିଁ। ଦକ୍ଷିଣ ଏସିଆରେ ଏବେ ଆଫଗାନିସ୍ତାନ ଓ ପାକିସ୍ତାନ ଅଛି, ଯଦିଓ ଉଭୟ ଦେଶ ନିଜକୁ ପଶ୍ଚିମ ଇସ୍‌ଲାମିକ ଓ କେନ୍ଦ୍ର ଏସିଆ ଭାବେ ନିଜକୁ ଦେଖିବାକୁ ପସନ୍ଦ କରୁଛନ୍ତି। ବର୍ମା (ଏବକାର ମ୍ୟାନ୍‌ମାର) ଏବଂ ତିବ୍ବତ, ଏପରିକି ଇରାନକୁ ବେଳେବେଳେ ଦକ୍ଷିଣ ଏସିଆର ଅଂଶ ଭାବେ ଦେଖାଯାଉଛି। ଏଭଳି ନାମକରଣ ପଦ୍ଧତି ରାଜନୈତିକ ଓ ଜଟିଳ ମଧ୍ୟ।

ପୂର୍ବ ଓ ପଶ୍ଚିମର ଦେଶଗୁଡ଼ିକ ମଧ୍ୟରେ ଆରମ୍ଭରୁ ଭାରତୀୟ ଉପମହାଦେଶ ଏକକ ସଂସ୍କୃତିର ଅଞ୍ଚଳ ଥିଲା। ପୂର୍ବରେ ଥିବା ଚାଇନା ସଭ୍ୟତାରେ ମୁଖ୍ୟତଃ ନିୟନ୍ତ୍ରିତ ଆବଦ୍ଧ ସହରଗୁଡ଼ିକ ରହିଥିଲା, ଯେଉଁଠି ସାଂସ୍କୃତିକ ବାସ୍ତବତା ଓ ଈଶ୍ୱର ବିଶ୍ୱାସ ମଧ୍ୟରେ ସମନ୍ୱୟ ରହିଥିଲା। ପାଶ୍ଚାତ୍ୟ ସଂସ୍କୃତି ଈଶ୍ୱରଙ୍କ ସହ ସମ୍ପର୍କ, ବିନାଶର ଦିନ ଓ ଏକ ବୈଶ୍ୱିକ ସତ୍ୟ ସମ୍ପର୍କରେ କହୁଥିଲା। ଏହି ପୂର୍ବ ଓ ପଶ୍ଚିମ ମଧ୍ୟରେ ରହିଥିଲା ସିନ୍ଧୁ ନଦୀ ଅବବାହିକାରେ ଥିବା ଭାରତ। ଏହା ଥିଲା ବୁଦ୍ଧ ଓ ବ୍ରାହ୍ମଣଙ୍କ ଭୂମି, ଯେଉଁଠି ପୁନର୍ଜନ୍ମ ଓ ପ୍ରାରବ୍ଧର ଫଳ ଭୋଗ ଉପରେ ବିଶ୍ୱାସ ରହିଥିଲା। ଏହା ଥିଲା ଭାରତୀୟ ଉପମହାଦେଶର ସଭ୍ୟତା ଯାହା ଜୀବନକୁ କର୍ମର ଫଳ ଭାବେ ଦେଖୁଥିଲା, ଯେଉଁଥିରେ ପାପ,ପୁଣ୍ୟ ଓ ମୋକ୍ଷ ବିଚାର ରହିଥିଲା। ଏଠାରେ ଅତୀତ ହିଁ ବର୍ତ୍ତମାନ ମାଧ୍ୟମ ଦେଇ ଭବିଷ୍ୟତ ସହ ସଂଯୋଜିତ ହୋଇଥାଏ। ଆରମ୍ଭ ( ଅନାଦି) ପୂର୍ବରୁ କିଛି ଥିଲା ଏବଂ ଶେଷ( ଅନନ୍ତ) ପରେ ମଧ୍ୟ କିଛି ଅଛି। ଏହି ପୁନର୍ଜନ୍ମ ଆଧାରିତ ବୈଶ୍ୱିକ ଦୃଷ୍ଟିକୋଣ ଉକ୍ତ ଅଞ୍ଚଳରେ ସ୍ୱତନ୍ତ୍ର, ଯାହାକୁ 'ସନାତନ' କିମ୍ବା 'ଧର୍ମୀୟ' ବିଶ୍ୱାସ କୁହାଯାଇପାରେ।

ଭାରତର ଭୌଗୋଳିକ ସ୍ଥିତି ସ୍ୱତନ୍ତ୍ର ଥିଲା, ଯେଉଁଥିରୁ ହିଁ ତାହାର ସ୍ୱତନ୍ତ୍ର ବିଚାର ଆସିଥିଲା। ହେଲେ ଉପମହାଦେଶୀ ସଭ୍ୟତା ଏକ ଉପଦ୍ୱୀପରେ ସୃଷ୍ଟି ହୋଇଥିଲା। ଭୂଗର୍ଭର ଶିଳା ଚଳନ ଓ ଗଠନ ପ୍ରକ୍ରିୟାରେ ଭୂପୃଷ୍ଠରେ ଅନେକ ନଦୀ ଉପତ୍ୟକା ଅନେକ ପର୍ବତ ଦ୍ୱାରା ବିଭାଜିତ ହୋଇଥିଲା।



ଏହି କ୍ରମରେ ଆଫ୍ରିକାର ଏକ ଅଂଶ ଯେତେବେଳେ ଏସିଆ ଭୂଖଣ୍ଡ ସହ ମିଶି ଏକ ନୂତନ ଉପଦ୍ୱୀପ ସୃଷ୍ଟି କରିଥିଲା ଯେଉଁଠି ବିବିଧତାପୂର୍ଣ୍ଣ ତଥା ପରସ୍ପର ସହ ସମ୍ପର୍କ ଥିବା ଏକ ସଂସ୍କୃତି ଗଢ଼ିଉଠିଥିଲା। ବିବିଧ ଜନ ସମୁଦାୟର ମଧ୍ୟ ଉତ୍‌ଥାନ ହୋଇଥିଲା। ସେମାନଙ୍କ ମଧ୍ୟରେ ବାଣିଜ୍ୟ ପଥ ମାଧ୍ୟମରେ ସମ୍ପର୍କ ରହିଥିଲା। ଏହିସବୁ ପଥ ନଦୀ ଓ ସମୁଦ୍ର ଏବଂ ପର୍ବତ ବାଟ ମଧ୍ୟ ଦେଇ ଯାଇଥିଲା। ତେବେ ସୃଷ୍ଟି ହୋଇଥିବା ବିରାଟକାୟ ଭୂଖଣ୍ଡର ଉପର ଭାଗରେ ପର୍ବତ ଓ ନିମ୍ନ ଦେଶରେ ସମୁଦ୍ର ରହିଥିଲା। ଏଣୁ ଭାରତ ଏହାର ଉପର ଭାଗରେ ରାସ୍ତା ମାଧ୍ୟମରେ ଏବଂ ନିମ୍ନ ଭାଗରେ ସମୁଦ୍ର ପଥରେ ଅନ୍ୟ ଭୂଖଣ୍ଡ ସହ ଯୋଗାଯୋଗ ରହିଥିଲା। ଏହି ପାହାଡ଼ିଆ ରାସ୍ତା ଶୀତଦିନେ ବନ୍ଦ ହୋଇଯାଏ ଏବଂ ଗ୍ରୀଷ୍ମରେ ତାହା ଖୋଲୁଥିଲା। ମୌସୁମୀ ପବନ ଉପରେ ସମୁଦ୍ର ପଥ ନିର୍ଭର କରୁଥିଲା, ଯାହା ବର୍ଷା ପୂର୍ବରୁ ଗ୍ରୀଷ୍ମରେ ଗୋଟିଏ ଦିଗକୁ ବହୁଥିଲା ବେଳେ ବର୍ଷା ପରେ ଶୀତଦିନରେ ଅନ୍ୟ ଏକ ଦିଗକୁ ବହେ। ଏଣୁ ଏହା ସହ ତାଳଦେଇ ବାଣିଜ୍ୟ ଚାଲୁଥିଲା।

ହିନ୍ଦୁ ପୁରାଣ ଅନୁଯାୟୀ ଭାରତର ଉତ୍ତରରେ ବରଫ ଆଚ୍ଛାଦିତ ପର୍ବତ ଥିଲା ତପସ୍ୱୀ ଶିବ (ହର)ଙ୍କ ବାସସ୍ଥାନ। ସେ ଗୃହୀ ଭାବେ ରହିବା ଲାଗି ଦେବୀ (ଶକ୍ତି)ଙ୍କ ସହ ପର୍ବତରୁ ଗଙ୍ଗାର ସମତଳ ଉପତ୍ୟକା କାଶୀ ସହରକୁ ଓହ୍ଲାଇ ଆସିଥିଲେ। ତାଙ୍କର ୨ ପୁତ୍ର ଥିଲେ କାର୍ତ୍ତିକ ଓ ଗଣେଶ। କାର୍ତ୍ତିକ ତାଙ୍କ ବର୍ଚ୍ଛା ଦ୍ୱାରା ପାହାଡ଼କୁ କାଟି ଗିରିପଥ କରିଥିଲେ ଏବଂ ଗଣେଶ ହାତୀଙ୍କୁ ଚଲାଇ ସମତଳରେ ରାଜପଥ କରିଥିଲେ। ବିଷ୍ଣୁ( ହରି) ପୂର୍ବ, ପଶ୍ଚିମ ଓ ଦକ୍ଷିଣରେ ଥିବା ୩ ମହାସାଗରକୁ ଅଧିକାର କରିଥିଲେ। ବିଷ୍ଣୁ ମହାସାଗରରେ ବାସୁକି ଉପରେ ଶୟନ କରିଥିଲେ। ବିଷ୍ଣୁଙ୍କ ଦ୍ୱାରା ଦେବତାମାନେ କ୍ଷୀର ସାଗର ମନ୍ଥନ କରିବା ଦ୍ୱାରା ଏଥିରୁ ଲକ୍ଷ୍ମୀ ବାହାରିଥିଲେ ଏବଂ ସମୁଦ୍ରର ସ୍ରୋତ ଓ ପବନର ଗତିପଥ ବଦଳିଗଲା, ଯାହାଦ୍ୱାରା ପୂର୍ବରୁ ପଶ୍ଚିମକୁ ବାଣିଜ୍ୟ ସମ୍ଭବ ହୋଇଥିଲା। ଆରବୀୟ ପୁରାଣ କହେ, ପୃଥିବୀର ପ୍ରଥମ ପୁରୁଷ ଆଦାମ୍ ଓ ମହିଳା ଇଭ୍ ଏଡେନ୍ ବଗିଚାରୁ ନିଷିଦ୍ଧ ଫଳ ଖାଇ ଈଶ୍ୱରଙ୍କ କଥା ଅବମାନକରିବା ପରେ ସେମାନଙ୍କୁ ଯେତେବେଳେ ବହିଷ୍କୃତ କରିଦିଆଗଲା ସେତେବେଳେ ଆଦାମ୍ ଶ୍ରୀଲଙ୍କାର ଆଦାମ୍ ଶୃଙ୍ଗରେ ପଡ଼ିଥିଲେ ଓ ଇଭ୍ ସମୁଦ୍ରରେ ଜେଦା ବନ୍ଦରରେ ପଡ଼ିଥିଲେ, ଯାହାର ମକା ସହର ସହ ଯୋଗାଯୋଗ ରହିଛି। ଆଦାମ୍‌ସ ବ୍ରିଜ୍ ପାରହୋଇ ଆଦାମ୍ ଭାରତରେ ପହଞ୍ଚିଥିଲେ। ତାଙ୍କୁ ଅପ୍ସରାଗଣ ପଥ ଦେଖାଇଥିଲେ ଓ ମୌସୁମୀ ପବନ ଜାଦେକୁ ଯାତ୍ରା କରିବାରେ ସାହାଯ୍ୟ କରିଥିଲା। ସମୁଦ୍ର ପଥରେ ଏହି ପବନ ଆରବୀୟ ବ୍ୟବସାୟୀ ଏବଂ ସେମାନଙ୍କ ଇସ୍‌ଲାମ ଧର୍ମକୁ ପୂର୍ବଦିଗରେ ଭାରତ ଉପକୂଳ ଏବଂ ଦକ୍ଷିଣପୂର୍ବ ଏସିଆର ଦ୍ୱୀପଗୁଡ଼ିକରେ ପହଞ୍ଚିବାରେ ସାହାଯ୍ୟ କରିଥିଲା।

ଚାଇନାର ଇତିହାସ ଅନୁଯାୟୀ, ଚାଇନାରୁ ସନ୍ନ୍ୟାସୀମାନେ ପଶ୍ଚିମ ଦିଗକୁ ଯାତ୍ରା କରି ଅଲ୍‌ଟାଇ, ତିଆନ୍ ଶାନ୍, ପାମିର ଏବଂ ହିନ୍ଦୁକୁଶ ପର୍ବତ ଦେଇ ଟକ୍‌ଲାମାକନ ମରୁଭୂମି ପାରହୋଇ ବୌଦ୍ଧଧର୍ମ ଜ୍ଞାନ ଲାଭକରିବା ସକାଶେ ଭାରତରେ ପହଞ୍ଚିଥିଲେ। ସେମାନେ ହିମାଳୟ ଗିରିପଥ ଅତିକ୍ରମକରି ତିବ୍ବତ ଓ ରାଖାଇନ ପାହାଡ଼ ଦେଇ ଫେରିଥିଲେ। ଯେଉଁ ସନ୍ନ୍ୟାସୀମାନେ ଭାରତ ଆସିଥିଲେ ସେମାନଙ୍କ ମଧ୍ୟରେ ଜୁଆନ୍‌ଜାଙ୍ଗ୍ ବେଶ୍ ଜଣାଶୁଣା। ସେ ଏକ ଅଲୌକିକ ଘୋଡ଼ା, ଘୁଷୁରି ଓ ମାଙ୍କଡ଼ ସହଯୋଗରେ ତାଙ୍କ ସହଯାତ୍ରୀଙ୍କ ସହ ଭାରତ ଆସିଥିଲେ। ପଞ୍ଚଦଶ ଶତାବ୍ଦୀରେ ରଚିତ ପୁସ୍ତକ 'ଜର୍ନି ଟୁ ଦି ୱେଷ୍ଟ'ରେ ଏସବୁ ଉଲ୍ଲେଖ ରହିଛି। କାମ୍ବୋଡିଆର ପାରମ୍ପରିକ କାହାଣୀଗୁଡ଼ିକ ଅନୁଯାୟୀ, ଭାରତର ଉପକୂଳରୁ ଜଣେ ସନ୍ନ୍ୟାସୀ ସମୁଦ୍ରପଥରେ ମୌସୁମୀ ପବନରେ ମାଲାକ୍କା ଷ୍ଟ୍ରେଟସ୍ ଦେଇ ମେକଙ୍ଗ୍ ଡେଲ୍‌ଟାରେ ପହଞ୍ଚିଥିଲେ। ସେ ସେଠାରେ ଜଣେ ନାଗା ରାଜକୁମାରୀଙ୍କୁ ଭେଟି ତାଙ୍କୁ ବିବାହ କରିଥିଲେ। ଶ୍ରୀଲଙ୍କାର ଇତିହାସ ଅନୁଯାୟୀ, ବିଜୟ ନାମକ ଜଣେ ବଣିକ ରାଜକୁମାର ଭାରତରୁ ସମୁଦ୍ର ପଥରେ ଯାତ୍ରାକରି ଶ୍ରୀଲଙ୍କାରେ ପହଞ୍ଚି ସେଠାକାର ରାଜକୁମାରୀ ଯାକ୍ଷାଙ୍କୁ ବିବାହ କରିଥିଲେ। ତାଙ୍କ ପୂର୍ବରୁ ବୁଦ୍ଧ ଶ୍ରୀଲଙ୍କା, ଥାଇଲାଣ୍ଡ ଓ ବର୍ମାକୁ ସମୁଦ୍ରପଥରେ ଯାତ୍ରା କରିଥିବା କେତେକ ସ୍ଥାନୀୟ ଲୋକକଥାରେ ବର୍ଣ୍ଣନା ରହିଛି।

ପୂର୍ବ ଓ ପଶ୍ଚିମକୁ ସଂଯୋଗ କରୁଥିବା ପ୍ରମୁଖ ବାଣିଜ୍ୟ ରାଜପଥଗୁଡ଼ିକ ଭାରତ ବାଟ ଦେଇ ଯାଇଥିବାରୁ ଉପମହାଦେଶ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥିଲା। ଭାରତରୁ ଉତ୍ପାଦ ଏବଂ ବିଭିନ୍ନ ସିଦ୍ଧାନ୍ତ ବା ବିଚାର ଭାରତ ବାହାରକୁ ଯାଇଥିଲା ଏବଂ ବାହାରୁ ମଧ୍ୟ ଭାରତକୁ ଆସିଥିଲା। ପୂର୍ବରୁ ପଶ୍ଚିମକୁ ଏବଂ ପଶ୍ଚିମରୁ ପୂର୍ବକୁ ଭାରତ ବାଟ ଦେଇ ଏହା ହୋଇଥିଲା। ଏଭଳି ଆଦାନ ପ୍ରଦାନ ଭାରତକୁ ଏକ ଉନ୍ନତ ସଭ୍ୟତାରେ ପରିଣତ କରିଥିଲା।

–devduttofficial@gmail.com

# ସମ ପରିଣତି



ଅନୀତା ପଟ୍ଟନାୟକ

ଗୋଟିଏ ଝଙ୍କାଳିଆ ଆମ୍ବ ଗଛଟିଏ ଆମ ଘର ପାଖରେ ଥିଲା। ସେ ଗଛକୁ ଅନେକ ପକ୍ଷୀ ଯଥା କୋଇଲି, ଲାଲି ଥଣ୍ଟ ଥିବା ଶୁଆ, ବଗ ଆସି ବସୁଥିଲେ। କୋଇଲିର ଶବ୍ଦ, ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ ପିଲାଦିନେ ଶୁଣିବାକୁ ଭଲ ଲାଗୁଥିଲା। ବଉଳର ବାସ୍ନା ମତେ ଭାରି ଭଲ ଲାଗେ। ସମୟ ପାଇଲେ ସେ ଗଛମୂଳେ ମୁଁ ବସେ। କେତେ ରାସ୍ତା ବାଟୋଇଙ୍କର ଖରାଦିନେ ସେ ଆଶ୍ରୟସ୍ଥଳ ପାଲଟିଛି। ପ୍ରତିଦାନରେ ବଗୁଲିଆ ପିଲାଙ୍କଠାରୁ ଢେଲା ମାଡ଼ ଖାଇଛି। ପୂଜା ପାର୍ବଣରେ ଆମ୍ବଡାଳକୁ ଛିଣ୍ଡାଇ ନେଇ ବ୍ୟବସାୟୀମାନେ ତାହାକୁ ବିକ୍ରି କରିଛନ୍ତି। ଏପରି ସମୟ ଆସିଲା, ଆମ୍ବଗଛରେ ଆଉ ପତ୍ର ରହିଲା ନାହିଁ। ସେ ଥୁଣ୍ଟା ଗଛରେ ପରିଣତ ହେଲା। ସମୟକ୍ରମେ ପକ୍ଷୀମାନେ ଆଉ ସେଠାକୁ ଆସିଲେ ନାହିଁ ମୁଁ କିନ୍ତୁ ତା' ନିକଟକୁ ଯାଏ। ଗଛଟି ଦିନେ ମତେ କହିଲା ହୃଦ+ଦୟା ହେଉଛି ହୃଦୟ। ଏହା ମାଟିରେ ରୋପଣ କରାଯାଏ ନାହିଁ। ମଣିଷର ହୃଦୟରେ ତାହା ଜାଗ୍ରତ ହେବା ଉଚିତ। କିଛିଦିନ ପରେ ତା'ର କାଠଗଣ୍ଡିରୁ କେତେକ ଖଳ ପ୍ରକୃତିର ଲୋକ ମେଶିନ ଜରିଆରେ କାଟି ନେଲେ। ମୁଁ ପଚାରିବାରୁ ସେମାନେ କହିଲେ ଏହି ଥୁଣ୍ଟା ଗଛଟିର କୌଣସି ମୂଲ୍ୟ ନାହିଁ। ତା'ର କାଠଗଣ୍ଡିଗୁଡ଼ିକ କବାଟ ଝରକା ହେବାରେ ସାହାଯ୍ୟ କରିବ। ଏହିପରି ଭାବରେ ଆମ୍ବଗଛଟି ସହିତ ମୋର ବନ୍ଧୁତ୍ୱ ସରି ଯାଇଥିଲା।

ମୋର ବିବାହ ହେଲା, ମୋର ସ୍ୱାମୀ ଗୋଟିଏ ନୂଆ ସ୍ଥାନକୁ ବଦଳି ହୋଇଗଲେ। ସେ ମୋର ସୁଖ ପାଇଁ ଓ ପିଲାମାନଙ୍କର ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ଏକ ସୁନ୍ଦର ଘର ତିଆରି କରିଥିଲେ। ଘରଟିକୁ ସୁନ୍ଦର ଭାବେ ସଜାସଜି କରି ରଖିବାର ଦାୟିତ୍ୱ ମୋ ଉପରେ ଥିଲା। ଧୀରେ ଧୀରେ ପିଲାମାନଙ୍କର ବିବାହ ହେଲା ଓ ଘର ନାତି, ନାତୁଣୀଙ୍କର କୋଳାହଳରେ ଫାଟିଉଠିଲା। ମୋର ସ୍ୱାମୀ ସାଜସଜ୍ଜାପୂର୍ଣ୍ଣ ଘର ଭଲ ପାଉଥିବାରୁ ଚାକରବାକର ନ ରଖି ମୁଁ ନିଜେ ଚାରିଆଡ଼େ ସଫା ସୁତୁରା କରିରଖେ। ସ୍ୱାମୀଙ୍କ ମୃତ୍ୟୁ ପରେ ମୋର ବୃଦ୍ଧା ଅବସ୍ଥା ଯୋଗୁ ଚିଡ଼ିଚିଡ଼ାପଣ, ବିଭିନ୍ନ ପ୍ରକାର ରୋଗ ଧୀରେ ଧୀରେ ମତେ ମାଡ଼ି ବସିବାକୁ ଲାଗିଲା। ନାତିନାତୁଣୀମାନେ ଓ ଆଧୁନିକ ସଭ୍ୟତାର ବୋହୂମାନେ ଘର ସଜାଡ଼ିବା ଶିଖିଲେ ନାହିଁ। ବହି, ଖାତାପତ୍ର, ପେନ, ପେନସିଲ, ରବର ସେମାନଙ୍କର ପଢ଼ା ଟେବୁଲ ଉପରେ ନ ରଖି ଏଣେତେଣେ ଫିଙ୍ଗି ଦେଉଥିଲେ। ଏପରିକି ଲୁଗାପଟା ମଧ୍ୟ ଠିକ୍ ଜାଗାରେ ରଖୁ ନ ଥିଲେ। ମୁଁ ଚିଡ଼ିଚିଡ଼ା ହେଉଥିଲେ ମଧ୍ୟ ସେ ସବୁ ଗୋଟାଇ ଘରକୁ ଠିକ୍ କରି ରଖେ। ନାତିନାତୁଣୀମାନଙ୍କୁ କହେ ତୁମେ କେବେ ବି ସୁଧୁରିବ ନାହିଁ। କାରଣ ତୁମେ ଚାହୁଁଥିବା ସମସ୍ତ ଜିନିଷ ତୁମ ବାପା, ମା'ମାନେ ତୁମକୁ କିଣି ଦେଉଛନ୍ତି। ଅଭାବ କ'ଣ ତୁମେ ଜାଣିଲ ନାହିଁ। ଧୀରେ ଧୀରେ ମୋର ପିଲାମାନେ ସେମାନଙ୍କର ସ୍ତ୍ରୀ ଓ ପିଲାମାନଙ୍କୁ ଧରି ବିଦେଶ ଗସ୍ତ କଲେ। କିଏ ବାଙ୍ଗାଲୋର ତ କିଏ ଆମେରିକା, ଲଣ୍ଡନ ବିଭିନ୍ନ ସ୍ଥାନକୁ ଚାଲିଗଲେ। ମୋର ଘର ଖାଲି ରହିଲା। ଯେଉଁ ଘର ଦିନେ ଅସଜଡ଼ା ହୋଇ ଯାଉଥିଲା ବୋଲି ଘରେ ପାଟିତୁଣ୍ଡ ହେଉଥିଲା ଓ ମୁଁ ଚିଡ଼ିଚିଡ଼ି ହେଉଥିଲି ସେ ଘର ଏବେ ଶାନ୍ତ ହୋଇଗଲା। କଲିଂବେଲ୍ ବାଜିଲେ ନାତି ନାତୁଣୀମାନେ କାହିଁକି କବାଟ ଖୋଲି ଦେଉଛନ୍ତି ମୁଁ ପାଟି କରୁଥିଲି। କିନ୍ତୁ ଆଜି କଲିଂବେଲ୍ ବାଜିଲେ ମୋତେ ନିଜେ ଯାଇ କବାଟ ଖୋଲିବାକୁ ପଡୁଛି।

ଖାଲି ଦୂରରେ ରହି ଦୂରଭାଷରେ ମୋ ସହିତ ମୋର ପିଲାମାନେ ଓ ନାତିନାତୁଣୀମାନେ କଥା ହେବାକୁ ଲାଗିଲେ। ଘର ଛାଡ଼ି ସେମାନଙ୍କ ନିକଟକୁ ବିଦେଶକୁ ଚାଲି ଆସିବା ପାଇଁ ମୋତେ ଉପଦେଶ ଦେଲେ। ମୁଁ କିନ୍ତୁ ମୋ ସ୍ୱାମୀଙ୍କର ମୋ ପାଇଁ ଅତି ସ୍ନେହରେ କରିଥିବା ଘରଟିକୁ ଛାଡ଼ି କେଉଁଆଡ଼େ ଯିବାକୁ ଚାହୁଁ ନ ଥିଲି। ଦିନେ ମୋର ଗୋଡ଼ ଶୌଚାଳୟରେ ପଡ଼ି ଭାଙ୍ଗିଗଲା। ବାହାର ଲୋକଙ୍କ ସହାୟତାରେ ମୋର ଜଣେ ହାଡ଼ଭଙ୍ଗା ଡାକ୍ତରଙ୍କ ପାଖକୁ ଗଲି କିନ୍ତୁ ମୁଁ ଆଉ ଘରକୁ ଫେରିଲି ନାହିଁ। ବିଦେଶରେ ରହୁଥିବା ମୋର ପିଲାମାନେ ଡାକ୍ତରଖାନାରୁ ବୃଦ୍ଧାଶ୍ରମକୁ କିପରି ଯିବି ତା'ର ବ୍ୟବସ୍ଥା କରିଦେଲେ। ମୋତେ ବୃଦ୍ଧାଶ୍ରମ ଭଲ ଲାଗୁନାହିଁ। ମୋର ସେ ସାଜସଜ୍ଜାପୂର୍ଣ୍ଣ ଘର ନାତିନାତୁଣୀଙ୍କର ଏଣେତେଣେ ଫିଙ୍ଗି ଦେଇଥିବା ପଦାର୍ଥ, ମୋର ପିଲାମାନଙ୍କ ଉପରେ ହେଉଥିବା ରାଗ ଅଭିମାନ ମୋର ମନେପଡୁଛି। କିନ୍ତୁ ହାୟ ମୁଁ ମଧ୍ୟ ମୋର ପିଲାଦିନର ବନ୍ଧୁ ଆମ୍ବଗଛ ପରି ପାଲଟି ଯାଇଛି। ଗତକାଲି ଗୋଟିଏ ସମାଜସେବୀ ସଂଗଠନ ବୃଦ୍ଧାଶ୍ରମକୁ ଆସିଥିଲେ। ମୁଁ ମୋର ଶରୀରର ଅଙ୍ଗସବୁ ସମାଜ ସେବା ପାଇଁ ଦାନ କରିଦେଇ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିରହିଛି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ:୯୬୯୨୯୮୦୦୨୬**

## ଏଇ ଭାରତରେ

ଭାରତରେ ଖାଦ୍ୟ ନଷ୍ଟକୁ ରୋକିବା ପାଇଁ ଚେନ୍ନାଇର ତିନି ବନ୍ଧୁ ପଦ୍ମନାଭନ ଗୋପାଳନ, ଦିନେଶ ମାନିକମ୍ ଏବଂ ସୁଧାକର ମାରିମୁଥୁଙ୍କ ଅଭିଯାନ ଅନ୍ୟମାନଙ୍କ ଉଦାହରଣ ପାଲଟିଛି। ଏହି ତିନି ବନ୍ଧୁ କୋଇମ୍ବାଟୁରରେ ଜନ୍ମ ହୋଇଛନ୍ତି ଏବଂ ପ୍ରଡକ୍‌ଶନ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ହେଉଥିବା ଭୋଜିରେ ବଳୁଥିବା ଖାଦ୍ୟକୁ ସଂଗ୍ରହକରି ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ଏଥିପାଇଁ ସେମାନେ ୨୦୧୪ରେ 'ନୋ ଫୁଡ୍ ୱେଷ୍ଟ' ସଂସ୍ଥା ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ପ୍ରଥମେ ସେମାନେ ଜଣେ ସ୍ୱେଚ୍ଛାସେବୀଙ୍କୁ ନେଇ ଦୁଇଟି ବ୍ୟାଗ୍‌ରେ କୋଇମ୍ବାଟୁରରୁ ଖାଦ୍ୟ ସଂଗ୍ରହ କରି ବସ୍‌ରେ ଯାଇ ଗୃହହୀନଙ୍କୁ ଦେଉଥିଲେ। ଏବେ ୩୦ ଜଣ ସ୍ୱେଚ୍ଛାସେବୀ ସେମାନଙ୍କ ସହ ସାମିଲ ହୋଇଛନ୍ତି। ଖାଦ୍ୟ ସଂଗ୍ରହ ଓ ଯୋଗାଣ ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦିଆଯାଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ କାର୍ଯ୍ୟକ୍ରମ, ବିବାହ ଉତ୍ସବରୁ ଖାଦ୍ୟ ସଂଗ୍ରହ କରାଯାଉଛି। ଏହି କାର୍ଯ୍ୟକ୍ରମ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ଚାଲୁରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ମେ ୧୯୭୬

- ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନର ଯାଜପୁର ରୋଡ୍ ଫେରୋକ୍ରୋମ କାରଖାନାରୁ ରୋମାନିଆକୁ ଏକ ହଜାର ଟନ ଲୋକାର୍ବନ ଫେରୋକ୍ରମ ରପ୍ତାନୀ କରିବାକୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ।
- ସୋଭିଏତ୍ ୟୁନିୟନର ସହାୟତାରେ ଇଷ୍ଟର୍ଣ୍ଣ କୋଇଲା ଖଣି ଲିମିଟେଡ ପକ୍ଷରୁ ୩.୭୮ କୋଟି ଟଙ୍କା ବ୍ୟୟରେ ନାକକୋଣ୍ଡା କୋଇଲା ଖଣିରେ କରାଯାଉଥିବା ନିର୍ମାଣ କାର୍ଯ୍ୟ ଆରମ୍ଭ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | 7 | 2 | 6 | | | | | 5 |
| 6 | | 1 | 4 | | | | 9 | |
| | | | | | | 8 | | 2 |
| | | | 1 | | 6 | | | 4 |
| | | | 7 | | 4 | | 3 | |
| | | 9 | | | | | | |
| 1 | | 4 | 5 | | 3 | | | |
| | 3 | | 8 | | | 5 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 8 | 3 | 1 | 6 | 2 | 7 | 9 |
| 3 | 2 | 1 | 9 | 5 | 7 | 6 | 4 | 8 |
| 6 | 9 | 7 | 4 | 8 | 2 | 1 | 5 | 3 |
| 4 | 5 | 6 | 2 | 7 | 3 | 9 | 8 | 1 |
| 1 | 3 | 9 | 5 | 6 | 8 | 4 | 2 | 7 |
| 7 | 8 | 2 | 1 | 4 | 9 | 5 | 3 | 6 |
| 2 | 7 | 5 | 8 | 9 | 1 | 3 | 6 | 4 |
| 9 | 6 | 4 | 7 | 3 | 5 | 8 | 1 | 2 |
| 8 | 1 | 3 | 6 | 2 | 4 | 7 | 9 | 5 |

ଗତକାଲିର ଉତ୍ତର

# ରୋଗଶଯ୍ୟାରେ ଯୋଗଚର୍ଚ୍ଚା



ଡ. ମନୋରଞ୍ଜନ ପ୍ରଧାନ

ଆଲୋଚ୍ୟ ଶୀର୍ଷକଟି ଆଜିର ଅବ୍ୟବସ୍ଥିତ, ଅସନ୍ତୁଳିତ ତଥା ବିଶୃଙ୍ଖଳିତ ଜୀବନଚର୍ଯ୍ୟା ପାଇଁ ପ୍ରାସଙ୍ଗିକ। ଘରେ ଘରେ ଆଦୃତ ଓଡ଼ିଆ ଲୋକକଥା ଶ୍ମଶାନ ବୈରାଗ୍ୟ ବାବଦରେ ଆମେ ପ୍ରାୟତଃ ଜାଣୁ। ହଠାତ ଯଦି କେହି ଜଣାଶୁଣା କିମ୍ବା ବନ୍ଧୁକୁଟୁମ୍ବ ଅବା ଅପରିଚିତ ବ୍ୟକ୍ତିଙ୍କ ନିଧନ ହୋଇଗଲା ଏବଂ ଆମେ ତାଙ୍କ ପାର୍ଥିବ ଶରୀରକୁ ଶ୍ମଶାନକୁ ନେବା କିମ୍ବା ଚିତା ଜଳୁଥିବା ଦୃଶ୍ୟ ଦେଖି ତୁରନ୍ତ ବୈରାଗ୍ୟ ଉଦ୍ରେକ ହୋଇଯାଏ। ଜୀବନ ତୁଚ୍ଛ ଲାଗେ। କିନ୍ତୁ ତା'ପରେ ଆମେ ସେସବୁ ଭୁଲି ପୁଣି ଯଥା ପୂର୍ବଂ ତଥା ପର ସ୍ଥିତିର ପ୍ରବର୍ତ୍ତକ, ପ୍ରଚାରକ ଓ ପୃଷ୍ଠପୋଷକ ବନିଯାଉ। ସେମିତି ରୋଗଶଯ୍ୟାରେ ପଡ଼ିଲେ ଆମକୁ ଯୋଗସାଧନା, ନିୟମିତ ବ୍ୟାୟାମ, ଖାଦ୍ୟ, ଦିନଚର୍ଯ୍ୟା ସବୁ ମନେପଡ଼େ। ଦିବ୍ୟଜ୍ଞାନ ପ୍ରାପ୍ତ ହୋଇ ମନକୁ ବୁଝାଇ ଦେଉ ଶରୀର ପ୍ରତି ଏତେ ଅନ୍ୟାୟ କରିବା ଠିକ୍ ନୁହେଁ। ପେଟଟାକୁ ଡଷ୍ଟବିନ୍ ଭାବି ଯେଉଁଠି ଯାହା ମିଳୁଛି ଭର୍ତ୍ତି କରିବା ଠିକ୍ ନୁହେଁ। ଜିହ୍ୱା ଲାଳସାକୁ ଚରିତାର୍ଥ କରିବାକୁ କେତେ ଅନ୍ୟାୟ ହୋଇଛି। ପାଟି ସ୍ୱାଦ ପାଇଁ କେତେ ଫାଷ୍ଟଫୁଡ୍ ଖାଇଛେ। ଶାକାହାରୀଙ୍କୁ କେତେ ଉପହାସ କରିଛେ। ସ୍ଥାନେ ସ୍ଥାନେ ବସି ପ୍ରାଣାୟାମ କରୁଥିବା ଲୋକଙ୍କୁ କେତେ କଟାକ୍ଷ ଓ ପରିହାସ କରିଛେ ହିସାବ ନାହିଁ। ଏମିତି ପ୍ରାତଃ ଭ୍ରମଣରେ ଯାଉଥିବା ଲୋକମାନଙ୍କୁ କାମ ନଥିବା ଲୋକ କହିଛେ। ବିଳମ୍ବିତ ରାତିରେ ଭୋଜନ କରିବାକୁ ସମ୍ଭ୍ରାନ୍ତ ଭାବିଛେ। ସୂର୍ଯ୍ୟୋଦୟର ବହୁ ଘଣ୍ଟା ପରେ ଉଠିବାକୁ ବଡ଼ଲୋକି ମଣିଛେ। ଓଃ କି ଯନ୍ତ୍ରଣା। ବୟସ କମ୍ ଥିବାରୁ ଜଣା ପଡୁନଥିଲା। ବୟସ ଖସିବା ପରେ ଏବେ ଜଣାପଡୁଛି ସମ୍ପୂର୍ଣ୍ଣ ଜୀବନ କେତେ ଅବ୍ୟବସ୍ଥିତ ଥିଲା। ଆଉ ସେ ଭୁଲ୍ ହେବ ନାହିଁ। ଡାକ୍ତର ଭଗବାନ ଏଥରଟା ଭଲ କରିଦିଅନ୍ତୁ, ତା'ପରେ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ବ୍ୟବସ୍ଥିତ ଓ ଅନୁଶାସିତ ହୋଇଯିବ। ଶରୀର ଅନୁସାରେ ଜୀବନ ବିତିବ ଓ ଖାଦ୍ୟପେୟ ଶରୀର ଉପଯୋଗୀ ଓ ମନ ମସ୍ତିଷ୍କ ଅନୁକୂଳ ହେବ। ବ୍ରହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗଠାରୁ ରାତ୍ରି ଶୟନ ଯାଏ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ଶୃଙ୍ଖଳିତ ଓ ଅନୁଶାସନ ଯୁକ୍ତ ହେବ, ଇତ୍ୟାଦି ପ୍ରତିଶ୍ରୁତି,ପ୍ରତିଜ୍ଞା ତଥା ପ୍ରତିଶ୍ରୁତିବଦ୍ଧତା ରୋଗଶଯ୍ୟାରେ ପଡିଥିବା ବେଳେ ମନକୁ ଆସେ।

କିନ୍ତୁ ଡାକ୍ତରଖାନାରୁ ଛୁଟିର କିଛି ଦିନ ପର୍ଯ୍ୟନ୍ତ ସବୁ କାମ ବ୍ୟବସ୍ଥିତ ହୁଏ। ସଅଳ ସଅଳ ଉଠି ନିତ୍ୟକର୍ମ ସାରି ଯୋଗାସନ, ପ୍ରାଣାୟମ ଓ ଆବଶ୍ୟକତା ଅନୁଯାୟୀ ଶାରୀରିକ ବ୍ୟାୟାମ ହୁଏ। ଖାଦ୍ୟାଭ୍ୟାସ ମଧ୍ୟ ଭଲ ରହେ। କିନ୍ତୁ କିଛି ଦିନ ପରେ ଆଉ ଡାକ୍ତରଖାନାର ରୋଗଶଯ୍ୟା ମନେ ପଡେନା। ମୁଠା ମୁଠା ଔଷଧ ଗିଳିବାର କଷ୍ଟ ଭୁଲିଯାଏ। ରୋଗଶଯ୍ୟାରେ ଦେବଦେବୀଙ୍କୁ ବିକଳ ହୋଇ ଡାକିବା କଥାକୁ ହେୟଜ୍ଞାନ ମନେହୁଏ। ଡାକ୍ତରଙ୍କ ପରାମର୍ଶକୁ ଶର୍ଟକର୍ଟ ଉପାୟରେ ମାନିବାକୁ ଇଚ୍ଛା ହେବ। ପୁଣି ଜିହ୍ୱା ଲାଳସା ତିବ୍ରତର ହୁଏ। ପେଟଟାକୁ ଆମଦାନୀ ହୋଇଥିବା ଦାମୀ କଚଡା ଡବା(ଡଷ୍ଟବିନ) କରିବା ପାଇଁ ସବୁ ଚେଷ୍ଟା ହୁଏ। ଏମିତି ବି ବିଚାର ଆସେ ସଂସାରକୁ ଆସିଛେ ମାନେ ଉପଭୋଗ କରିବା କଥା। କିଏ ଜାଣେ ଆସନ୍ତାକାଲି କ'ଣ ହେବ? ଚର୍ବକଙ୍କ ଆଜ୍ଞାକାରୀ ଶିଷ୍ୟ ଭଳି ଋଣ କରି ଅୟସରେ ରହିବାରୁ ମନ ବିଲିବିଲାଏ। ଶକ୍ତିଶାଳୀ ଇନ୍ଦ୍ରିୟମାନଙ୍କ ଶକ୍ତି ଆଗରେ ବୁଦ୍ଧି ବିବେକ ଆତ୍ମସମର୍ପଣ କରେ। ପୁଣି କୁଅଭ୍ୟାସ ରୀତିମତ ଚାଲେ ଆଗାମୀ ଶାରୀରିକ ଅସୁସ୍ଥତା ଯାଏ।

ବାସ୍ତବରେ ଆଜି ଆମ୍ଭେମାନେ ଯେଭଳି



ଭାବରେ ବିଭିନ୍ନ ରୋଗର ଶିକାର ହେଉଛେ ଏହାର ପ୍ରମୁଖ କାରଣ ଆମର ଅସନ୍ତୁଳିତ ଦିନଚର୍ଯ୍ୟା ଓ ଖାଦ୍ୟାଭ୍ୟାସ। ମୋର ଠିକ୍ ମନେ ପଡୁଛି ପିଲାବେଳ କଥା। ପ୍ରାୟ ପଚିଶ ତିରିଶ ବର୍ଷ ଯାଏ ଆମେ ରୋଗ କହିଲେ ସାମାନ୍ୟ ଥଣ୍ଡା କାଶ, ଋତୁକାଳୀନ ଜ୍ୱର, ହାଡଫୁଟି, ମିଳିମିଳା, ବସନ୍ତ ବା ବାର୍ଦ୍ଧକ୍ୟ ଜନିତ ରୋଗବ୍ୟାଧିକୁ ବୁଝୁଥିଲୁ। ସେତେବେଳେ ଏଭଳି ରୋଗଗୁଡିକର ଘରୋଇ ପ୍ରତିକାର ଥିଲା। ଘରର ମାଆବାପା ବା ବରିଷ୍ଠ ସଦସ୍ୟ ସଦସ୍ୟାମାନେ ଚେରମୂଳି ବା ସ୍ୱତନ୍ତ୍ର ଖାଦ୍ୟ ମାଧ୍ୟମରେ ଭଲ କରିଦେଉଥିଲେ। ବେଳେବେଳେ ଔଷଧ ସେବନ ହେଉଥିଲା। ସେଥିପାଇଁ ଆମ ଅଞ୍ଚଳରେ ଗୋଟିଏ ମାତ୍ର ଔଷଧ ଦୋକାନ ଥିଲା ତାହା ପୁଣି ଲୁଗାଦୋକାନ ସହ। ବହୁତ କମ୍ ଔଷଧ ବିକ୍ରି ହେଉଥିଲା। ସେତେବେଳେ ଖାଦ୍ୟପଦାର୍ଥ ସମ୍ପୂର୍ଣ୍ଣ ଜୈବିକ ଥିଲା। ପ୍ରତି ଘରେ ଶାଗ, ଫଳମୂଳ, ପନିପରିବା ଚାଷ ହେଉଥିଲା। ପନିପରିବା କିଣା କହିଲେ କେବଳ ଆଳୁ ତାହା ପୁଣି କୁଣିଆ ବନ୍ଧୁବାନ୍ଧବ ଆସିଲେ ଅବା ପର୍ବପର୍ବାଣି ପଡିଲେ। ଶାଗ, କୌଣସି ବି ମଞ୍ଜି ଜାତୀୟ ଶସ୍ୟ (ମୁଗ, କାନ୍ଦୁଲ ବା ହରଡ, ବାଇଲ, ଶିମ୍ବ, ଡଙ୍ଗରରାଣୀ, ମଟର, ବୁଟ ଏପରିକି ବିରି) ସିଝା ବା ତରକାରି ହେଉଥିଲା। ମସଲା କହିଲେ ଆଜିକାଲି ଭଳି ବଜାରରେ ଉପଲବ୍ଧ ଭଳିକି ଭଳି ରସାୟନିକ ମସଲା ନ ଥିଲା।

ବ୍ରହ୍ମ ମୁହୂର୍ତ୍ତରେ ଉଠି ସ୍ନାନାଦି ନିତ୍ୟକର୍ମ ସୂର୍ଯ୍ୟୋଦୟ ପୂର୍ବରୁ କରିବା ଏପ୍ରକାର ଅଲିଖିତ ନିର୍ଦ୍ଦେଶନାମା ଥିଲା। ଠାକୁରଙ୍କୁ ମୁଣ୍ଡିଆ ମାରି ଚୁଡ଼ା ଗୁଡ଼ ନଡ଼ିଆ କଦଳୀ ମିଶା ଜଳଖିଆ କିମ୍ବା ବାସି ପଖାଳ ବା ମାଣ୍ଡିଆ ଜାଉ ସକାଳର ଖାଇବା ଥିଲା। ବେଳେବେଳେ ବିରି ଚକୁଳି, ମୁଗପୁଳି, ଏଣ୍ଡୁରି (ଇଡିଲି ଏତେ ଆଦୃତ ନଥିଲା) ଆଦି ମଧ୍ୟ ସକାଳ ଆହାରର ଅଂଶବିଶେଷ ଥିଲା। ଗାଧୁଆ ପୂର୍ବରୁ ତେଲ ମର୍ଦ୍ଦନ ବାଧ୍ୟତାମୂଳକ ଥିଲା। ସାବୁନ ଶାମ୍ପୁ ଆଦିର ବ୍ୟବହାର ବହୁତ କମ ଥିଲା। ଘରର ବଡଲୋକମାନେ କଥା ଛଳରେ କହୁଥିଲେ – ଗାଧୁଆ ଆଗରୁ ଲଗାଅ ତେଲ, ବଇଦ ସାଙ୍ଗରେ କରିବ ଗେଲ। ସପ୍ତାହର ଥରେ ନିମ୍ବ ବା ଭୂଇଁ ନିମ୍ବ ପିତା ଓ କଞ୍ଚାହଳଦୀ ପାଣି ବା ହଳଦୀବଟା ଖାଇବା ବା ଦେହରେ ବୋଳିହେବା ଏକପ୍ରକାର ପରମ୍ପରା ଥିଲା। ବସନ୍ତ ଋତୁ ପୂର୍ବରୁ ନିମ୍ବ ଫୁଲ ତରକାରି ବା ଭଜା ଓ ଘର ଦ୍ୱାର ବନ୍ଧ ଆଗରେ ନିମ୍ବ ଡାଳ ମାଳ ବାନ୍ଧିବା ଏକ ପ୍ରଥା ଥିଲା। ଜେଜେମା କହୁଥିଲେ ଏହାଦ୍ୱାରା ହାଡଫୁଟି ଭଳି ବାୟୁବାହିତ ରୋଗ ହେବ ନାହିଁ।

ଆଜି କିନ୍ତୁ ସମୟ ବଦଳିଛି। ଉଠିବା,ଶୋଇବା,ଖାଇବା ଆଦିରେ କୌଣସି ନୀତିକାନ୍ତି ନାହିଁ। ଯେତେବେଳେ ମନ ହେଲା ଖାଇଲେ,ଶୋଇଲେ ଉଠିଲେ। ଖାଦ୍ୟମଧ୍ୟ ସ୍ୱାସ୍ଥ୍ୟପ୍ରଦ ପରିବର୍ତ୍ତେ ଜିହ୍ୱା ଲାଳସାକୁ ଚରିତାର୍ଥ କରିବା ପାଇଁ ଉଦ୍ଦିଷ୍ଟ। ସେତେବେଳେ ଔଷଧ ଦୋକାନରେ ଯେତିକି ଔଷଧ ରହୁଥିଲା ଆଜିକାଲି ଘରେ ଘରେ ତାଠୁ ବେଶି। ଔଷଧ ଦୋକାନ ସବୁଆଡ଼େ। ଡାକ୍ତରମାନଙ୍କ ବେସରକାରୀ ଚିକିତ୍ସା ପସରା ମଧ୍ୟ ଖୁବ୍ ଜମୁଛି। ରୋଗୀଙ୍କ ଭିଡ଼ ମଧ୍ୟ ଅସମ୍ଭାଳ। ହେଲେ ଏସବୁର କାରଣ ଯେ ଆମର ବୈଚାରିକ ପରିବର୍ତ୍ତନ ଆମେ ବୁଝିପାରୁନୁ। ଅସନ୍ତୁଳିତ ଦିନଚର୍ଯ୍ୟା ଓ ଖାଦ୍ୟାଭ୍ୟାସ ଯେ ଏସବୁର ମୂଳ କାରଣ ଆମେ ଜାଣି ଅଜଣା ହେଉଛୁ। କେବଳ ରୋଗଶଯ୍ୟାରେ ହିଁ ଯୋଗ ଚର୍ଚ୍ଚା କରୁଥିବା ଏ ବଡ଼ ବୁଦ୍ଧିଆମାନଙ୍କୁ କହିକି କି ଲାଭ! ଏମାନଙ୍କ ପାଇଁ ପେଟଟା କଚଡା ଡବା ଓ ଜିଭ ଟେଷ୍ଟିଙ୍ଗ ସେଣ୍ଟର।

ଚାଲୁ। ସମୟ କିନ୍ତୁ ନିଶ୍ଚୟ ସବୁକଥା ଶିଖେଇଦେବ। ତଥାପି ଆଶା କରିବା ଏ ଉଗ୍ର ଆଧୁନିକ ମଣିଷ ଅନ୍ତତଃ ନିଜ ଶରୀରକୁ ନ୍ୟାୟ ଦେଉ। ନହେଲେ ବିଦେଶୀ ଔଷଧ ଡବା ଧରିବୁଲୁଥିବ।

**ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ,**
**ଜୟପୁର, କୋରାପୁଟ**
**ମୋ–୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ବାଣ ଫ୍ୟାକ୍ଟ୍ରିରେ ନାବାଳକ

ମହାଶୟ,

ବାଣ କାରଖାନା ଗୋଟିଏ ସ୍ଥାନ, ଯେଉଁଠି ଅଧିକରୁ ଅଧିକ ନିରାପଦ ବ୍ୟବସ୍ଥା ରହିବା କଥା। କିନ୍ତୁ ତାହା ହେଉନାହିଁ। ଭଦ୍ରକ ହଳଦିଆ ପାଖରେ ବାଣ ତିଆରି ବର୍ଷ ବର୍ଷ ଧରି ଚାଲିଛି। କିନ୍ତୁ ପ୍ରଶ୍ନ ଉଠୁଛି, ବାଣ କାରଖାନାରେ ବାଣ ତିଆରି କରୁଥିବା ଲୋକମାନେ ଆଇନ ମାନି ଏହା ତିଆରି କରୁଛନ୍ତି ନା ବେଆଇନ ଭାବରେ ବିନା ଲାଇସେନ୍ସରେ କାରଖାନାରେ ବାଣ କାମ ଚାଲିଛି। ବର୍ତ୍ତମାନ ପ୍ରଶ୍ନ ଉଠୁଛି କି ଯଦି ବେଆଇନ ଭାବରେ ବାଣ କାରଖାନା ଚାଲିଛି ତା'ହେଲେ ତା' ଉପରେ ପ୍ରଶାସନ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ୫ ମେ' ୨୦୨୫ରେ ଭଦ୍ରକସ୍ଥିତ ଏକ କାରଖାନାରେ ବାଣ ତିଆରି କରୁଥିବା ସମୟରେ ତାହା ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ୫ ଜଣ ଗୁରୁତର ହୋଇ ଭଦ୍ରକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାରଖାନାରେ ବାଣ ବିସ୍ଫୋରଣ ଯୋଗୁ ଗୋଟିଏ ସାନପିଲା ମଧ୍ୟ ଗୁରୁତର ହୋଇଛି। ବାଣ କାରଖାନାରେ ନାବାଳକ କାମ କରୁଥିବା ଦେଖାଯାଇଛି। ଯେହେତୁ ବାଣ କାରଖାନା ଗୋଟିଏ ଅସୁରକ୍ଷିତ ସ୍ଥାନ, ସେହେତୁ ନାବାଳକ ଓ ନାବାଳିକାଙ୍କୁ ସେଠାରେ କାମ କରାଇବା ଅନୁଚିତ। ଯେଉଁମାନେ ଏପରି କମ୍ ବୟସର ପିଲାଙ୍କୁ ସେଠାରେ କାମ କରାଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଉ।

**–କାଳୀ ଦାସ, ଖୋଡ଼ାସିଙ୍ଗି, କଳିଙ୍ଗନଗର, ବ୍ରହ୍ମପୁର, ଗଞ୍ଜାମ**

## ଚିରନ୍ତନୀ

ଦେହର ତୃଷା ଯେବେ ପୀଡ଼ଇ
ରୂପର ମୋହ ପୁଣି ଭିଡ଼ଇ
ପୁରୁଷ ନାରୀ ହୋଇ ଜନମ ଲଭି ସହି
ଜୀବନ ଗୋଟା ଖାଲି ପୋଡ଼ଇ।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବରୀ ବ୍ଲକ୍ କିରାଣିଙ୍କୁ ମାଡ଼ ମାରିଛନ୍ତି ବିଧାୟକ: ପୋଲିସ

**ଯାଜପୁର ଟାଉନ,୭।୫ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

## ବ୍ଲକ୍ ଉପାଧ୍ୟକ୍ଷାଙ୍କ ଅଭିଯୋଗର ସତ୍ୟତା ନ ଥିବାରୁ ତଦନ୍ତ ବନ୍ଦ

ଯାଜପୁର ଜିଲା ବରୀ ବ୍ଲକ୍‌ର କିରାଣି ଅମର ରଞ୍ଜନ ନାୟକଙ୍କୁ ସ୍ଥାନୀୟ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମାଡ଼ ମାରିବା ଘଟଣା ସତ୍ୟ। ବୁଧବାର ଏ ସଂକ୍ରାନ୍ତରେ ଯାଜପୁର ପୋଲିସ ସ୍ପଷ୍ଟ କରିଛି। ଯାଜପୁର ଟାଉନ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଓ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ମିଳିତଭାବେ ଗଣମାଧ୍ୟମକୁ କହିଛନ୍ତି, ବରୀ ବ୍ଲକର କିରାଣି ନାୟକଙ୍କୁ ବିଧାୟକ ମଲ୍ଲିକ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ପରେ ମାଡ଼ ମାରିଥିଲେ ବୋଲି ଏପ୍ରିଲ ୩୦ ତାରିଖରେ ନାୟକ ବରୀ-ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୭୭/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ସତ୍ୟତା ଜଣାପଡ଼ିବା ପରେ ବିଧାୟକ ମଲ୍ଲିକ ଓ ତାଙ୍କ ସହଯୋଗୀ ସୋମନାଥ ଜେନା, ଭକ୍ତବନ୍ଧୁ ନାୟକ, ଅବିନାଶ ବାରିକଙ୍କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିୟମ ଅନୁଯାୟୀ ଯେଉଁ ଦଫାରେ ୭ବର୍ଷରୁ କମ୍ ଜେଲ ଦଣ୍ଡାଦେଶ ରହିଥିବ ସେ କେସ୍‌ରେ ନୋଟିସ ପ୍ରଦାନ କରାଯାଇଛି। ଏହି ନୋଟିସରେ ଅନେକ ସର୍ତ୍ତାବଳୀ ମଧ୍ୟ ରଖାଯାଇଛି। ଏହାକୁ ପାଳନ କରିବା ପାଇଁ ବିଧାୟକ ଓ ତାଙ୍କ ସହଯୋଗୀଙ୍କୁ କୁହାଯାଇଛି ବୋଲି ଏସ୍‌ଡିପିଓ ମାଝୀ ପ୍ରକାଶ କରିଛନ୍ତି। ଘଟଣାକୁ ଗୁରୁତର ସହ ନେଇ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିତିକଣ୍ଠ କାନୁନଗୋ ମାମଲା ପରିଚାଳନା କରୁଥିବାବେଳେ ତଦନ୍ତ ଦାୟିତ୍ୱ ଏସ୍‌ଡିପିଓ ମାଝୀ ନେଇଥିଲେ। ଘଟଣାରେ ଉପସ୍ଥିତ ଥିବା ବ୍ୟକ୍ତି ବିଶେଷଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷରେ ଏହି ଘଟଣାରେ ବରୀ ବ୍ଲକ ଉପାଧ୍ୟକ୍ଷ ଅର୍ଚ୍ଚନା ନାୟକ କିରାଣି ନାୟକ ଓ ଅଶ୍ୱିନୀ କୁମାର ସାହୁଙ୍କ ନାମରେ ବରୀ ରାମଚନ୍ଦ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ନଂ.୧୭୬/୨୫ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିଲା। ଏହାର ତଦନ୍ତ ଦାୟିତ୍ୱ ଏସ୍‌ଡିପିଓ ନିଜେ ନେଇଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କାନୁନଗୋ ମାମଲାର ପରିଚାଳନା କରୁଥିଲେ। ଏହି ମାମଲାରେ କୌଣସି ସତ୍ୟାସତ୍ୟ ନ ଥିବାରୁ ତଦନ୍ତକୁ ବନ୍ଦ କରିଦିଆଯାଇଛି ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମାଝୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଅମଲା ସଂଘ ପକ୍ଷରୁ ଚାଲିଥିବା କଲମଛାଡ଼ ଆନ୍ଦୋଳନ ୨ୟ ଦିନରେ ପହଞ୍ଚିଥିବା ସୂଚନା ମିଳିଛି।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର।



ପାରାଦୀପ ଷଣ୍ଢକୁଦ ବାତ୍ୟା ଆଶ୍ରୟସ୍ଥଳରେ ମକ୍ ଡ୍ରିଲ ବେଳେ ସ୍ୱେଚ୍ଛାସେବୀ ଜଣେ ବୃଦ୍ଧାକୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି।


ମକ୍‌ଡ୍ରିଲ ସ୍ଥାନରେ ଜଗତ୍‌ସିଂହପୁର ଜିଲାପାଳ ଜେ ସୋନାଲ, ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା ଓ ଅନ୍ୟମାନେ।

# ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ନେଇ ମକ୍ ଡ୍ରିଲ୍

**ପାରାଦୀପ, ୭।୫(ଶରତ ରାଉତ)**

ଜମ୍ମୁ କଶ୍ମୀରର ଅନନ୍ତନାଗ ଜିଲା ପହଲଗାମରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଉପୁଜିଛି। ଏହାରି ମଧ୍ୟରେ ଭାରତ ସରକାର ଦେଶର ଜନତାଙ୍କୁ ଜାଗ୍ରତ କରିବା ନେଇ ଯୁଦ୍ଧ ପ୍ରସ୍ତୁତି ପାଇଁ ମକ୍ ଡ୍ରିଲ୍ କରାଯାଇଛି। ଦେଶରେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ମୁକାବିଲା ନିମନ୍ତେ ବୁଧବାର ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ପାରାଦୀପର ୨ଟି ସ୍ଥାନରେ ମକ୍‌ଡ୍ରିଲ ଆୟୋଜନ କରାଯାଇଥିଲା। ଜିଲାପାଳ ଜେ ସୋନାଲ, ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହା କରାଯାଇଥିଲା। ଷଣ୍ଢକୁଦ ବାତ୍ୟା ଆଶ୍ରୟସ୍ଥଳ ପାଖରେ ଅପରାହ୍ନରେ ଏକ ସାଇରନ୍ ବାଜି ଥିଲା। ଯେକୌଣସି ଅଘଟଣ ସମୟରେ ଜନସାଧାରଣ କିପରି ସୁରକ୍ଷିତ ରହିବେ ଏବଂ ସୁରକ୍ଷା ଅଧିକାରୀ କିପରି ଲୋକଙ୍କୁ ଉଦ୍ଧାର କରିବେ ତାହା ମକ୍‌ଡ୍ରିଲ ଜରିଆରେ ଦର୍ଶାଯାଇଥିଲା। ସେହିପରି ନେହେରୁବଙ୍ଗଳା ୭ ମହଲା କୋଠାରେ କିପରି ରଶି ଜରିଆରେ ଉଦ୍ଧାର କରାଯିବ ତାହା ଦର୍ଶାଯାଇଥିଲା। ଆଗକୁ ଏମିତି ମକ୍ ଡ୍ରିଲ ନିୟମିତ ହେବ ବୋଲି ଜିଲାପାଳ ସୋନାଲ କହିଥିଲେ।



ପାରାଦୀପରେ ମକ୍ ଡ୍ରିଲ ବେଳେ ବମ୍ ସ୍କ୍ୱାଡ୍ ତନଖି କରୁଛନ୍ତି।

## ବିଷ ପିଇ ମା’ ମୃତ, ଝିଅ ଗୁରୁତର

**କୁଜଙ୍ଗ, ୭।୫(ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ଚଋଆ ଦଳିତସାହିର ଦଧିଆ ଗୋଛାୟତଙ୍କ ସ୍ତ୍ରୀ ପ୍ରମିଳା ଓ ୯ମ ଶ୍ରେଣୀରେ ପଢ଼ୁଥିବା ଝିଅ ଉଭୟେ ମଙ୍ଗଳବାର କୌଣସି କାରଣରୁ ବିଷ ପିଇ ଦେଇଥିଲେ। ଉଭୟଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମା’ଙ୍କୁ ମୃତ ଘୋଷଣା କରିଥିଲେ। ଝିଅ ଗୁରୁତର ଅବସ୍ଥାରେ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

**ଚଣ୍ଡିଖୋଲ,୭।୫(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ଥାନା ଚଣ୍ଡିଖୋଲ ଛକ ନିକଟରୁ ମଙ୍ଗଳବାର ରାତିରେ ପୋଲିସ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିଛି। ମାଙ୍କଡ଼ା ପଥର ଚୋରାଚାଲାଣ ନେଇ ଆଇଆଇସି ମଧୁସ୍ମିତା ବେହେରା ଖବରପାଇ ଜାତୀୟ ରାଜପଥ ନଂ. ୧୬ର ଚଣ୍ଡିଖୋଲ ଛକ ନିକଟରେ ଗାଡ଼ିକୁ ଜଗି ରହିଥିଲେ। ଟ୍ରକ୍ ଆସିବା ପରେ ଏହାକୁ ଅଟକାଇ କାଗଜ ପତ୍ର ମାଗିଥିଲେ। ଚାଳକ କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ଟ୍ରକ୍‌କୁ ଜବତ କରି ପୋଲିସ ଥାନାକୁ ଆଣିଥିଲେ। ମାଲିକ କାଗଜପତ୍ର ନ ଦେଖାଇଲେ ଟ୍ରକ୍‌କୁ ଖଣି ବିଭାଗକୁ ହସ୍ତାନ୍ତର କରାଯିବ।


## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବଳରାମ


@ ଶାଶ୍ୱତ


@ ସୁଜ୍ଞାନରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସେମିରେ ପ୍ରବେଶକଲା ରାଇଜିଂ ଷ୍ଟୁଡେଣ୍ଟ

**ଜଗତ୍‌ସିଂହପୁର, ୭।୫ (ପ୍ରମୋଦ କୁମାର ନାୟକ)**

## ଆନେକ୍ସ କପ୍ ରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ

ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ପଡ଼ିଆରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଟି-୨୦ ରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଆନେକ୍ସ କପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱରସ୍ଥିତ ଆଦର୍ଶ କ୍ରିକେଟ୍ କ୍ଲବକୁ ୬୦ ରନ୍‌ରେ ହରାଇ କଟକର ରାଇଜିଂ ଷ୍ଟୁଡେଣ୍ଟ ସେମି ଫାଇନାଲରେ ପ୍ରବେଶ କରିଛି।

ପ୍ରଥମେ ଟସ୍ ଜିତି ଆଦର୍ଶ କ୍ରିକେଟ କ୍ଲବ ପ୍ରତିପକ୍ଷ ରାଇଜିଂ ଷ୍ଟୁଡେଣ୍ଟକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ରାଇଜିଂ ଷ୍ଟୁଡେଣ୍ଟ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ସର୍ବାଧିକ ୪୭ ରନ୍, ଗୋବିନ୍ଦ ପୋଦାର ୪୧, ବିପ୍ଳବ ସାମନ୍ତରାୟ ୨୫ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୨୧ ରନ୍ ସଂଗ୍ରହ କରିଥିଲେ। ଆଦର୍ଶ କ୍ରିକେଟ କ୍ଲବର ସର୍ବେଶ୍ୱର ମହାନ୍ତି ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଆଦର୍ଶ କ୍ରିକେଟ କ୍ଲବ ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ୍‌ରେ ସୀମିତ ରହି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ଯାଦବ ୩୬, ବିପ୍ଳବ ଦାସ ୨୬ ଓ ରାଜୀବ ଲୋଚନ ସାହୁ ୧୫ ରନ୍ ସଂଗ୍ରହ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ବିପ୍ଳବ ସାମନ୍ତରାୟ ୩ଟି ଉଇକେଟ୍ ନେଇଥିଲେ। ରାମଚନ୍ଦ୍ର ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଗୋବିନ୍ଦ ପୋଦାର ପ୍ରତ୍ୟେକେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟର ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯିବା ସହ ଅତିଥି ଭାବେ ଯୋଗଦେଇଥିବା ଖବରଦାତା ସିଦ୍ଧାର୍ଥ ଦାସ, ସରୋଜ ସାହୁ, ରାଧାକାନ୍ତ ମିଶ୍ରଙ୍କ ସମେତ ସୁଧୀର ପାତ୍ର ଓ ସମୀର ସାହାଣୀଙ୍କ ଦ୍ୱାରା ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌କୁ ଆଶୁତୋଷ ପାଣି, ସୌମେନ୍ଦୁ ପାତ୍ର, ବାପି ବିଶୋଇ, ସୌମ୍ୟ ବେହେରା, ପ୍ରୀତମ ଦର୍ଶନ, ମିଳନ ଓଝା ଓ ପ୍ରଶାନ୍ତ ମଲ୍ଲିକ ପରିଚାଳନା କରିଥିଲେ।

# ସାଇରନ୍ ବାଜିଲା, ସଚେତନତା ସୃଷ୍ଟି କରାଗଲା

## କେନ୍ଦ୍ରାପଡ଼ାର ମକ୍‌ଡ୍ରିଲ୍

**କେନ୍ଦ୍ରାପଡ଼ା,୭।୫(ଜଗନ୍ନାଥ ଧଳ):**

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ ସେନା ପକ୍ଷରୁ ଅପରେଶନ ସିନ୍ଦୁର କାର୍ଯ୍ୟକାରୀ ହୋଇଛି । ପାକିସ୍ଥାନର ୯ ସ୍ଥାନ ସେନାର ମିଳିତ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି । ଏଥିପାଇଁ ଦେଶରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ଯୁଦ୍ଧ ସମୟରେ ସାଧାରଣ ଜନଜୀବନ ତଥା ରାଷ୍ଟ୍ରୀୟ ସମ୍ପତ୍ତିର ସୁରକ୍ଷା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡ ସମେତ ଜିଲାର ୧୫ ସ୍ଥାନରେ ମକ୍‌ଡ୍ରିଲ ବୁଧବାର ହୋଇଛି । ଅପରାହ୍ନ ୪ଟାରେ ଜିଲା ପ୍ରଶାସନ ପକ୍ଷରୁ ସାଇରନ ବାଜିଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ଯୁଦ୍ଧ ସମୟର ପରିସ୍ଥିତି ମୁକାବିଲା ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସାଇରନ ବାଜିବା ପରେ ପ୍ରତ୍ୟେକ ବ୍ୟକ୍ତି ମୁହଁମାଡ଼ି ତଳେ ଲମ୍ବ ହୋଇ ଶୋଇଯିବା ସହ କାନରେ ହାତ ଦେଇଥିଲେ। ସେହିପରି ନିକଟରେ କଂକ୍ରିଟ ଛାତ ଥିବା ଆଶ୍ରୟସ୍ଥଳରେ ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯାଇଥିଲା। ଧନଜୀବନହାନୀ ପୂର୍ବରୁ ସୁରକ୍ଷିତ ରହିବାକୁ ସଚେତନ କରାଯାଇଥିଲା। ସେହିପରି ଯୁଦ୍ଧ ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉଦ୍ଧାର ଓ ଚିକିତ୍ସା ସେବାର ମକ୍ ଡ୍ରିଲ ହୋଇଥିଲା। ଏଥିରେ ଜିଲାରସ୍ୱେଚ୍ଛାସେବୀ, ଏନସିସି କ୍ୟାଡେଟ, ହୋମଗାର୍ଡ, ଏନ୍‌ଏସ୍‌ଏସ୍, ପୋଲିସ, ଜନସାଧାରଣ, ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ। ଜିଲାର ମହାକାଳପଡ଼ା ବ୍ଲକର ଖରିନାସୀ ଏମ୍‌ସିଏସ୍, ବ୍ଲକ କାର୍ଯ୍ୟାଳୟ ପରିସର ଓ ବଜାର ଅଞ୍ଚଳ, ରାଜକନିକା ବ୍ଲକର କଟଣା ଏମ୍‌ଏଫ୍‌ଏସ୍, କୋଇଲିପୁର ଏମ୍‌ଏଫ୍‌ଏସ୍, ରାଜନଗର ବ୍ଲକର ମହିଷାଶୁର ଏମ୍‌ସିଏସ୍, ପ୍ରସନ୍ନପୁର ଏମ୍‌ସିଏସ୍, ଆଳି ବ୍ଲକର ବ୍ଲକ କାର୍ଯ୍ୟାଳୟ ପରିସର ଓ ପଦ୍ମନିପାଳ ଏମ୍‌ଏଫ୍‌ଏସ୍,, ମାର୍ଶାଘାଇ ବ୍ଲକର ପରକୁଳା ଏମ୍‌ଏଫ୍‌ଏସ୍, ପଟ୍ଟାମୁଣ୍ଡାଇ ବ୍ଲକର ବଡ଼ମୂଳବସନ୍ତ ହାଇସ୍କୁଲ ପରିସର ଓ ପୌର କାର୍ଯ୍ୟାଳୟ ପରିସର, ଡେରାବିଶ ବ୍ଲକର ବ୍ଲକ କାର୍ଯ୍ୟାଳୟ ଓ ଅଗ୍ନିଶମ କାର୍ଯ୍ୟାଳୟ ପରିସର ଏବଂ ଗରଦପୁର ବ୍ଲକର କୋରୁଆ ଅଗ୍ନିଶମ ବିଭାଗ ଓ ଗରଦପୁର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ମକ୍‌ଡ୍ରିଲ ହୋଇଥିଲା।


କେନ୍ଦମକ୍ ଡ୍ରିଲରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।


**ଭାରତ ସରକାର**
**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦**
ଇମେଲ୍: roc.cpace@mca.gov.in

सत्यमेव जयते

**Government of India**
**Ministry of Corporate Affairs**
**Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050**
**Email: roc.cpace@mca.gov.in**

**ଫର୍ମ ନଂ. ଏସ୍‌ଟିକେ-୬**
## ସର୍ବସାଧାରଣ ବିଜ୍ଞପ୍ତି

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

**ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୩୧୫ ତାରିଖ:- ୨୯।୦୪।୨୦୨୫**

**ସନ୍ଦର୍ଭ:** (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ **ଓଡ଼ିଶା** ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୮୮୨୬୫୬ | ୟୁ୫୧୧୦୯ଓଆର୍୨୦୦୦ପିଟିସି୦୦୬୧୩୭ | ଗଣେଶ କମ୍ପ୍ୟୁଟେକ୍ ମାର୍କେଟିଂ ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୩୦୬୩୫୪୩ | ୟୁ୭୩୧୦୦ଓଡି୨୦୨୪ପିଟିସି୦୪୫୬୯୫ | ୱିଲୋରାପ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୩୪୮୪୦୯୪ | ୟୁ୦୫୧୫୦ଓଆର୍୨୦୧୯ପିଟିସି୩୧୩୨୨ | ଶ୍ରୀ ଲିଙ୍ଗରାଜ ମାର୍କେଟିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ’ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।

(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।

(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

**ଇର୍କନ ତିର୍କୀ, କମ୍ପାନୀ ନିବନ୍ଧକ**
**ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର**

**CBC 07123/11/0160/2526**

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ୩ ଗାଈ ମୃତ

ଓଡ଼ଗାଁ,୭।୫(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରୁ ଆରମ୍ଭ ହୋଇଥିବା କାଳ ବୈଶାଖୀ ଓ ବର୍ଷାରେ ବିଦ୍ୟୁତ ତାର ଛିଡି ୩ ଗାଈଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଓଡ଼ଗାଁ ନନ୍ଦିଘୋରକୁ ସଂଯୋଗ କରୁଥିବା ୧୧ କେଭି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଲାଇନର ଗୋଟିଏ ତାର ଛିଣ୍ଡି ତଳେ ପଡିଥିଲା । ପୂର୍ବରୁ ସେଠାରେ ଚରୁଥିବା ୩ ଗାଈ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଥିଲେ । ବିଦ୍ୟୁତ ତାର ଛିଡିବା ସମ୍ପର୍କରେ ଟାଟା ପାୱାର କର୍ମଚାରୀ ଜାଣିଲା ପରେ ପାଟ୍ରୋଲିଂ କରି ବିଳମ୍ବିତ ରାତିରେ ଗାଈ ମରି ପଡ଼ିଥିବା ଦେଖିଥିଲେ । ଏନେଇ କୌଣସି ସୂତ୍ରରୁ ବିଦ୍ୟୁତ୍ ବିଭାଗ କିମ୍ବା ଦମକଳ କେନ୍ଦ୍ରକୁ ସୂଚନା ଦିଆଯାଇ ନ ଥିଲା ।

### ଦଶପଲ୍ଲା ହାଇସ୍କୁଲରେ ସ୍ୱାଗତ ଉତ୍ସବ

ଦଶପଲ୍ଲା,୭।୫( ପ୍ରକାଶ କୁମାର ପାଣି)

ଦଶପଲ୍ଲା ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିବା ବିମଳ କୁମାର ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇଛି। ଦୀର୍ଘ ଦିନ ବିଦ୍ୟାଳୟର ସ୍ଥାୟୀ ପ୍ରଧାନ ଶିକ୍ଷକ ପଦ ଖାଲି ପଡ଼ିଥିଲା । ଦଶପଲ୍ଲା ରାଧା ମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ । ନୂତନ ପ୍ରଧାନ ଶିକ୍ଷକଙ୍କୁ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟ ଉନ୍ନତି କ୍ଷେତ୍ରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏକାଠି ହୋଇ କାମ କରିବାକୁ ନୂତନ ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ ।

### ପୋଲିସ ପରିଚୟ ଦେଇ ମହିଳାଙ୍କ ସୁନା ଅଳଙ୍କାର ନେଇଗଲେ

ବ୍ରହ୍ମପୁର,୭।୫(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ପରିଚୟ ଦେଇ ଜଣେ ମହିଳାଙ୍କ ଠାରୁ ସୁନା ହାର ଲୁଟ ହୋଇଛି । ବଡବଜାର ଥାନା ହନୁମାନ କ୍ଲବ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ସିସିଟିଭି ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରଖିଛି । ବଡବଜାର ନିକଟ ଜଉରା ସାହିର ମହିଳା ଏମ. ଶୋଭା(୬୩) ଠାକୁରାଣୀ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ । ସେ ହନୁମାନ କ୍ଲବ ନିକଟରେ ଦେଇ ଚାଲି ଚାଲି ଯାଉଥିବା ବେଳେ ଜଣେ ଯୁବକ ତାଙ୍କ ସମ୍ମୁଖକୁ ଆସି ସାର ଡାକୁଛନ୍ତି ବୋଲି କହିଥିଲେ । ମହିଳା ଜଣଙ୍କ ପ୍ରଶ୍ନ କରିବାରୁ ସେ ନିଜକୁ ପୋଲିସ ବୋଲି ପରିଚୟ ଦେଇଥିଲା । ପୋଲିସ ଡାକୁଥିବା ଜାଣି ମହିଳା ଜଣଙ୍କ ସେହି ଯୁବକଙ୍କ ସହ ନିକଟରେ ଥିବା ଏକ ଭଙ୍ଗାଘର ନିକଟକୁ ଯାଇଥିଲେ । ସେଠାରେ ପୂର୍ବରୁ ଆଉ ୩ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ବ୍ୟକ୍ତିମାନେ ଆଗରେ ଚୋରି ହେଉଛି ତେଣୁ ଏତେ ସୁନା ଅଳଙ୍କାର କାହିଁକି ପିନ୍ଧି ଚାଲିଚାଲି ଯାଉଛ ବୋଲି ପ୍ରଶ୍ନ କରିଥିଲେ । ଏହାପରେ ମହିଳାଙ୍କୁ ସମସ୍ତ ସୁନା ଅଳଙ୍କାର କାଢ଼ି କରି ଏକ କାଗଜରେ ବାନ୍ଧି ରଖିବାକୁ ସେମାନେ ପରାମର୍ଶ ଦେଇଥିଲେ। ଶୋଭା ନିଜର ସୁନା ଚେନ, ମୁଦି ଓ କାନଫୁଲ ସହ ପ୍ରାୟ ୪୫ ଗ୍ରାମ ଓଜନର ସୁନା ଅଳଙ୍କାର ବାହାର କରି ଏକ କାଗଜରେ ଗୁଡାଇ ସେହି ବ୍ୟକ୍ତିମାନଙ୍କୁ ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କୁ ସେହି କାଗଜ ପୁଡିଆ ଫେରାଇ ଦେଇଥିଲେ। ସେହି ୪ ଜଣ ଦୁର୍ବୃତ୍ତ ସେଠାରୁ ୨ଟି ବାଇକରେ ଚାଲି ଯାଇଥିଲେ ।

# ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାକୁ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

ନୟାଗଡ଼,୭।୫(ଲୋକନାଥ ମିଶ୍ର)

**ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ**

ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲାପାଳଙ୍କ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରଜନନ, ପ୍ରସବକାଳୀନ ମାତୃ ଓ ନବଜାତ ଶିଶୁ ଯତ୍ନ, କିଶୋର ସ୍ୱାସ୍ଥ୍ୟ, ପୋଷଣ କିପରି ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ପ୍ରମୁଖ ଭାବେ ପ୍ରଭାବିତ କରିଥାଏ ସେ ସମ୍ପର୍କରେ ସମୀକ୍ଷା ହୋଇଥିଲା । ଜିଲା ସ୍ୱାସ୍ଥ୍ୟ ସୂଚନାଙ୍କ ଆକଳନ ଆଧାରରେ ବର୍ଷ ଆରମ୍ଭରୁ ସମସ୍ୟାଗୁଡିକୁ ଚିହ୍ନଟ କରି ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ସମ୍ପର୍କରେ ବିଭିନ୍ନ ଗୁଣାତ୍ମକ ନିଶ୍ଚିତତା କାର୍ଯ୍ୟକଳାପ ଏବଂ ଏହାର ଅଗ୍ରଗତି ଉପରେ ବିଶ୍ଳେଷଣ କରାଯାଇଛି । ବିଭିନ୍ନ ଗୁଣବତ୍ତା, ପରିଷ୍କାର ପରିଚ୍ଛନ୍ନତା, ସବୁଜ ସୁନ୍ଦର ଡାକ୍ତରଖାନାର ଆବଶ୍ୟକତା ସହିତ ଡାକ୍ତରଖାନାର ସୀମାବାହାରେ ଗୋଷ୍ଠୀ ସହଯୋଗିତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଦଶପଲ୍ଲା ବ୍ଲକରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ତାଗିଦ କରାଯାଇଛି। ଡାକ୍ତରଖାନାର ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା, ଚିକିତ୍ସାଜନିତ ସଂକ୍ରମଣକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେଲେ ଯାଇ ଗୁଣାବତ୍ତା ମୂଲ୍ୟାଙ୍କନରେ ସଫଳତା ପାଇ ପାରିବା ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ ବୁଝାଇଥିଲେ । ସେହିପରି ଅଂଶୁଘାତ ମୃତ୍ୟୁର କାରଣ ବିଷୟରେ ଆଲୋଚନା କରିବା ସମୟରେ ପୋଷ୍ଟ-ମୋର୍ଟମ ରିପୋର୍ଟରେ ଠିକ୍ ଓ ମୂଲ୍ୟବାନ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ମୃତ୍ୟୁର କାରଣ ଜାଣିବାକୁ କ୍ଲିନିକାଲ ଅନୁସନ୍ଧାନ, ମୃତ୍ୟୁ ହୋଇଥିବା ଅଞ୍ଚଳରେ ଉତ୍ତାପ ପରିସ୍ଥିତି ଏବଂ ଫଳାଫଳ ବିଷୟକୁ ଆଖି ଆଗରେ ରଖି ମୃତ୍ୟୁର କାରଣ ନିର୍ଣ୍ଣୟ କରିବାକୁ ଏହି ବୈଠକରେ ପରାମର୍ଶ ଦିଆଯାଇଥିଲା। ବୈଠକରେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ, ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ସାମ୍ବାଦିକ ଭବନରେ ଖୋଲିବ ପ୍ରେସ୍‌ରୁମ୍

ନୟାଗଡ଼,୭।୫(ଲୋକନାଥ ମିଶ୍ର)

**ପ୍ରକାଶ ପାଇଲା ଜିଲାପାଳଙ୍କ ଲିଖିତ ନିର୍ଦ୍ଦେଶନାମା**

ନୟାଗଡ଼ ଜିଲା ସଦର ମହକୁମାରେ ଥିବା ସାମ୍ବାଦିକ ଭବନରେ ଖୋଲିବ ପ୍ରେସ୍‌ରୁମ୍। ଏନେଇ ନୟାଗଡ଼ ଜିଲାପାଳଙ୍କ ଲିଖିତ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଖବରଦାତାମାନଙ୍କ ନିମନ୍ତେ ଏକ ପ୍ରକୋଷ୍ଠ ଖୋଲିବା ପାଇଁ ନୟାଗଡ଼ ଜିଲା ସାମ୍ବାଦିକ ସଂଘ ଦାବି ରଖି ଆସୁଥିଲା। ଏ ସଂକ୍ରାନ୍ତରେ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।ଗତ ୧୭ ତାରିଖରେ ଜିଲାପାଳଙ୍କ ଆହ୍ୱାନ କ୍ରମେ ଅତିରିକ୍ତ ଜିଲାପାଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଜିଲା ସାମ୍ବାଦିକ ସଂଘ ସଭାପତି ଏବଂ ସଦସ୍ୟମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଭବନକୁ ପ୍ରେସ୍‌ରୁମ୍ ଭାବେ ବ୍ୟବହାର କରିବାକୁ ଜିଲାପାଳ ପ୍ରସ୍ତାବ ଦେଇଥିଲେ। ପୁରୁଣା ଜେଲ ସାମ୍ନାରେ ଥିବା ଜେଲରଙ୍କ କ୍ୱାର୍ଟର୍ସକୁ ସାମ୍ବାଦିକ ପ୍ରକୋଷ୍ଠ ବୋଲି ଅଭିହିତ କରି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମ୍ପୂର୍ଣ୍ଣ ଅକ୍ତିଆରରେ ରହିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ନୟାଗଡ଼ ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଜଣେ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦେବା ସହିତ ଦୈନିକ ଅଫିସ ସମୟ ନିର୍ଘଣ୍ଟ ଅନୁସାରେ ଖୋଲିବା, ବନ୍ଦ କରିବା ଏବଂ ସଫା ସୁତୁରା ରଖିବା କାର୍ଯ୍ୟ କରିବ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶନାମାରେ ରହିଛି।



ନୟାଗଡ଼ ସାମ୍ବାଦିକ ଭବନ।

### କୋମଣ୍ଡ ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ଟ୍ରକ ଜବତ

ଓଡ଼ଗାଁ,୭।୫(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅନ୍ତର୍ଗତ କୋମଣ୍ଡ ମାଙ୍କଡ଼ା ପଥର ଖଣିରେ ମଙ୍ଗଳବାର ରାତିରେ ନୟାଗଡ଼ ଖଣି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ମାଙ୍କଡ଼ା ଖଣିରୁ ଖଣି ବିଭାଗ ଗୋଟିଏ ଟ୍ରକ(ନଂ.ଓଆର୦୯ଇ୧୭୬୬) ଜବତ କରିଛି । ଅନ୍ୟ ଜେସିବି ସହିତ ୪୦୭ ମିନି ଟ୍ରକକୁ ନେଇ ଚାଳକ ଘଟଣାସ୍ଥଳରୁ ଚାଲିଯାଇଥିଲେ । ଖଣି ଅଧିକାରୀ ଜବତ୍ ଟ୍ରକକୁ ଓଡ଼ଗାଁ ପୋଲିସ ଜିମା ଦେଇଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ନୟାଗଡ଼ ଜିଲା ଖଣି ଅଧିକାରୀ ୪ କନିଷ୍ଠ ଖଣି ଅଧିକାରୀଙ୍କ ସହଯୋଗରେ ମଙ୍ଗଳବାର ବିଳମ୍ବିତ ରାତିରେ କୋମଣ୍ଡ ମାଙ୍କଡ଼ା ପଥର ଖଣିରେ ଅତର୍କିତ ଚଢ଼ାଉ କରିଥିଲେ। ଆଗକୁ ନିୟମିତ ଚଢ଼ାଉ ଜାରି ରହିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବଳରାମ


@ ଶାଶ୍ୱତ


@ ସୁଜ୍ଞାନରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶୁଳିଆ ଠାକୁରାଣୀଙ୍କ ପୀଠରେ ମହିଳା ମଣ୍ଡଳର ଗୁପ୍ତ ରାସଲୀଳା

ଖଣ୍ଡପଡ଼ା,୭।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର ଅଧିକାଂଶ ସ୍ଥାନରେ ଏବେ ବି ବୟସ୍କା ମହିଳାମାନେ ଏକାଠି ହୋଇ ଭାଗବତ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳୁଛି । ବିଶେଷ କରି ସଂପୃକ୍ତ ମହିଳା ଦଳ ନିଶାର୍ଦ୍ଧରେ ଏକ ନିକାଞ୍ଚନ ପାହାଡ କିମ୍ବା ଗାଁଠାରୁ ଦୂରରେ ଏକାଠି ହୋଇ ଗୁପ୍ତ ରାସ ଲୀଳା କରୁଥିବା ଜଣାପଡିଛି । କଣ୍ଟିଲୋ ଅଞ୍ଚଳରେ ଏହି ପରମ୍ପରା ବହୁ ଦିନରୁ ଚାଲୁ ରହିଛି । କେତେକ ଏହାକୁ କୃଷ୍ଣଲୀଳା କହୁଥିବା ବେଳେ ଆଉ କେତେକ ଗୁପ୍ତରାସ ବୋଲି କହିଥାଁ । ମଙ୍ଗଳବାର ବେଣାଗାଡିଆ ପଂଚାୟତ ଗୋପୀନାଥପୁର ନିକଟ ଶୁଳିଆ ଠାକୁରାଣୀଙ୍କ ପୀଠରେ ଏକାଠି ହୋଇଥିଲେ ୪୨ ମୌଜାର ହଜାରରୁ ଊର୍ଦ୍ଧ୍ୱ ମହିଳା ମଣ୍ଡଳୀ ସଦସ୍ୟା ଓ ଟହଲିଆ । ଏମାନଙ୍କ ସହ ସାମିଲ ହୋଇଥିଲେ ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ଟହଲିଆ । କଣ୍ଟିଲୋ, ବାଣପୁର, ଟାଙ୍ଗୁପଡା, ବେଣାଗାଡିଆ, ରାକେଶିଆ, କୁଞ୍ଜବେଲ୍ଲୀ, ଘଣାଶାଳିଆ, ଗୋପୀନାଥପୁର, ଧାନଚେଙ୍ଗଡା, ବରକୋଳି, ମୁରାରୀପୁର, କାଦୁଆ, ଖଳିସାହି, କୋଟପୋଖରୀ, କିଆଝର, ମର୍ଦ୍ଧରାଜପୁର, ଅଁଳାପଟା, ସିଂଘାପଡା ଆଦି ବିଭିନ୍ନ ଗ୍ରାମର ମହିଳା ମଣ୍ଡଳୀର ସଦସ୍ୟାମାନେ । ପ୍ରଥମେ ପୂଜାରୀ ଶ୍ରୀକାନ୍ତ ଯାନୀ ଭାଗବତ ଠାକୁରଙ୍କୁ ବିଜେ କରାଇଥିଲେ । ମହିଳାମାନେ ସକାଳୁ ସକାଳୁ ମହାନଦୀରୁ କଳସରେ ଜଳ ଆଣି ଶୁଳିଆ ଠାକୁରାଣୀଙ୍କ ପୀଠରେ ସ୍ଥାପନ କରିଥିଲେ । ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଉପସ୍ଥିତ ସମସ୍ତ ମହିଳା ମଣ୍ଡଳ ଅଲଗା ଅଲଗା ଦଳ ହୋଇ ଭାଗବତ ପଠନ କରିଥିଲେ । ସନ୍ଧ୍ୟାରେ ସଂପୃକ୍ତ ମଣ୍ଡଳୀ ପକ୍ଷରୁ ନିଜ ନିଜ ଦଳରେ ପ୍ରଦୀପ ପ୍ରଜ୍ୱଳନ କରି ଭାଗବତ ଚର୍ଚ୍ଚା କରିଥିଲେ । ବିଶ୍ୱ କଲ୍ୟାଣ ନିମର୍ତେ ଠାକୁରାଣୀଙ୍କ ପାଖରେ ଆହୁତି ପ୍ରଦାନ ପରେ ନିଶାର୍ଦ୍ଧରେ ସମସ୍ତ ମହିଳା ଏକାଠି ହୋଇ ନିକଟସ୍ଥ ଶୁଳିଆ ପାହାଡ ପାଦଦେଶ ଏକ ନିଛାଟିଆ ସ୍ଥାନରେ ଗୁପ୍ତ ରାସ ଲୀଳା ପରିବେଷଣ କରିଥିବା ୪୨ ମୌଜା ମହିଳା ମଣ୍ଡଳୀ ଦାୟୀତ୍ୱରେ ଥିବା ଲୋଚନ ପାଣି ସୂଚନା ଦେଇଥିଲେ ।

ତାଙ୍କର କହିବାନୁଯାୟୀ ଏହି ଗୁପ୍ତ ଲୀଳାକୁ ପୁରୁଷମାନେ ଦେଖିବା ବାରଣ କରାଯାଇଛି । ଏ ଦୃଶ୍ୟକୁ ତଥା କାର୍ଯ୍ୟକ୍ରମକୁ ଦେଖିବା ପୁରୁଷମାନଙ୍କ ପାଇଁ କ୍ଷତି କାରକ ବୋଲି କୁହାଯାଏ । ସଂପୃକ୍ତା ମହିଳାମାନେ ଏହି ଲୀଳା ପରିବେଷଣ ସମୟରେ ମହିଳାମାନଙ୍କ ମଧ୍ୟରୁ ଜଣେ କୃଷ୍ଣ ଓ ଜଣେ ରାଧା ହୋଇ ଭାଗବତ ପଠନ ଓ ରାସ ଲୀଳା ଗୀତ ପଠନ କରି ଅଭିନୟ କରିଥିଲେ । ପରେ ପ୍ରତ୍ୟେକ ମହିଳା ମଣ୍ଡଳର ମହିଳାମାନେ ଦଳ ଦଳ ହୋଇ କୃଷ୍ଣଙ୍କ ସମ୍ପର୍କରେ ଚର୍ଚ୍ଚା କରିଥିଲେ । ମହିଳାମାନେ ଏକ ନିଛାଟିଆ ସ୍ଥାନକୁ ଯାଇ ନଦୀ କୂଳରେ କଦମ୍ବ ଡାଳ ପୋତିଥିଲେ । ସେଥିରେ ଶାଢୀ ବାନ୍ଧି ଜଳକ୍ରୀଡା କରିଥିଲେ । ଏହାକୁ ଗୋପୀମାନଙ୍କ ଜଳକ୍ରୀଡା ଓ କୃଷ୍ଣଙ୍କ ବସ୍ତ୍ର ହରଣ ପ୍ରସଙ୍ଗ ବୋଲି କୁହାଯାଏ । ଅପରପକ୍ଷେ କୃଷ୍ଣଙ୍କୁ ପାଇବା ପାଇଁ ଦ୍ୱାପର ଯୁଗରେ ଗୋପୀମାନେ ଯେପରି ଲୀଳାଖେଳା କରିଥିଲେ ଆମେ ସେହିପରି ନିଜକୁ ଗୋପୀ ମନେକରି ଭାଗବତ ପଠନ ମାଧ୍ୟମରେ ଲୀଳାକୁ ବଞ୍ଚାଇ ରଖିଥାଉ ବୋଲି ଉପସ୍ଥିତ ଥିବା ମହିଳାମାନେ କହିଥିଲେ । କାର୍ଯ୍ୟକ୍ରମ ସମ୍ପନ୍ନ ପରେ ଉପସ୍ଥିତ ମହିଳାମାନେ ବିଶ୍ୱ କଲ୍ୟାଣ ନିମନ୍ତେ ନାମଯଜ୍ଞ କରି ହୁଳହୁଳି ହରିବୋଲ ଧ୍ୱନୀ ଦେଇଥିଲେ । ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ରାତି ତମାମ ଅନୁଷ୍ଠିତ ହୋଇ ଥିଲା । ଶେଷରେ ଏହି ପୀଠରେ ପ୍ରସ୍ତୁତ ହୋଇଥିବା ଅନ୍ନ ଭୋଗ ପ୍ରତ୍ୟେକ ମହିଳାଙ୍କୁ ଦିଆ ଯାଇଥିଲା ।


ଗୁପ୍ତ ରାସଲୀଳାରେ ସାମିଲ ହୋଇଥିବା ମହିଳାମାନେ।

### ଉଦଣ୍ଡ ଠାକୁରଙ୍କ କଣ୍ଟାଗଡ଼ା ନୀତି ସମ୍ପନ୍ନ



ରଣପୁର,୭।୫(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ବଜ୍ରକୋଟ ବାଲୁଙ୍କେଶ୍ୱର ମହାଦେବଙ୍କର ଗତ ମାସ ୩୦ ତାରିଖରେ ଉଦଣ୍ଡ ପାଣି ତୋଳା ହୋଇଥିଲା । ଚଳିତ ବର୍ଷ ୯ ଦିନ ପାଇଁ ପାଣି ତୋଳା ହୋଇଥିଲା। ତେବେ ବୁଧବାର ବାଲୁଙ୍କେଶ୍ୱର ଦେବଙ୍କ କାମନା ମନ୍ଦିରଠାରେ ମେରୁ କାର୍ଯ୍ୟ ସମ୍ପନ୍ନ ହୋଇ ଯାଇଛି । ମେରୁ ଦିବସରେ ଭଗତା ଓ ଭକ୍ତମାନେ ବିଛା ଯାଇଥିବା କଣ୍ଟା ଉପରେ ଶୋଇ ଗଡି ଗଡି ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଇ ନିଜର ଭକ୍ତିର ପରୀକ୍ଷା ଦେଇଥିଲେ । ଏହି କଣ୍ଟାଗଡା ନୀତି ଦେଖିବା ପାଇଁ ଶତାଧିକ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଗୁରୁବାର ସକାଳେ ଝାମୁଚଲା ନୀତି ସମ୍ପନ୍ନ ହେବ ବୋଲି ଗ୍ରାମବାସୀ କହିଛନ୍ତି ।

# ବନ ବିଭାଗ ପାଇଁ ଅଲୋଡ଼ା ଫରେଷ୍ଟ ବିଟ୍ ହାଉସ୍


ଅବହେଳିତ ଅବସ୍ଥାରେ ଥିବା ଫରେଷ୍ଟ ବିଟ୍ ହାଉସ୍।

ଶରଣକୁଳ,୭।୫(ଦୀପକ କର)

ନୟାଗଡ଼ ଜିଲା ପଞ୍ଚିରି ବନାଞ୍ଚଳରେ ଥିବା ବିଟ୍ ହାଉସ ଅବହେଳିତ ଭାବେ ପଡି ରହିଛି। ଜଙ୍ଗଲକୁ ସୁରକ୍ଷା ଦେବାକୁ ବନ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଜଙ୍ଗଲ ଭିତରକୁ ପଶିବାକୁ ସମସ୍ତ ଜନସାଧାରଣଙ୍କୁ ବାରଣ କରାଯାଇଛି। କିନ୍ତୁ ଜଙ୍ଗଲ ସୁରକ୍ଷା କଥା ଭୁଲିଯାଇଛି ବନ ବିଭାଗ। ଫରେଷ୍ଟଗାର୍ଡ଼ଙ୍କ ପାଇଁ ବିଟ ହାଉସ ନିର୍ମାଣ ହୋଇଛି। ସେମାନେ ଜଙ୍ଗଲକୁ ସୁରକ୍ଷିତ ରଖିବା ସହିତ ଶିକାରୀ, କାଠମାଫିଆ, ଜଙ୍ଗଲଜାତ ଦ୍ରବ୍ୟ ଉପରେ ନଜର ରଖିବେ କିନ୍ତୁ ଏସବୁକୁ ପଛରେ ପକାଇ ଫରେଷ୍ଟ ଗାର୍ଡ ନିଜ ଇଚ୍ଛା ମୁତାବକ ସ୍ଥାନରେ ରହୁଛନ୍ତି । ଅଧିକାଂଶ ବିଟ୍ ହାଉସ୍ ଛାଡ଼ି ସହରରେ ରହୁଛନ୍ତି। ଏହା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଥିଲେ ମଧ୍ୟ ସବୁଜାଣି ବନ ବିଭାଗ ହାତବାନ୍ଧି ବସିଛି ବୋଲି ଅଭିଯୋଗ ହୋଇଛି ।

ପଞ୍ଚିରି ବନାଞ୍ଚଳ ଅଧୀନ ବାଣ୍ଡପୁର, ଦର୍ପନାରାୟଣପୁର, ବୀରୁଡୁଲୁବି ଆଦି ବିଟ୍ ହାଉସ୍ ରହିଛି। ଏହି ଫରେଷ୍ଟ ବିଟ୍ ବହୁ ମାସ ଧରି ଖାଲି ପଡ଼ିଥିବା ଅଭିଯୋଗ ହୋଇଛି। କର୍ମଚାରୀ ରହୁ ନ ଥିବାରୁ ଗୋଛା ବିଟ୍ ହାଉସ୍ ଜଙ୍ଗଲ ପାଲଟିଥିବା ବେଳେ ତାହା ଭୁଶୁଡ଼ିବା ଅବସ୍ଥାରେ ରହିଛି। ସେହିପରି ଅନ୍ୟ ଫରେଷ୍ଟ ବିଟରେ ଫରେଷ୍ଟ ଗାର୍ଡ ଥିଲେ ମଧ୍ୟ ଘଟଣାସ୍ଥଳକୁ ଆଦୌ ଆସୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଫରେଷ୍ଟର କିମ୍ବା ରେଞ୍ଜର ବନଖଣ୍ଡ ଅଧିକାରୀଙ୍କୁ ଜଣାଇବାକୁ କହି ଖସି ଯାଉଛନ୍ତି। ଏପଟେ ପ୍ରତିଦିନ କାଠମାଫିଆ, ଶିକାରୀ ଜଙ୍ଗଲରେ ପଶି କାଠ କାଟି ନେବା ଓ ବନ୍ୟଜନ୍ତୁ ଶିକାର କରି ଚାଲିଛନ୍ତି । ପ୍ରତିଦିନ ଏଭଳି ଘଟଣା ଘଟୁଥିଲେ ମଧ୍ୟ କର୍ମଚାରୀମାନଙ୍କୁ ଆୟତ କରିବାରେ ବନ ବିଭାଗ ଅସମର୍ଥ ହୋଇଛି । ଏ ସଂକ୍ରାନ୍ତରେ ପଞ୍ଚିରି ବନାଞ୍ଚଳ ଅଧିକାରୀଙ୍କୁ ପଚାରିବାରୁ ଆମେ ବାରମ୍ବାର ତାଗିଦ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା କହିଛନ୍ତି।

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

सत्यमेव जयते

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୩୧୫ ତାରିଖ:- ୨୯।୦୪।୨୦୨୫

ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୮୮୨୬୫୬ | ୟୁ୫୧୧୦୯ଓଆର୍୨୦୦୦ପିଟିସି୦୦୬୧୩୭ | ଗଣେଶ କମ୍ପ୍ୟୁଟେକ୍ ମାର୍କେଟିଂ ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୩୦୬୩୫୪୩ | ୟୁ୭୩୧୦୦ଓଡି୨୦୨୪ପିଟିସି୦୪୫୬୯୫ | ୱିଲୋରାପ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୩୪୮୪୦୯୪ | ୟୁ୦୫୧୫୦ଓଆର୍୨୦୧୯ପିଟିସି୩୧୩୨୨ | ଶ୍ରୀ ଲିଙ୍ଗରାଜ ମାର୍କେଟିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କନ ତିର୍କୀ, କମ୍ପାନୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0160/2526

# ଅଭିଯୋଗର ୨ ମାସ ପରେ ତଦନ୍ତ ନିର୍ଦ୍ଦେଶ

## ଧାନ କିଣାରେ କଟ୍‌ନିଛଟ୍‌ନି ଦୁର୍ନୀତି



**ଯାଜପୁର,୭।୫(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲାର ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ଗୁଡିକରେ ଚାଷୀମାନଙ୍କ ପକ୍ଷରୁ ଦୁର୍ନୀତି ଅଭିଯୋଗ ହେଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଉଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଅଧିକାଂଶ ଅଭିଯୋଗ ଅର୍ଥ କିମ୍ବା ରାଜନୈତିକ ପ୍ରଭାବରେ ଦବି ଯାଉଥିବା ଅଭିଯୋଗ ହେଉଛି। ଏପରି କି ଅଭିଯୋଗ ହେବା ପରେ ପ୍ରାୟ ୨ରୁ ୩ ମାସ ପର୍ଯ୍ୟନ୍ତ କାଗଜପତ୍ର ସୁଧାରିବାକୁ ସୁଯୋଗ ଦିଆଯାଉଛି। ଫଳରେ ଦୁର୍ନୀତିର ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ନ ପାରି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ପୁକ୍ତି ଯାଉଛନ୍ତି। ଏହାଦ୍ୱାରା ଚାଷୀଙ୍କ ଜମି ପଟ୍ଟାରେ ମିଛ୍ୟା ଟିଠା ପ୍ରସ୍ତୁତ କରି ମଣ୍ଡିରେ ଧାନ ବିକ୍ରି କରି ସେହି ଟଙ୍କା ଓ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଉଛି। ଏହିକ୍ରମରେ ଜିଲାର ବିଞ୍ଝାରପୁର ବ୍ଲକ ଚିକଣା ପାକ୍ସରେ ଧାନ କିଣାରେ କଟ୍‌ନିଛଟ୍‌ନି ସହ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗକୁ ଉଦାହରଣ ଭାବେ ନିଆଯାଇପାରେ। ଏନେଇ ଚାଷୀ ପର୍ଶୁରାମ ଦାସ ଓ ଅନ୍ୟମାନେ ୨।୩।୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। କିନ୍ତୁ ଉକ୍ତ ଅଭିଯୋଗର ୨ ମାସ ପରେ ଅର୍ଥାତ୍ ୨।୫।୨୦୨୫ ବୁଧବାର ସମବାୟ ସମିତିର ନିବନ୍ଧକଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ସଚିବ ଉପଯୁକ୍ତ ଭାବେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଡେପୁଟି ରେଜିଷ୍ଟ୍ରାର ଅଫ୍ କୋପରେଟିଭ ସୋସାଇଟି (ଡିଆରସିଏସ୍)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଚିକଣା ପାକ୍ସରେ ଏଫ୍‌ଏକ୍ୟୁ ମାନ ପରୀକ୍ଷାର କୌଣସି ବ୍ୟବସ୍ଥା ନାହିଁ। କିନ୍ତୁ ମିଲର, ପାକ୍ସ ଓ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀମାନେ ମିଳିତ ଭାବେ ଚାଷୀମାନଙ୍କ ଧାନ କୁଇଣ୍ଟାଲ ପ୍ରତି ୫ କେଜିରୁ ଊର୍ଦ୍ଧ୍ୱ ଧାନ କାଟି ନେଉଛନ୍ତି। ଉକ୍ତ କଟ୍‌ନିଛଟ୍‌ନି ସମ୍ପର୍କରେ ଚାଷୀମାନେ ଲିଖିତ ଭାବେ ବହୁବାର ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ଜିଲାପାଳଙ୍କୁ ସାକ୍ଷାତ କରି ଚାଷୀମାନେ କଟ୍‌ନିଛଟ୍‌ନି ସମ୍ପର୍କରେ ଅବଗତ କରିଥିଲେ। କିନ୍ତୁ କୌଣସି ସମାଧାନ କରାଗଲା ନାହିଁ। ଯାଜପୁର ଡିଆରସିଏସ୍, ଜିଲାଯୋଗାଣ ଅଧିକାରୀ ଓ ବିଞ୍ଝାରପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କିଛି ସୁଫଳ ମିଳି ପାରିନାହିଁ। ଏଭଳି ଭାବେ ମିଲର ଓ ପାକ୍ସ କର୍ମଚାରୀଙ୍କ ମନମାନି ଏବଂ ସ୍ଥାନୀୟ ପ୍ରଶାସନଠାରୁ କୌଣସି ଭରସା ନ ପାଇ କୁଇଣ୍ଟାଲ ପ୍ରତି ୫ କେଜି ଧାନ କାଟି ବିକ୍ରି କରିବାକୁ ଚାଷୀମାନେ ବାଧ ହୋଇଛନ୍ତି। ଏହା କ୍ଷତିଗ୍ରସ୍ତ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହାସହ ନିୟମ ଅନୁଯାୟୀ ଧାନ ଭର୍ତ୍ତି କରିବାକୁ ବସ୍ତା ଯୋଗାଇବାର ବ୍ୟବସ୍ଥା ରହିଛି। କିନ୍ତୁ ଚାଷୀମାନଙ୍କୁ କେବେବି ବସ୍ତା ଯୋଗାଇ ନ ଦେଇ ସେହି ବାବଦରେ ଲକ୍ଷାଧିକ ଟଙ୍କା ମିଳିମିଶି ଆତ୍ମସାତ କରାଯାଉଛି। ଟ୍ରକରେ ଧାନ ବୋଝେଇ ପାଇଁ ଶ୍ରମିକମାନଙ୍କୁ ସରକାର ପାରିଶ୍ରମିକ ଦେଉଥାନ୍ତି। କିନ୍ତୁ ଚିକଣା ପାକ୍ସରେ ଚାଷୀମାନଙ୍କ ଠାରୁ ଧାନ ବୋଝେଇ ପାଇଁ କୁଇଣ୍ଟାଲ ପିଛା ୫ ଟଙ୍କା ଲେଖାଏଁ ଅତିରିକ୍ତ ଭାବେ ଆଦାୟ କରାଯାଉଛି। ଏହାଦ୍ୱାରା ଚାଷୀମାନଙ୍କ ମଧ୍ୟରେ ନୂତନ ସରକାରଙ୍କ ଉପରେ ସମ୍ମାନ ହ୍ରାସ ପାଇବାରେ ଲାଗିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେଣୁ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ଉକ୍ତ ଅନୁରୋଧ ପତ୍ରର ୨ ମାସ ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାରୁ ତାହା କେତେଦୂର ସଫଳ ହେବ ସେ ନେଇ ସନ୍ଦେହ ପ୍ରକାଶ ପାଉଛି। ଜିଲାରେ ପୂର୍ବରୁ ବଡ଼ଚଣା ପାକ୍ସରେ ଟୋକନ ଜାଲିଆତି କରି ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ନେଇ ୧୫ ଜଣ ଚାଷୀ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଉପରେ ଏକାଧିକ ଥର ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ତଦନ୍ତ କ୍ରମଶଃ ଚପି ଯାଇଥିଲା। ଏ ସଂକ୍ରାନ୍ତରେ ଯାଜପୁର ଡିଆରସିଏସ୍ ଅମୂଲ୍ୟ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଉପରେ କାଗଜପତ୍ର ଯାଞ୍ଚ କରି ଉପଯୁକ୍ତ ଭାବେ ପଦକ୍ଷେପ ଗ୍ରହଣ କରାଯିବ।

# ଦାନଗଦି ବ୍ଲକ୍‌ରେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ



ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଜନପ୍ରତିନିଧି।

**କଳିଙ୍ଗନଗର,୭।୫(ଶୁଭାଶିଷ ରାଉତ):**

ଦାନଗଦି ବ୍ଲକରେ ବୁଧବାର ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ୍ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ରବୀନ୍ଦ୍ର ମୋହନ ଜେନା, ଦେବୀଦତ୍ତ ରାଉତ, ଜିପିଓ ହଳଧର ମହାନ୍ତି ଯୋଗଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରଥମ କରି ଏହି ବ୍ଲକକୁ ୨ କୋଟି ୮୬ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି ବୋଲି କହିଥିଲେ। ଏହି ଯୋଜନାରେ ୫ ବର୍ଷ ମଧ୍ୟରେ ୫ କଲ୍ୟାଣୀ ମଣ୍ଡପ, ରାସ୍ତା ଓ ପାଠାଗାର ନିର୍ମାଣ କରିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ପିଇବାପାଣି ସମସ୍ୟାର ସମାଧାନ ପାଇଁ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଦାବି କରିଥିଲେ।

# ନାବାଳିକାଙ୍କୁ ବିବାହକଲେ ସରକାରୀ କର୍ମଚାରୀ

## ଜନ୍ମ ପଞ୍ଜୀକରଣ, ଆଧାରରେ ୧୮ ବର୍ଷ ଛୁଇଁନି

**ଯାଜପୁର,୭।୫(ହର୍ଷବର୍ଦ୍ଧନ ବେହେରା) :**

ବାଲ୍ୟ ବିବାହ ରୋକିବା ନିମନ୍ତେ ଦେଶରେ ସ୍ୱତନ୍ତ୍ର ଆଇନ ରହିଛି । ଏହି ଆଇନକୁ ଯେଉଁମାନେ ସହଯୋଗ କରିବେ ସେମାନଙ୍କୁ ସରକାର ପୁରସ୍କୃତ କରିବେ ବୋଲି ଜିଲାପାଳ ଘୋଷଣା କରିଛନ୍ତି। ହେଲେ ଜଣେ ସରକାରୀ ଅଧିକାରୀ ଦିବାଲୋକରେ ନାବାଳିକାଙ୍କୁ ବିବାହ କରିବା ଘଟଣା ଜିଲାରେ ବିସ୍ମୟ ସୃଷ୍ଟି କରିଛି। ଏହାକୁ ରୋକିବାକୁ ଯାଜପୁରଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ହାତବାନ୍ଧି ବସିଛନ୍ତି। ଜନ୍ମ ପଞ୍ଜୀକରଣ ତାରିଖକୁ ବାଦ ଦେଇ ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରିବା ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, ଯାଜପୁର ଜିଲା ସୁକିନ୍ଦା ବ୍ଲକ ନଗଡାରେ ବାଲ୍ୟ ବିବାହ ବୃଦ୍ଧି ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଉଛି। ଏଭଳି ସ୍ଥଳେ ଯାଜପୁର ଜିଲା ସୁକିନ୍ଦା ତହସିଲରେ କାର୍ଯ୍ୟରତ ଜଣେ କର୍ମଚାରୀ ସୁକିନ୍ଦା ବ୍ଲକ ଦାମୋଦରପୁର ଗ୍ରାମର ନାବାଳିକାଙ୍କୁ ବିବାହ କରିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ନାବାଳିକାଙ୍କ ଜନ୍ମ ଡାକ୍ତରଖାନାରେ ହୋଇଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ରରେ ଜନ୍ମ ପଞ୍ଜୀକରଣ ତାରିଖ ୨୪।୩।୨୦୦୮ ଦର୍ଶାଯାଇଛି। ସେହିପରି ଆଧାର କାର୍ଡରେ ଜନ୍ମ ତାରିଖ ୨।୬।୨୦୦୮ ରହିଛି। ଏହି ୨ଟି ତଥ୍ୟକୁ ଅବଲୋକନ କଲେ ନାବାଳିକାଙ୍କ ବୟସ ୧୮ ବର୍ଷ ପୁରି ନାହିଁ। କିନ୍ତୁ ଜଣେ ସରକାରୀ କର୍ମଚାରୀ ସବୁ ଜାଣି ଏହି ନାବାଳିକା ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଏକ ଗ୍ରାମରେ ବୁଧବାର ନାବାଳିକାଙ୍କ ମାମୁ ଘରେ ବିବାହ କରିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ସିଭିଲ ସୋସାଇଟି ପକ୍ଷରୁ ବିଶ୍ୱନାଥ ପାତ୍ର ଯାଜପୁର ଜିଲାପାଳଙ୍କ ସମେତ ରାଜ୍ୟ ଶିଶୁ ସହାୟତା କେନ୍ଦ୍ର, ଢେଙ୍କାନାଳ ଓ ଯାଜପୁର ଶିଶୁ ସୁରକ୍ଷା ଅଧିକାରୀ ଏବଂ ଭୁବନ ସିଡିପିଓଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଭୁବନ ସିଡିପିଓ ଭଗବତୀ ଗୁରୁ ଏନେଇ ସୂଚନା ପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ତେବେ ସେଠାରେ ନାବାଳିକାଙ୍କୁ ଲୁଚାଇ ରଖି ପୋଲିସ ଉପସ୍ଥିତିରେ ସିଡିପିଓଙ୍କ ସହ ଅନେକ ଯୁକ୍ତି କରିଥିଲେ। ଭୁବନ ସିଡିପିଓ ସ୍ଥାନୀୟ ଦାମୋଦରପୁର ଅଙ୍ଗନବାଡି କର୍ମୀଙ୍କଠାରୁ ଜନ୍ମ ପଞ୍ଜୀକରଣ ପ୍ରମାଣପତ୍ର ଏବଂ ଆଧାର କାର୍ଡକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଥିଲେ। ପରବର୍ତ୍ତୀ ସମୟରେ ମାଟ୍ରିକ ପ୍ରମାଣପତ୍ରରେ ୧୮ ବର୍ଷ ପୁରି ଯାଇଛି କହି ଗୁପ୍ତ ବୁଝାମଣା କରି ମାମଲାକୁ ଚାପି ଦେଇଥିଲେ। ଶେଷରେ ନାବାଳିକାଙ୍କ ପରିବାରବର୍ଗଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରି ବିବାହ ହୋଇଥିବା ସୂଚନା ମିଳିଛି।

# ୯ରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

**ଯାଜପୁର ଟାଉନ,୭।୫ (ପ୍ରଯତ୍ନା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୯ତାରିଖ ଅପରାହ୍ଣ ୪ଟାରେ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଜିଲା ସଭାପତି ମନୋଜ ରାଉତ ଅଧ୍ୟକ୍ଷତା କରିବେ। ଏନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କାର୍ଯ୍ୟକ୍ରମ ଅନୁଯାୟୀ ଏକ ବିଶାଳ ଶୋଭାଯାତ୍ରା ସହରସ୍ଥ ଯଯାତୀ କେଶରୀ ମେଡିକାଲ କଲେଜ ନିକଟରୁ ବାହାରି କିଆନାଳୀ ଛକ, ମେଡିକାଲ ଛକ,ଗାନ୍ଧୀ ଛକ ଅତିକ୍ରମ କରି ସଂସ୍କୃତି ଭବନ ସମ୍ମୁଖରେ ପହଞ୍ଚିବ। ପରେ ସେଠାରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଜିଲା ସଭାପତି ରାଉତ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ନେତାଙ୍କ ସହିତ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ସୁଦର୍ଶନ ଦାସ ଏବଂ ଆଲୋକ ମିଶ୍ର ଯୋଗଦେବାକୁ ସ୍ଥିର ହୋଇଛି। ତେଣୁ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଦଳିତ କଂଗ୍ରେସ, ସେବା ଦଳ ଓ କଂଗ୍ରେସ ଦଳର ସମସ୍ତ କର୍ମୀ ସାମିଲ ସାମିଲ ହେବାକୁ ସଭାପତି ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।



କାଳବୈଶାଖୀ ପ୍ରଭାବରେ ରାସ୍ତା ଉପରେ ଭାଙ୍ଗିପଡ଼ିଥିବା ଗଛକୁ ଅଗ୍ନିଶମ ବାହିନୀ କାଟି ସଫା କରୁଛନ୍ତି ।

# ତାଣ୍ଡବ ରଚିଲା କାଳବୈଶାଖୀ

## ବରଗାଡ଼ି ଉପରେ ଉପୁଡ଼ି ପଡ଼ିଲା ଗଛ

**ଯାଜପୁର ସଦର,୭।୫ (ସମର ବିଜୟ ଶରଣ):**

ଯାଜପୁର ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ଣରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ପ୍ରାୟଏକ ଘଣ୍ଟା ଧରି ପ୍ରବଳ ବର୍ଷା ହେବା ସହ ପବନ ବହିଛି। ସେହିପରି ପ୍ରବଳ ଘଡ଼ଘଡ଼ି ମାରିବା ଯୋଗୁ ବହୁ କ୍ଷୟକ୍ଷତି ହୋଇଛି। ପବନ ଯୋଗୁ ୨୦ ନମ୍ବର ଜାତୀୟ ରାଜପଥର କୁଆଖିଆ-ବରୁଆଁ ରାସ୍ତାର ହରିପୁର ନିକଟରେ ବରଗାଡ଼ି ଉପରେ ଏକ ଗଛ ଉପୁଡି ପଡ଼ିଥିଲା। ଫଳରେ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ରାସ୍ତା ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ଖବର ପାଇ ବରୁଆଁ ଅଗ୍ନିଶମ ଓ ଜରୁରୀ ସେବା ବାହିନୀ ପହଞ୍ଚି ରାସ୍ତାରେ ପଡ଼ିଥିବା ଗଛକୁ କାଟି ସଫା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଗଛ ତଳେ ଚାପି ହୋଇ ରହିଥିବା ବର ଗାଡ଼ିର ବହୁ କ୍ଷତି ହୋଇଛି। ଗାଡ଼ିରେ ଥିବା ବର ଓ ଡ୍ରାଇଭରଙ୍କ କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

# ଅରଜିତଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ଘଟଣାରେ ୨ ଜେଲ ଗଲେ

**ଧର୍ମଶାଳା,୭।୫(ବଟକୃଷ୍ଣ ପରିଡ଼ା):**

ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁର ପଦ୍ମାବତୀ କ୍ରଶରର ମୃତ କର୍ମଚାରୀ ଅରଜିତ୍ ଜେନାଙ୍କ ସମ୍ପର୍କୀୟ ଭାଇଙ୍କୁ ଅକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସ୍ଥାନୀୟ ତୁରଙ୍ଗ ଗ୍ରାମର ଚିତ୍ତରଞ୍ଜନ ଜେନା ଓ ପ୍ରଭାତ ରାଉତ।

ଅରଜିତଙ୍କ ସମ୍ପର୍କୀୟ ଭାଇ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମର ସୁଜିତ୍ ଜେନାଙ୍କୁ ଗତ ସୋମବାର ସନ୍ଧ୍ୟାରେ ରାହାଡ଼ପୁରଠାରେ ମାରଣାନ୍ତକ ଆକ୍ରମଣ ହୋଇଥିଲା। ଫଳରେ ସୁଜିତ ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୧୬୪/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ଚୋରାମଦ ଜବତ, ୮ ଗିରଫ

**ପଟ୍ଟାମୁଣ୍ଡାଇ, ୭।୫(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ଅବକାରୀ ଓ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପକ୍ଷରୁ ବୁଧବାର ପଟ୍ଟାମୁଣ୍ଡାଇ ଆଦର୍ଶ ଓ ଗ୍ରାମାଞ୍ଚଳ ଥାନା, ରାଜକନିକା, ଆଳି ଥାନା ଓ ମହାକାଳପଡ଼ା ଆଉ ଜମ୍ବୁ ମେରାଇନ୍ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୪୯୫ ଲିଟର ଦେଶୀ ଓ ବିଦେଶୀ ମଦ ସହ ୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପଟ୍ଟାମୁଣ୍ଡାଇ ଡିଗିରିଆ ଗ୍ରାମର ଅନନ୍ତ ମଲିକଙ୍କଠାରୁ ୩୫ ଲିଟର ଦେଶୀ ମଦ ସହ ବାଇକ୍, ସାନବଡ଼ ବସନ୍ତ ଗ୍ରାମର ରମାକାନ୍ତ ସେଠୀଙ୍କଠାରୁ ୨୫ ଲିଟର ବିଦେଶୀ ମଦ, ପାଟୁଳି ଗ୍ରାମର ନିରଞ୍ଜନ ସାହୁଙ୍କଠାରୁ ୪୦ ଲିଟର ଦେଶୀ ମଦ, ପଦ୍ମିନିପାଳ ଗ୍ରାମର ପ୍ରଭାକର ମଲିକଙ୍କଠାରୁ ୩୦ ଲିଟର ବିଦେଶୀ ମଦ, ଅହମ୍ମଦପୁର ଗ୍ରାମର ବାବାଜୀ ମଲିକଙ୍କଠାରୁ ୨୦ ଲିଟର ଦେଶୀ ମଦ, ବାହାର ଶୁବାଳା ଗ୍ରାମର ରମେଶ ଚନ୍ଦ୍ର ରାଉତଙ୍କଠାରୁ ୪୫ ଲିଟର ବିଦେଶୀ ମଦ, ବାରିଆ ବାଲିବତ ଗ୍ରାମର ସୁର ସାମଲଙ୍କଠାରୁ ୮୫୦ ଲିଟର ରନ୍ଧାମଦ ଏବଂ ବାଲିବତା ଗ୍ରାମର ଅଜୟ ସାମଲଙ୍କଠାରୁ ୪୫୦ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି।

# ଇଙ୍ଗା ଶ୍ରମିକଙ୍କ ଧାରଣା ପ୍ରତ୍ୟାହୃତ

**କାଳିଆପାଣି,୭।୫(ଅସିତ ମହାନ୍ତ):** ଇଙ୍ଗା ଖଣି ଲୋଡିଂ ଶ୍ରମିକଙ୍କ ଧାରଣା ୨୦ଦିନ ପରେ ବୁଧବାର ପ୍ରତ୍ୟାହୃତ ହୋଇଛି। ଏହାପରେ ଖଣିରେ ଉତ୍ପାଦନ ଓ ପରିବହନ କାର୍ଯ୍ୟ ସ୍ୱାଭାବିକ ହୋଇଛି। ମଙ୍ଗଳବାର ରାତିରେ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକ ସୁପ୍ରଶ୍ନ ମଲ୍ଲିକ, କାଳିଆପାଣି ଥାନା ଅଧିକାରୀ ଶିବଚରଣ ବେହେରା, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା, ଶ୍ରମିକଙ୍କ ପ୍ରତିନିଧି, କମ୍ପାନୀ ପକ୍ଷରୁ ଭିପି ସନ୍ଦୀପ ବାପୁ ନାରାଡେ, ଏଜିଏମ୍ ପୋଦରବିନ୍ଦ ସାବତ ଓ ଠିକାଦାର ପ୍ରତିନିଧି ପ୍ରାଣକୃଷ୍ଣ ମହାନ୍ତ ଉପସ୍ଥିତଥିଲେ। ବୈଠକରେ ଶ୍ରମିକ ସଂଘ ଦାବି ମୁତାବକ ପ୍ରତି ଦିନ ପ୍ରତି ଶିଫ୍ଟରେ ୫୦ ଶ୍ରମିକ ଲୋଡିଂ କାର୍ଯ୍ୟ କରିବେ। ତେବେ ଶ୍ରମିକ ସଂଘ ପକ୍ଷରୁ ୨୦ ଦିନ କାର୍ଯ୍ୟ ପାଇଁ ଦାବି ହୋଇଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ୧୫ ଦିନ କାର୍ଯ୍ୟ ଦେବାକୁ ସହମତି ପ୍ରକାଶ କରିଛି। ସଂପୃକ୍ତ ଦାବିକୁ ଶ୍ରମିକମାନେ ମାନି ନେବା ସହ ଠିକାଦାର ଜିସି ମହାନ୍ତ ଲିଖିତ ଚୁକ୍ତି କରିଛନ୍ତି। ସଂଘ ସଦସ୍ୟ ବାଟୁଳି ନାୟକ, ସବିତା ମହାନ୍ତ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ଜଳଦାନ



ଜଳଦାନ ଶିବିରରେ ସାମିଲ ହୋଇଥିବା ଅନ୍ୱେଷଣ ଥିଏଟର ଗ୍ରୁପ୍‌ର କର୍ମକର୍ତ୍ତା ।


**ଯାଜପୁର ଟାଉନ,୭।୫ (ପ୍ରଯତ୍ନା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଗାନ୍ଧୀ ଛକଠାରେ ପଥଚାରୀଙ୍କୁ ଜଳଦାନ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ପଥଚାରୀଙ୍କୁ ଦହି ସର୍ବତ୍ର ପ୍ରଦାନ କରିଥିଲେ।

# ହାଟ ପଡ଼ିଆରୁ କାଟିନେଲେ ଗଛ

**ଧର୍ମଶାଳା,୭।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ତହସିଲ ଅଧୀନ ହାଟ ପଡ଼ିଆର ଗୋଚର ଜମିରେ ଥିବା ବିଶାଳ ଚାକୁଣ୍ଡା ଗଛଗୁଡ଼ିକୁ ବୁଧବାର ମାଫିଆମାନେ ମେଶିନ ଲଗାଇ କାଟି ନେଇଛନ୍ତି। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଥିବା ମୁନସୀ ମେଳଣ କମିଟି ଓ ହାଟ କମିଟି ଅଗୋଚରରେ କିଭଳି ଗଛ କଟାଯାଉଛି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ଏହି ପଡ଼ିଆରେ ପ୍ରସିଦ୍ଧ ମୁନିସୀ ମେଳଣ ଅନୁଷ୍ଠିତ ହେଉଛି। ବିଭିନ୍ନ ଅଞ୍ଚଳରୁ ବହୁ ବିମାନ ମେଳଣକୁ ଆସିଥାନ୍ତି। ଦୋଳ ପୂର୍ଣ୍ଣିମାରେ ବିମାନଗୁଡ଼ିକ ହୋଲି ଖେଳି ଚାରାରେ ବସିଥାନ୍ତି। ମେଳଣ ଅବସରରେ ଏଠାରେ ଦୋକାନ ବଜାର ଖୋଲିଥାଏ। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବହୁ ଲୋକଙ୍କ ସମାଗମ ହୋଇଥାଏ। ପଡ଼ିଆରେ ଗଛ ରହିଥିବାରୁ ଏଠାରେ ଛାଇ ହୋଇଥାଏ। ଫଳରେ ହାଜାରହଜାର ଲୋକ ବୁଲି ମେଳଣ ଦେଖିଥାନ୍ତି। ସେହିପରି ପ୍ରତି ଶୁକ୍ରବାର ଏଠାରେ ହାଟ ବସିଥାଏ। ହାଟ ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲେ। ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ ଆସି ଏହି ପଡିଆରେ



ହାଟପଡ଼ିଆରୁ କଟାହୋଇଥିବା ଚାକୁଣ୍ଡା ଗଛ ।

ବେପାର କରିଥାଆନ୍ତି। ସ୍ଥାନୀୟ ଲୋକେ ମଧ୍ୟ ଏହି ହାଟ ଉପରେ ନିର୍ଭର କରିଥାନ୍ତି। କିଛିବର୍ଷ ହେବ ଏଠାରେ ମହାପ୍ରଭୁଙ୍କ ମାଉସୀ ମା'ମନ୍ଦିର ନିର୍ମାଣ କରାଯାଇଛି। ପ୍ରତିବର୍ଷ ଶ୍ରୀଗୁଣ୍ଡିଚାରେ ଭାଲୁଖାଇ ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇ ଭକ୍ତଙ୍କ ଗହଣରେ ଜାରକା ବଜାର ଦେଇ ହାଟ ପଡିଆରେ ଥିବା ମାଉସୀ ମା' ମନ୍ଦିରକୁ ଆସିଥାନ୍ତି। ଏଠାରେ ୯ଦିନ ଧରି ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ବିଭିନ୍ନ ସାଂସ୍କୃତିକୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଦୈନନ୍ଦିନ ମଧ୍ୟାହ୍ନ ଓ ରାତି ସମୟରେ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥାନ୍ତି। ଏଭଳି ପ୍ରସିଦ୍ଧ ସ୍ଥାନରେ ଥିବା ବହୁ ବର୍ଷର ଗଛକୁ କିଏ କଟିବାକୁ ନିର୍ଦ୍ଦେଶ ଦେଲେ ତାହା ଜଣାପଡୁନାହିଁ। ତେଣୁ ଏଠାରେ ଥିବା ଶହଶହ ବର୍ଷର ବିଶାଳ ଗଛଗୁଡ଼ିକ କିଭଳି ସୁରକ୍ଷିତ ରହିପାରିବ ସେ ଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ

## ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଏନ୍‌ଏଚ୍‌ଆର୍‌ସିର ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା,୭।୫ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ମୌଳିକ ସମସ୍ୟା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେଉଛି । ଏହାକୁ ଭିତ୍ତିକରି ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଆଇନଜୀବୀ ରାଧାକାନ୍ତ ମହାନ୍ତି କରିଥିବା ଅଭିଯୋଗର ଶୁଣାଣୀ ହୋଇଛି । ଗତ ୫ ତାରିଖରେ ସଭ୍ୟ ପ୍ରିୟଙ୍କ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣୀ ପରେ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଏହାର ଏକ କପି ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଡିଜିପିଙ୍କୁ ପ୍ରଦାନ କରାଯାଇଛି ।

ଆଇନଜୀବୀ ତ୍ରିପାଠୀ ଅଭିଯୋଗ କରିଛନ୍ତି, ୩୦୦ ବର୍ଷର ପୁରୁଣା ଏହି ମନ୍ଦିରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଶୌଚାଳୟଠାରୁ ଆରମ୍ଭ କରି ମନ୍ଦିର ପରିସର ଅସନା ରହୁଛି । ଝୁଲଣ ଘରେ କାଠ ରଖାଯିବା ସହ ଅନ୍ୟ ସ୍ଥାନଗୁଡ଼ିକ ବିଭିନ୍ନ କାମ ପାଇଁ ଉପଯୋଗ ହେଉଛି । ଏପରିକି ସେଠାରେ ମଦ ବୋତଲ ବାହାରିବା ପରି ଘଟଣା ନଜରକୁ ଆସିଛି । ସେହିପରି ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମନ୍ଦିର ପରିସରରେ ୪୦ ସିସିଟିଭି ଲାଗିଥିଲେ ମଧ୍ୟ ମାତ୍ର ୧୨ଟି କାର୍ଯ୍ୟକ୍ଷମ ଅଛି । ସେହିପରି ପୋଲିସ ପ୍ରଶାସନ ମନ୍ଦିର ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ମନ୍ଦିର ପ୍ରଶାସନ ୩୨ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୩୦ ଜଣଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ । ଉପଜିଲାପାଳ ଏହି ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ହୋଇଥିବା ବେଳେ ମୌଳିକ ସମସ୍ୟାର ସମାଧାନ ହେଉ ନ ଥିବା ଆଇନଜୀବୀ ତ୍ରିପାଠୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।



କେନ୍ଦ୍ରାପଡ଼ା ଇଚ୍ଛାପୁର ସ୍ଥିତ ବଳଦେବଜୀଉ ମନ୍ଦିର ।

# ୧,୪୯୫ ଲିଟର ଚୋରା ମଦ ଜବତ, ୮ ଗିରଫ

**ପଟ୍ଟାମୁଣ୍ଡାଇ, ୭।୫ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ଅବକାରୀ ଓ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପକ୍ଷରୁ ବୁଧବାର ପଟ୍ଟାମୁଣ୍ଡାଇ ଆଦର୍ଶ ଓ ଗ୍ରାମାଞ୍ଚଳ ଥାନା, ରାଜକନିକା, ଆଳି ଥାନା ଓ ମହାକାଳପଡ଼ା ଆଉ ଜମ୍ବୁ ମେରାଇନ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୪୯୫ ଲିଟର ଦେଶୀ ବିଦେଶୀ ମଦ ସହ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

କେନ୍ଦ୍ରାପଡା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପନିରୀକ୍ଷକ ଧର୍ମପଦ ଦାସ, ଛାୟାକାନ୍ତ ନାୟକ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ । ସେମାନେ ପଟ୍ଟାମୁଣ୍ଡାଇ ତିଗିରିଆ ଗ୍ରାମର ଅନନ୍ତ ମଳିକଙ୍କଠାରୁ ୩୫ ଲିଟର ଦେଶୀ ମଦ ସହ ଗୋଟିଏ ବାଇକ୍, ସାନବଡ ବସନ୍ତ ଗ୍ରାମର ରମାକାନ୍ତ ସେଠୀଙ୍କଠାରୁ ୨୫ ଲିଟର ବିଦେଶୀ ମଦ, ପାଟୁଳି ଗ୍ରାମର ନିରଞ୍ଜନ ସାହୁଙ୍କଠାରୁ ୪୦ ଲିଟର ଦେଶ ମଦ, ପଦ୍ମିନିପାଳ ଗ୍ରାମର ପ୍ରଭାକର ମଳିକଙ୍କଠାରୁ ୩୦ ଲିଟର ବିଦେଶୀ ମଦ, ଅହମ୍ମଦପୁର ଗ୍ରାମର ବାବାଜୀ ମଳିକଙ୍କଠାରୁ ୨୦ ଲିଟର ଦେଶୀ ମଦ, ବାହାର ଶୁବାଳା ଗ୍ରାମର ରମେଶ ଚନ୍ଦ୍ର ରାଉତଙ୍କଠାରୁ ୪୫ ଲିଟର ବିଦେଶୀ ମଦ, ବାରିଆ ବାଲିବତ ଗ୍ରାମର ସୁର ସାମଲଙ୍କଠାରୁ ୮୫୦ ଲିଟର ରନ୍ଧା ମଦ ଏବଂ ବାଲିବତା ଗ୍ରାମର ଅଜୟ ସାମଲଙ୍କଠାରୁ ୪୫୦ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୪୯୫ ଲିଟର ବିଦେଶ, ଦେଶୀ ଓ ରନ୍ଧା ମଦ ଜବତ କରିବା ସହ ଏମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ମଣ୍ଡଳ କହିଛନ୍ତି ।



ଜବତ ମଦ ସହ ଗିରଫ ଅଭିଯୁକ୍ତ ।

# ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ବିଜୟ ଉତ୍ସବ



ଛାତ୍ରୀଛାତ୍ରମାନେ ବାଣ ଫୁଟାଇ ଉତ୍ସବ ମନାଉଛନ୍ତି ।

**ରାଜନଗର,୭।୫(ଭାସ୍କର ରାଉତରାୟ)**

କଶ୍ମୀରର ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା । ଏହାର ଜବାବ୍ ଦେଇଛି ଭାରତ । ଆତଙ୍କବାଦୀଙ୍କୁ ମୂଳପୋଛ କରିବା ଉଦ୍ଦେଶ୍ୟରେ ପାକିସ୍ତାନ ଉପରେ ମଙ୍ଗଳବାର ରାତିରେ ଭାରତର ଯବାନମାନେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ପାକିସ୍ତାନରେ ଥିବା ୯ ଆତଙ୍କବାଦୀ ଆଡ୍ଡାସ୍ଥଳୀ ମାଟିରେ ମିଶିଛି । ଏହାକୁ ନେଇ ରାଜନଗରରେ ବିଜୟ ଉତ୍ସବ ପାଳନ କରାଯାଇଛି । ରାଜନଗର ଛାତ୍ର ସୁରକ୍ଷା ମଞ୍ଚସୁରକ୍ଷା ମଞ୍ଚର କାର୍ଯ୍ୟକର୍ତ୍ତାମାନଙ୍କ ସହ ପିଲାମାନେ ରାଜନଗର ବଡଦଣ୍ଡରୁ ଆସି ଦଧିବାମନ ଜୀଉ ମନ୍ଦିର ନିକଟରେ ବିଜୟ ଉତ୍ସବ ପାଳନ କରିଛନ୍ତି । ବାଣ ଫୁଟାଇ, ମିଠା ଖାଇବା ସହ ଆତଙ୍କବାଦୀଙ୍କ ଉପରେ ଭାରତୀୟ ସେନାର ଆକ୍ରମଣକୁ ସ୍ୱାଗତ କରିଛନ୍ତି । ଏହି ଉତ୍ସବରେ ମଞ୍ଚର ପ୍ରତିଷ୍ଠାତା ସଞ୍ଜୟ କୁମାର ବାଗ, ଛାତ୍ର ସୁରକ୍ଷା ମଞ୍ଚର ସମ୍ପାଦକ ଦେବଦତ୍ତ ସେଠୀ, ଅଭୟ କୁମାର ରାଉତ, ରଘବେନ୍ଦ୍ର ମହାନ୍ତି ପ୍ରମୁଖ ଭାରତ ମାତା କି ଜୟ , ପାକିସ୍ତାନ ମୁର୍ଦ୍ଦାବାଦ ବୋଲି ଚିତ୍କାର କରିଥିଲେ । ଛାତ୍ର ସୁରକ୍ଷା ମଞ୍ଚର ପବିତ୍ର ସେଠୀ, ଜଗବନ୍ଧୁ ଖଟୁଆ, ଅଭୟ କୁମାର ରାଉତ, ମାଧବ ସେଠୀ, ଶିବ ପ୍ରସାଦ ମହାପାତ୍ର, ପଦ୍ମଲୋଚନ ପରିଡ଼ା, ସୁକୁମାର ମନା, ସ୍ମୃତିପ୍ରଭା ରାଉତରାୟ, ଶୁଭଶ୍ରୀ ବାଗ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

# କେସିସିଏସ୍ ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୭।୫: (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି (କେସିସିଏସ) ପକ୍ଷରୁ ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ଅବିଭକ୍ତ କଟକ ଜିଲାରେ ଟପ୍ପର ହୋଇଥିବା କୃତୀ ପ୍ରତିଭାଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ କଟକ ଜିଲା ଟପ୍ପର ଚନ୍ଦନ କୁମାର ମହାନ୍ତ, କେନ୍ଦ୍ରାପଡ଼ା ଜିଲା ଟପ୍ପର ଶୁଭମ ଜ୍ୟୋତି ରାଉତ, ଯାଜପୁର ଜିଲା ଟପ୍ପର ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା, ଜଗତ୍‌ସିଂହପୁର ଜିଲା ଟପ୍ପର ଧ୍ରୁତି ସୁନ୍ଦର ସ୍ୱାଇଁ । ସେହିପରି ଚଳିତ ବର୍ଷ ଯୁକ୍ତ ୨ ଆଇସିଏସସି ପରୀକ୍ଷାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସେଣ୍ଟ ଜୋସେଫ ହାଇସ୍କୁଲର ଛାତ୍ରୀ ବିନିଶା ପ୍ରିୟଦର୍ଶିନୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ । ଏ ସମ୍ପର୍କରେ ସଭାପତି ସାହୁ କହିଛନ୍ତି, ସମ୍ବର୍ଦ୍ଧିତ ପ୍ରତିଭାମାନେ ଆଗାମୀ ଦିନରେ ରାଜ୍ୟ ଓ ଦେଶ ଗଠନରେ ସହାୟକ ହେବେ । ସେମାନେ ଏବେଠାରୁ ନିଷ୍ଠାର ସହ ଉଚ୍ଚ ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ । ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରହ୍ଲାଦ କୁମାର ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ସିଜିଏମ୍ ମନୋଜ ସାହୁ, ନୋଡାଲ ଅଫିସର ଦିଲୀପ ସ୍ୱାଇଁ, ଲ ଅଫିସର ବିଜୟ କୁମାର ଦାସ, ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକ, ମ୍ୟାନେଜର ସୌଭାଗ୍ୟ ମଞ୍ଜରୀ ନାୟକ, ଏଜିଏମ୍ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ଛାତ୍ରୀଛାତ୍ରମାନଙ୍କ ଅଭିଭାବକ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



କୃତୀ ଛାତ୍ରୀଛାତ୍ରଙ୍କୁ କେସିସିଏସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଆତ୍ମରକ୍ଷା କୌଶଳ ଶିଖାଇଲେ ପୋଲିସ, ଅଗ୍ନିଶମ ବାହିନୀ



ଲୋକଙ୍କୁ ପୋଲିସ, ଅଗ୍ନିବାହିନୀ ପ୍ରଶିକ୍ଷଣ ଦେଉଛନ୍ତି ।

**ପଟ୍ଟାମୁଣ୍ଡାଇ, ୭।୫ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌର କାର୍ଯ୍ୟାଳୟ ସମ୍ମୁଖ ଓ ମୂଳବସନ୍ତ ସ୍କୁଲ ପଡ଼ିଆରେ ମଧ ବୁଧବାର ଯୁଦ୍ଧ ସାଇରନ ବାଜିଛି । ଏଥିରେ ଯୁଦ୍ଧ ସମୟରେ ଓ ବୋମା ବିସ୍ଫୋରଣ ହେବ କି ଅଗ୍ନିକାଣ୍ଡର ପରବର୍ତ୍ତୀ ସମୟରେ କିଭଳି ମୁକାବିଲା କରାଯିବ ସେନେଇ ପୋଲିସ, ଅଗ୍ନିଶମ ବାହିନୀ ଅଭ୍ୟାସ କରିଛନ୍ତି । ଏହି ଅଭ୍ୟାସ ଦ୍ୱାରା ଲୋକେ ପରିସ୍ଥିତିକୁ ଭଲ ଭାବେ ବୁଝିବେ । ଜରୁରିକାଳୀନ ସମୟରେ କିଭଳି ଆତ୍ମରକ୍ଷା କରିବେ ଶିକ୍ଷାଲାଭ କରିପାରିବେ । ସେହିପରି ଉଦ୍ଧାରକାରୀ ଟିମ୍ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ କିଭଳି ଉଦ୍ଧାର କରିବେ ତାହାର ଅଭ୍ୟାସ ହେଉଛି । ଯୁଦ୍ଧ ହେଲେ ଜନସାଧାରଣ କିପରି ନିଜ ଧନଜୀବନକୁ ସୁରକ୍ଷିତ ରଖିବେ ସେ ନେଇ ମଧ ମକ୍‌ଡ୍ରିଲ୍ ସଚେତନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ବିଡିଓ ଅଶୋକ ମହାନ୍ତି, ଅତିରିକ୍ତ ତହସିଲଦାର ଦିଲୀପ ନାଏକ, ମେଡିକାଲ ଅଫିସର ନିରାକାର ପରିଡା, ଆଇଆଇସି ବନ୍ଦନା ପାତ୍ରଙ୍କ ସମେତ ପୋଲିସ ଦଳ, ଅଗ୍ନିଶମ ବାହିନୀ, ମେଡିକାଲ ଟିମ୍ ଏବଂ ବିଭାଗୀୟ ସରକାରୀ କର୍ମଚାରୀ, ସହକାରୀ ଯନ୍ତ୍ରୀ, ବିଭିନ୍ନ ଓ୍ୱାର୍ଡର କାଉନସିଲର, ଅନେକ ପଞ୍ଚାୟତର ସରପଞ୍ଚ ଓ ବହୁ ଜନସାଧାରଣ ସାମିଲ ହୋଇଥିଲେ ।

## ବିସି କଲେଜ ପ୍ରତିଷ୍ଠାତା ସଦସ୍ୟଙ୍କ ପରଲୋକ

**ରଘୁନାଥପୁର, ୭।୫ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ରେତୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ଶିକ୍ଷାବିତ୍ ଅଧାପକ ଭଗବାନ ବିଶ୍ୱାଳଙ୍କ ମଙ୍ଗଳବାର ମଧ ରାତ୍ରିରେ ଆମ୍ବଦରଡସ୍ଥିତ ବାସଭବନରେ ପରଲୋକ ଘଟିଛି । ସେ ଗତ ୬ ମାସ ତଳୁ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ୩ପୁଅ ଅଜିତ, ବିଶ୍ୱଜିତ, ରଣଜିତ ଓ ଝିଅ କ୍ୱାଇଁ ଉପସ୍ଥିତ ଥିଲେ । ଅଧାପକ ବିଶ୍ୱାଳ ବିସି କଲେଜରୁ ଓଡ଼ିଆ ବିଭାଗର ଅଧାପକ ଭାବେ ଅବସର ନେଇଥିଲେ । ସେ ଦୀର୍ଘଦିନ ଧରି ସାମାଜିକ କ୍ଷେତ୍ରରେ ଜଡ଼ିତ ଥିବାବେଳେ ଆଗାମୀ ଓଡ଼ିଶା ଅନୁଷ୍ଠାନର ସଦସ୍ୟ, କୃଷିଭିତ୍ତିକ ସଂସ୍ଥା ଲାଲ୍‌ର ଉପଦେଷ୍ଟା ଓ ନବଗଠିତ ସମଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧ ରହିଥିଲେ । ତାଙ୍କର ସ୍ପଷ୍ଟବାଦିତା ଗୁଣ ଯୋଗୁ ସେ ଅଞ୍ଚଳରେ ସଭିଙ୍କ ପ୍ରିୟ ହୋଇପାରିଥିଲେ । ଜଣେ ଶିକ୍ଷାବିତ୍‌ଙ୍କୁ ହରେଇ ଅଞ୍ଚଳବାସୀ ଗଭୀର ଦୁଃଖପ୍ରକାଶ କରିବା ସହ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ । ଗ୍ରାମ୍ୟ ଶ୍ମଶାନରେ ବିଶ୍ୱାଳଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡପୁଅ ଅଜିତ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଅୟର ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସଦାଶିବ ବିଶ୍ୱାଳ, ସୁଶ୍ରୀ ଗୀତା ରଥ, ପ୍ରଭାକର ଜେନା, ଜଗନ୍ନାଥ ମୁଦୁଲି ପ୍ରମୁଖ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।



ଅଧାପକ ଭଗବାନ ବିଶ୍ୱାଳ

# ବାଜିଲା ସାଇରନ୍, ଲୋକଙ୍କୁ କରାଗଲା ସଚେତନ

**ମହାକାଳପଡ଼ା,୭।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ବୁଧବାର ଅପରାହ୍ନରେ ମହାକାଳପଡ଼ା ବ୍ଲକର ୨ଟି ସ୍ଥାନରେ ମକ୍‌ଡ୍ରିଲ ହୋଇଥିଲା । ମହାକାଳପଡ଼ା ସଦର ମହକୁମା ଓ ଖରିନାସି ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳୀରେ ଆୟୋଜିତ ମକ୍‌ଡ୍ରିଲରେ ସ୍ଥାନୀୟ ଲୋକମାନଙ୍କୁ ଯୁଦ୍ଧ ପୂର୍ବରୁ କିପରି ନିଜକୁ ସୁରକ୍ଷିତ ରଖିବାକୁ ହେବ ସେ ସମ୍ପର୍କରେ ସଚେତନ କରାଯାଇଥିଲା । ପ୍ରଶାସନ ପକ୍ଷରୁ ସାଇରନ ବାଜିବା ମାତ୍ରେ ଲୋକମାନେ ଘରୁ ସୁରକ୍ଷିତ ସ୍ଥାନକୁ ଆସିଥିଲେ । ପ୍ରଶାସନର ସଚେତନତା ଅନୁଯାୟୀ ସେମାନେ ସାଙ୍ଗରେ ଦରକାରୀ ନଥିପତ୍ର, ଔଷଧ, ଟର୍ଚ୍ଚ ଲାଇଟ, ମହମବତୀ, ଦିଆସିଲି , କିଛି ଶୁଖିଲା ଖାଦ୍ୟ, ପାଣି ବୋତଲ ଏକ ବ୍ୟାଗରେ ଆଣିବା ପାଇଁ କୁହାଯାଇଥିଲା । ଲୋକମାନେ ନିକଟ ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ । ପ୍ରଶାସନ ଘୋଷଣା ଅନୁସାରେ ଲୋକମାନେ ନିଜକୁ ସୁରକ୍ଷିତ ରଖିବା ସହ ଦେଶର ବିପଦ ସମୟରେ ସାହାସ ଜୁଟାଇବାକୁ ସଚେତନ କରାଯାଇଥିଲା । ଯୁଦ୍ଧକାଳୀନ ଭିତ୍ତିରେ ଶିଶୁ, ମହିଳା, ବୃଦ୍ଧାବୃଦ୍ଧ, ବରିଷ୍ଠ ନାଗରିକମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଥିଲା । ମକ୍‌ଡ୍ରିଲ ପୂର୍ବରୁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୁଣିଥରେ ସାଇରନ ବାଜିବା ପର୍ଯ୍ୟନ୍ତ ସମସ୍ତଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିଲା । ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ , ତହସିଲଦାର ଶିବ ମନ୍ଦିର, ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ରାଜସ୍ୱ ନୀରିକ୍ଷକ ବିଜୟ କୁମାର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ସରପଞ୍ଚ ବନିତା ରାଉତ, ତ୍ରିଲୋଚନ ରାଉତ, ତରୁଣକାନ୍ତି କଣ୍ଡିଲାଲଙ୍କ ସମେତ ଅଗ୍ନିଶମ ବାହିନୀ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

**ଡେରାବିଶ, (ବେବର୍ତ୍ତା ଅଜୟ ଦାସ):** ବୁଧବାର ଅପରାହ୍ନରେ ଡେରାବିଶ ବ୍ଲକ ଓ ଡେରାବିଶ ଅଗ୍ନୀଶମ କାର୍ଯ୍ୟାଳୟ ପରିସରରେ ଅଧଘଣ୍ଟା ଧରି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଅଗ୍ନୀଶମ ବିଭାଗ ପକ୍ଷରୁ ଲୋକମାନଙ୍କୁ ଯୁଦ୍ଧ ପରିସ୍ଥିତିରେ ସୁରକ୍ଷିତ ରହିବା ପାଇଁ ମକ୍‌ଡ୍ରିଲ ମାଧ୍ୟମରେ ସଚେତନ କରାଯାଇଥିଲା । ସାଇରନ ବାଜିବା ମାତ୍ରେ ଲୋକମାନେ ଦୌଡି ଯାଇ ଅଗ୍ନୀଶମ କାର୍ଯ୍ୟାଳୟରେ ପେଟେଇ ଶୋଇରହିଥିଲେ । ଦ୍ୱିତୀୟ ସାଇରନ ବାଜିବା ପରେ ଲୋକମାନେ ଉଠି ପଡିଥିଲେ । ପରେ ବିଭିନ୍ନ ଅଧିକାରୀ ଯୁଦ୍ଧ ସମୟରେ ନିଜକୁ ସୁରକ୍ଷିତ ରଖିବା ସହ ଆହତମାନଙ୍କୁ କିପରି ଉଦ୍ଧାର କରାଯାଇ ଚିକିତ୍ସା ସହାୟତା ଯୋଗାଇ ଦିଆଯିବ ଓ ଅଗ୍ନୀକୁ ଆୟତ କରାଯାଇପାରିବ ସେଥିନେଇ ମକ୍‌ଡ୍ରିଲ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡେରାବିଶ ଥାନାଧିକାରୀ ସରୋଜ କୁମାର ସାହୁ, ଅତିରିକ୍ତ ତହସିଲଦାର ବିଶ୍ୱମୋହନ ମହାପାତ୍ର, ଅଗ୍ନୀଶମ ବିଭାଗୀୟ କର୍ମଚାରୀ ଦେବାଶିଷ ସାହୁ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ଦାସ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ହେମାଙ୍ଗିନୀ ବେହେରା, ଦେବୀ ପୂଜାରିଣୀ ପ୍ରଧାନ, ସସ୍ମିତା ଜେନା, ଗୋଲରାହାଟ ରାଜସ୍ୱ ସର୍କଲ ଅଧିକାରିଣୀ ଲକ୍ଷ୍ମୀପ୍ରିୟା ବେହେରା ଓ ଜୟଭାରତୀ ସାଥି ସମାଜ ସମ୍ପାଦକ ନିରଞ୍ଜନ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ ।

**ରାଜକନିକା, (ସଞ୍ଜୟ କୁମାର ଦାଶ):** ରାଜକନିକା ବ୍ଲକରେ ବୁଧବାର ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ବ୍ଲକର କୋଇଲିପୁରଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଓ କାଟଣାଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଏହି ସଚେତନତା ମକ୍‌ଡ୍ରିଲ ବୁଧବାର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ରାଜକନିକା ବିଡ଼ିଓ କୈଳାସ ଚନ୍ଦ୍ର ମହାଳିକ, ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ବାଦଲ କୁମାର ମହାନ୍ତି ଓ ଫାୟାର ଅଧିକାରୀ ସୁଶାନ୍ତ ଦାସଙ୍କ ସମେତ ଅଞ୍ଚଳବାସୀ ଓ ବିଭିନ୍ନ କ୍ଲବ ଏବଂ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ରହି ଯୁଦ୍ଧ ସମୟରେ କେମିତି ନିଜକୁ ରକ୍ଷା କରିବା ସେ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିଥିଲେ ।

**ରାଜନଗର, (ଭାସ୍କର ରାଉତରାୟ):** ରାଜନଗର ବ୍ଲକର ମହିଁଷାସୁର ଓ ପ୍ରସନ୍ନପୁର ଗାଁରେ ମକ୍‌ଡ୍ରିଲ କରାଯାଇଥିଲା । ମହିଁଷାସୁରରେ ରାଜନଗର ଆଇଆଇସି ନରେଶ ଚନ୍ଦ୍ର ସାହୁ, ବିଡିଓ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତି ପ୍ରମୁଖ ଲୋକମାନଙ୍କୁ ଏହି ମକ୍‌ଡ୍ରିଲର ଉଦେଶ୍ୟ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ସରପଞ୍ଚ ଅଶୋକ କୁମାର ମହାନ୍ତି , ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ, ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ଦୋଳ ଗୋବିନ୍ଦ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରସନ୍ନପୁରଠାରେ ତହସିଲଦାର ଅମୀୟ କେତନ ସ୍ୱାଇଁ, ସରପଞ୍ଚ ସମୀର କୁମାର ସେଠୀ, ସମିତି ସଭ୍ୟ ଉତ୍ତମା ସେଠୀ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ଜେନା, ଶ୍ରୀକାନ୍ତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଆଳି,(ବନମାଳୀ ସେନାପତି):** ଯୁଦ୍ଧ ଓ ଯୁଦ୍ଧ ପରବର୍ତ୍ତୀ ସମୟରେ କିପରି ସାଧାରଣ ଲୋକମାନେ ସୁରକ୍ଷିତ ରହିବେ ଓ ଅନ୍ୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିପାରିବେ ସେ ନେଇ ଆଳିର ଦୁଇଟି ସ୍ଥାନରେ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆଳି ବ୍ଲକ ଓ ପଦ୍ମିନିପାଳ ଗ୍ରାମ ପଞ୍ଚାୟତରେ ଆୟୋଜିତ ଏହି ମକ୍‌ଡ୍ରିଲ୍‌ରେ ସଚେତନତା ସୃଷ୍ଟି କରାଯାଇଥିଲା । ଆଳି ବ୍ଲକ ସଭାକକ୍ଷରେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆଳି ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ,ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ,ଆଳିଦମକଳ ବିଭାଗ ଏଲ୍‌ଏଫ୍‌ଏମ୍ ବିଭୁତି ଭୂଷଣ ନାୟକ, ବିପର୍ଯ୍ୟୟ କମିଟିର ଆଳି ବ୍ଲକ ନୋଡାଲ ଅଧିକାରୀ ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହାପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମର ଡେମୋ ପ୍ରଦର୍ଶନ କରାଯାଇଥିଲା। ଯଦି ଯୁଦ୍ଧ ଭଳି ପରିସ୍ଥିତି ଉପୁଜେ ତେବେ ପ୍ରଶାସନିକ ଅଧିକାରୀ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରିବାକୁ ପରାମର୍ଶ ଦିଆଯାଇଥିଲା ।

**ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ବ୍ଲକ ପରକୁଳା ଗ୍ରାମରେ ଥିବା ବହୁମୁଖୀ ବନ୍ୟାଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ସଚେତନ ସାଇରନ ବାଜିବା କ୍ଷଣି ସୁଦୃଢ କଂକ୍ରିଟ ଛାତ ଥିବା ଆଶ୍ରୟସ୍ଥଳ ପରିସରକୁ ଲୋକମାନଙ୍କୁ ଆସିବାକୁ ପରାମର୍ଶ ଦିଆଯାଇଥିଲା । ପରକୁଳାସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳ କମିଟି ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଘଟଣ ଘଟିଲେ ଆହତମାନଙ୍କୁ ଉଦ୍ଧାର ଶୈଳୀ ଏବଂ ନିଆଁ ଲିଭାଇବାର ସହଜ କୌଶଳ ସମ୍ପର୍କରେ ଅଗ୍ନିଶମକେନ୍ଦ୍ର କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରିଥିଲେ । ଆଶ୍ରୟସ୍ଥଳ ପରିଚାଳନା କମିଟି ସଭାପତି ତଥା ସରପଞ୍ଚ ଦିପ୍ତୀରଞ୍ଜନ ମହାପାତ୍ର, ମାର୍ଶାଘାଇ ବିଡିଓ ପଞ୍ଚାନନ ମଲିକ, ଜିପିଇଓ ସୋନାଲୀ ବେଉରା , ସମିତିସଭ୍ୟ ସଞ୍ଜୟ ପାତ୍ର, ଜୀବିକା ମିଶନ ସଂଯୋଜକ ପ୍ରଭାତ ମଲିକ, ପାଟକୁରା ପୋଲିସ ସବ୍‌ଇନ୍ସପେକ୍ଟର ଦିପ୍ତୀମୟୀ ରାଉତଙ୍କ ନେତୃତ୍ୱରେ ପୋଲିସ ଟିମ୍ ସାମିଲ ହୋଇଥିଲେ । ମାର୍ଶାଘାଇ ଦମକଳ କେନ୍ଦ୍ର ଅଧିକାରୀ ସୌମ୍ୟରଞ୍ଜନ ସାହୁଙ୍କ ନେତୃତ୍ୱରେ କର୍ମଚାରୀ ଟିମ ଏବଂ ଓଡ଼ିଶା ସିଭିଲ ଡିଫେନ୍ସର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଚନ୍ଦ୍ର ବେହେରା,ପ୍ରଭାକର ଦାସ, କିରଣ ସାହୁ, ରଞ୍ଜିତ ମହାପାତ୍ର, ସୁଧାକର ବେହେରା, ସୁଜାତା ଦାସ, ରମେଶ ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ମହାକାଳପଡ଼ା ବ୍ଲକ୍ ଖରିନାସି ଗ୍ରାମ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ମକ୍‌ଡ୍ରିଲରେ ସାମିଲ ହୋଇଥିବା ଗ୍ରାମବାସୀ ।



ଡେରାବିଶ ମକ୍‌ଡ୍ରିଲରେ ସାମିଲ ହୋଇଥିବା ଗ୍ରାମବାସୀ ।

## ସୁନା ଅଳଙ୍କାର ସହ ୪୦ ହଜାର ଟଙ୍କା ଲୁଟ୍

ଗୋପାଳପୁର,(ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ଅନ୍ତର୍ଗତ ଦାନପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଘରର ବାରି କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ୪୦ ହଜାର ଚୋରି ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ୧୯୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗ୍ରାମର ଦେବରାଜ ମହାନ୍ତିଙ୍କ ପରିବାର ରାତିରେ ସମସ୍ତେ ଶୋଇଥିଲେ। ବୁଧବାର ଭୋର ୩ଟାରେ ଦେବରାଜ ବାହାରକୁ ଉଠି ଘର ଆଲମାରୀ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ବାରିପଟ କବାଟ ଭାଙ୍ଗି ଚୋରମାନେ ଘରେ ପଶି ଅଳଙ୍କାର ଓ ଟଙ୍କା ଚୋରି କରିଥିବା ସେ ଜାଣିପାରିଥିଲେ।



**ସଂକ୍ଷେପରେ**

## ହଷ୍ଟେଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

### ତଦନ୍ତ ଦାବି କଲେ ମା'

ଛତ୍ରପୁର,୭।୫ (ସନ୍ତୋଷ ପାଢୀ/ଦିଲୀପ ସାମଲ): ଚମାଖଣ୍ଡି ଥାନା ଅଧୀନ ଆଇଆରଇଏଲ ଛକ ନିକଟରେ ଏକ ଘରୋଇ ବିଶ୍ୱବିଦ୍ୟାଳୟର ଜଣେ ହଷ୍ଟେଲ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେ ହେଲେ ଛତ୍ରପୁର ବ୍ଲକ ଲକ୍ଷ୍ମୀପୁର ଗାଁର ଡି.ପୁରୁଷୋତ୍ତମ ରେଡ୍ଡୀ। ପୁରୁଷୋତ୍ତମ ଉକ୍ତ ହଷ୍ଟେଲରେ ରହି ଓଡିଶା ସ୍କିଲ ଡେଭଲପମେଣ୍ଟ ଟ୍ରେନିଂ ନେଉଥିଲେ। ପୁଅ ସୁସ୍ଥ ଥିଲା, କିଭଳି ତାହାର ମୃତ୍ୟୁ ହେଲା ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ଓ ପୋଲିସ ନିକଟରେ ପୁରୁଷୋତ୍ତମଙ୍କ ମା' ଡି. ତାରିଣାମ୍ମା ରେଡ୍ଡି ଦାବି କରଛନ୍ତି। ଏନେଇ ସେ ଚମାଖଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁରୁଷୋତ୍ତମଙ୍କ ମା' ଜଣାଇଛନ୍ତି ଯେ, ମଙ୍ଗଳବାର ରାତିରେ ପୁଅର ଛାତିରେ ଯନ୍ତ୍ରଣା ହେଉଥିବା ବିଶ୍ୱବିଦ୍ୟାଳୟରୁ ଏକ ଫୋନ କଲ୍ ଆସିଥିଲା। ପରେ ତାଙ୍କୁ ଚିକିତ୍ସା ଲାଗି ଅଟୋ ଯୋଗେ ନେଇ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ପୁଅକୁ ଡାକ୍ତର ମୃତ ଘୋଷଣା କରିଥିଲେ। ହସ୍ପିଟାଲକୁ ଆସିବା ପୂର୍ବରୁ ପୁରୁଷୋତ୍ତମଙ୍କ ମୃତ୍ୟୁ ହୋଇସାରିଥିଲା ବୋଲି ଡାକ୍ତର କହିଥିଲେ । ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ହସ୍ପିଟାଲରେ ପୁରୁଷୋତ୍ତମଙ୍କ ମୃତଦେହ ଛାଡି ଚାଲିଯାଇଥିଲେ ବୋଲି ପରିବାର ବର୍ଗ କହିଛନ୍ତି। ବୁଧବାର ମୃତଦେହ ବ୍ୟବଚ୍ଛେଦ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

## ଖବରକାଗଜ ବିତରକଙ୍କ ବିୟୋଗ

ଗଞ୍ଜାମ,୭।୫(ବିଦ୍ୟାଧର ସାହୁ)

ଗଞ୍ଜାମ ସହରର ଜଣାଶୁଣା ଖବରକାଗଜ ବିତରକ ସୁରେନ୍ଦ୍ର ପ୍ରଧାନଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳେକୁ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ସେ ଗତ କିଛି ଦିନ ହେଲା ଲିଭର ଜଣ୍ଡିସ ରୋଗରେ ପୀଡିତ ଥିଲେ। ପରିବାର ଲୋକ ବିଶାଖାପାଟଣା, ଭୁବନେଶ୍ୱର, କଟକ ବଡ଼ ମେଡିକାଲରେ ଚିକିତ୍ସା କରିଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସି ନ ଥିଲା। ମଙ୍ଗଳବାର ସୁରେନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ରାତି ସାଢେ ଗୋଟାଏରେ ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ହେବ ଧରିତ୍ରୀ ଖବର କାଗଜ ବିତରଣ କରି ଆସୁଥିଲେ। ସେ ଜଣେ ମେଳପୀ ଓ ସଚ୍ଚୋଟ ବ୍ୟକ୍ତି ଥିଲେ। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକ ପ୍ରକାଶ ପାଇଛି। ଋଷିକୂଲ୍ୟା ନଦୀ ଘାଟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# କାମରେ ଆସୁନି ୧୮ ଭେଣ୍ଡିଂ ଜୋନ୍

**ପାଣିରେ ପଡିଛି ୨୧ ଲକ୍ଷ**

କବିସୂର୍ଯ୍ୟନଗର, ୭।୫(କୃପାସିନ୍ଧୁ ସ୍ୱାଇଁ)



ଉଦ୍‌ଘାଟନ ପରଠାରୁ ବଣ୍ଟନ ନ ହୋଇ ପଡି ରହିଥିବା ଭେଣ୍ଡିଂ ଜୋନ୍।

ମୁକ୍ତା ଯୋଜନାରେ ନିର୍ମିତ ପ୍ରକଳ୍ପ ଲୋକଙ୍କ କାମରେ ଲାଗୁନି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଭେଣ୍ଡିଂ ଜୋନ୍ କଳଙ୍କି ଲାଗିଲାଣି । କେଉଁଠି କାନ୍ଥରେ ଗଛ ଉଠିଲାଣି ତ କେଉଁଠି ଖୋଲା ପଡିରହିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଏନଏସିରେ ସରକାରୀ ଅର୍ଥ ଅପବ୍ୟୟର ଏପରି ନମୁନା ଦେଖିବାକୁ ମିଳିଛି।

୨୦୨୧ରେ ଏଠାରେ ଉଠା ଦୋକାନୀଙ୍କୁ ଥଇଥାନ କରିବା ପାଇଁ ସହରର ଆଇବି ଛକଠାରେ ୮ଟି ଦୋକାନ ଗୃହ ୯ ଲକ୍ଷ ବ୍ୟୟରେ ନିର୍ମାଣ କରାଯାଇ ଭେଣ୍ଡିଂ ଜୋନ୍ ରୂପେ ଉଦ୍‌ଘାଟିତ ହୋଇଥିଲା। ମାତ୍ର ଏହା କୌଣସି ବ୍ୟବସାୟୀଙ୍କୁ ବଣ୍ଟନ କରାଗଲା ନାହିଁ । ପୁଣି କିଛି ଦିନ ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଉ ଏକ ଭେଣ୍ଡିଂ ଜୋନ୍ ୧୦ଟି ଗୃହ ଥାଇ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇ ଉଦ୍‌ଘାଟନ ହେଲା। ଏବେ ଦୁଇଟିଯାକ ଭେଣ୍ଡିଂ ଜୋନ ଅବ୍ୟବହୃତ ହୋଇ ପଡିଛି। ଏସବୁ ଗୃହରେ କଳଙ୍କି ଲାଗିଲାଣି। ଏନଏସି ନିୟନ୍ତ୍ରଣରେ ଥିବା ଏହି ଭେଣ୍ଡିଂ ଜୋନଗୁଡିକୁ ଏଯାଏ ବ୍ୟବସାୟୀଙ୍କୁ ହସ୍ତାନ୍ତର ନ କରିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ତୁରନ୍ତ ଏହି ଭେଣ୍ଡିଂ ଜୋନ ଦୋକାନ ଗୃହକୁ ବ୍ୟବସାୟୀଙ୍କୁ ବଣ୍ଟନ କରିବାକୁ ଦାବି ହେଉଛି।

## ଉନ୍ନୟନ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ


ବୈଠକରେ ଜନ ପ୍ରତିନିଧି ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଫୁଲବାଣୀ,୭।୫ (ରାକେଶ କୁମାର ରାଉତ) ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଷଷ୍ଠ ଅଧିବେଶନ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲିକ ଏଥିରେ ସଭାପତିତ୍ୱ କରିଥିଲେ। ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ବୈଠକରେ ଯୋଗଦେଇ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଭିନ୍ନକ୍ଷମ ଭତ୍ତା, ଆୟୁଷ୍ମାନ ଯୋଜନା ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅଧାରେ ଥିବା ପ୍ରକଳ୍ପ ଗୁଡ଼ିକ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସେହିପରି ଉପସ୍ଥିତ ଜିଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ଅଧକ୍ଷ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ସହିତ ଏହାର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଥିଲେ। ଜିଲାପାଳ ଅମ୍ରିତ୍ ଋତୁରାଜ ପ୍ରାରମ୍ଭିକ ଭାଷଣରେ ଜିଲାରେ ଚାଲିଥିବା ଏବଂ ଆଗକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ବୈଠକ ପରିଚାଳନା କରିଥିଲେ। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ଦୁର୍ଗା ମାଧବ ଆଚାର୍ଯ୍ୟ, ଜିଲା ପରିଷଦ ଉପାଧକ୍ଷ ସାଧବାଣୀ ନାଏକ, ଜିଲା ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୨ ଲାଇସେନ୍ସପ୍ରାପ୍ତ ମଦଭାଟିରେ ଭଙ୍ଗାରୁଜା

### ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ, ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଛତ୍ରପୁର,୭।୫(ସନ୍ତୋଷ ପାଢୀ/ଦିଲୀପ ସାମଲ): ଚମାଖଣ୍ଡି ଥାନା ଅନ୍ତର୍ଗତ କେରାଣ୍ଡିତୋଳା ଓ ରଘୁନାଥପୁର ଗ୍ରାମରେ ଥିବା ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟିରେ ଅସାମାଜିକ ବ୍ୟକ୍ତିମାନେ ବାରମ୍ବାର ପଶି ଭଙ୍ଗାରୁଜା କରୁଛନ୍ତି। ଭାଟି ବନ୍ଦ କରିବାକୁ ଧମକ ଦେଉଛନ୍ତି। ଏ ନେଇ ଥାନାରେ ଏତଲା ହେବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। ତେଣୁ ନ୍ୟାୟ ପାଇଁ କେରେଣ୍ଡିତୋଳାରେ ଥିବା ମଦ ଭାଟି ମାଲିକ ତଥା ଲାଇସେନ୍ସଧାରୀ ଚେନେୟା ରେଡ୍ଡୀ ବୁଧବାର ତାଙ୍କ ଓକିଲ ଦୀପକ ପଟ୍ଟନାୟକଙ୍କ ସହ ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ସେ ଅତିରିକ୍ତ ଏସ୍‌ପି ଆର. କେ. ପୃଷ୍ଟିଙ୍କୁ ଭେଟିଛନ୍ତି। ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ସହ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚେନେୟା ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଉକ୍ତ ୨ଟି ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟିରେ କେତେଜଣ ଅସାମାଜିକ ବ୍ୟକ୍ତି ପଶି ଭଙ୍ଗାରୁଜା କରିବା ସହ ଭାଟିଗୁଡିକୁ ଆମକୁ ଚଳାଇବାକୁ ଦିଅ ବୋଲି କହିଥିଲେ। ମଙ୍ଗଳବାର ରାତିରେ ମଧ କେରାଣ୍ଡିତୋଳା ଭାଟିରେ ପଶି ସେମାନେ ଏହା ଚଲାଇ ଦେବୁନି ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗ ପରେ ଅତିରିକ୍ତ ଏସପି ଫୋନ୍ ଯୋଗେ ଅବକାରୀ ବିଭାଗର ଅଧିକାରୀ ଓ ଚମାଖଣ୍ଡି ଥାନା ପୋଲିକୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ୨୦୦୬ ମଦ ମତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା କେତେଜଣ ଏପରି କରୁଥିବା ଏବଂ ସେମାନେ ଶାସକ ଦଳର ବୋଲି କହୁଥିବା ଜିଲା କଂଗ୍ରେସ ସଭାପତି ତଥା ଓକିଲ ଦୀପକ ପଟ୍ଟନାୟକ ଗଣମାଧମକୁ କହିଛନ୍ତି।



ମଦଭାଟି ମାଲିକ ତାଙ୍କ ଓକିଲଙ୍କ ସହ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଫେରୁଛନ୍ତି ।

## ଗ୍ରାମାଞ୍ଚଳକୁ ବିଦେଶୀ ମଦ ଯୋଗାଉଛି ଠିପି ବନ୍ଦ ମଦ ଦୋକାନ

ତୁମୁଡିବନ୍ଧ,୭।୫(ଦିପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏହି ମଦ ଉକ୍ତ ଅଞ୍ଚଳର ସରକାରୀ ଠିପି ବନ୍ଦ ମଦ ଦୋକାନ ଯୋଗାଉଥିବା ଆଲୋଚନା ହେଉଛି। ତେବେ ଅବକାରୀ ବିଭାଗ କିଛି ନ ଜାଣିବା ପରି ନୀରବ ରହିଛି। ଆମ୍ବେଡକର ଛକରେ ଥିବା ଏହି ବିଦେଶୀ ମଦ ଦୋକାନ ସବୁ ସମୟରେ ନିଜ ଗାଡ଼ିରେ ନଚେତ୍ ଭଡ଼ା ଗାଡ଼ିରେ ଝିରିପାଣି, ଭଣ୍ଡରଙ୍ଗୀ, ଲଙ୍କାଗଡ଼, ବେଲଘର, ଗୁମା, କୁର୍ତ୍ତମଗଡ଼, ବିଲାମାଲ ଓ ମୁଣ୍ଡିଗଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ମଦ ଯୋଗାଉଛି। ଏହାକୁ ଚଢ଼ା ଦରରେ ବିକ୍ରି କରାଯାଉଛି। ତେବେ ସେହି ମଦ ଅସଲି କି ନକଲି ସେନେଇ ସନ୍ଦେହ ପ୍ରକାଶ ପାଉଛି। ଏହି ମଦ ପିଇ ଅନେକ ପରିବାରରେ ପାରିବାରିକ ଅଶାନ୍ତି ଲାଗିରହୁଛି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡୁଛି। ବିଭିନ୍ନ ସମୟରେ ଏନେଇ ଅଭିଯୋଗ ହୋଇଥିଲେ ମଧ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏ ସମ୍ପର୍କରେ ବାଲିଗୁଡା ଅବକାରୀ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେମିତି କୌଣସି ସୂଚନା ଆମ ପାଖରେ ନାହିଁ ବୋଲି ସଫେଇ ଦେଇଛନ୍ତି।

## ଆସିକା ଏମ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି


ଏମ୍‌ପି ଅଭିଯୋଗ ଗ୍ରହଣ କରୁଛନ୍ତି।

ଧରାକୋଟ,୭।୫ (ବିଷ୍ଣୁ କେଶରୀ ଅଚାର୍ଯ୍ୟ) ଧରାକୋଟ ବ୍ଲକ୍ ଜଗମୋହନ ପଞ୍ଚାୟତର ପୁଟୁଗ୍ରାମ ମୁକ୍ତେଶର ମନ୍ଦିର ପ୍ରାଙ୍ଗଣରେ ବୁଧବାର ଆସିକା ଏମ୍‌ପି ଅନିତା ଶୁଭଦର୍ଶନୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ୯୦୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲା ବେଳେ ସମସ୍ତ ସମସ୍ୟାର ସମାଧାନ ପାଇଁ ମାର୍ଗ ବାହାର କରାଯାଇଥିଲା। ସେଥିରୁ ୪୦୦ ଅଭିଯୋଗର ତତ୍‌କ୍ଷଣାତ ପ୍ରତିକାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ, ଜଳ ବିଭାଗ ଏବଂ ଖାଦ୍ୟ ଖାଉଟି କଲ୍ୟାଣ ବିଭାଗକୁ ଯୋଗାଯୋଗ କରି ସମାଧାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାଜପା ନେତା ଉତ୍ତମ ପାଣିଗ୍ରାହୀ, ଆସିକା ଘୁମୁସର ସାଂଗଠନିକ ଜିଲା ସଭାପତି ବିଜୟ ସ୍ୱାଇଁ ଏବଂ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ମହାନ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଧରାକୋଟ ମଣ୍ଡଳ ସଭାପତି ପ୍ରଭାକର ପ୍ରଧାନ, ମଣ୍ଡଳପ୍ରତିନିଧି ଶିବ ଶଙ୍କର ପାତ୍ର, ଜାହାଡାମଣ୍ଡଳ ସଭାପତି ଜିତେନ୍ଦ୍ର ବିଷୋୟୀ, ମଣ୍ଡଳପ୍ରତିନିଧି ଗରିବ ନାୟକ, ମାଣିକ୍ୟପୁରମଣ୍ଡଳ ସଭାପତି ଟୁକୁନା ନାୟକ, ମଣ୍ଡଳପ୍ରତିନିଧି ଶଙ୍କର ପାଣିଗ୍ରାହୀ, ନାରାୟଣ ଗୌଡ଼, ରାଜେଶ କର, ପ୍ରଶାନ୍ତ ସ୍ୱାଇଁ, ସଞ୍ଜୟ ପ୍ରଧାନ, ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧକ୍ଷ ସରୋଜ ବିଶ୍ୱାଳ ଉପସ୍ଥିତ ଥିଲେ। ମାନସ ରଞ୍ଜନ ନାୟକ, ମିଥୁନ ପ୍ରଧାନ, ଦେବାଶିଷ ମିଶ୍ର, ସମୀର ସ୍ୱାଇଁ, ଅନିଲ ପ୍ରଧାନ, ଶିବଶଙ୍କର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆରମ୍ଭ ହେଲା ବେଆଇନ ଇଟାଭାଟି ଭଙ୍ଗା ଅଭିଯାନ

### ରାଣୀପେଣ୍ଟରେ ବୁଲଡୋଜର ଲଗାଇ ଇଟାଭାଟି ଭାଙ୍ଗିଲା ପ୍ରଶାସନ

ପାରଳାଖେମୁଣ୍ଡି,୭।୫(ଗିରିଧାରୀ ପରିଛା)

**ଧରିତ୍ରୀ ପ୍ରଭାବ**

ଏଣିକି ବେଆଇନ ଇଟାଭାଟି କଲେ ମାଲିକମାନଙ୍କୁ ମହଙ୍ଗା ପଡିବ। ଜିଲା ପ୍ରଶାସନ ପକ୍ଷରୁ ଗଠିତ ଟିମ୍ ଏହାକୁ ଭାଙ୍ଗିବ। ମଙ୍ଗଳବାରଠାରୁ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଛି। ଗତ ୩ ତାରିଖ ଧରିତ୍ରୀରେ ବେଆଇନ ଇଟାଭାଟି ବଢାଉଛି ତାପମାତ୍ରା ଶୀର୍ଷକ ଖବର ପ୍ରକାଶ ପରେ ଜିଲାପାଳ ବିଜୟ କୁମାର ଦାସ ଏହାକୁ ଗୁରୁତର ସହ ନେଇ ଉପ ଜିଲାପାଳ ଅନୁପ ପଣ୍ଡାଙ୍କ ଅଧକ୍ଷତାରେ ଏକ ଟିମ୍ ଗଠନ କରିଛନ୍ତି। ବେଆଇନ ଇଟାଭାଟିକୁ ବୁଲଡୋଜର ସାହାଯ୍ୟରେ ଭାଙ୍ଗିବା ସହ ଇଟାଭାଟି ମାଲିକଙ୍କ ଉପରେ ଆର୍ଥିକ ଜରିମାନା କରାଯାଉଛି। ଏହି ଟିମରେ ଉପ ଜିଲାପାଳ ପଣ୍ଡାଙ୍କ ସହ ଖଣି ବିଭାଗୀୟ ଅଧିକାରୀ ଦିପେନ ପରିଡା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, କାଶୀନାଗର ତହସିଲଦାର ସୁଧୀର ନନ୍ଦ, ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ସ୍ଥାନୀୟ ପୋଲିସ ରହିଛନ୍ତି। ଏହି ଟିମ ରାଣୀପେଣ୍ଟ ନିକଟସ୍ଥ ଏକ ଇଟାଭାଟି ଉପରେ ଚଢ଼ାଉ କରି ବୁଲଡୋଜର ଲଗାଇ ଏହାକୁ ଭାଙ୍ଗିଛନ୍ତି। ଏନେଇ ଉପଜିଲାପାଳ ପଣ୍ଡା କହନ୍ତି, ଏଣିକି ଆଉ ବେଆଇନ ଇଟାଭାଟିକୁ ପ୍ରଶ୍ରୟ ମିଳିବନାହିଁ। ଏହି ଟିମ ଜିଲାରେ ସବୁ ବ୍ଲକ ବୁଲିବା ସହ ବେଆଇନ ଇଟା ଭାଟି ଗଢାଯାଇଥିବା ଦେଖିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। କାରବାର ଉପରେ ଚଢ଼ାଉ କରି ଗଢି ଉଠିଥିବା ଇଟା ଭାଟିକୁ ଭାଙ୍ଗିବ। ପ୍ରଶାସନର କଡା ପ୍ରହାର ସମ୍ଭାଳିବାକୁ ପଡିବ। ସୂଚନାଯୋଗ୍ୟ, ପାରଳାଖେମୁଣ୍ଡି ସହର ସମେତ ଜିଲାର ଗୋସାଣୀ, କାଶୀନଗର, ରାୟଗଡ, ଗୁମ୍ମା ଅଞ୍ଚଳରେ ବହୁ ପରିମାଣରେ ବେଆଇନ ଇଟାଭାଟି ମାନ ଗଢି ଉଠିଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ


ଶେରଗଡ଼, ୭।୫(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ର ପୂର୍ବତନ ସରପଞ୍ଚ ବି.ଚେଇନ ପାତ୍ରଙ୍କ ପରଲୋକ ଘଟିଛି। ସେ କିଛିଦିନ ହେଲା ଶାରୀରିକ ଅସୁସ୍ଥତା ସହ ଫୁସଫୁସଜନିତ ରୋଗରେ ବ୍ରହ୍ମପୁରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ମଙ୍ଗଳବାର ଭୋରରୁ ତାଙ୍କର ପରଲୋକ ହୋଇଥିଲା। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ଖବର ପ୍ରଚାର ପରେ ଶେରଗଡ଼ସ୍ଥିତ ତାଙ୍କ ବାସଭବନରେ ବହୁ ବ୍ୟକ୍ତି ପହଞ୍ଚି ପାତ୍ରଙ୍କ ଶେଷ ଦର୍ଶନ କରିଥିଲେ।

## ଭଲ ପାଠ ପଢି ମା'ବାପାଙ୍କ ସ୍ୱପ୍ନ ସାର୍ଥକ କର

### କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ


ପାରଳାଖେମୁଣ୍ଡି,୭।୫(ଗିରିଧାରୀ ପରିଛା) ମାଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡ୍ ହାସଲ କରିଥିବା ଗଜପତି ଜିଲାର ୧୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ ସମ୍ମାନିତ କରାଯାଇଛି। ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନଠାରେ ହୋଇଥିବା ସମାରୋହରେ ଜିଲାପାଳ ବିଜୟ କୁମାର ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଡିଏଫଓ କେ.ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ପୌର ଅଧକ୍ଷା ନିର୍ମଳା ସେଠୀ, ଡିଇଓ ମାୟାଧର ସାହୁ ଉପସ୍ଥିତ ଥିଲେ। ଭଲ ପାଠ ପଢି ଭଲ ମଣିଷ ହୋଇ ମା'ବାପାଙ୍କ ସ୍ୱପ୍ନ ସାର୍ଥକ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।


ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

## ୫୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ଦାରିଙ୍ଗବାଡ଼ି,୭।୫ (ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ଅନ୍ତର୍ଗତ ବୁଡାଗୁଡ଼ା ଛକରେ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ପୋଲିସ୍ ୪ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫୦ କେଜି ଗଞ୍ଜେଇ ଜବତ ହୋଇଛି। ଗିରଫ ବ୍ୟକ୍ତିମାନେ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା କଣ୍ଟାପଡା ଗ୍ରାମର ଅରୁଣ ନାହାକ, ରମାକାନ୍ତ ନାହାକ, ଏଚ.ବୁରୁଡି ଗ୍ରାମର ବିଶ୍ୱଜିତ ନାହାକ ଏବଂ ଦାରିଙ୍ଗବାଡି ବ୍ଲକ୍ ବାଲିଗୁଡା ଥାନା ଅଞ୍ଚଳ ସାମନବାଡ଼ି ଗ୍ରାମର ସଞ୍ଜୀବ ଦିଗଲ। ପାଟ୍ରୋଲିଂ ବେଳେ ପୋଲିସ ଏକ କାରକୁ ସନ୍ଦେହ ହେବାରୁ ଅଟକାଇଥିଲା। ଉକ୍ତ କାରରେ ଚାଳକଙ୍କ ସହ ୨ଜଣ ଥିଲେ। ପୂର୍ବରୁ ଅରୁଣ ଏକ ଗଞ୍ଜେଇ ମାମଲାରେ ପୋଲିସ ନିକଟରୁ ଖସି ପଳାଇଥିଲା। ପୋଲିସ ଅରୁଣ ଏବଂ ତାଙ୍କ ସହଯୋଗୀଙ୍କୁ ଥାନାକୁ ଆଣି ପଚରା ଉଚରା କରି ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିଥିଲା। ତେବେ ଏଥିରେ ମାଷ୍ଟରମାଇଣ୍ଡ ଥିବା ରଞ୍ଜିତ ନାହାକ ଫେରାର ହୋଇଯାଇଛନ୍ତି। ଏସ୍‌ଆଇ ଜୟନ୍ତ ସେଠୀ, ତଦନ୍ତକାରୀ ଅଧିକାରୀ ଲକ୍ଷ୍ମୀ ମାଝୀ ଓ ଅନ୍ୟମାନେ ପାଟ୍ରୋଲିଂରେ ସାମିଲ ଥିଲେ।ନଂ. ୮୩/୨୫ରେ ମାମଲା ରୁଜୁ ହୋଇଛି।



## ବିଜ୍ଞାପନ ପୋଷ୍ଟର ପାଇଁ ଗଛରେ କଣ୍ଟାପିଟା

### ନଷ୍ଟ ହେଉଛି ପରିବେଶ, ବନ ବିଭାଗ ଚୁପ୍

ଦାରିଙ୍ଗବାଡ଼ି,୭।୫ (ଅରୁଣ ସାହୁ )

ଦାରିଙ୍ଗବାଡ଼ି ବନାଞ୍ଚଳରେ ୫୯ ନଂ. ଜାତୀୟ ରାଜପଥ କଡ଼ରେ ଥିବା ବଡ଼ବଡ଼ ଗଛରେ ବିଜ୍ଞାପନ ପାଇଁ କଣ୍ଟା ପିଟାଯାଇ ଗଛକୁ ନଷ୍ଟ କରାଯାଉଛି। ବିଶେଷ କରି ଏବେ ନୂତନ ଶିକ୍ଷାବର୍ଷ ପାଇଁ ଘରୋଇ ବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରଚାର ପ୍ରସାର ପାଇଁ ଗଛକୁ କଣ୍ଟାପିଟା ଯାଉଛି। ଫଳରେ ଗଛର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ହେଲେ ବନ ବିଭାଗର ଅଧିକାରୀମାନେ ଏସବୁ ଦେଖି ନିରବ ରହିବାକୁ ପରିବେଶବିତ ମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଉକ୍ତ ବ୍ଲକ୍‌ରେ ପରିବେଶର ସୁରକ୍ଷା ଦିଗରେ ଯେଉଁ ଭଳି ପଦକ୍ଷେପ ନେବା କଥା ତାହ ନିଆ ଯାଉନାହିଁ। ବିଭାଗ ତା ଦାୟିତ୍ୱ ସଠିକ ଭାବେ ତୁଲାଇଥିଲେ ହୁଏତ ଏଭଳି ଗଛରେ କଣ୍ଟାପିଟା ହୋଇ ନ ଥାନ୍ତା ବୋଲି କୁହାଯାଉଛି। ଏନେଇ ଦାରିଙ୍ଗବାଡ଼ି ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରି ଥିଲେ ବି ସେ କୌଣସି ଉତ୍ତର ଦେଇ ନ ଥିଲେ। ପରେ ବାଲିଗୁଡ଼ା ବନ ଉପଖଣ୍ଡର ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା କହିଛନ୍ତି ଯେ ଏନେଇ ସେ ସର୍ବସାଧାରଣ ସ୍ଥାନରେ ସଚେତନ ନୋଟିସ ଲଗାଇବେ ଓ ତଳସ୍ତରରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିଠି ମାଧମରେ ସେ ଏଭଳି ଗଛରେ କଣ୍ଟାପିଟା ନ କରିବାକୁ ଚିଠି କରିବେ ବୋଲି କହିଛନ୍ତି।



## ୧୦ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଛତ୍ରପୁର,୭।୫(ଦିଲୀପ ସାମଲ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଆସନ୍ତା ୧୦ ତାରିଖରେ ଛତ୍ରପୁର କୋର୍ଟ ପରିସରରେ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ହେବାକୁ ଯାଉଛି। ଏହାର ବ୍ୟାପକ ପ୍ରଚାର ଏବଂ ଲୋକଙ୍କୁ ସଚେତନତା କରିବା ନିମନ୍ତେ ବୁଧବାର କୋର୍ଟ ପରିସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଲୋକଙ୍କୁ ଅବଗତ କରାଇବ। ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧକ୍ଷ ମନୋରଞ୍ଜନ ଦାସ,ଏସଡିଜେଏମ ପ୍ରୀତିଶ କୁମାର ରଥ, ସିନିୟର୍ ସିଭିଲ ଜଜ ପୂଜା ଦେ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ଆଇନଜୀବୀ ପି. ଧର୍ମା ରେଡ୍ଡୀ, ସରକାରୀ ଓକିଲ ସିମାଞ୍ଚଳ ମହାପାତ୍ର ଏବଂ କୋର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସହରରେ ସିସି କ୍ୟାମେରା ଲଗାଇବାକୁ ଦାବି

ଜି.ଉଦୟଗିରି,୭।୫
(ଚିନ୍ମୟ କୁମାର ସେଠୀ)

ଜି. ଉଦୟଗିରି ଅଞ୍ଚଳରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଛି। ଏହି ସହର ଉପରେ ୪୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରନ୍ତି। ଅଧିକାଂଶ ସମୟରେ ସହରରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ। ଭିଡ଼ ସମୟରେ ଚୋରି, ଦୁର୍ଘଟଣା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ସହରର ପ୍ରବେଶ ଓ ପ୍ରସ୍ଥାନ ପଥ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସି କ୍ୟାମେରା ସଂଯୋଗ ନିମନ୍ତେ ଜନସାଧାରଣ ଦାବି କରିଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣୀ ପାଳନ ବେଳେ ସହର ଜନଗହଳି ପୂର୍ଣ୍ଣ ରହୁଛି। ସହର ମଧ୍ୟଦେଇ ରାଜ୍ୟ ରାଜପଥ ଯାଇଥିବାରୁ ଜନସାଧାରଣ ବଜାର ସଉଦା କରିବାକୁ ଆସି ରାସ୍ତା ଉପରେ ଗାଡିମୋଟର ରଖି ଦେଉଛନ୍ତି। ଏଥିଯୋଗୁ ଯାତ୍ରୀବାହୀ ବସ କିମ୍ବା ଛୋଟ ଗାଡ଼ି ରାସ୍ତାରେ ଫଶି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ସହରର ପ୍ରମୁଖ ସ୍ଥାନ ସହର ମଧ୍ୟକୁ ସମସ୍ତ ପ୍ରବେଶ ପଥ, ଗାନ୍ଧୀ ଛକ, ଚକରା ବିଶୋୟୀ ଛକ, ଏନଏସି ଛକ, ପୋଷ୍ଟ ଅଫିସ ଛକରେ ସିସି ଟିଭି କ୍ୟାମେରା ଲଗାଇଲେ ସହରରେ ଘଟୁଥିବା ଘଟଣା ଦୁର୍ଘଟଣା, ଚୋରି, ଡକାୟତି ଭଳି ଅପରାଧକୁ ନିୟନ୍ତ୍ରଣ କରିବା ସହଜ ହୋଇପାରିବ। ସହରର ପରିଷ୍ଠ ନାଗରିକମାନେ ମଧ ନିଜକୁ ସୁରକ୍ଷିତ ମଣିବେ। ସହରରେ ସିସି କ୍ୟାମେରା ଲଗାଇବାକୁ ସହରବାସୀ ବାରମ୍ବାର ଦାବି କରୁଥିଲେ ମଧ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଶୀଘ୍ର ସହରର ଆବଶ୍ୟକ ସ୍ଥାନଗୁଡ଼ିକରେ ସିସି କ୍ୟାମେରା ଲଗାଇବାକୁ ଦାବି ହେଉଛି।


ଜନଗହଳିପୂର୍ଣ୍ଣ ରାସ୍ତା।

## ସଂକ୍ଷେପରେ

### ଖୁସି ଜାହିର କଲେ ପୂର୍ବତନ ସେନା କର୍ମଚାରୀ

ବାରିପଦା,୭।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପହେଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଭାରତର ଅପରେଶନ 'ସିନ୍ଦୂର'କୁ ନେଇ ମୟୂରଭଞ୍ଜ ଜିଲାବାସୀଙ୍କ ସମେତ ପୂର୍ବତନ ସେନା କର୍ମଚାରୀ ଖୁସିବ୍ୟକ୍ତ କରିଛନ୍ତି। ମଙ୍ଗଳବାର ମଧ୍ୟରାତ୍ରରେ ଏୟାର ଷ୍ଟ୍ରାଇକ୍ ମାଧ୍ୟମରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ବୋମା ମାଡ଼ କରି ଭାରତ ପ୍ରତିଶୋଧ ନେଇଛି। ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ୨୬ ଜଣଙ୍କ ପରିବାରକୁ ନ୍ୟାୟ ମିଳିଛି ବୋଲି ପୂର୍ବତନ ସୈନିକ ସଂଘ ପକ୍ଷରୁ କୁହାଯାଇଛି। ଶତ୍ରୁ ପକ୍ଷକୁ ଉଚିତ ଜବାବ ଦେବା ପାଇଁ ଭାରତ ନେଇଥିବା ପଦକ୍ଷେପକୁ ସଂଘ ଭୂୟସୀ ପ୍ରଶଂସା କରିଛି। ଆବଶ୍ୟକ ପଡ଼ିଲେ ପୁଣି ନିଜ ନିଜ ଷ୍ଟେଶନକୁ ଫେରିଯାଇ ଶସ୍ତ୍ର ଉଠାଇବାକୁ ପ୍ରସ୍ତୁତ ରହିଥିବା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଦେଶ ମାତୃକା ପାଇଁ କାର୍ଯ୍ୟ କରିବାରେ କୌଣସି ଅବହେଳା ପ୍ରଦର୍ଶନ କରାଯିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଅବହେଳିତ କୁଳସାହି ନୋଡାଲ ସ୍କୁଲ

- ୩ ଶିକ୍ଷକରେ ଚାଲିଛି ପାଠପଢ଼ା
- ଆବଶ୍ୟକ ଶ୍ରେଣୀଗୃହ ନାହିଁ
- ଛାତ୍ରୀଛାତ୍ର ବିଦ୍ୟାଳୟ ଛାଡ଼ି ଅନ୍ୟତ୍ର ଯିବାକୁ ବାଧ ହେଉଛନ୍ତି




ବିଞ୍ଝାରପୁର,୭।୫(ରାମକୃଷ୍ଣ ଦାସ):

ସରକାର ଶିକ୍ଷା କ୍ଷେତ୍ରରେ ଗୁଣବତ୍ତା ପାଇଁ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ହେଲେ କେତଜଣ ଅଧିକାରୀଙ୍କ ହିନମନ୍ୟତା ପାଇଁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ୍ ଅଧୀନ ରଣପୁର ପଞ୍ଚାୟତ କଣ୍ଟିପୁର ଗ୍ରାମର କୁଳସାହି ନୋଡାଲ ସ୍କୁଲରେ। ଏହି ସ୍କୁଲ ଅବହେଳିତ ଅବସ୍ଥାରେ ରହିଛି। ଏଠାରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଶ୍ରେଣୀଗୃହର ମଧ୍ୟ ଅଭାବ ରହିଛି।

ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ଛାତ୍ରୀଛାତ୍ର ଅଛନ୍ତି। ଜଣେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ, ଜଣେ ସହକାରୀ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଛି ଶିକ୍ଷାଦାନ। ଫଳରେ ଛାତ୍ରୀଛାତ୍ରଙ୍କ ପାଠ ପଢା ବ୍ୟାଘାତ ହେଉଛି। ତେଣୁ ଛାତ୍ରୀଛାତ୍ର ବିଦ୍ୟାଳୟ ଛାଡ଼ି ଅନ୍ୟତ୍ର ଯିବାକୁ ବାଧ ହେଉଛନ୍ତି। ଖାଲି ସେତିକି ନୁହେଁ ବିଦ୍ୟାଳୟ ଖେଳ ପଡ଼ିଆ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏନେଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ତେଣୁ ଏ ଦିଗରେ ଦୃଷ୍ଟିଦେବାକୁ ରଣପୁର ସରପଞ୍ଚ ରୀୟଙ୍କା ଜେନା, ସମିତିସଭ୍ୟ ଶୁଭେନ୍ଦୁକୁମାର ଜେନାଙ୍କ ସମେତ ଏସଏମସି କମିଟି ସଦସ୍ୟ ଏବଂ ଶତାଧିକ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି। ଉକ୍ତ ବିଷୟରେ କୌଣସି ପଦକ୍ଷେପ ନିଆ ନ ଗଲେ ଆମରଣ ଅନଶନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନର ସାଧାରଣ ପରିଷଦ ବୈଠକ

ଯାଜପୁରରୋଡ୍,୭।୫ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବୁଧବାର ବ୍ୟାସନଗରସ୍ଥିତ ସାଇମର୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଗତ ଆର୍ଥିକ ବର୍ଷର ଆୟବ୍ୟୟ ହିସାବ କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହାପରେ ଆସୋସିଏଶନ ପକ୍ଷରୁ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯାଜପୁର ଜିଲାର ଅନ୍ୟତମ ଖବରଦାତା ସନ୍ଦୀପ୍ତ ରାୟ ଗୁରୁତର ଅସୁସ୍ଥ ଥିବାରୁ ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସଭାପତି ଶରତ ପଥାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଚିନ୍ତାମଣି ପାଢ଼ୀ, ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ, ବିଜୟ ସାହୁ, ଉମାକାନ୍ତ ରାଉତ, ପବିତ୍ର ରଞ୍ଜନ ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ, ସୁଦୀପ ମିଶ୍ର, ଯଜ୍ଞଦତ୍ତ ତ୍ରିପାଠୀ, ଜ୍ଞାନରଞ୍ଜନ ରାଉତ, କୈଳାସ ରାଉତ, ଭରତ ରାଉତ, ଦୁଷ୍ମନ୍ତ ରାଉତ ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅସୁସ୍ଥ ଖବରଦାତା ସନ୍ଦୀପ୍ତ ରାୟଙ୍କୁ ସଦସ୍ୟମାନେ ଭେଟି ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଠାକୁରମୁଣ୍ଡା,୭।୫ (ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ଖୁମଠାଣ ଗ୍ରାମ ନିକଟ ସାଳନ୍ଦୀ କୂଳରେ ବୁଧବାର ସକାଳେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ଖୁମଠାଣ ଗ୍ରାମର ହେମନ୍ତ ନାଏକ (୫୦)। ହେମନ୍ତ ଗ୍ରାମ ନିକଟରେ ଥିବା ସାଳନ୍ଦୀ ନଦୀକୁ ଶୌଚ ହେବାକୁ ଯାଇଥିଲା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଚିକିତ୍ସା ପାଇଁ ତାକୁ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ହେମନ୍ତଙ୍କ ମୁଣ୍ଡ, ଡାହାଣ ହାତ ଓ ଗୋଡ଼ରେ ଗଭୀର କ୍ଷତ ହୋଇଛି।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



ଯାଜପୁର ସଦର ଥାନା ପରିସରରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଉଛି।

ଯାଜପୁର ସଦର,୭।୫ (ସମର ବିଜୟ ଶରଣ):

ଯାଜପୁର ସଦର ଥାନା ପରିସରରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ମୋଟ ୬୬ ବରିଷ୍ଠ ନାଗରିକ ଏହି ପରିଚୟ ପତ୍ର ପାଇଛନ୍ତି। ସଦର ଥାନା ଓ ଯାଜପୁର ସଦର ବରିଷ୍ଠ ନାଗରିକ ମଞ୍ଚର ମିଳିତ ସହଯୋଗରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ବେହେରା ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସରକାରଙ୍କ ସୁବିଧା ସୁଯୋଗର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଭତ୍ତାଠାରୁ ଆରମ୍ଭ କରି ତୀର୍ଥ ଭ୍ରମଣ, ନ୍ୟାୟିକ ସୁବିଧା ଓ ଜରାଶ୍ରମ ବିଷୟରେ ସେ ଆଲୋକପାତ କରିଥିଲେ। ମଞ୍ଚ ସଭାପତି ଗଦାଧର ରାଉତ ନିଜ ବକ୍ତବ୍ୟରେ ମଞ୍ଚ ଗଠନ ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ଥାନା ଏସ୍‌ଆଇ ନିର୍ମଳ ସାହୁ ଯୋଗଦେଇ ଅସୁବିଧାରେ ପଡ଼ି ଥାନାକୁ ଆସୁଥିବା ବରିଷ୍ଠ ନାଗରିକଙ୍କୁ ଥାନା ପକ୍ଷରୁ ସମସ୍ତ ସାହାଯ୍ୟ ସହଯୋଗ କରାଯିବ ବୋଲି କହିଥିଲେ। ମଞ୍ଚ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଓଝା ମଞ୍ଚର ଆଭିମୁଖ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଦର ଥାନାର ସମସ୍ତ ଅଧିକାରୀ, କର୍ମଚାରୀ ଓ ମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ମଞ୍ଚ କୋଷାଧ୍ୟକ୍ଷ ମଦନ ମୋହନ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଗୋରୁ ବୋଝେଇ ୨ ଗାଡ଼ି ଜବତ

ଠାକୁରମୁଣ୍ଡା,୭।୫(ତାରାକାନ୍ତ ପଟ୍ଟନାୟକ):ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ତରାମରା ନିକଟ ଦରଦରା ଛକ ନିକଟରୁ ମଙ୍ଗଳବାର ରାତିରେ ଚାଲାଣ ହେଉଥିବା ୨ଟି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଠାକୁରମୁଣ୍ଡା ଥାନା ପୋଲିସ ଜବତ କରିଛି। ଆନନ୍ଦପୁର ଅଞ୍ଚଳରୁ ଗୋରୁ ବୋଝେଇ କରି ଏହି ଭ୍ୟାନ୍ ଦୁଇଟି ଠାକୁରମୁଣ୍ଡା ରାସ୍ତାରେ ଆସୁଥିବା ବେଳେ ସ୍ଥାନୀୟ ଲୋକ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପାଟ୍ରୋଲିଂ କରୁଥିବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭ୍ୟାନ ଦୁଇଟିକୁ ଆଣି ଥାନାରେ ଅଟକ ରହିଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୪୫/୨୫) ରୁଜୁ କରି ଡ୍ରାଇଭର ଆନନ୍ଦପୁର ଥାନା ଅନ୍ତର୍ଗତ ମୋଚିନନ୍ଦା ଗ୍ରାମର ଲକ୍ଷ୍ମୀଧର ସାହୁ ଓ ଭିକାରୀ ଚରଣ ସାହୁ ଓ ଶାଳବଣି ଗ୍ରାମର ଅବିନାଶ ନାଥଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ଉଦ୍ଧାର ହୋଇଥିବା ମୋଟ ୨୦ଟି ଗୋରୁଙ୍କୁ ପୋଲିସ ଡୁରୁମୁଙ୍ଗାଠାରେ ଥିବା ଗୋଶାଳାରେ ଛାଡ଼ିଛି।


**PUBLIC CAUTION NOTICE**

General Public is hereby informed that, we **"ZEE LEARN LIMITED"** ("Company") having registered office at Continental Building 135, Dr. Annie Besant Road, Worli, Mumbai-400018 is the registered proprietor of the Trademark/Brand name **"MOUNT LITERA ZEE SCHOOL"** ("Trade Mark") and have the Copyright in the design and logo of "MOUNT LITERA ZEE SCHOOL", the Know-how and copyrights in the standards, Publicity material, packaging, drawing and the like.

Vide the Academic Alliance Agreement ("Agreement") dated 27.06.2022 executed between **Gurukripa Foundation** (through its authorized signatory P.K. Swain) and the Company, the Company had granted a non-exclusive, revocable, limited right and permission to **Gurukripa Foundation** to use the Company's brand name **"Mount Litera Zee School"** ("Trade Mark") for running Mount Litera Zee School ("School") from Bhagabatipura, Bhubaneshwar, Odisha under MLZS Program.

This is to further inform the General Public that, **Gurukripa Foundation** is not in association with the Company anymore and accordingly **Gurukripa Foundation** is not authorized to use the Trade Mark **"Mount Litera Zee School"** or run the MLZS program of the Company in the said School.

Thus, in view of Company's disassociation with **Gurukripa Foundation**, the Company will not be responsible for the curricular material, teaching resources, teaching and learning methodology, administration and expertise being conducted in the said School. For any query, you may reach out to us at mountlitera@zeelearn.com or on 912271541895/9320063100 for any support.

For **Zee Learn Limited**



**LIC** LIFE INSURANCE CORPORATION OF INDIA
DIVISIONAL OFFICE, JEEVAN PRAKASH, AINTHAPALI, SAMBALPUR-768004

**EMPANELMENT NOTICE**

Application are invited from Vendors/Firms for the empanelment for various jobs as mentioned below for Sales department of Divisional Office, Sambalpur.
**1**. Printing of Poster/Banner/Leaflet/Booklet etc. **2**. Making of Signage/Hoarding/Glowsign/ACP signage/Mobile van activities etc. **3.** Supply of competition prizes, Stationary items, Gift items, Utencils, Cloth, Blanket, Badges, Medals, Trophies & shield, Electrical & Electronic items, Bag with specification, Gold & Silver Coin etc. **4.** Event management for organizing meeting, Convention & educational seminar
The vendors/Firms desiring to be empanelled with us can visit **"https//www.licindia.in"** for details or personally visit Sales Department, LIC, Divisional Office, Sambalpur within office hour.
The application for empanelment along with the necessary enclosures are to be sent to the Sales Department and should reach us on or before **04.06.2025 up to 4 PM**. The fees for empanelment @Rs.300/- + GST Rs.54/- (Total-Rs.354/-) which is to be deposited through DD/Banker's cheque in favour of LIC of India, payable at Sambalpur or in cash counter.
LIC Of India reserves the right to accept or reject any or all applications in full or part without assigning any reasons whatsoever.

Sd/-
**Date-05.05.2025** **Sr.Divisional Manager**



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No.1166 /OSOU/2025 Dt. 07.05.2025

**EMPLOYMENT NOTICE**

Applications are invited from eligible candidates as per UGC / AICTE eligibility criteria to fill up the faculty positions of Retired Professor(s), Retired Associate Professor(s) and Assistant Professor(s) (Guest Faculties) on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) 1-**Political Science**, 2-**History**, 3-**Rural Development**, 4-**Sociology**, 5-**Odia**, 6-**Economics**, 7-**English**, 8-**Sanskrit**, 9-**Commerce**, 10-**Hindi**, 11-**Journalism and Mass Communication**, 12-**Public Administration**, 13-**MBA (Disaster Management)**, 14-**Master of Computer Science (Cyber Security/ AI & ML)**, 15-**MCA (AI & ML / Cyber Security / Data Science)** and 16-**Education**.

The filled-in application may be submitted either Online via e-mail **<recruitment@osou.ac.in>** or Offline (but not mixing), complete in all respects along with supporting documents by **09th June, 2025, 5 p.m.** to the Registrar, Odisha State Open University, At-Badsinghari, P.O-Goshala Chowk, Sambalpur, PIN-768024 (Odisha).

For details of terms and application form, please visit
**www.osou.ac.in**

Sd-
Registrar


# ୧୫ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ



ଭାଜପା ଯାଜପୁର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ ପାନୀୟଜଳ ପ୍ରକଳ୍ପ ଅଧିକାରୀଙ୍କୁ ଭେଟି ଆଲୋଚନା କରୁଛନ୍ତି।

ଦଶରଥପୁର,୭।୫ (ସୁଶାନ୍ତ ବେହୁରିଆ):

ଦଶରଥପୁର ବ୍ଲକ ଅନ୍ତର୍ଗତ ୧୫ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗ୍ରୀଷ୍ମ ଋତୁରେ ଅଧିକାଂଶ ନଳକୂପ ଅଚଳ ହୋଇପଡ଼ିଛି। ଫଳରେ କେତେକ ସ୍ଥାନରେ ଥିବା ବସୁଧା ପ୍ରକଳ୍ପ ସମସ୍ତ ଅଞ୍ଚଳକୁ ପାନୀୟ ଜଳ ଯୋଗାଇବାକୁ ସକ୍ଷମ ହେଉନାହିଁ। ଅଞ୍ଚଳର ଏପରି ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଭାଜପା ଯାଜପୁର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ। ବୁଧବାର ସେ ତଳିହା ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱରଠାରେ ଥିବା ମେଗା ପ୍ରକଳ୍ପ କାର୍ଯ୍ୟାଳୟରେ ପହଞ୍ଚି ପ୍ରକଳ୍ପର ମ୍ୟାନେଜର ରାମାନୟାଏଲୁ ଓ ଲାଇସିନିଙ୍ଗ ଅଫିସର ସଂଜୀବ ମଲ୍ଲିକଙ୍କ ସହ ପାନୀୟ ଜଳ ଯୋଗାଣ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ଆଲୋଚନା ସମୟରେ ବରିଷ୍ଠ ଭାଜପା ନେତା ନିରଞ୍ଜନ ବେହୁରିଆ, ଶୁକଦେବଦାସ, ଶୈଳେନ୍ଦ୍ର ସାମଲ, ଚିନ୍ମୟୀ ପାଣ୍ଡ, ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

୧୭୯ କୋଟି ଟଙ୍କା ବ୍ୟୟ ଅଟକଳରେ ଦଶରଥପୁର ବ୍ଲକ ଅଧୀନ ୩୫ ପଞ୍ଚାୟତର ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ପାଇପ ମାଧ୍ୟମରେ ଯୋଗାଇଦେବା ନିମନ୍ତେ ଠିକା ସଂସ୍ଥା ଦାୟିତ୍ୱ ନେଇଥିଲା। ଏହା ୨୦୨୩ ସୁଦ୍ଧା କାର୍ଯ୍ୟକ୍ଷମ ହେବା କଥା। ମାତ୍ର ଅବଧିର ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ସୁଦ୍ଧା ଅଦ୍ୟାବଧି ୨୫ ପଞ୍ଚାୟତକୁ ପାଇପ ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ଚଳିତ ଗ୍ରୀଷ୍ମ ଋତୁରେ ପିଇବା ପାଣି ଟୋପାଏ ପାଇଁ ଜନସାଧାରଣ ନାନା ସମସ୍ୟାରେ ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଆଗାମୀ ଦିନରେ ସଭାନେତ୍ରୀ ମଲ୍ଲିକ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି କିପରି ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ ହୋଇପାରିବ ସେ ଦିଗରେ ଆଲୋଚନା କରିବେ ବୋଲି କହିଛନ୍ତି।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/11 ତା.05.05.2025ରିଖ

1) ଟେଣ୍ଡର ସଂ. etenderEastkur-39-2025, ତା.01-05-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-I/ କଟକଙ୍କ ଅଧିକାର କ୍ଷେତ୍ର ଅଧିନରେ ଜେନାପୁର - ନିର୍ଗୁଣ୍ଡି UP ଏବଂ DN ଲାଇନ ତଥା ଜେନାପୁର - ହରିଦାସପୁର ମଧ୍ୟରେ ମଧ୍ୟ ଲାଇନ ଏବଂ ହରିଦାସପୁର - ବୈତରଣୀ ଓ କପିଳାସ ରୋଡ୍ - ନିର୍ଗୁଣ୍ଡିର ତୃତୀୟ ଲାଇନ ସହିତ କପିଳାସ ରୋଡ୍ - ଶାଳଗାଁ UP ଏବଂ DN ଲାଇନ ତଥା ନିର୍ଗୁଣ୍ଡି - ବାରଙ୍ଗ (UP ଏବଂ DN ) ଲାଇନ ଏବଂ ନିର୍ଗୁଣ୍ଡି - ଗୁରୁଡ଼ିଝାଟିଆ (UP ଏବଂ DN ) ଲାଇନରେ ରେଳପଥର ରଙ୍ଗ କରିବା, ଲାଇନର କଂଟାକ୍ଟ ଏରିଆକୁ ସିଲ୍ କରିବା ଏବଂ ERCs ର ଗ୍ରୀସିଂ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 312.65 ଲକ୍ଷ, EMD (₹) : 3,06,300.00 ।

2) ଟେଣ୍ଡର ସଂ. e-tender-eastkur-40-2025, ତା.01-05-2025ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କାର୍ଯ୍ୟ)/ ପାରାଦୀପଙ୍କ ଅଧିନରେ କଟକ (Ex) ଠାରୁ ପାରାଦୀପ ସେକ୍ସନରେ 30.06.2026 ସମୟସୀମା ପାଇଁ ନୂତନ କାର୍ଯ୍ୟ, ସଂଯୋଜନା ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ୱା ତା'ଠାରୁ କମ୍ ହେବା ଆବଶ୍ୟକ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 80.92 ଲକ୍ଷ, EMD (₹) : 1,61,900.00 ।

3) ଟେଣ୍ଡର ସଂ. etenderEastkur-43-2025, ତା.01-05-2025ରିଖ

**ବିବରଣୀ :** ପୂର୍ବ ତଟ ରେଳପଥ କ୍ରୀଡ଼ା ସଂଘ, ଖୋର୍ଦ୍ଧା ରୋଡ୍‌ଙ୍କ ଅଧିନରେ ଗୋରଖା କଲୋନୀ ଖେଳ ପଡ଼ିଆକୁ ଖେଲୋ ଇଣ୍ଡିଆ କେନ୍ଦ୍ର ରୂପେ ବିକାଶ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 98.12 ଲକ୍ଷ, EMD (₹) : 1,96,300.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.23.05.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-101/Q/25-26



ଇଣ୍ଡିଆନ ବ୍ୟାଙ୍କ Indian Bank — इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ମଧୁପାଟଣା ଶିଳ୍ପାଞ୍ଚଳ ଶାଖା** / **ଋଣଗ୍ରହୀତା:** ମେସର୍ସ କର ଫାବ୍ରିକେସନ୍(ଫାର୍ମ), **ସ୍ୱତ୍ତ୍ୱାଧିକାରୀ:** **ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କର / **ଋଣଗ୍ରହୀତା** / **ବନ୍ଧକଦାତା: ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କର / **ଗ୍ୟାରେଣ୍ଟିଦାତା: ଦେବେନ୍ଦ୍ରନାଥ କର,** ପିତା: ଉପେନ୍ଦ୍ର କର, ସମସ୍ତଙ୍କ ଠିକଣା ସା/ପୋ: ଭୈରପୁର, ଗ୍ରା.ପ.: ମୁତାରିଫା, ଥାନା: ଜଗତପୁର, କଟକ - ୭୫୪୨୦୦ | ୦୫.୦୫.୨୦୨୫ ସୁଦ୍ଧା ଟ.୫୩,୧୨,୮୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୫.୦୨.୨୦୨୫ / ୦୫.୦୫.୨୦୨୫ | **ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୧/୫୩୬, ପ୍ଲଟ୍ ନଂ.: ୬୬୧/୨୯୧୯, ପ୍ରକାର: ଘରବାରି, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, ମୌଜା: ଭୈରପୁର, ତହସିଲ: ସାଲେପୁର, ପୋ/ଥାନା: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ରାସ୍ତା, ଉତ୍ତର: ଭୁବନାନନ୍ଦ କର, ପଶ୍ଚିମ: ଭୁବନାନନ୍ଦ କର, ପୂର୍ବ: କାଞ୍ଚନବାଳା ସାହୁ |
| **ଚୌଦ୍ୱାର ଶାଖା** / ଋଣଗ୍ରହୀତା: ମେସର୍ସ ଡାଇମଣ୍ଡ ଜୁଏଲର୍ସ (ଫାର୍ମ), **ସ୍ୱତ୍ତ୍ୱାଧିକାରୀ: ରମଣୀ ରଞ୍ଜନ ମହାରଣା** / **ଋଣଗ୍ରହୀତା: ରମଣୀ ରଞ୍ଜନ ମହାରଣା,** ପିତା: ବାଇଧର ମହାରଣା / **ଗ୍ୟାରେଣ୍ଟିଦାତା** / **ବନ୍ଧକଦାତା: ବାଇଧର ମହାରଣା,** ପିତା: ୰ ରାଜ କିଶୋର ମହାରଣା, ସମସ୍ତଙ୍କ ଠିକଣା ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ | ୦୫.୦୫.୨୦୨୫ ସୁଦ୍ଧା ଟ.୫,୮୪,୨୪୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୫.୦୨.୨୦୨୫ / ୦୫.୦୫.୨୦୨୫ | **ବାଇଧର ମହାରଣା,** ପିତା: ୰ ରାଜ କିଶୋର ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୩୪/୧୯୩, ପ୍ଲଟ୍ ନଂ.: ୭୦୩/୨୦୩୮, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନନ୍ତ ଚରଣ ମହାରଣା, ଦକ୍ଷିଣ: ନାରାୟଣ ମହାରଣା, ପୂର୍ବ: ଶ୍ରୀରାମ ଚନ୍ଦ୍ର ମହାରଣା, ପଶ୍ଚିମ: ରାସ୍ତା |

**ସ୍ଥାନ: କଟକ, ତାରିଖ : ୦୭.୦୫.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ଗୋଟିଏ ଗାଁରେ ସ୍ଥାୟୀ ଘର, ଅନ୍ୟ ଗାଁରୁ ପାଇଛନ୍ତି ବାସସ୍ଥାନ, ଆଧାର

## କୁଜଙ୍ଗ ତହସିଲ

କୁଜଙ୍ଗ, ୭।୫ (ମନୋଜ ପ୍ରଧାନ)

କୁଜଙ୍ଗ ତହସିଲ ଅଞ୍ଚଳରେ ବାସସ୍ଥାନ ପ୍ରମାଣ ପତ୍ର ଓ ଆଧାର ପରିଚୟ ପତ୍ରକୁ ନେଇ ଅଜବ ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ କ୍ଷେତ୍ରରେ ଦେଖାଯାଉଛି ବର୍ଷ ବର୍ଷ ଧରି ଶହ ଶହ ଅଧିବାସୀ ଗୋଟିଏ ଗାଁରେ ସ୍ଥାୟୀ ଭାବେ ବସବାସ କରି ଆସୁଥିବା ବେଳେ ଅନ୍ୟ ଏକ ଗାଁ ବା ପଞ୍ଚାୟତର ସ୍ଥାୟୀ ବାସସ୍ଥାନ ପ୍ରମାଣ ପତ୍ର ଓ ଆଧାର ପରିଚୟ ପତ୍ର ହାତେଇବାକୁ ସକ୍ଷମ ହୋଇଛନ୍ତି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯାହାକି ଭବିଷ୍ୟତରେ ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହେବା ନିଶ୍ଚିତ। ଖାଲି ସେତିକି ନୁହେଁ ଭବିଷ୍ୟତରେ ପଡୋଶୀ ଗାଁ ଗାଁ ମଧ୍ୟରେ ବିବାଦ ସୃଷ୍ଟି ହେବ। ଏହି ସୁଯୋଗରେ ଏଭଳି ବାସିନ୍ଦାମାନେ ସରକାରୀ ଜାଗା ବା ସଂରକ୍ଷିତ ସ୍ଥାନକୁ ଜବରଦଖଲ କରି ଚାଲିଛନ୍ତି। ଏମାନେ ଚତୁରତାର ସହ ଯେଉଁ ଗାଁରେ ଘର କରି ରହୁଛନ୍ତି ସେହି ଗାଁର ସରକାରୀ ଜାଗାକୁ ଜବରଦଖଲ କରିଛନ୍ତି। କିନ୍ତୁ ଚଞ୍ଚକତା କରି ଅନ୍ୟ ଗାଁର ବାସସ୍ଥାନ ପ୍ରମାଣ ପତ୍ର, ଆଧାର ପରିଚୟ ପତ୍ର ଓ ଭୋଟର ହୋଇ ୨ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି ସରକାରୀ ଜାଗା ହାତେଇଛନ୍ତି। ଏଭଳି ଅବସ୍ଥା କୁଜଙ୍ଗ ତହସିଲ ଅନ୍ତର୍ଗତ ୨ ପଡୋଶୀ ମୌଜା କୁଜଙ୍ଗ ଓ ବାଗୋଇ କ୍ଷେତ୍ରରେ ଦେଖାଦେଇଛି। ବହୁବର୍ଷ ଧରି କୁଜଙ୍ଗ ମୌଜାର ପଡା ଗ୍ରାମ ନବାଡିଆକୁ ଲାଗି ବାଗୋଇ ଗ୍ରାମ ରାଜସ୍ୱ ସୀମାରେ ୨୦ରୁ ଊର୍ଦ୍ଧ୍ୱ ପରିବାର ଯାହାର ଜନସଂଖ୍ୟା ୧୦୦ରୁ ଅଧିକ ହେବ। ସେମାନେ ସ୍ଥାୟୀ ଭାବେ ଘର କରି ରହିଆସୁଥିଲେ ବି କୁଜଙ୍ଗ ପଞ୍ଚାୟତର ଭୋଟର ହେବା ସାଙ୍ଗକୁ କୁଜଙ୍ଗ ମୌଜାର ସ୍ଥାୟୀ ବାସସ୍ଥାନ ପ୍ରମାଣ ପତ୍ର ତହସିଲ କାର୍ଯ୍ୟାଳୟରୁ ପାଇବାକୁ ସକ୍ଷମ ହୋଇଛନ୍ତି।

ଅନ୍ୟପକ୍ଷେ ଆଧାର ପରିଚୟ ପତ୍ର ମଧ୍ୟ କୁଜଙ୍ଗ ମୌଜାରୁ ହାତେଇଛନ୍ତି। ସରକାରଙ୍କ କେଉଁ ନିୟମ ଆଧାରରେ ଏମାନଙ୍କୁ କୁଜଙ୍ଗ ମୌଜାର ସ୍ଥାୟୀ ବାସସ୍ଥାନ ପ୍ରମାଣ ପତ୍ର ମିଳିବା ସାଙ୍ଗକୁ ବିଜୁଳି ସଂଯୋଗ ଦିଆଯାଇଛି ଓ ଆଧାର ପରିଚୟ ପତ୍ର ମିଳିଛି ଯାହାକି ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଆହୁରି ମଧ୍ୟ ଏପରିସ୍ଥଳେ କୁଜଙ୍ଗ ବାଲିତୁଠ ରାସ୍ତା କଡ଼ରେ ଥିବା ବାଗୋଇ ଗାଁର କ୍ଲବ ପାଇଁ ସଂରକ୍ଷିତ ଥିବା ଏକ ଜାଗା ଜବରଦଖଲରେ ଅଛି। ଏ ସମ୍ପର୍କରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପଚାରିବାରେ ଏଭଳି ଘଟଣା ସମ୍ପର୍କରେ ଅବଗତ ନ ଥିଲେ କି କୌଣସି ଅଭିଯୋଗ ପାଇ ନାହିଁ। ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ଗୋବିନ୍ଦପୁର ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ୍



କୁଜଙ୍ଗ, ୭।୫(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ, ଏରସମା ବ୍ଲକ୍ ପ୍ରଶାସନ, ବାତ୍ୟା ଆଶ୍ରୟସ୍ଥଳୀ ମରାମତି, ପରିଚାଳନା କମିଟି, ଗୋବିନ୍ଦପୁର ଓ ଢିଙ୍କିଆ ପଞ୍ଚାୟତର ମିଳିତ ସଂଯୋଜନାରେ ବୁଧବାର ମକ୍‌ଡ୍ରିଲ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳଠାରେ ହୋଇଥିଲା। ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ନ ଯୁଦ୍ଧ ସମୟରେ କିପରି ସ୍ଥାନୀୟ ଲୋକ ବିଭିନ୍ନ ନିରାପତ୍ତା ଉପାୟ ଅବଲମ୍ବନ କରିବେ ଓ ନିଜକୁ ସୁରକ୍ଷିତ ରଖିବେ ସେ ସମ୍ବନ୍ଧରେ ଆଲୋଚନା ସାଙ୍ଗକୁ ବିଭିନ୍ନ ରଣକୌଶଳ ପ୍ରଦର୍ଶିତ ହୋଇଥିଲା। ଏଥିରେ ଏରସମା ବ୍ଲକର ଏଡିଓ ନୃସିଂହ ଶୁକ୍ଳ, ଢିଙ୍କିଆ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଜେନା, ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟି ସମ୍ପାଦକ ରଞ୍ଜନ ବର୍ଦ୍ଧନ, ନାଏବ ସରପଞ୍ଚ ତୀର୍ଥଙ୍କର ଦାସ, ଏମ୍ବିକେ ସନ୍ଧ୍ୟାରାଣୀ ପାତ୍ର, ଅଙ୍ଗନୱାଡି କର୍ମୀ ସାବିତ୍ରୀ ରାଉତ, କମିଟି ସଦସ୍ୟ ପ୍ରଭାତ ରାଉତ ପ୍ରମୁଖ ଯୋଗଦେଇ ଏ ସମ୍ବନ୍ଧରେ ଆଲୋଚନା କରିଥିଲେ। ପହଲଗାମ ଆକ୍ରମଣରେ ମୃତ ବ୍ୟକ୍ତିମାନଙ୍କ ପାଇଁ ୨ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସିନ୍ଦୂର ଅପରେଶନକୁ ନୈତିକ ସମର୍ଥନ କରାଯାଇ ସୈନ୍ୟ ବାହିନୀ ପାଇଁ ଠାକୁରଙ୍କୁ ପ୍ରାର୍ଥନା କରାଯାଇଥିଲା।

# ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ





ନିର୍ବାଚିତ ଓକିଲ ସଂଘର କର୍ମକର୍ତ୍ତାଙ୍କୁ ଶପଥପାଠ କରାଯାଉଛି।

ଏରସମା, ୭।୫ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଦେୱାନୀ ଓ ବିଚାର ବିଭାଗୀୟ ଅଦାଲତ ପରିସରରେ ଏରସମା ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଦୀପ୍ତି ରଞ୍ଜନ କୁଅଁରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଅଦାଲତର ବିଚାରପତି ରୋଶନୀବାଳା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନବ ନିର୍ବାଚିତ ଉପସଭାପତି ଆଇନଜୀବୀ ପ୍ରଭାତ କୁମାର ବହିରା, ସମ୍ପାଦକ ମୁରଲୀଧର ମଲ୍ଲିକ, ଯୁଗ୍ମ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ, ପାଠାଗାର ସମ୍ପାଦକ ବୀଣାପାଣି ମଲ୍ଲିକ, କୋଷାଧ୍ୟକ୍ଷ ସୁବୋଧ କୁମାର ପ୍ରଧାନଙ୍କୁ ନିର୍ବାଚନ ଅଧିକାରୀ ଆଇନଜୀବୀ ଡ. ଶରତ ଚନ୍ଦ୍ର ପରିଡା, ହରିହର ଓଝା ଶପଥ ପାଠ କରାଇଥିଲେ। ଏଥିରେ ଯୋଗଦେଇଥିବା ଜଗତ୍‌ସିଂହପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଦେବାଶିଷ ଚୌଧୁରୀ, କୁଜଙ୍ଗ ଓକିଲ ସଂଘର ଉପସଭାପତି ବିଚିତ୍ରାନନ୍ଦ ସ୍ୱାଇଁ, ଏରସମା ଓକିଲ ସଂଘର ପୂର୍ବତନ ସଭାପତି ପ୍ରତାପ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ଅନିବାର୍ଯ୍ୟ କାରଣ ବଶତଃ ସଭାପତି ପଦବୀର ଫଳାଫଳ ସ୍ଥଗିତ ରଖାଯାଇ ଉପସଭାପତି ପ୍ରଭାତ କୁମାର ବହିରଙ୍କୁ ଭାରପ୍ରାପ୍ତ ସଭାପତି ଭାବେ କାର୍ଯ୍ୟ କରିବାକୁ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି ବୋଲି ସମ୍ପାଦକ ମୁରଲୀଧର ମଲ୍ଲିକ ଜଣାଇଛନ୍ତି। ଏଥିରେ ଅଞ୍ଜନ କୁମାର ରାଉତ, ନୃସିଂହ ଚରଣ ନାୟକ, ଅକ୍ଷୟ କୁମାର ମହାନ୍ତି, ସୁମନ୍ତ କୁମାର ବାରିକ, ମିତ୍ରଭାନୁ ମଲ୍ଲ ପ୍ରମୁଖ ସଭା ପରିଚାଳନା କରିଥିଲେ। ଶେଷରେ ସଂଘର ପୂର୍ବତନ ସଭାପତି ନିକୁଞ୍ଜ କିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଗୋଟିଏ ପ୍ରକଳ୍ପ ପାଇଁ ୨ ଥର ଶିଳାନ୍ୟାସ

## ନାଉଗାଁ ବ୍ଲକ୍‌ରେ ଫଳକ ରାଜନୀତି

ନାଉଗାଁ, ୭।୫ (ସୁଧା ବେହୁରା)

ନାଉଗାଁ ତହସିଲ ଅନ୍ତର୍ଗତ ଡେରିକି ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ବୁଧବାର ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। କାର୍ଯ୍ୟାଳୟ ସହ ରାଜସ୍ୱ ନିରୀକ୍ଷକଙ୍କ ପାଇଁ ଆବାସିକ ଗୃହ ନିର୍ମାଣ କରାଯିବ। ଫଳରେ ରାଜସ୍ୱ ନିରୀକ୍ଷକମାନେ ନିଜ ଅଞ୍ଚଳରେ ରହି ଜନସାଧାରଣଙ୍କୁ ଅଧିକ ସମୟ ଦେଇ ପାରିବେ। ଯାହା ଦ୍ୱାରା ପୂର୍ବ ଅପେକ୍ଷା ଅଧିକ କାର୍ଯ୍ୟ କରାଯିବା ସହ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିବା ଜନସାଧାରଣ ସୁବିଧାରେ ସମସ୍ତ କାର୍ଯ୍ୟ କରିପାରିବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୫ ମାସ ତଳେ ଅର୍ଥାତ ୨୦୨୪ ଫେବୃଆରୀ ୨୯ରେ ତତ୍କାଳୀନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଦ୍ୱାରା ପ୍ରଥମେ ଶିଳାନ୍ୟାସ କରାଯାଇଥିଲା। ଏପରିକି ଏହି ଗୃହ ନିର୍ମାଣ ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଜଗତ୍‌ସିଂହପୁର ଦ୍ୱାରା ଟେଣ୍ଡର କରାଯାଇ ଠିକାଦାର ମଧ୍ୟ ଚୟନ କରାଯାଇଥିଲା। ଯେଉଁସ୍ଥାନରେ ଉକ୍ତ ଗୃହ ନିର୍ମାଣ କରାଯିବା କଥା ସେଠାରେ ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ତହସିଲ ପକ୍ଷରୁ ଉକ୍ତ ଅଞ୍ଚଳକୁ ଜବରଦଖଲ ମୁକ୍ତ ମଧ୍ୟ କରାଯାଇ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଥିଲା। କିନ୍ତୁ ଗୃହ ନିର୍ମାଣ କରାଯାଇ ନ ଥିଲା। ୨ୟ ଥର ପାଇଁ ପୁନର୍ବାର ଶିଳାନ୍ୟାସ କରାଯାଇଥିବାରୁ ଉକ୍ତ ବ୍ଲକରେ ଫଳକ ରାଜନୀତି ଜୋର ଧରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିଧାୟକ ଅମରେନ୍ଦ୍ର ଦାସଙ୍କୁ ପଚାରିବାରେ, ସେମାନେ ଶିଳାନ୍ୟାସ କରିଥିଲେ ସତ ହେଲେ ଗୃହ ନିର୍ମାଣ କରି ପାରି ନ ଥିଲେ । ଆଜି ଯେଉଁ ଶିଳାନ୍ୟାସ କରାଗଲା ୬ ମାସ ମଧ୍ୟରେ କାମ ସରି ପୁନର୍ବାର ଉଦ୍‌ଘାଟନ କରାଯିବ। କାର୍ଯ୍ୟାଳୟ ସହ ଆବାସିକ ଗୃହ ରହୁଥିବାରୁ ଜନସାଧାରଣ ୮ ଘଣ୍ଟା ପରବର୍ତ୍ତେ ୧୮ ଘଣ୍ଟା ସେବା ପାଇପାରିବେ। ଉକ୍ତ ପ୍ରକଳ୍ପ ପାଇଁ ୧ କୋଟି ୬ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ୨ ଥର ଶିଳାନ୍ୟାସ ବିଷୟରେ ବିଭାଗର ଏସ୍‌ଡିଓ ମଞ୍ଜୁଲତା ଟୁଡୁଙ୍କୁ ପଚାରିବାରେ ଜମିଜମା ବିବାଦ ଥିବାରୁ ଗୃହ ନିର୍ମାଣ କରାଯାଇ ପାରି ନ ଥିବା କହିଥିଲେ।



ବିଧାୟକ ଅମରେନ୍ଦ୍ର ଦାସ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# ଫାଶୀ ବଦଳରେ ବର୍ଗାକାର ଜାଲ ବ୍ୟବହାରକୁ ଗୁରୁତ୍ୱ

## ଏମ୍‌ପିଇଡିଏ ପକ୍ଷରୁ ସଚେତନତା ବୈଠକ

ପାରାଦୀପ, ୭।୫(ଶରତ ରାଉତ)

ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ପିଇଡିଏ) ପକ୍ଷରୁ ବୁଧବାର ପାରାଦୀପ ମାଛଧରା ବନ୍ଦର ପରିସରରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମୁଦ୍ରରେ ବ୍ୟବହାର ହେଉଥିବା ଫାଶୀ ଜାଲ ଆଦୌ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। କାରଣ ଉକ୍ତ ଜାଲରେ ଯାଆଁଳଠାରୁ ଆରମ୍ଭ କରି ବଡ଼ ମାଛ ସବୁ ପଶି ମରି ଯାଆନ୍ତି। ଏବେ ସରକାର ସମୁଦ୍ରରେ ମାଛ ବଂଶ ସୁରକ୍ଷା ପାଇଁ ବର୍ଗାକାର ଜାଲ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଏଥିରେ ସାମୁଦ୍ରିକ ମତ୍ସ୍ୟଜୀବୀ, ବୋଟ ମାଲିକ, ଜାଲ ବ୍ୟବସାୟୀ ଆଦି ଉପସ୍ଥିତ ଥିଲେ। ଏମ୍‌ପିଇଡିଏ ନିର୍ଦ୍ଦେଶକ ଆର୍ଚିମାନ ଲାହିରୀ, ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ମତ୍ସ୍ୟ ବିଭାଗର ଅଧିକାରୀ ତୁଷାରକାନ୍ତ ମହାପାତ୍ର, ବିଜୟ କର, ଓମ୍ପା ସଭାପତି ଶ୍ରୀକାନ୍ତ ପରିଡା, ସମ୍ପାଦକ ଅରବିନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜମ୍ମୁ କଶ୍ମୀରରେ ଯୁଦ୍ଧର ମୁକାବିଲା କରୁଛନ୍ତି ଡାଙ୍ଗମାଳର ୨ ବୀରପୁତ୍ର

ରାଜନଗର,୭।୫(ଭାସ୍କର ରାଉତରାୟ)

ପାକିସ୍ତାନୀ ଆତଙ୍କବାଦୀଙ୍କ ବର୍ବୋରଚିତ ଗୁଳିକାଣ୍ଡରେ ପହଲଗାମରେ ୨୬ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବ୍ ଦେବାକୁ ପାକିସ୍ତାନ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ବୀର ଯବାନ ଆକ୍ରମଣ କରିଛନ୍ତି। ଏଥିରେ ସାମିଲ ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଡାଙ୍ଗମାଳର ୨ ବୀର ଯବାନ। ସେମାନେ ଜମ୍ମୁ କଶ୍ମୀରରେ ନିଯୋଜିତ ହେବା ସହ ଯୁଦ୍ଧର ମୁକାବିଲା କରୁଛନ୍ତି। ଡାଙ୍ଗମାଳ ଗାଁର ସଦାଶିବ ବେଦୀ ଓ ଶ୍ୟାମାମଣି ବେଦୀଙ୍କ ପୁଅ ଶଶିକାନ୍ତ (୨୪) ପହଲଗାମ୍ ଆକ୍ରମଣ ପରେ ସେଠାରେ ସର୍ଚ୍ଚ ଅପରେଶନ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ପହଲଗାମ୍‌ରେ ସେ ନିୟୋଜିତ ଅଛନ୍ତି। ସେହିପରି ଡାଙ୍ଗମାଳ ଗାଁର ପ୍ରିୟବ୍ରତ ବେହୁରା (୪୫)ଙ୍କ କଶ୍ମୀର କୁପୁୱାଡାକୁ ବଦଳି ହୋଇଛି। ସେଠାରେ ବିଏସ୍‌ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, କମ୍ପାନୀ କମାଣ୍ଡର ଭାବେ କାମ କରୁଛନ୍ତି। ଭାଇ ପାଇଁ ପୁରା ପରିବାର ଗର୍ବିତ ବୋଲି ତାଙ୍କ ସାନଭାଇ ପ୍ରୀତି ରଞ୍ଜନ କହିଛନ୍ତି। ସେଥିପାଇଁ ମା' ଜୟଦୁର୍ଗାଙ୍କ ପୀଠରେ ଦୀପଦାନ ଓ କୀର୍ତ୍ତନ କରାଯାଉଛି ବୋଲି ଗାଁର ମୁରବୀ ଲକ୍ଷ୍ମୀଧର ବାରିକ, ପ୍ରଭାତ କୁମାର ବେହେରା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା କହିଛନ୍ତି।

# ସଜଡ଼ାହେଲା ଭୂତଳ ପାଣି ପାଇପ ଲାଇନ, କଣ୍ଟାପଡ଼ାବାସୀ ଉପକୃତ



ପାନୀୟଜଳ ପାଇପର ମରାମତି କରାଯାଉଛି।

ରଘୁନାଥପୁର, ୭।୫
(ରାଜେନ୍ଦ୍ର ନାରାୟଣ ସିଂହ)

ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇଙ୍କ ହସ୍ତକ୍ଷେପ ପରେ ରଘୁନାଥପୁର ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗନ୍ନାଥପୁର ପଞ୍ଚାୟତର କଣ୍ଟାପଡ଼ା ଗ୍ରାମରେ ଭୂତଳ ପାଣି ପାଇପ ଲାଇନ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଫଳରେ ଗ୍ରାମବାସୀ ପାନୀୟଜଳ ପାଇପାରିଛନ୍ତି। ସୂଚନାଯୋଗ୍ୟ, ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର କଣ୍ଟାପଡ଼ା ଗ୍ରାମର ଗୋଟିଏ ସ୍ଥାନରେ ଭୂତଳ ପାଣି ପାଇପ ଲାଇନ୍ ଫାଟି ସେଥିରେ ଦୂଷିତ ପାଣି ମିଶୁଥିବା ଅଭିଯୋଗ ହୋଇଥିଲା। ଖବରପାଇ ବିଧାୟକ ଡ. ଭୋଇ ନିଜ ସମର୍ଥକଙ୍କ ସହ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ଘଟଣାସ୍ଥଳକୁ ସମ୍ପୃକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡିଓଙ୍କୁ ଡକାଇ ଘଟଣା ବିଷୟରେ ଅବଗତ ପରେ ଅପରାହ୍ନରେ ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ ପ୍ରୋଜେକ୍ଟର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। କାର୍ଯ୍ୟାଳୟ ବନ୍ଦ ଥିବା ଏବଂ କର୍ମଚାରୀମାନେ ନ ଥିବାରୁ ଯାଞ୍ଚ ସମୟରେ ୧୩ ଲକ୍ଷ ଟଙ୍କାର ବିଲ୍ ଭାଉଚର ନ ପାଇ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ବିଧାୟକ ଡ. ଭୋଇ ଫେରି ଯାଇଥିଲେ। ଏହାଛଡା ସମସ୍ତ ରେକର୍ଡ ସହ ବିଲ୍ ଭାଉଚର ନେଇ ଦେଖାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିଛି ଘଣ୍ଟା ପରେ କନିଷ୍ଠଯନ୍ତ୍ରୀ ଜିଲା ମୁଖ୍ୟ କାର୍ଯ୍ୟାଳୟରୁ ସମସ୍ତ ରେକର୍ଡ ଓ ବିଲ୍ ଭାଉଚର ମଗାଇ ବିଧାୟକଙ୍କୁ ଅବଗତି କରିଥିଲେ। ଏହି ଘଟଣା ଚାରିଆଡେ ପ୍ରସାରିତ ହେବା ପରେ ଜଗତ୍‌ସିଂହପୁର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରଘୁନାଥପୁର ପାନୀୟ ଜଳ ଓ ପରିମଳ ବିଭାଗର କିଛି କାଗଜପତ୍ର ଯାଞ୍ଚ ପାଇଁ ହେପାଜତକୁ ନିଆଯାଇଥିଲା। ତେବେ ଏହି ଘଟଣାର ଯାଞ୍ଚ ଚାଲୁ ରହିଥିବା ବେଳେ ଏପର୍ଯ୍ୟନ୍ତ କାଗଜପତ୍ରରେ କୌଣସି ତ୍ରୁଟି ପରିଲକ୍ଷିତ ହୋଇ ନ ଥିବା ସମ୍ପର୍କରେ ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ଅନୁପମା ସାହୁ କହିଛନ୍ତି। ଅନ୍ୟପକ୍ଷେ ବିଧାୟକଙ୍କ ହସ୍ତକ୍ଷେପ ପରେ ପାଇପ ଲାଇନର ମରାମତି କାର୍ଯ୍ୟ ତୁରନ୍ତ ହୋଇଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ସାଧୁବାଦ ଜଣାଯାଇଛି।


## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/E-Tender/11 ତା.05.05.2025ରିଖ

1) ଟେଣ୍ଡର ସଂ. etenderEastkur-39-2025, ତା.01-05-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-I/ କଟକଙ୍କ ଅଧିକାର କ୍ଷେତ୍ର ଅଧୀନରେ ଜେନାପୁର - ନିର୍ଗୁଣ୍ଡି UP ଏବଂ DN ଲାଇନ ତଥା ଜେନାପୁର - ହରିଦାସପୁର ମଧ୍ୟରେ ମଧ୍ୟ ଲାଇନ ଏବଂ ହରିଦାସପୁର - ବୈରୀ ଓ କପିଳାସ ରୋଡ଼ - ନିର୍ଗୁଣ୍ଡିର ତୃତୀୟ ଲାଇନ ସହିତ କପିଳାସ ରୋଡ଼ - ଶାଳଗାଁ UP ଏବଂ DN ଲାଇନ ତଥା ନିର୍ଗୁଣ୍ଡି - ବାରଙ୍ଗ (UP ଏବଂ DN ) ଲାଇନ ଏବଂ ନିର୍ଗୁଣ୍ଡି - ଗୁରୁଡ଼ିଝାଟିଆ (UP ଏବଂ DN ) ଲାଇନରେ ରେଳପଥର ରଙ୍ଗ କରିବା, ଲାଇନର କଂଟାକୁ ଏରିଆକୁ ସିଲ୍ କରିବା ଏବଂ ERCs ର ଗ୍ରୀସିଂ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 312.65 ଲକ୍ଷ, EMD (₹) : 3,06,300.00 ।

2) ଟେଣ୍ଡର ସଂ. e-tender-eastkur-40-2025, ତା.01-05-2025ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କାର୍ଯ୍ୟ)/ ପାରାଦୀପଙ୍କ ଅଧୀନରେ କଟକ (Ex) ଠାରୁ ପାରାଦୀପ ସେକ୍ସନରେ 30.06.2026 ସମୟସୀମା ପାଇଁ ନୂତନ କାର୍ଯ୍ୟ, ସଂଯୋଜନା ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 80.92 ଲକ୍ଷ, EMD (₹) : 1,61,900.00 ।

3) ଟେଣ୍ଡର ସଂ. etenderEastkur-43-2025, ତା.01-05-2025ରିଖ

**ବିବରଣୀ :** ପୂର୍ବ ତଟ ରେଳପଥ କ୍ରୀଡ଼ା ସଂଘ, ଖୋର୍ଦ୍ଧା ରୋଡ଼ଙ୍କ ଅଧୀନରେ ଗୋରଖା କଲୋନୀ ଖେଳ ପଡ଼ିଆକୁ ଖେଲୋ ଇଣ୍ଡିଆ କେନ୍ଦ୍ର ରୂପେ ବିକାଶ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 98.12 ଲକ୍ଷ, EMD (₹) : 1,96,300.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.23.05.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-101/Q/25-26



## PUBLIC CAUTION NOTICE

General Public is hereby informed that, we **"ZEE LEARN LIMITED"** ("Company") having registered office at Continental Building 135, Dr. Annie Besant Road, Worli, Mumbai-400018 is the registered proprietor of the Trademark/Brand name **"MOUNT LITERA ZEE SCHOOL"** and have the Copyright in the design and logo of "MOUNT LITERA ZEE SCHOOL", the Know-how and copyrights in the standards, Publicity material, packaging, drawing and the like.

Vide the Academic Alliance Agreement ("Agreement") dated 27.06.2022 executed between **Gurukripa Foundation** (through its authorized signatory P.K. Swain) and the Company, the Company had granted a non-exclusive, revocable, limited right and permission to **Gurukripa Foundation** to use the Company's brand name **"Mount Litera Zee School"** ("Trade Mark") for running Mount Litera Zee School ("School") from Bhagabatipura, Bhubaneshwar, Odisha under MLZS Program.

This is to further inform the General Public that, **Gurukripa Foundation** is not in association with the Company anymore and accordingly **Gurukripa Foundation** is not authorized to use the Trade Mark **"Mount Litera Zee School"** or run the MLZS program of the Company in the said School.

Thus, in view of Company's disassociation with **Gurukripa Foundation**, the Company will not be responsible for the curricular material, teaching resources, teaching and learning methodology, administration and expertise being conducted in the said School. For any query, you may reach out to us at mountlitera@zeelearn.com or on 912271541895/9320063100 for any support.

For **Zee Learn Limited**



LIC
**LIFE INSURANCE CORPORATION OF INDIA**
**DIVISIONAL OFFICE, JEEVAN PRAKASH, AINTHAPALI, SAMBALPUR-768004**

## EMPANELMENT NOTICE

Application are invited from Vendors/Firms for the empanelment for various jobs as mentioned below for Sales department of Divisional Office, Sambalpur.
1. Printing of Poster/Banner/Leaflet/Booklet etc. **2.** Making of Signage/Hoarding/Glowsign/ACP signage/Mobile van activities etc. **3.** Supply of competition prizes, Stationary items, Gift items, Utencils, Cloth, Blanket, Badges, Medals, Trophies & shield, Electrical & Electronic items, Bag with specification, Gold & Silver Coin etc. **4.** Event management for organizing meeting, Convention & educational seminar
The vendors/Firms desiring to be empanelled with us can visit **"https//www.licindia.in"** for details or personally visit Sales Department, LIC, Divisional Office, Sambalpur within office hour.
The application for empanelment along with the necessary enclosures are to be sent to the Sales Department and should reach us on or before **04.06.2025 up to 4 PM**. The fees for empanelment @Rs.300/- + GST Rs.54/- (Total-Rs.354/-) which is to be deposited through DD/Banker's cheque in favour of LIC of India, payable at Sambalpur or in cash counter.
LIC Of India reserves the right to accept or reject any or all applications in full or part without assigning any reasons whatsoever.

Date-05.05.2025 Sd/- Sr.Divisional Manager



**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No.1166 /OSOU/2025 Dt. 07.05.2025

## EMPLOYMENT NOTICE

Applications are invited from eligible candidates as per UGC / AICTE eligibility criteria to fill up the faculty positions of Retired Professor(s), Retired Associate Professor(s) and Assistant Professor(s) (Guest Faculties) on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) 1-Political Science, 2-History, 3-Rural Development, 4-Sociology, 5-Odia, 6-Economics, 7-English, 8-Sanskrit, 9-Commerce, 10-Hindi, 11-Journalism and Mass Communication, 12-Public Administration, 13-MBA (Disaster Management), 14-Master of Computer Science (Cyber Security/ AI & ML), 15-MCA (AI & ML / Cyber Security / Data Science) and 16-Education.

The filled-in application may be submitted either Online via e-mail **<recruitment@osou.ac.in>** or Offline (but not mixing), complete in all respects along with supporting documents by **09th June, 2025, 5 p.m.** to the Registrar, Odisha State Open University, At-Badsinghari, P.O-Goshala Chowk, Sambalpur, PIN-768024 (Odisha).

For details of terms and application form, please visit
**www.osou.ac.in**

Sd- Registrar



ଇଣ୍ଡିଆନ ବ୍ୟାଙ୍କ Indian Bank
ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

## ଦଖଲ ନୋଟିସ୍
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ମଧୁପାଟଣା ଶିକ୍ଷାଞ୍ଚଳ ଶାଖା** / **ଋଣଗ୍ରହୀତା: ମେସର୍ସ କର ଫାବ୍ରିକେସନ(ଫାର୍ମ), ସ୍ୱତ୍ତ୍ୱାଧିକାରୀ: ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କର / **ଋଣଗ୍ରହୀତା / ବନ୍ଧକଦାତା: ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କର / **ଗ୍ୟାରେଣ୍ଟିଦାତା: ଦେବେନ୍ଦ୍ରନାଥ କର,** ପିତା: ଉପେନ୍ଦ୍ର କର, ସମସ୍ତଙ୍କ ଠିକଣା ସା/ପୋ: ଭୈରପୁର, ଗ୍ରା.ପ.: ମୁତାରିଫା, ଥାନା: ଜଗତପୁର, କଟକ - ୭୫୪୨୦୦ | ୦୫.୦୫.୨୦୨୫ ସୁଦ୍ଧା ଟ.୫୩,୧୨,୮୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୫.୦୨.୨୦୨୫ / ୦୫.୦୫.୨୦୨୫ | **ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୧/୫୩୬, ପ୍ଲଟ୍ ନଂ.: ୬୬୧/୨୯୧୯, ପ୍ରକାର: ଘରବାରି, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, ମୌଜା: ଭୈରପୁର, ତହସିଲ: ସାଲେପୁର, ପୋ/ଥାନା: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ରାସ୍ତା, ଉତ୍ତର: ଭୁବନାନନ୍ଦ କର, ପଶ୍ଚିମ: ଭୁବନାନନ୍ଦ କର, ପୂର୍ବ: କାଞ୍ଚନବାଳା ସାହୁ |
| **ଚୌଦ୍ୱାର ଶାଖା** / ଋଣଗ୍ରହୀତା: ମେସର୍ସ ଡାଇମଣ୍ଡ ଜୁଏଲର୍ସ (ଫାର୍ମ), **ସ୍ୱତ୍ତ୍ୱାଧିକାରୀ: ରମଣୀ ରଞ୍ଜନ ମହାରଣା / ଋଣଗ୍ରହୀତା: ରମଣୀ ରଞ୍ଜନ ମହାରଣା,** ପିତା: ବାଇଧର ମହାରଣା / **ଗ୍ୟାରେଣ୍ଟିଦାତା / ବନ୍ଧକଦାତା: ବାଇଧର ମହାରଣା,** ପିତା: ୰ ରାଜ କିଶୋର ମହାରଣା, ସମସ୍ତଙ୍କ ଠିକଣା ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ | ୦୫.୦୫.୨୦୨୫ ସୁଦ୍ଧା ଟ.୫,୮୪,୨୪୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୫.୦୨.୨୦୨୫ / ୦୫.୦୫.୨୦୨୫ | **ବାଇଧର ମହାରଣା,** ପିତା: ୰ ରାଜ କିଶୋର ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୩୪/୧୯୩, ପ୍ଲଟ୍ ନଂ.: ୭୦୩/୨୦୩୮, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନନ୍ତ ଚରଣ ମହାରଣା, ଦକ୍ଷିଣ: ନାରାୟଣ ମହାରଣା, ପୂର୍ବ: ଶ୍ରୀରାମ ଚନ୍ଦ୍ର ମହାରଣା, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୦୭.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ପାଣି ପାଇଁ ଡହଳବିକଳ ଦୁଆର ଗ୍ରାମବାସୀ

■ ଟ୍ୟାଙ୍କର ଯୋଗେ ନିୟମିତ ପାଣି ଯୋଗାଣ ହୋଇପାରୁନି

■ ଫ୍ଲୋରାଇଡଯୁକ୍ତ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ

ଖଣ୍ଡପଡା,୭।୫
(ଅଜୟ କୁମାର ମହାରଣା)

ଗାଁ ଟିର ଡ଼ାକନାମ ଦୁଆର ଗାଁ । ମାତ୍ର ରାଜସ୍ୱ ବିଭାଗ ରେକର୍ଡ ଅନୁସାରେ ଘୋଡାମାରୀଦ୍ୱାର । ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ଗ୍ରାମ ପଞ୍ଚାୟତର ଏକ ପାହାଡ ତଳର ରହିଛି ଏଇ ଗାଁଟି । ଗୋକୁଳାନନ୍ଦଜୀଉ ପୀଠ ଅନ୍ତର୍ଗତ ମହୁକୋଣ ପାହାଡ ଦକ୍ଷିଣ ପାର୍ଶ୍ୱରେ ବାସ କରୁଥିବା ୫ଶହରୁ ଉର୍ଦ୍ଧ ଜନ ସଂଖ୍ୟା ବିଶିଷ୍ଟ ସିଧାମୂଳା ପଞ୍ଚାୟତର ୭ନଂ ୱାର୍ଡ ଭାବରେ ଏହି ଗାଁଟି ପରିଚିତ । ତେବେ ଏଠାର ମୁଖ୍ୟ ସମସ୍ୟା ହେଉଛି ସ୍ନାନ ଶୌଚାଦି ଏବଂ ବ୍ୟବହାର ପାଇଁ ପାଣିର ଅଭାବ । ବିଶେଷ କରି ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନ ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କ ନିମନ୍ତେ ଏକ ସୌରଚାଳିତ ଜଳ ପ୍ରକଳ୍ପ ରହିଥିଲେ ମଧ୍ୟ ଏହାର ପାଣି ପାନୀୟ ଉପଯୋଗୀ ନୁହେଁ । ଗାଁରେ ଗୃହ ପାଳିତ ପଶୁମାନଙ୍କ ପାଇଁ ସଂପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଗାଧୋଇବା ପାଇଁ ପାଣି ମୁନ୍ଦେ ନାହିଁ । ମହାନଦୀର ପ୍ରାୟ ୨ କିଲୋ ମିଟର ଦୂରରେ ଥିବା ଏହି ଗାଁରେ ୩ଟି ନଳ କୂପ ଥିଲେ ମଧ୍ୟ ଏଥି ମଧ୍ୟରୁ ଗୋଟିଏ ଅଚଳ ରହିଥିବା ବେଳେ ଅନ୍ୟ ଦୁଇଟି ନଳକୂପ ମଧ୍ୟରୁ ଲୌହଯୁକ୍ତ ପାଣି ବାହାରୁ ଥିବାରୁ ତାହା ବ୍ୟବହାର ଉପଯୋଗି ନୁହେଁ । ଏହି ନଳ କୂପ ଓ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପର ଫ୍ଲୋରାଇଡଯୁକ୍ତ ପାଣି ବ୍ୟବହାର କରି ଅନେକ କିଡ୍‌ନୀ ଜନତ ରୋଗରେ ପୀଡ଼ିତ ରହିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ତେବେ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ସଂପୃକ୍ତ ଗ୍ରାମକୁ ଦୀର୍ଘଦିନରୁ କ୍ରମାଗତ ନିୟମିତ ଭାବ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକ କହିଥିବା ବେଳେ ଏହି ଟ୍ୟାଙ୍କର ପାଣି ନିୟମିତ ଭାବରେ ଏପରିକି ୧୦ରୁ ୧୫ ଦିନରେ ଥରେ ପାଣି ଟ୍ୟାଙ୍କର ଯୋଗେ ଗାଁକୁ ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ବୁଧବାର କନିଷ୍ଠ ଯନ୍ତ୍ରୀଙ୍କ ପରାମର୍ଶ କ୍ରମେ ଟ୍ୟାଙ୍କର ଯୋଗେ ପାଣି ଗ୍ରାମବାସୀଙ୍କୁ ଯୋଗାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଟ୍ୟାଙ୍କର ଯୋଗେ ପାଣି ଯୋଗାଉଥିବା ବ୍ୟକ୍ତି ତାଙ୍କୁ ଠିକ ଭାବେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବାରୁ ପାଣି ଯୋଗାଇବାରେ ସମସ୍ୟା ସୃଷ୍ଟି ହୋଇଛି ବୋଲି ସୂଚନା ମିଳିଛି । ତେବେ ଗ୍ରାମରେ ଥିବା ନଳ କୂପ ଓ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପର ପାଣି ଫ୍ଲୋରାଇଡ ଯୁକ୍ତ ନୁହେଁ ବୋଲି କନିଷ୍ଠ ଯନ୍ତ୍ରୀ କହୁଥିବା ବେଳେ ସେହି ପାଣିକୁ ବ୍ୟବହାର କରି ବହୁ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି । ଅପରପକ୍ଷେ ଉକ୍ତ ଗ୍ରାମରେ ଆଉ ଏକ ନୂଆ ନଳକୂପ ଖନନ ପାଇଁ ପ୍ରସ୍ତାବ ରହିଛି ବୋଲି କନିଷ୍ଠ ଯନ୍ତ୍ରୀ ପ୍ରତିଭା ବାରିକ ସୂଚନା ଦେଇଛନ୍ତି । ଗ୍ରାମବାସୀଙ୍କ ଆବଶ୍ୟକତାକୁ ପୁରଣ ପାଇଁ ଗାଁ ନିକଟ ପାହାଡ ତଳେ ଘୋଡାମାରୀଦ୍ୱାର ବନ୍ଧ ଓ ଜଳ ବିଭାଜିକା ଦୁଇଟି ପୁଷ୍କରିଣୀ ଗତ ୫ ବର୍ଷ ମଧ୍ୟରେ ଖନନ କରାଯାଇଥିଲେ ମଧ୍ୟ ଏଥିରେ ଟୋପାଟିଏ ପାଣି ନାହିଁ । ଫଳରେ ଏ ଦୁଇଟି ପୋଖରୀ ଲୋକମାନଙ୍କ ଆବଶ୍ୟକତାକୁ ପୂରଣ କରିବା ଅସମ୍ଭବ ହୋଇ ପଡିଛି । ଅପରପକ୍ଷେ ପାହାଡ ପାଦଦେଶରେ ପୂର୍ବରୁ ଥିବା ଏକ ପୁଷ୍କରିଣୀ 'କନ୍ଧୁଣୀ ସାଗର' ବର୍ଷର ସବୁ ସମୟରେ ପ୍ରାୟ ଶୁଖିଲା ପଡିଥାଏ । ବର୍ଷାଦିନେ ପାହାଡରୁ ଗଡି ଆସୁଥିବା ବର୍ଷା ଜଳ ଉକ୍ତ ପୁଷ୍କରିଣୀରେ ଜମା ହୋଇ କେତେକାଂଶରେ ଲୋକମାନଙ୍କର ଆବଶ୍ୟକତାକୁ ମେଣ୍ଟାଉଥିଲା । ସଂପୃକ୍ତ ପୋଖରୀ(କନ୍ଧୁଣୀ ସାଗର)ରେ ସଂପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଆଣ୍ଠୁଏରୁ କମ ପାଣି ରହିଥିବାରୁ ଲୋକେ ଯେନତେନ ପ୍ରକାରେ ଏହି ପାଣିରେ ସ୍ନାନ ଶୌଚାଦି ସମ୍ପନ୍ନ କରୁଥିବା ଜଣାପଡିଛି ।



ଅଚଳ ସୌରଚାଳିତ ପାଣି ପ୍ରକଳ୍ପ ।

# ୩ବର୍ଷ ଧରି ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଛି



ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର ।

ଖଣ୍ଡପଡା,୭।୫(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ୧୧ନଂ ୱାର୍ଡ ଅଧୀନ ଗଡ ଭିତର ସାହି ନିକଟରେ ନିର୍ମାଣ ସରିଥିବା ନୂତନ ଅଙ୍ଗନୱାଡି କେନ୍ଦ୍ରଟିରେ ଗତ ୩ ବର୍ଷ ଧରି ତାଲା ଝୁଲୁଛି । ପ୍ରଶାସନର ଆନ୍ତରିକତା ଅଭାବ ଓ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁ ଅଙ୍ଗନୱାଡି କେନ୍ଦ୍ରଟି କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ଫଳରେ ପାଠ ପଢିବା ନିମନ୍ତେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ କେନ୍ଦ୍ର ଦାୟିତ୍ୱରେ ଥିବା ଅଙ୍ଗନୱାର୍ଡି କର୍ମୀ ଜଣଙ୍କ ଏ ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ବିଫଳ ହୋଇଥିବା ଜଣାପଡିଛି । ଏବେ ଅଙ୍ଗନୱାର୍ଡି କେନ୍ଦ୍ରଟିକୁ ପୁର୍ନବାର ନୂଆକରି ରଙ୍ଗ କରାଯାଇଥିବା ବେଳେ ଏଠାକୁ ପାଣି କିମ୍ବା ବିଦ୍ୟୁତ ସଂଯୋଗ କରାଯାଇ ନାହିଁ । ଏଥିପ୍ରତି ଖଣ୍ଡପଡା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ବ୍ଲକ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଡମସାହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା



ସ୍ୱାସ୍ଥ୍ୟକେନ୍ଦ୍ର ଫାଟକରେ ତାଲା ପଡ଼ିଛି ।

ଶରଣକୁଳ,
୭।୫(ଦୀପକ କର)

ଡମସାହିସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି । ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଠିକ୍ ସମୟରେ ଆସୁନାହାଁନ୍ତି । ଆବଶ୍ୟକ ଯନ୍ତ୍ରପାତି ବି ଡାକ୍ତରଖାନାରେ ନାହିଁ । ଅଧିକାଂଶ ସମୟରେ ଡାକ୍ତରଖାନା ଫାଟକ ବାହାରେ ରୋଗୀମାନଙ୍କୁ ଅପେକ୍ଷା କରିବାକୁ ପଡୁଛି । ନୟାଗଡ଼ ଜିଲା ଶରଣକୁଳ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଡମସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ଅଚଳାବସ୍ଥା ଲାଗି ରହିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଉପରୋକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତରମାନେ ପାଳି କରି ଆସିଥାନ୍ତି । ଡାକ୍ତରମାନେ ସପ୍ତାହକୁ ୩ଦିନ ଆସୁଥିବା ବେଳେ ବାକି ୩ ଦିନ ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରନ୍ତି । ଏଠି ରୋଗୀଙ୍କ ପାଇଁ ସେମିତି କିଛି ସୁବିଧା ନାହିଁ । ଗୁରୁତର ରୋଗୀଙ୍କ ପାଇଁ ବେଡ୍‌ର ସୁବିଧା ନ ଥିବା ବେଳେ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଯନ୍ତ୍ରପାତି ନାହିଁ । କେବଳ ସାଧାରଣ ଚିକିତ୍ସା କରି ରୋଗୀଙ୍କୁ ଛାଡ଼ି ଦିଆଯାଉଛି । ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଡାକ୍ତରଖାନା ଫାଟକରେ ତାଲା ପକାଇ ଦେଇଥିଲେ । ବାହାରେ ଥିବା ରୋଗୀମାନେ ଅପେକ୍ଷା କରିଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ବହୁ ରୋଗୀ ନିର୍ଭର କରିଥାଆନ୍ତି । ହେଲେ ବିଭାଗୀୟ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ସେବା ବଦଳରେ ରୋଗୀମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି । ସ୍ୱାସ୍ଥ୍ୟ ବିଭାଗ ରୋଗୀଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ଏଟିଏମ୍ କାର୍ଡ, ମୋବାଇଲ ଚୋରି ଅଭିଯୋଗ, ଯୁବକ ଗିରଫ

କ.ନୂଆଗାଁ,୭।୫
(କାଳିପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ଥାନା ପୋଲିସ ଏକ ଏଟିଏମ୍ କାର୍ଡ ଓ ମୋବାଇଲ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି । କ.ନୂଆଗାଁ ପୋଲିସ ଅଧିକାରୀଙ୍କ ନିକଟରେ କଞ୍ଚାମେଣ୍ଡିର ମହେଶ୍ୱର ପ୍ରଧାନଙ୍କ ପୁଅ ସନ୍ତୋଷ ଅଭିଯୋଗ କରିଥିଲେ । ତାଙ୍କ ବାପାଙ୍କ ଠାରୁ ବିଭିନ୍ନ ପ୍ରଲୋଭନ ଦେଖାଇ କରାୟତ କରି ସିର୍ଡିଗୁଡାର ବୈଳ ଦଣ୍ଡିଆଙ୍କ ପୁଅ ରମେଶ (୩୩) ଗୋଟିଏ ମୋବାଇଲ ଓ ଏଟିଏମ୍ କାର୍ଡ ସହିତ ସିକ୍ରେଟ କୋର୍ଡ ନେଇଥିଲା । ପରେ ଏଟିଏମ କାର୍ଡ ବ୍ୟବହାର କରି ସନ୍ତୋଷଙ୍କ ଏକାଉଣ୍ଟରୁ ୨୨୪୦୦ ଟଙ୍କା ଉଠାଣ କରି ଥିଲା । ଏନେଇ ଥାନାରେ ଅଭିଯୋଗ ପରେ ଉକ୍ତ ମାମଲାକୁ ଏସ୍ଆଇ ଅଶୋକ ତ୍ରିପାଠୀ ତଦନ୍ତ କରି କେଶ୍ ନଂ. ୮୦/୨୫ ଧାରା ୩୦୩ (୨), ୩୦୫,୩୦୯ (୪) ବିଏନ୍ଏସ୍ ମାମାଲା ରୁଜୁ କରିଥିଲେ । ପୋଲିସ ତଦନ୍ତ କରି ରମେଶଙ୍କୁ ଗିରଫ କରିବା ସହିତ ମୋବାଇଲ ଓ ନଗଦ ଟଙ୍କା ଜବତ କରି କୋର୍ଟକୁ ପଠାଇ ଥିବା ଥାନା ଅଧିକାରୀ ଅଶୋକ ହାଁସଦା ସୂଚନା ଦେଇଛନ୍ତି ।

# ପାହାଡ଼ରୁ ବୃଦ୍ଧଙ୍କ ମୃତଦେହ ଜବତ

ଜି.ଉଦୟଗିରି,୭।୫
(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଥାନା ପିଡ଼ିକାମାହା ଗାଁ ନିକଟ ଦାର୍ନିକଲା ପାହାଡ଼ରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି । ବୁଧବାର ସକାଳୁ ପାହାଡ଼କୁ ଖଲିପତ୍ର ତୋଳିବାକୁ ଯାଇଥିବା କଳିଙ୍ଗା ପଞ୍ଚାୟତ ସୁଜେଲି ଗ୍ରାମର କିଛି ମହିଳା ବୃଦ୍ଧଙ୍କ ପଚାଶଢ଼ା ମୃତଦେହ ଦେଖି ହାତୀ ମାରିଥିବା ନେଇ ଅନୁମାନ କରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ ।

LIC
LIFE INSURANCE CORPORATION OF INDIA
DIVISIONAL OFFICE, JEEVAN PRAKASH,
AINTHAPALI, SAMBALPUR-768004

**EMPANELMENT NOTICE**

Application are invited from Vendors/Firms for the empanelment for various jobs as mentioned below for Sales department of Divisional Office, Sambalpur.

1. Printing of Poster/Banner/Leaflet/Booklet etc. **2**. Making of Signage/Hoarding/Glowsign/ACP signage/Mobile van activities etc. **3**. Supply of competition prizes, Stationary items, Gift items, Utencils, Cloth, Blanket, Badges, Medals, Trophies & shield, Electrical & Electronic items, Bag with specification, Gold & Silver Coin etc. **4**. Event management for organizing meeting, Convention & educational seminar

The vendors/Firms desiring to be empanelled with us can visit **"https//www.licindia.in"** for details or personally visit Sales Department, LIC, Divisional Office, Sambalpur within office hour.

The application for empanelment along with the necessary enclosures are to be sent to the Sales Department and should reach us on or before **04.06.2025 up to 4 PM**. The fees for empanelment @Rs.300/- + GST Rs.54/- (Total-Rs.354/-) which is to be deposited through DD/Banker's cheque in favour of LIC of India, payable at Sambalpur or in cash counter.

LIC Of India reserves the right to accept or reject any or all applications in full or part without assigning any reasons whatsoever.

Sd/-

**Date-05.05.2025** **Sr.Divisional Manager**

**PUBLIC CAUTION NOTICE**

General Public is hereby informed that, we **"ZEE LEARN LIMITED"** ("Company") having registered office at Continental Building 135, Dr. Annie Besant Road, Worli, Mumbai-400018 is the registered proprietor of the Trademark/Brand name **"MOUNT LITERA ZEE SCHOOL"** and have the Copyright in the design and logo of "MOUNT LITERA ZEE SCHOOL", the Know-how and copyrights in the standards, Publicity material, packaging, drawing and the like.

Vide the Academic Alliance Agreement ("Agreement") dated 27.06.2022 executed between **Gurukripa Foundation** (through its authorized signatory P.K. Swain) and the Company, the Company had granted a non-exclusive, revocable, limited right and permission to **Gurukripa Foundation** to use the Company's brand name **"Mount Litera Zee School"** ("Trade Mark") for running Mount Litera Zee School ("School") from Bhagabatipura, Bhubaneshwar, Odisha under MLZS Program.

This is to further inform the General Public that, **Gurukripa Foundation** is not in association with the Company anymore and accordingly **Gurukripa Foundation** is not authorized to use the Trade Mark **"Mount Litera Zee School"** or run the MLZS program of the Company in the said School.

Thus, in view of Company's disassociation with **Gurukripa Foundation**, the Company will not be responsible for the curricular material, teaching resources, teaching and learning methodology, administration and expertise being conducted in the said School. For any query, you may reach out to us at mountlitera@zeelearn.com or on 912271541895/9320063100 for any support.

For **Zee Learn Limited**

# ରାଜ୍ୟରେ ସଂଶୋଧିତ ବନ୍ୟପ୍ରାଣୀ ନିୟମାବଳୀ ଲାଗୁ
# ନୂଆ ଆଇନ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବ




ଆଇନଜୀବୀ ଅଶୋକ ପଟ୍ଟନାୟକ ତାଲିମ ଦେଉଛନ୍ତି ।

ଭଞ୍ଜନଗର,୭।୫(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ଲାଲସିଂ ନର୍ସରୀ ପରିସରରେ ବୁଧବାର ବନ୍ୟପ୍ରାଣୀ ଏବଂ ଜଙ୍ଗଲ ଆଇନ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି । କର୍ମଚାରୀମାନେ ମାମଲାଗୁଡିକୁ କିଭଳି ପରିଚାଳନା କରିବେ ସେମାନଙ୍କୁ ଅବଗତ କରାଇବା ଶିବିରର ଲକ୍ଷ୍ୟ ଥିଲା । ଏଥିରେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶୋକ ପଟ୍ଟନାୟକ ତାଲିମଦାତା ଭାବେ ଯୋଗଦେଇ ନୂଆ ବନ୍ୟପ୍ରାଣୀ ନିୟମାବଳୀ ଉପରେ ବୁଝାଇଥିଲେ ।

କେନ୍ଦ୍ର ସରକାର ୨୦୨୨ରେ ବନ୍ୟପ୍ରାଣୀ ଆଇନକୁ ସଂଶୋଧନ କରିଥିଲେ । ରାଜ୍ୟ ସରକାର ୧୯୭୪ରେ ହୋଇଥିବା ବନ୍ୟପ୍ରାଣୀ ଆଇନକୁ ଇତିମଧ୍ୟରେ ସଂଶୋଧନ କରିଛନ୍ତି । ନୂଆ ନିୟମାବଳୀ ଗତ ଏପ୍ରିଲ ୩୦ରୁ ରାଜ୍ୟରେ ଲାଗୁ ହୋଇଛି । ପୂର୍ବ ଅପେକ୍ଷା ନୂଆ ନିୟମାବଳୀ ଆହୁରି କଠୋର ହୋଇଛି । ଏଣିକି ବନ୍ୟପ୍ରାଣୀ ମାମଲାରେ ବନ କର୍ମଚାରୀ କେସ୍ ଡାଇରୀ ଲେଖିବେ । ମାଲଖନା, ଅଭିଯୋଗ ଫର୍ମ, ଅପରାଧ ବିବରଣୀ ଫର୍ମ ଏହି ନୂଆ ନିୟମାବଳୀରେ ରହିଛି । ନୂଆଁ ନିୟମାବଳୀରେ ବ୍ୟାଘ୍ର ଅଭୟାରଣ୍ୟରେ କୌଣସି ଅଭିଯୁକ୍ତ ଧରାପଡ଼ି ଦଣ୍ଡିତ ହେଲେ ତାଙ୍କୁ ସର୍ବନିମ୍ନ ୫ ଲକ୍ଷରୁ ସର୍ବାଧିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ପଡିବ । ଏଥିସହ ସର୍ବନିମ୍ନ ୩ ବର୍ଷରୁ ସର୍ବାଧିକ ୭ ବର୍ଷ ଜେଲ ଦଣ୍ଡ ହେବ । ଜଙ୍ଗଲ ଆଇନରେ ଏଣିକି ଅଭିଯୁକ୍ତଙ୍କୁ ସର୍ବନିମ୍ନ ୨୫ ହଜାର ଟଙ୍କା ଏବଂ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ପଡିବ । ୨୦୨୩ରେ ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସହିଁତା, ଭାରତୀୟ ନାଗରିକ ସୁରକ୍ଷା ସହିଁତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ମଧ ବନ ବିଭାଗରେ ଲାଗୁହେବ ବୋଲି ଆଇନଜୀବୀ ପଟ୍ଟନାୟକ କହିଥିଲେ । ଅନ୍ୟତମ ସାଧନବ୍ୟକ୍ତି ଭାବେ ଭଞ୍ଜନଗର କୋର୍ଟର ସରକାରୀ ଓକିଲ ରାଜେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ପୂର୍ବରୁ ଅଭିଯୁକ୍ତମାନେ ଅନେକ ଗଳାବାଟ ଦେଇ ଖସିଯାଉଥିଲେ । ନୂଆ ନିୟମାବଳୀରେ ସେମାନଙ୍କୁ ଦଣ୍ଡିତ କରିବା ସହଜ ହେବ । କର୍ମଚାରୀମାନେ ନିୟମାବଳୀକୁ ଠିକ ଭାବେ ବୁଝି ତାକୁ କାର୍ଯ୍ୟକାରୀ କରିବେ । ଏଥିପାଇଁ କର୍ମଚାରୀମାନେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ କହିଛନ୍ତି । ଶିବିରକୁ ଡିଏଫଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଅପରାହ୍ନ ଅଧିବେଶନରେ ଏସିଏଫ୍ ଡ. ରଶ୍ମି ରଞ୍ଜନ ସାଇଁ ତାଲିମଦାତା ଭାବେ ଯୋଗଦେଇ କର୍ମଚାରୀମାନେ କେସ୍ ଡାଇରୀ କିଭଳି ଲେଖିବେ ସେନେଇ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ବିବେକ ଦାସ, ଆଇନଜୀବୀ ଧ୍ରୁବ ତ୍ରିପାଠୀ, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥିବୀରାଜ ପ୍ରଧାନ ଉପସ୍ଥିତ ଥିଲେ । ବନପାଳ ଅନୁପ ବିଷୋୟୀ, ଜୀବନ ତ୍ରିପାଠୀ ସହଯୋଗ କରିଥିଲେ ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/11 ତା.05.05.2025ରିଖ

1) ଟେଣ୍ଡର ସଂ. etenderEastkur-39-2025, ତା.01-05-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-I/ କଟକଙ୍କ ଅଧିକାର କ୍ଷେତ୍ର ଅଧିନରେ ଜେନାପୁର - ନିର୍ଗୁଣ୍ଡି UP ଏବଂ DN ଲାଇନ ତଥା ଜେନାପୁର - ହରିଦାସପୁର ମଧ୍ୟରେ ମଧ ଲାଇନ ଏବଂ ହରିଦାସପୁର - ବୈରୀ ଓ କପିଳାସ ରୋଡ଼ - ନିର୍ଗୁଣ୍ଡିର ତୃତୀୟ ଲାଇନ ସହିତ କପିଳାସ ରୋଡ଼ - ଶାଳଗାଁ UP ଏବଂ DN ଲାଇନ ତଥା ନିର୍ଗୁଣ୍ଡି - ବାରଙ୍ଗ (UP ଏବଂ DN ) ଲାଇନ ଏବଂ ନିର୍ଗୁଣ୍ଡି - ଗୁରୁଡ଼ିଝାଟିଆ (UP ଏବଂ DN ) ଲାଇନରେ ରେଳପଥର ରଙ୍ଗ କରିବା, ଲାଇନର କଂଟାକ୍ଟ ଏରିଆକୁ ସିଲ୍ କରିବା ଏବଂ ERCs ର ଗ୍ରୀସିଂ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 312.65 ଲକ୍ଷ,

EMD (₹) : 3,06,300.00 ।

2) ଟେଣ୍ଡର ସଂ. e-tender-eastkur-40-2025, ତା.01-05-2025ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କାର୍ଯ୍ୟ)/ ପାରାଦୀପଙ୍କ ଅଧିନରେ କଟକ (Ex) ଠାରୁ ପାରାଦୀପ ସେକ୍ସନରେ 30.06.2026 ସମୟସୀମା ପାଇଁ ନୂତନ କାର୍ଯ୍ୟ, ସଂଯୋଜନା ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 80.92 ଲକ୍ଷ,

EMD (₹) : 1,61,900.00 ।

3) ଟେଣ୍ଡର ସଂ. etenderEastkur-43-2025, ତା.01-05-2025ରିଖ

**ବିବରଣୀ :** ପୂର୍ବ ତଟ ରେଳପଥ କ୍ରୀଡ଼ା ସଂଘ, ଖୋର୍ଦ୍ଧା ରୋଡ଼ଙ୍କ ଅଧିନରେ ଗୋରଖା କଲୋନୀ ଖେଳ ପଡ଼ିଆକୁ ଖେଲୋ ଇଣ୍ଡିଆ କେନ୍ଦ୍ର ରୂପେ ବିକାଶ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 98.12 ଲକ୍ଷ,

EMD (₹) : 1,96,300.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.23.05.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-101/Q/25-26

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No.1166 /OSOU/2025 Dt. 07.05.2025

**EMPLOYMENT NOTICE**

Applications are invited from eligible candidates as per UGC / AICTE eligibility criteria to fill up the faculty positions of Retired Professor(s), Retired Associate Professor(s) and Assistant Professor(s) (Guest Faculties) on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) 1-**Political Science**, 2-**History**, 3-**Rural Development**, 4-**Sociology**, 5-**Odia**, 6-**Economics**, 7-**English**, 8-**Sanskrit**, 9-**Commerce**, 10-**Hindi**, 11-**Journalism and Mass Communication**, 12-**Public Administration**, 13-**MBA (Disaster Management)**, 14-**Master of Computer Science (Cyber Security/ AI & ML)**, 15-**MCA (AI & ML / Cyber Security / Data Science)** and 16-**Education**.

The filled-in application may be submitted either Online via e-mail **<recruitment@osou.ac.in>** or Offline (but not mixing), complete in all respects along with supporting documents by **09th June, 2025, 5 p.m.** to the Registrar, Odisha State Open University, At-Badsinghari, P.O-Goshala Chowk, Sambalpur, PIN-768024 (Odisha).

For details of terms and application form, please visit
**www.osou.ac.in**

Sd-
Registrar

ଇଣ୍ଡିଆନ ବ୍ୟାଙ୍କ Indian Bank
ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ମଧୁପାଟଣା ଶିଳ୍ପାଞ୍ଚଳ ଶାଖା** / ।**ଋଣଗ୍ରହୀତା: ମେସର୍ସ କର ଫାବ୍ରିକେସନ୍(ଫାର୍ମ), ସ୍ୱତ୍ତ୍ୱାଧିକାରୀ: ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କର / **ଋଣଗ୍ରହୀତା / ବନ୍ଧକଦାତା: ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କର / **ଗ୍ୟାରେଣ୍ଟିଦାତା: ଦେବେନ୍ଦ୍ରନାଥ କର,** ପିତା: ଉପେନ୍ଦ୍ର କର, ସମସ୍ତଙ୍କ ଠିକଣା ସା/ପୋ: ଭୈରପୁର, ଗ୍ରା.ପ.: ମୁତାରିଫା, ଥାନା: ଜଗତପୁର, କଟକ - ୭୫୪୨୦୦ | ୦୫.୦୫.୨୦୨୫ ସୁଦ୍ଧା ଟ.୫୩,୧୨,୮୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୫.୦୨.୨୦୨୫ / ୦୫.୦୫.୨୦୨୫ | **ଗୀତାଞ୍ଜଳି କର,** ସ୍ୱାମୀ: ଦେବେନ୍ଦ୍ରନାଥ କରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୧/୫୩୬, ପ୍ଲଟ୍ ନଂ.: ୬୬୧/୨୯୧୯, ପ୍ରକାର: ଘରବାରି, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, ମୌଜା: ଭୈରପୁର, ତହସିଲ: ସାଲେପୁର, ପୋ/ଥାନା: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ରାସ୍ତା, ଉତ୍ତର: ଭୁବନାନନ୍ଦ କର, ପଶ୍ଚିମ: ଭୁବନାନନ୍ଦ କର, ପୂର୍ବ: କାଞ୍ଚନବାଳା ସାହୁ |
| **ଚୌଦ୍ୱାର ଶାଖା** / **ଋଣଗ୍ରହୀତା: ମେସର୍ସ ଡାଇମଣ୍ଡ ଜୁଏଲର୍ସ (ଫାର୍ମ), ସ୍ୱତ୍ତ୍ୱାଧିକାରୀ: ରମଣୀ ରଞ୍ଜନ ମହାରଣା / ଋଣଗ୍ରହୀତା: ରମଣୀ ରଞ୍ଜନ ମହାରଣା,** ପିତା: ବାଇଧର ମହାରଣା / **ଗ୍ୟାରେଣ୍ଟିଦାତା / ବନ୍ଧକଦାତା: ବାଇଧର ମହାରଣା,** ପିତା: ୰ ରାଜ କିଶୋର ମହାରଣା, ସମସ୍ତଙ୍କ ଠିକଣା ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ | ୦୫.୦୫.୨୦୨୫ ସୁଦ୍ଧା ଟ.୫,୮୪,୨୪୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୫.୦୨.୨୦୨୫ / ୦୫.୦୫.୨୦୨୫ | **ବାଇଧର ମହାରଣା,** ପିତା: ୰ ରାଜ କିଶୋର ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୩୪/୧୯୩, ପ୍ଲଟ୍ ନଂ.: ୭୦୩/୨୦୩୮, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନନ୍ତ ଚରଣ ମହାରଣା, ଦକ୍ଷିଣ: ନାରାୟଣ ମହାରଣା, ପୂର୍ବ: ଶ୍ରୀରାମ ଚନ୍ଦ୍ର ମହାରଣା, ପଶ୍ଚିମ: ରାସ୍ତା |

**ସ୍ଥାନ: କଟକ, ତାରିଖ : ୦୭.୦୫.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ନଦୀବନ୍ଧରେ ଯୁବକଙ୍କୁ ହତ୍ୟା

## ଜଣେ ଗୁରୁତର, ୫ ଆକ୍ରମଣକାରୀ ଅଟକ

ପାଟକୁରା,୭।୫(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ବେଡାରୀ ପଞ୍ଚାୟତ ହରିଦାସପୁର ନଦୀବନ୍ଧରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ହରିଦାସପୁର ଗ୍ରାମର ଜ୍ୟୋତିପ୍ରକାଶ ପରିଡ଼ା(୧୮)। ଜ୍ୟୋତିପ୍ରକାଶ ହରିଦାସପୁର ଚିତ୍ରୋତ୍ପଳା ମହୋତ୍ସବରୁ ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପ୍ରାୟ ୨୦ଜଣ ଯୁବକ ତାଙ୍କୁ ମିଳିତ ଭାବେ ଛୁରାମାଡ଼ ସହିତ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରି ରାସ୍ତାପାର୍ଶ୍ୱରେ ଫୋପାଡ଼ି ଦେଇଥିଲେ। ଜ୍ୟୋତିପ୍ରକାଶଙ୍କୁ ଆକ୍ରମଣ କରୁଥିବା ଦେଖି ଉକ୍ତ ଗ୍ରାମର କାମାକ୍ଷା ପ୍ରସାଦ ରାଉତରାୟ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ଯୁବକମାନେ ଆକ୍ରମଣ କରିବାକୁ ପଛାଇ ନ ଥିଲେ। କାମାକ୍ଷା ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଜ୍ୟୋତିପ୍ରକାଶଙ୍କ ବଡଭାଇ ରଶ୍ମିରଞ୍ଜନ ପରିଡ଼ାଙ୍କ ଅଭିଯୋଗକ୍ରମେ ପାଟକୁରା ଥାନାରେ ଏକ ମାମଲା(ନଂ.୭୧/୨୫) ରୁଜୁ କରାଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ଜାମସେଦ ସଦଳବଳ ଚଢ଼ାଉ କରି ୫ଜଣକୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଏସ୍‌ପି ସିଦ୍ଧାର୍ଥ କାଟରିଆ ଏବଂ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି। ଏହି ଘଟଣାରେ ୩ଟି ପୋଲିସ ଟିମ୍ ଗଠନ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କାଟରିଆ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ତେବେ ଗାଡ଼ି ସାଇଡ୍ ମରାକୁ କେନ୍ଦ୍ରକରି ଅଭିଯୁକ୍ତମାନଙ୍କ ସହ ଜ୍ୟୋତିପ୍ରକାଶଙ୍କ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ଏଭଳି ଦୁଃଖଦ ଘଟଣା ଘଟିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକ ତଦନ୍ତ ହେଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ବୁଧବାର ସନ୍ଧ୍ୟାରେ ଜ୍ୟୋତିପ୍ରକାଶଙ୍କ ମରଶରୀରକୁ ଅନ୍ତିମ ସଂସ୍କାର କରାଯାଇଛି। ଏହାକୁ ନେଇ ହରିଦାସପୁର ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।


ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଘରୋଇ ବ୍ୟାଙ୍କକୁ ୧୦ ଲକ୍ଷ ଟଙ୍କା ଜରିମାନା

■ନୟାଗଡ଼ ଜିଲା ଖାଉଟି ଅଦାଲତର ରାୟ
■ଟ୍ରକ ଲୋନ୍‌ଧାରୀଙ୍କୁ ହାରାସ୍‌ମେଣ୍ଟ ମହଙ୍ଗା ପଡିଲା

ନୟାଗଡ଼,୭।୫(ଲୋକନାଥ ମିଶ୍ର)

ଟ୍ରକ୍ ଋଣଧାରୀଙ୍କୁ ହଇରାଣ କରିବା ମହଙ୍ଗା ପଡ଼ିଛି। ଏଭଳି ଏକ ଅଭିଯୋଗର ବିଚାର କରି ନୟାଗଡ଼ ଜିଲା ଖାଉଟି ଆୟୋଗର ସଭାପତି ଅଶୋକ କୁମାର ସେନାପତି ଓ ସଭ୍ୟ କରୁଣାକର ନାୟକ ଭୁବନେଶ୍ୱରର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌କୁ ଋଣଧାରୀଙ୍କ କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ହାରାସ୍‌ମେଣ୍ଟ ବାବଦକୁ ୨୫ ହଜାର ଟଙ୍କା ପ୍ରଦାନ ପାଇଁ ଅର୍ଥ ଦଣ୍ଡ କରିଛନ୍ତି। ଏହି ନିର୍ଦ୍ଦେଶନାମା ପାଇବାର ୩୦ ଦିନ ଭିତରେ କ୍ଷତିପୂରଣ ଓ ହାରାସମେଣ୍ଟ ବାବଦ ଅର୍ଥରାଶି ନ ଦେଲେ ବାର୍ଷିକ ୧୨ ପ୍ରତିଶତ ସୁଧ ହାରରେ ଜରିମାନା ଦେବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ଏନ୍‌ଓସି ତୁରନ୍ତ ଦେବା, ସିକ୍ୟୁରିଟି ଚେକ୍ ସହ ବାଉନସ୍ ଚେକ୍ ଫେରାଇବା ପାଇଁ ମଧ ବ୍ୟାଙ୍କକୁ ଅନୁରୂପ ନିର୍ଦ୍ଦେଶ ରହିଛି।

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଚାନ୍ଦପୁର ଥାନା ଚମ୍ପାଗଡ଼ ପଞ୍ଚାୟତ କଟକ ସହରର ଅଶୋକ କୁମାର ସେନାପତିଙ୍କ ସୂଚନା ଅନୁଯାୟୀ, ସେ ଏକ ଟ୍ରକ୍(ନଂ.ଓଡି୦୫ ଜେଡି ୨୮୪୯) ଭୁବନେଶ୍ୱରର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ରୁ ଋଣ କରି ୨୦୧୭ରେ କିଣିଥିଲେ। ଟ୍ରକ୍‌ର ଦାମ୍ ୨୫ ଲକ୍ଷ ୨୭ ହଜାର ୮୨୭ ହୋଇଥିବାବେଳେ ସୁଧ ସହ ଏହା ୩୧ ଲକ୍ଷ ଟଙ୍କା ହୋଇଥିଲା। ଋଣ ପରିଶୋଧ ପାଇଁ ବ୍ୟାଙ୍କ ୪୭ଟି କିସ୍ତି କରିଥିଲା। କିସ୍ତି ପିଛା ୬୫ ହଜାର ୮୭୦ ଟଙ୍କା ଦେବାକୁ ଥିଲା। ତେବେ କରୋନା ପରେ କିସ୍ତି ପରିମାଣ ବଢ଼ି ୬୭ ହଜାର ୬୫୫ ହୋଇଥିଲା। ଅଶୋକ ୪୪ଟି କିସ୍ତି ଦେଇ ସାରିଥିବାବେଳେ ଅବଶିଷ୍ଟ ୩ଟି କିସ୍ତି ଦେଇପାରି ନ ଥିଲେ। ପରେ ବ୍ୟାଙ୍କର ପରାମର୍ଶ ଅନୁସାରେ ୩ଟି କିସ୍ତି ବାବଦକୁ ସୁଧ ମୂଳ ସହ ୨ ଲକ୍ଷ ୫୯ ହଜାର ଟଙ୍କା ୨୬।୧୦।୨୦୨୨ରେ ଡିପୋଜିଟ୍ କରିଥିଲେ। ଋଣ ପରିଶୋଧ ପରେ ବି ବ୍ୟାଙ୍କ ଅଶୋକଙ୍କୁ ଏନ୍‌ଓସି ଦେଇ ନ ଥିଲେ। ଏଣୁ ଅଶୋକ ନିଜର ଟ୍ରକ୍‌କୁ ଅନ୍ୟକୁ ବିକ୍ରି କରି ନ ପାରି ହଇରାଣ ହୋଇଥିଲେ। ପରେ ୮ ଜାନୁଆରୀ ୨୦୨୪ ଜିଲା ଖାଉଟି ଅଦାଲତରେ ଆଶ୍ରୟ ନେଲେ। ଅଶୋକ ଜିଲା ଖାଉଟି ଆୟୋଗରେ ଆଶ୍ରୟ ନେବା ପରେ ବ୍ୟାଙ୍କ ଅଶୋକଙ୍କଠାରୁ ନେଇଥିବା ୬ଟି ସିକ୍ୟୁରିଟି ଚେକ୍‌ରୁ ଗୋଟିକରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲେଖି ଚେକ୍ ବାଉନସ୍ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଚେକ୍ ବାଉନସ୍ ଘଟଣାରେ କୋଲକତା କୋର୍ଟରେ କେଶ୍ କରିଥିଲେ। ଅଶୋକ ଜାମିନରେ ଅଛନ୍ତି। ନୟାଗଡ଼ ଜିଲା ଖାଉଟି ଅଦାଲତଙ୍କ ରାୟ ତାଙ୍କୁ ଆଶ୍ୱସ୍ତି ଦେଇଛି।

# ସ୍ତ୍ରୀଙ୍କୁ ମାଡ଼ ମାରି ଘର ଜାଳିଦେଲେ ସ୍ୱାମୀ

## ଘରପୋଡ଼ି ଦୃଶ୍ୟକୁ ଉପଭୋଗ କଲେ

ଖଇରା, ୭।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ଅଧୀନ କିଶୋର ନଗର ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ନିର୍ଘୃଣ ମାଡ଼ ମାରିବା ପରେ ନିଜ ଘରେ ନିଆଁ ଲଗାଇଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ଗ୍ରାମର ମଧୁସୂଦନ ବାରିକଙ୍କ ସହ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କର ଝଗଡା ହେବା ପରେ ସ୍ୱାମୀଙ୍କଠାରୁ ମାଡଗାଳି ଖାଇ ଲକ୍ଷ୍ମୀପ୍ରିୟା ନିଜ ବାପଘର ସୋର ପଳାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମଧୁସୂଦନ ନିଜ ଘରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରକାଶ କୁମାର ଲେଙ୍କାଙ୍କ ଫୋନକ୍ରମେ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସବୁ କିଛି ସମ୍ପତ୍ତି ପୋଡ଼ି ଛାରଖାର ହୋଇସାରିଥିଲା। ଗାଁ ଲୋକଙ୍କୁ ଡାକି ଜିନିଷପତ୍ର ଉଦ୍ଧାର କରିବା ପରିବର୍ତ୍ତେ ମଧୁସୂଦନ ଘରପୋଡ଼ି ଦୃଶ୍ୟକୁ ଘରଠାରୁ ଅନତି ଦୂରରେ ଥିବା ହନୁମାନ ମଣ୍ଡପ ଉପରେ ବସି ଉପଭୋଗ କରୁଥିଲେ।

# ଗୋଟିଏ ରାତିରେ ୨ ସଶସ୍ତ୍ର ଡକାୟତି, ୧ ଚୋରି

## ସଞ୍ଜ ନଇଁଲେ ଘାରୁଛି ଭୟ

ଖଇରା, ୭।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଗତ ୨ମାସ ଧରି କ୍ରମାଗତ ଚୋରି ଓ ଡକାୟତି ସାଧାରଣ ଲୋକଙ୍କ ଚିନ୍ତା ବଢାଇଦେଇଛି। ସଞ୍ଜ ହେଲେ ଘରୁ ବାହାରିବାକୁ ସେମାନେ ସାହସ କରିପାରୁନାହାନ୍ତି। ମଙ୍ଗଳବାର ରାତିରେ ୨ ସଶସ୍ତ୍ର ଡକାୟତି ଓ ଗୋଟିଏ ଚୋରି ଘଟଣା ଖଇରାବାସୀଙ୍କ ନିଦ ହଜାଇ ଦେଇଛି।

ଡାଲଙ୍ଗ ଗ୍ରାମ ଖଣିଆ ସ୍କୁଲ ନିକଟସ୍ଥ କ୍ରାନ୍ତିକୁମାର ଦାସ ନିଜ ମା' ଓ ଭଉଣୀଙ୍କ ସହ ଘରେ ଶୋଇଥିବା ବେଳେ ୮ଜଣ ଦୁର୍ବୃତ୍ତ ଘର ଗ୍ରୀଲ ଓ କବାଟ ଭାଙ୍ଗି ଘରେ ପଶିଥିଲେ। ସମସ୍ତଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ସହ ଦଉଡିରେ ହାତଗୋଡ ବାନ୍ଧି ଦେଇଥିଲେ। କ୍ରାନ୍ତିକୁମାରଙ୍କୁ ନିସ୍ଥୁକ ମାଡ ମାରିବା ପରେ ଆଲମିରା ଭାଙ୍ଗି ନଗଦ ୨ଲକ୍ଷ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଯାଇଥିଲେ। ଖଇରା ପୋଲିସ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ମାଧ୍ୟମରେ ପ୍ରାଥମିକ ତଦନ୍ତ କରିଛି। ସେହିଭଳି ସାରକୋଣା ଗ୍ରାମର ଅଜିତ କୁମାର ମହାପାତ୍ର ପିତୁ ଢଳେଇ କାମ ସାରି ମେଶିନ ଅପରେଟର ସଞ୍ଜିତ ଦାସଙ୍କ ସହ ଡଗରପଡା କେନାଲ ରାସ୍ତାରେ ନିଜ ବାଇକରେ ଘରକୁ ଆସୁଥିଲେ। ୨ଟି ଗାଡିରେ ପାଖାପାଖି ୮ଜଣ ଦୁର୍ବୃତ୍ତ ପଛରୁ ଆସି ତାଙ୍କ ବାଇକ ଅଟକାଇ ଭୁଜାଲି ଓ ବନ୍ଧୁକ ଦେଖାଇ ନିସ୍ଥୁକ ମାଡ ମାରି ବାଇକ, ୨ଜଣଙ୍କର ୨ଟି ଦାମୀ ମୋବାଇଲ ଛଡାଇ ନେଇ ପଳାଇଥିବା ଅଜିତ ଖଇରା ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏହାଛଡା ମାଖନପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ପ୍ରିଣ୍ଟର, କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ଆସବାବପତ୍ର ଚୋରାଇ ନେଇଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ସତ୍ୟଭାମା ବାରିକ ଖଇରା ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ଆଇଆଇସି ସୁଚନ୍ଦ୍ର ମହାଳିକ କହିଛନ୍ତି।

# ମାଜିଷ୍ଟ୍ରେଟଙ୍କୁ ଆକ୍ରମଣ ଘଟଣା: ୪ ଗିରଫ

ବନ୍ଧମୁଣ୍ଡା/ରାଉରକେଲା,୭/୫ (ସୁବ୍ରତ ଡେ/ ସଙ୍ଗୀତା ଜେନା)

ବନ୍ଧମୁଣ୍ଡା-ବରକାନୀ ଅଞ୍ଚଳରେ ଇସ୍ପାତ କାରଖାନା ପକ୍ଷରୁ ହେଉଥିବା ରେଳଲାଇନ୍ ନିର୍ମାଣକୁ ଗତ ଏପ୍ରିଲ ୧୯ ତାରିଖରେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଏହି ସମୟରେ ଜେସିବି ଧକ୍କାରେ ସ୍ଥାନୀୟ ଯୁବକ ଏଡୋ ଏକ୍କାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ କେନ୍ଦ୍ରକରି ସେଠାରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଶ୍ରା ବ୍ଲକ ସହକାରୀ ତହସିଲଦାର ପୁରୁଷୋତ୍ତମ ନାୟକ ମାଜିଷ୍ଟ୍ରେଟଭାବେ ଉପସ୍ଥିତ ଥିଲେ। ଏହି ସମୟରେ ସେ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ନାୟକ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ. ୧୦୮/୨୫) ରୁଜୁ କରି ତଦନ୍ତ କରୁଥିଲା। ଏହି ଘଟଣାରେ ବନ୍ଧମୁଣ୍ଡା ଥାନା ପୋଲିସ ବୁଧବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧମୁଣ୍ଡା ପଞ୍ଚାୟତ ସରପଞ୍ଚ ଅନୀତା ତିର୍କି, କପାଟମୁଣ୍ଡା ସମିତି ସଭ୍ୟା ସୁଷମା ଓରାମ, ସ୍ଥାନୀୟ ବିସ୍ଥାପିତ ସଂଘ ନେତା ଡେମେ ଓରାମ ଏବଂ ଆଇନଜୀବୀ ଶୁଭୋଜିତ ବାନାର୍ଜୀ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ୩ ଏଟିଏମ୍ ଲୁଟେରା ଧରାପଡ଼ିଲେ

■ଚୋରି ଅଳଙ୍କାର ଜବତ, ୨ ଗିରଫ
■ ୫୧ ଏଟିଏମ୍ କାର୍ଡ, ୧.୨୦ଲକ୍ଷ ଟଙ୍କା, ୭୦ ଗ୍ରାମ ସୁନା, ୪କେଜି ୨୦୦ ଗ୍ରାମ ରୁପା ଅଳଙ୍କାର ଜବତ

ଖୋର୍ଦ୍ଧା/ବାଲୁଗାଁ,୭।୫(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)



ଜବତ ସୁନା,ରୁପା ଅଳଙ୍କାର (ବାମ)। ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ୩ ଏଟିଏମ୍ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ଏଟିଏମ୍ ଲୁଟେରା ଦକ୍ଷିଣ୨୪ ପରଗଣାର ଜଗନ୍ନାଥ ଘରଣୀ(୪୨), ରାଜୁ ବର୍ମନ(୩୨) ଏବଂ ରୋହିତ ଖାଁ(୨୪)। ଏମାନଙ୍କଠାରୁ ୫୧ଟି ଏଟିଏମ୍ କାର୍ଡ, ୨ଟି ମୋବାଇଲ ଫୋନ, ୧ଲକ୍ଷ ୨୦ହଜାର ଟଙ୍କା ଜବତ ହୋଇଛି। ପଶ୍ଚିମବଙ୍ଗରୁ ଆସି ଏମାନେ ବିଭିନ୍ନ ସ୍ଥାନରେ ଏଟିଏମ୍ କାଉଣ୍ଟରରେ ସହଯୋଗ ଆଳରେ ଟଙ୍କା ଲୁଟ୍ କରୁଥିଲେ। ସେହିପରି ବାଲୁଗାଁ ବଜାରସ୍ଥିତ ମହାବୀର ଜୁଏଲର୍ସ ଦୋକାନରୁ ସୁନାରୁପା ଅଳଙ୍କାର ସହ ୩ ହଜାର ଟଙ୍କା ଚୋରି ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା କାନପୁରର କାହ୍ନୁ ଦାଶ(୪୧) ଏବଂ ବାଲୁଗାଁ ଗୋପୀନାଥ ଛକରେ ରହୁଥିବା କାଳିଆ ଦାଶ(୨୩)। ଏମାନଙ୍କଠାରୁ ୭୦ଗ୍ରାମ ସୁନା ଏବଂ ୪କେଜି ୨ଶହ ଗ୍ରାମ ରୁପାଅଳଙ୍କାର ଜବତ ହୋଇଛି ବୋଲି ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, କିଛିଦିନ ହେବ ଖୋର୍ଦ୍ଧା ଜିଲାରେ ଏକ ଲୁଟେରା ଗ୍ୟାଙ୍ଗ୍ ବିଭିନ୍ନ ସ୍ଥାନରେ ଏଟିଏମ୍ ପରିଚାଳନା ଜଣା ନ ଥିବା ବ୍ୟକ୍ତିବିଶେଷଙ୍କୁ ସହଯୋଗ ଆଳରେ ଟଙ୍କା ଲୁଟ୍ କରୁଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା, ଟାଙ୍ଗୀ, ବାଲୁଗାଁ ଏବଂ ବାଣପୁର ଅଞ୍ଚଳରେ ପୋଲିସ ନଜର ରଖିଥିଲା। ଗତ ୫ ତାରିଖ ରାତି ୯ଟାରେ ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ନୀଳଗିରିପାଟଣା ଗ୍ରାମର ଅକ୍ଷୟ କୁମାର ଶ୍ରୀଚନ୍ଦନ ଜଙ୍କିଆ ଛଣଗିରି ରାସ୍ତାରେ ଅବସ୍ଥିତ ଏସ୍‌ବିଆଇ ଏଟିଏମ୍ ପଏଣ୍ଟକୁ ତାଙ୍କ ବାପାଙ୍କ ସହ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ପୂର୍ବରୁ ୩ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ଅକ୍ଷୟ ଟଙ୍କା ଉଠାଇବା ବେଳେ ସେତେବେଳେ ଅଭିଯୁକ୍ତମାନେ ଜଣଙ୍କଠାରୁ ଟଙ୍କା ଉଠାଇବା ପାଇଁ ଠକେଇ କରି ଏଟିଏମ୍ କାର୍ଡ ବଦଳାଇବାକୁ ଚେଷ୍ଟା କରୁଥିଲେ। ତାଙ୍କ ଉପରେ ସନ୍ଦେହ ହେବାରୁ ଅକ୍ଷୟ ତାଙ୍କୁ ପଚାରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ପଳାଇଥିଲେ। ଏନେଇ ଅକ୍ଷୟଙ୍କ ଅଭିଯୋଗକ୍ରମେ ଜଙ୍କିଆ ପୋଲିସ ଏକ ମାମଲା(ନଂ.୧୩୫/୨୫) ରୁଜୁକରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଧରିଥିଲା। ପଚରାଉଚୁରା ବେଳେ ସେମାନେ କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ କୌଶଳକ୍ରମେ ଏଟିଏମ୍ କାର୍ଡ ବଦଳ କରି ଟଙ୍କା ଉଠାଉଥିବା ସ୍ୱୀକାର କରିଥିଲେ। ଏହି ଅଭିଯୁକ୍ତମାନଙ୍କ ନାମରେ ପୁରୀ ସମୁଦ୍ରକୂଳ ଥାନା, କଟକ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଲେଖାଏ, ଖୋର୍ଦ୍ଧା ନାଚୁଣୀ ଥାନାରେ ୩ଟି ଏବଂ ବାଣପୁର ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଗତ ଶୁକ୍ରବାର ବାଲୁଗାଁ ବଜାରସ୍ଥିତ ମହାବୀର ଜୁଏଲର୍ସ ଦୋକାନ ଆଜବେଷ୍ଟସ ଭାଙ୍ଗି ଦୁର୍ବୃତ୍ତମାନେ ୨୦୦ ଗ୍ରାମ ସୁନା, ୫କେଜି ରୁପା ଅଳଙ୍କାର ସହ ୩ ହଜାର ଟଙ୍କା ଚୋରିକରି ନେଇଥିଲେ। ଏନେଇ ଦୋକାନ ମାଲିକ ଲକ୍ଷ୍ମୀଧର ନାୟକଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା(ନଂ.୧୨୯/୨୫)ରୁଜୁ କରିଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ସ୍ପେଶାଲ ସ୍କାଡ୍ ସହାୟତାରେ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରଖିଥିବା ବେଳେ ସିସିଟିଭି ଫୁଟେଜକୁ ଆଧାର କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲା। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରଜିତ ପାଲସିଂହ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ବାଲୁଗାଁ ଥାନାଧିକାରୀ ଜୟ ପ୍ରକାଶ ପରିଡ଼ା, ଜଙ୍କିଆ ଥାନାଧିକାରୀ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନମରୁ ବାଳ ଜନନୀ,**
**ନମରୁ ବୁଢ଼ା ଘରଣୀ।**

ମା' ହିଁ ଶିଶୁର ଗୁରୁଦାୟିତ୍ୱ ବହନ କରିଥାଏ। ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ମା' ହାତରେ ନ୍ୟସ୍ତ ଥିବାବେଳେ ବାଲ୍ୟ କାଳରେ ମାଆକୁ ହରାଇଥିବା ସନ୍ତାନ ଅବହେଳିତ ହେଉଥିବାର ଦେଖିବାକୁ ମିଳିଥାଏ। ଠିକ୍ ସେହିପରି ବୃଦ୍ଧାବସ୍ଥାରେ ପତ୍ନୀକୁ ହରାଇଥିବା ବ୍ୟକ୍ତି ନିଃସଙ୍ଗ ଜୀବନଯାପନ କରିବା ସହ ଅନେକ ଦୁଃଖ କଷ୍ଟ ପାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନେଇ ଆଣି ଥୋଇ ଜାଣିଲେ,**
**ଚୋରି ବିଦ୍ୟା ଭଲ।**

କଥାରେ ଅଛି ନକଲ କରିବାକୁ ହେଲେ ଅକଲର ଆବଶ୍ୟକତା ରହିଛି। ଆଉ ଠିକ୍ ଭାବେ କରିଜାଣିଲେ ଚୋରି ବିଦ୍ୟା ମଧ ଭଲ। ସବୁ କାର୍ଯ୍ୟକୁ ଠିକ୍ ଭାବେ କରିପାରୁଥିବା ଚତୁର ବା ଚାଲାକ ଶ୍ରେଣୀର ବ୍ୟକ୍ତି ଯେ କୌଣସି ବୃତ୍ତିରେ ହାତ ଦେଲେ ମଧ ସେଥିରେ ସଫଳତା ପାଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାଣ ତିଆରି ପାଇଁ ନ ଥିଲା ଲାଇସେନ୍ସ

## ଗୋଦାମରେ ବିସ୍ଫୋରଣ ଘଟଣା

## ନିଜ ଆଡୁ ମାମଲା ରୁଜୁ କଲା ପୋଲିସ

ଭଦ୍ରକ,୭।୫ (ସନାତନ ରାଉତ)

ଭଦ୍ରକ ପୌରପାଳିକା ଅଧୀନ ୨୫ ନଂ. ୱାର୍ଡର ହଳଦୀଡିହ ବାଇପାସ୍‌ଠାରେ ମଙ୍ଗଳବାର ସକାଳେ ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟଣାର ତଦନ୍ତ ପରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଏହି ଗୋଦାମ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ଧରି ଏଠାରେ ଚାଲୁଥିବା ବେଳେ କେବଳ ବାଣ ରଖିବା ଓ ବିକ୍ରି କରିବା ପାଇଁ ଲାଇସେନ୍ସ ଥିଲା। କିନ୍ତୁ ବାଣ ତିଆରି ପାଇଁ କୌଣସି ଲାଇସେନ୍ସ ନ ଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ ସାହୁ କହିଛନ୍ତି। ବିନା ଲାଇସେନ୍ସରେ ବାଣ ତିଆରି କରିବା, ନାବାଳକଙ୍କୁ ବାଣ ତିଆରି କାମରେ ଲଗାଇବା ଆଦି ଅପରାଧ ନେଇ ପୋଲିସ ନିଜ ଆଡୁ ପୁରୁଣାବଜାର ସବ୍‌ଇନ୍ସପେକ୍ଟର ସ୍ମୃତିରେଖା ସ୍ୱାଇଁଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ରାତିରେ ଏକ ମାମଲା (ନଂ ୧୦୭/୨୫) ରୁଜୁ କରିଛି। ଅପରପକ୍ଷେ ଗୋଦାମ ମାଲିକ ଫେରାର ଅଛନ୍ତି। ତେବେ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହାର ତଦନ୍ତ ଚାଲିଛି।


ବାଣ ଗୋଦାମ ସିଲ୍‌ବେଳେ ଉପସ୍ଥିତ ଅଧିକାରୀ।

ଜଳି ଯାଇଥିବା ଗୋଦାମ ସାମ୍ନାରେ ଥିବା ଅନ୍ୟ ୩ଟି ଘରୁ ବାଣ ଓ ବାଣ ତିଆରିରେ ବ୍ୟବହୃତ ସାମଗ୍ରୀ ଜବତ କରାଯିବା ସହ ଗୃହ ସିଲ୍ କରାଯାଇଥିବା ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା କହିଛନ୍ତି।

ପ୍ରକାଶ ଯେ, ବାଣ ଗୋଦାମରେ ବିସ୍ଫୋରଣ ଯୋଗୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। କଟକରୁ ମୃତଦେହ ଭଦ୍ରକରେ ପହଞ୍ଚିବା ପରେ ମଙ୍ଗଳବାର ରାତି ୯ଟାରେ ହଳଦୀଡିହ ବାଇପାସ୍‌ଠାରେ ମୃତଦେହ ରଖି ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରାଯାଇଥିଲା। ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ଯୁବନେତା ଜାହିଦ୍ ହବିବ୍, କାଉନସିଲର ଶେଖ ସାହିଲ କାଦ୍ରୀଙ୍କ ସମେତ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାର ଲୋକଙ୍କୁ ଚାକିରି ଦିଆଯିବା ସହ ଗୋଦାମ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଜିଲାପାଳଙ୍କଠାରୁ ଜାଣିବା ପରେ ରାସ୍ତାରୋକୋ ହଟିଥିଲା। ଶ୍ରମିକ ରହିତୁନ୍ ବିବିଙ୍କ ମୃତ୍ୟୁ ପରେ ତାଙ୍କ ୩ ଝିଅ ଓ ଗୋଟିଏ ପୁଅ ବେସାହାରା ହୋଇଯାଇଛନ୍ତି। ୩ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରିବା ସହ ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ତାଙ୍କ ମୃତ୍ୟୁ ପରେ ପିଲାମାନଙ୍କ ପ୍ରତିପୋଷଣ ମୁଖ୍ୟ ସମସ୍ୟା ବୋଲି ପୌରାଧ୍ୟକ୍ଷା ହବିବ୍ କହିଛନ୍ତି। ଅନ୍ୟ ୩ ଗୁରୁତର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେବେ ପୂର୍ବରୁ ଏହି ଗୋଦାମରେ ବିସ୍ଫୋରଣ ଘଟି ଏକାଧିକ ଶ୍ରମିକ ପ୍ରାଣ ହରାଇଥିବା ବେଳେ ସେତେବେଳେ ମଧ ଥାନାରେ ମାମଲା ରୁଜୁ ହୋଇଥିଲା। ତା'ପରେ ମଧ ବାଣ ତିଆରି ଲାଇସେନ୍ସ ନ ଥାଇ ସେଠାରେ ବାଣ ତିଆରି ହେଉଥିବା ପୋଲିସ ପ୍ରଶାସନ କିପରି ଜାଣିପାରିଲା ନାହିଁ ବୋଲି ଯୁବନେତା ଜାହିଦ୍ ହବିବ ପ୍ରଶ୍ନ କରିଛନ୍ତି।

# ରେଡ୍‌କ୍ରସ୍‌ର ଜନ୍ମଦାତା



## ଆଜି ବିଶ୍ୱ ରେଡ୍‌କ୍ରସ୍ ଦିବସ

ସୁଇଜରଲାଣ୍ଡ ଜେନେଭା ସହରର ଜଣେ ବ୍ୟବସାୟୀ ଇଟାଲୀର ଲୋମ୍ବାର୍ଡି ଅଞ୍ଚଳକୁ ୧୮୫୯ ଜୁନ୍‌ରେ ଯାଇଥିଲେ। ବ୍ୟବସାୟୀ ଜଣକ ଉତ୍ତର ଇଟାଲୀର କାଷ୍ଟିଗ୍ଲିୟନ୍‌ଡିଲା ସହରର ହୋଟେଲରେ ରାତ୍ରିଯାପନ କଲେ। ସାଲଫାରିନୋ ନାମକ ଛୋଟ ସହର ନିକଟରେ ଘମାଘୋଟ ଯୁଦ୍ଧର ଗୁଳିଗୋଳା ଶବ୍ଦରେ ତାଙ୍କର ନିଦ ଭାଙ୍ଗିଗଲା। ଏକ ପକ୍ଷରେ ଅଷ୍ଟ୍ରିଆ ରାଜା ଫ୍ରାନ୍‌ସିସ୍ ଜୋସେଫଙ୍କ ସୈନ୍ୟଦଳ ଅନ୍ୟପକ୍ଷରେ ଫରାସୀ ଶାସନ ତୃତୀୟ ନେପୋଲିୟନ୍ ସାର୍ଡିନିଆର ସହଯୋଗରେ ପ୍ରସ୍ତୁତ ସୈନ୍ୟସାମନ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା। ଯୁଦ୍ଧରେ ହଜାର ଅଫିସର ଓ ପଚାଶହଜାର ସୈନ୍ୟ ପ୍ରାଣ ହରାଇଲେ। ସହସ୍ରାଧିକ ଆହତ ହେଲେ। ବ୍ୟବସାୟୀ ଜଣକ ଏ ପରିସ୍ଥିତି ଦେଖି ଧୈର୍ଯ୍ୟଧରି ରହି ପାରିଲେ ନାହିଁ। ସେ ନିକଟର୍ବୀ ଗ୍ରାମଗୁଡ଼ିକୁ ଯାଇ ମହିଳା, ପୁରୁଷ କିଶୋର-କିଶୋରୀମାନଙ୍କୁ ଏକତ୍ରିତ କଲେ। ସେମାନଙ୍କ ସହାୟତାରେ ଆହତମାନଙ୍କର ଚିକିତ୍ସା ଆରମ୍ଭ କଲେ। ମୃତପ୍ରାୟ ବ୍ୟକ୍ତି ନିକଟରେ ବାଇବେଲ ପାଠକଲେ। ସେମାନଙ୍କ ପରିବାର ନିକଟକୁ ପତ୍ରଲେଖି ଖବର ପ୍ରେରଣ କଲେ। ଦିନକୁ ଦିନ ଆହତମାନେ ସୁସ୍ଥହେଲେ। ବ୍ୟବସାୟୀଜଣକ ନିଜସହର ଜେନେଭା ଫେରିଲାପରେ ଅମାନବୀୟ ଯୁଦ୍ଧର ବିଭୀଷିକା ଓ ଯୁଦ୍ଧକ୍ଷେତ୍ରରେ ଆହତମାନଙ୍କ ସେବାପାଇଁ କେତେକ ପ୍ରସ୍ତାବକୁ ଲିପିବଦ୍ଧ କରି ୧୮୮୨ରେ 'ସାଲଫରିନୋସ୍ମୃତି' ନାମକ ଏକ ପୁସ୍ତକ ପ୍ରକାଶକରି ସମ୍ବେଦନଶୀଳ ୟୁରୋପୀୟମାନଙ୍କ ହୃଦୟ ଜୟ କରିପାରିଥିଲେ।

୧୮୬୩ରେ ଜେନେଭା ଜନମଙ୍ଗଳ ସମିତିର ସଭାପତି ଗୁସ୍ତାଭ ମୋନିରଙ୍କ ସମେତ ଜେନେରାଲ ଗୁଇଲାମ୍ ଡୁଫର, ଡାକ୍ତର ଥିଓଡର, ମୋନିର, ଡାକ୍ତର ଦୁଇ ଆପିୟାଙ୍କୁ ନେଇ ପାଞ୍ଚଜଣିଆ କମିଟି ଗଠନ କରାଗଲା। ସେତେବେଳେ ଏହାର ନାମ ରଖାଗଲା International Committee for relief of the wounded Commandants in Warfare। ପରବର୍ତ୍ତୀ ସମୟରେ ୧୯୬୪ ଅଗଷ୍ଟ ୮ରେ ୧୬ଟି ସ୍ୱାଧୀନ ଦେଶର ପ୍ରତିନିଧିମାନଙ୍କୁ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ୧୫ ଦିନ ପର୍ଯ୍ୟନ୍ତ ଅନେକ ଆଲୋଚନା ପରେ ଏକ ପ୍ରସ୍ତାବ ଗୃହୀତ ହେଲା। ପୃଥିବୀର ଯେକୌଣସି ଅଞ୍ଚଳରେ ଯୁଦ୍ଧହେଲେ ଯୁଦ୍ଧଭୂମିର ଆହତ ସୈନିକମାନଙ୍କୁ ସାହାଯ୍ୟ ଓ ସେବାକରିବା ପାଇଁ ଗୋଟିଏ ସ୍ୱେଚ୍ଛାସେବକ ବାହିନୀ ଦାୟିତ୍ୱ ନେବ ଏବଂ ସମିତିର ନାମରହିବ 'ଅନ୍ତର୍ଜାତୀୟ ରେଡକ୍ରସ୍ ସମିତି'। ଦୀର୍ଘ ଏକାର୍ଦ୍ଧ ଶତରୁ ଅଧିକ ବର୍ଷ ବ୍ୟାପୀ ଅନ୍ତର୍ଜାତୀୟ ସ୍ତରର ସେବାଦଳର ପରିଚୟ ନେଇ ସମସ୍ତ ଦେଶରେ ସେବାଯୋଗାଇ ଆସୁଥିବା ରେଡକ୍ରସ୍‌ର ଜନକ ସୁଇଜରଲାଣ୍ଡର ବ୍ୟବସାୟୀ ଆଉକେହି ନୁହନ୍ତି ସେ ହେଲେ ଜନ୍ ହେନେରିଡୁନାଣ୍ଟ। ୧୮୨୮ ମେ' ୮ରେ ସେ (ପିତା ଜାକୁଇସି ଓ ମାତା ଆଣ୍ଟୋନେଣ୍ଟୋକାଲାଡନ୍) ଜେନେଭା ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମତିଥିକୁ ଏ ମାଟି "ରେଡ୍‌କ୍ରସ୍"ର ଜନ୍ମଦିନଭାବେ ପାଳନ କରିଆସୁଛି। ଏ ଦିବସ ଅବସରରେ ଚଳିତ ବର୍ଷର ଥିମ ରହିଛି-'Keeping Humanity Alive: Hope, Help, Heal'।

### ସେବା ମନୋବୃତ୍ତି ରହିବା ଦରକାର



ରେଡ୍‌କ୍ରସ୍ କାମ ସହ ମୁଁ ଦୀର୍ଘ ୩୫ ବର୍ଷ ହେଲା ଜଡ଼ିତ। ଲୋକମାନଙ୍କୁ ଜରୁରିକାଳୀନ ସହାୟତା କରିବା ଆମର କାମ। ଏଥିରୁ ମୋତେ କେବଳ ଆନନ୍ଦ ମିଳେନା ଆଗକୁ ଆଗେଇବାର ପ୍ରେରଣା ମଧ୍ୟ ମିଳିଥାଏ। ଆମ ଭିତରେ ଯଦି ସେବା ମନୋବୃତ୍ତି ରହିଲା ତେବେ ସମାଜରେ ଅନେକ ପରିବର୍ତ୍ତନ ଆସିପାରିବ।


**-ଅଶ୍ୱିନୀ ପ୍ରସାଦ** (ଜଏଣ୍ଟ ସେକ୍ରେଟାରି, ଆଜୀବନ ସଦସ୍ୟ, ଆଇଆର୍‌ସିଏସ୍, ଜିଲା ଶାଖା, ସୁନ୍ଦରଗଡ଼)

ମାନବିକତା, ନିରପେକ୍ଷତା, ଅପକ୍ଷପାତିତାକୁ ଅଙ୍ଗୀକାର କରି ସ୍ୱାଧୀନ ତଥା ସ୍ୱେଚ୍ଛାସେବୀ ଭାବରେ ବିଶ୍ୱବ୍ୟାପକତ୍ୱକୁ ପ୍ରତିପାଦିତ କରୁଥିବା ଏହି ରେଡ୍‌କ୍ରସ୍‌ର ମୂଳମନ୍ତ୍ର ହେଲା ସେବା, ସ୍ୱାସ୍ଥ୍ୟ ଓ ବିଶ୍ୱବନ୍ଧୁତା।

**-ଡା. ଅନନ୍ତ ଆଚାର୍ଯ୍ୟ,** ଉପନିର୍ଦ୍ଦେଶକ, ଆୟୁଷ ବିଭାଗ

# ଜନସଚେତନତାର ଆବଶ୍ୟକ ରହିଛି

## ଆଜି ବିଶ୍ୱ ଥାଲାସେମିଆ ଦିବସ




ଥାଲାସେମିଆ ଏକ ବଂଶଗତ ରକ୍ତଜନିତ ରୋଗ। ଆମ ସମସ୍ତଙ୍କ ରକ୍ତରେ ରହିଛି ଆର୍‌ବିସି ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'-ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ଆଲଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲଫା ଗ୍ଲୋବିନ୍ ଚେନ୍ କି ବିଟା ଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସେମିଆ'। ଥାଲାସେମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାର ଏକାଧିକ ବ୍ୟକ୍ତ ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ। ଥାଲାସେମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି- ଥାଲାସେମିଆ ମେଜର, ଥାଲାସେମିଆ ମାଇନର ଏବଂ ଥାଲାସେମିଆ ଇଣ୍ଟରମେଡିଆ। ଥାଲାସେମିଆ ମେଜରକୁ ମଧ୍ୟ 'ବିଟା ଥାଲାସେମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ। ଥାଲାସେମିଆ ମେଜର ବା ବିଟା ଥାଲାସେମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ। ଥାଲାସେମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ପତି ଓ ପତ୍ନୀ ଉଭୟ ଥାଲାସେମିଆ ଟ୍ରିଟ୍ ହୋଇଥିଲେ ଏବଂ ପତ୍ନୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୁଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସେମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,** ବରିଷ୍ଠ ଭେଷଜ ବିଶେଷଜ୍ଞ, କଟକ

### ଏ ବର୍ଷର ବାର୍ତ୍ତା

ପ୍ରତିବର୍ଷ ମେ ୮ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ଥାଲାସେମିଆ ଦିବସ'। ଏହି ଦିବସରେ ଉକ୍ତ ରୋଗ ସମ୍ପର୍କରେ ସୂଚନା ଦେବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-' ଥାଲାସେମିଆ ପାଇଁ ଏକତ୍ର ହେବା: ଥାଲାସେମିଆ ରୋଗୀଙ୍କୁ ଅଗ୍ରାଧିକାର ଦେବା'। ଥାଲାସେମିଆ ଏକ ରକ୍ତଜନିତ ରୋଗ। ତେଣୁ ଥାଲାସେମିଆ ରୋଗୀଙ୍କୁ କିପରି ଠିକ୍ ଭାବରେ ଚିକିତ୍ସା କରାଯାଇ ପାରିବ ସେ ନେଇ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏ ନେଇ ଜନସାଧାରଣ ସଚେତନ ହେଲେ ଏହି ରୋଗଜନିତ ମୃତ୍ୟୁ ହାରକୁ କେତେକାଂଶରେ ରୋକାଯାଇପାରିବ।


**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
E-Mail Id : serw_balasore@yahoo.in, Ph. No. : 06782/260318
Balia, Balasore

**Repair and Maintenance of Rural Roads Under PMGSY & Other Scheme**
e-Procurement Notice
Bid Identification No. Online-CCE-BLS-NCB-06 of 2025-2026

**No.O-117** : The Chief Construction Engineer, **R. W. Circle, Balasore** on behalf of Odisha State Rural Road Agency invites **percentage rate** bids in electronic tendering system for **Repair/Maintenance of the Rural roads Constructed under Pradhan Mantri Gram Sadak Yojana** in the districts of **Balasore for 4 (Four)** number of packages with estimated cost totaling to **Rs 3.52 Cr** including maintenance for five year from the eligible contractors registered with State PWD/CPWD/MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement dtd. 09.05.2025

**Availability of Bid Documents and mode of submission :** The bid document is available online and should be submitted online in http://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4B(a)(ii) of ITB with **C.C.E.,R.W.Circle, Balasore,** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
**Last Date/Time for receipt of bids through e-procurement :** 19.05.2025 upto 05.00 P.M. For further details please logon to http://www.pmgsytenders.gov.in.

**Sd./- Chief Construction Engineer**
**OIPR-25105/11/0051/2526** **R.W. Circle, Balasore**



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
**Housing & Urban Development Department, Govt. of Odisha**
**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ-ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po.-Paradeep, Dist.-Jagatsinghpur (Odisha), Pin-754142
**RFP Notice No. 1852 dt. 06.05.2025**

**No.C-248** : The Executive Officer, Paradeep Municipality on behalf of the Municipal Council invites sealed Quotations in two packets from intending registered software firms for **"DEVELOPMENT OF MOBILE APPLICATION FOR SANITATION MONITORING IN RESPECT OF PARADEEP MUNICIPALITY"**. The prescribed RFP can be obtained from Paradeep Municipality Office or from Municipality website i.e. www.paradeepmunicipality.in from 08:00AM dt.07.05.2025 to 12:00 PM dt. 13.05.2025 on payment of ₹10,000.00 as paper cost. The last date of receipt of completed quotation in all respect is dt. 13.05.2025 up to 1:00 P.M. and will be opened on dt. 14.05.2025 at 11:00 A.M.

Sd./- Executive Officer
OIPR-13120/11/0039/2526 Paradeep Municipality



**ବାରିପଦା ପୌର ପରିଷଦ**
**ବାରିପଦା, ମୟୂରଭଞ୍ଜ-୭୫୭୦୦୧**
Tel.06792-252703, www.baripadamunicipality.in, e-mail: baripadam.hud@nic.in
ପତ୍ର ସଂଖ୍ୟା 2735/ଟ୍ୟାକ୍ସ ତା.03.05.25 ରିଖ
**ନିଲାମ ଇସ୍ତାହାର**

No.C-256:ବାରିପଦା ପୌରପରିଷଦ ଅନ୍ତର୍ଗତ ଏକ ଗୋଟି ସୈରାତ "ଭାରୀଯାନ ପାର୍କିଂ ବାବଦକୁ ଆଦାୟ କରାଯାଉଥିବା ଫି ଆସନ୍ତା ଏକବର୍ଷ (ଅର୍ଥାତ ତା.୦୧.୦୬.୨୦୨୫ ଠାରୁ ତା.୩୧.୦୫.୨୦୨୬ ରିଖ) ପର୍ଯ୍ୟନ୍ତ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ଏଥିପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ତା.୨.୦୫.୨୦୨୫ ରିଖ ଠାରୁ ତା.୧୫.୦୫.୨୦୨୫ ରିଖ ମଧ୍ୟରେ on-line ମାଧ୍ୟମରେ ଫର୍ମ download କରି ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ତା.୧୭.୦୫.୨୦୨୫ ରିଖ ଦିବା ୧.୦୦ ଘଟିକା ସୁଦ୍ଧା Speed Post/ Registered Post ମାଧ୍ୟମରେ ଫର୍ମ ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ହେଲେ ନିବିଦା ଗ୍ରହଣୀୟ ହେବ ନାହିଁ । ଅଧିକ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବସାଇଟ www.baripadamunicipality.in ରେ ଅନୁସନ୍ଧାନ କରିପାରିବେ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13078/11/0041/2526 ବାରିପଦା ପୌରପରିଷଦ



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 8292/ଭୁ.ଉ.କ., ଭୁବନେଶ୍ୱର ତା.01.05.25 ରିଖ
URB-218/88
**ସୂଚନା**

**No.CAD-330:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଫେଜ୍-୨, ମୌଜା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ- S-5/353 କୁ ଶେକ୍ ମହମ୍ମଦ ମୁସଲିମ୍, ପିତା-ଶେକ୍ ଅବଦୁଲ୍ ଲତିଫ, ଗ୍ରାମ/ପୋଷ୍ଟ-ଗୁଜିଦରଡା, ଥାନା-ଭଦ୍ରକ (ଆର), ଜିଲ୍ଲା-ଭଦ୍ରକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶେକ୍ ମହମ୍ମଦ ମୁସଲିମ୍ ଗତ ତା.୦୭.୦୨.୨୦୨୦ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death certificate Issue No.133/2020, date 13.02.2020).

Legal heir certificate No. E-LHC/2020/01655 dated 26.11.2020 ଅନୁଯାୟୀ ଶେକ୍ ମହମ୍ମଦ ମୁସଲିମ୍‌ଙ୍କର ଉତ୍ତରାଧିକାରୀ (୧) ମହଜାବିନା ପରବିନ୍ (ବିବାହିତା କନ୍ୟା), (୨) ମୋହସିନା ପରବିନ (ବିବାହିତା କନ୍ୟା) ଓ (୩) ସୁବେଦା ଖାତୁନ (ସ୍ତ୍ରୀ) ଅଟନ୍ତି ।

ବର୍ତ୍ତମାନ ମୋହସିନା ପରବିନ ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment-Document No.11132307974 dated 11.07.2023) ମାଧ୍ୟମରେ ଉକ୍ତ ପ୍ଲଟ୍‌ରେ ଥିବା ନିଜର ଅଧିକାର/ଅଂଶକୁ ମହଜାବିନା ପରବିନ୍‌ଙ୍କୁ ହସ୍ତାନ୍ତର କରିଅଛନ୍ତି ।

ମହଜାବିନା ପରବିନ୍ ମାଲିକାନା ସ୍ୱତ୍ୱ ତାଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ମାଲିକାନାସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ମହଜାବିନା ପରବିନ୍ ଓ ସୁବେଦା ଖାତୁନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
OIPR-13033/11/0289/2526 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



समग्र शिक्षा / Samagra Shiksha
**SAMAGRA SHIKSHA, GANJAM**
**Ph.06811-260833/262799, E-mail : dpcganjamssa.opepa@nic.in**
**No.1442/Ped./2025** **Dated. 02.05.2025**
**TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)**

**No.n-31** : Sealed tenders under two bid systems are invited from the reputed agency/supplier/manufacturer having valid PAN, GST & IT clearance,registration of firm etc for supply of **Teaching Learning Materials (Wax Crayon, Slate, scale, pencil etc) for Sishu Vatika & FLN Grades under SS scheme**. The tender papers (bid documents) containing detailed specification with terms and conditions,application of Technical Bid & application of Financial Bid can be obtained by downloading from the web site i.e. www.ganjam.odisha.gov.in and www.osepa.odisha.gov.in. The bidders are required to submit demand Draft of Rs. 2000/- (Rupees Two thousand only) drawn in favour of Dist. Project Coordinator, SS, Ganjam, Chatrapur towards cost of tender paper along with the application of technical bid. The last date and time for receiving of tender paper is **22.05.2025 at 2.00 P.M.** and will be opened on the same day **at 3.00 P.M.** in the office of the SS, Ganjam in presence of tenderers or their authorized representatives. Corrigendum/addendum if required, will be uploaded in the above web site. Hence potential bidders are requested to go through with the above web site. The authority reserves the right to reject any or all the tenders without assigning any reason thereof.

Sd./-Collector-cum-Chairman
OIPR-27081/11/0009/2526 Samagra Shiksha, Ganjam, Chatrapur



**GOVERNMENT OF ODISHA**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**
Red Building, Lokaseva Bhavan, Bhubaneswar-751001
Ph. No. 0674-2390116, Fax. 0674-2390117
Email - ssepdodisha@gmail.com
**No.5015/SSEPD Dated : 06.05.2025**
**REQUEST FOR PROPOSAL**

**No.gg-28** : Proposals are hereby invited from interested Central Govt./ State Govt. Agencies/ Organizations having previous experience and credible past record for Implementation of Comprehensive IT Solutions for the Social Security & Empowerment of Persons with Disabilities (SSEPD) Department. The prospective agencies are to submit the proposal in the prescribed format to reach the Department on or before 26.05.2025 up to 5:30 P.M. through **Speed Post/Registered Post/Courier**. The detail terms and conditions of the RFP are available in the Department website www.ssepd.gov.in. The Department reserves the right to accept or reject any or all proposals without incurring any obligation to inform the affected applicant(s) of the ground.

**OIPR-46001/11/0041/2526** **Sd./- Director, SSEPD**



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION, BHUBANESWAR**
Jal O Parimal Bhawan, Unit-V, Bhubaneswar-751001,
Tel : 0674-2395734, Fax No.0674-2394946, Email : cerwssodisha@gmail.com
**Request for Proposal (RFP) Notice**
**No.5910/Dated 05.05.2025**
**(BID. No. EIC/RWS&S/02/2025-26)**
**RFP for Hiring of Agency for Professional Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation (RWSS), Odisha**

**No.O-123** : The Engineer-in-Chief, RWSS, on behalf of the Government of Odisha in Panchayati Raj Department invites RFP for Hiring of Agency for Professional Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation(RWSS), Odisha from established Firm/ Agencies registered for a minimum period of 3 years under the Indian Companies Act, 1956/ Societies Registration Act/ Trust Act/ Any Other relevant Act in India to carry out the work for hiring of Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation (RWSS), Odisha.
Interested Agency/ Firms may download the RFP document from Government of Odisha website i.e. https://panchayat.odisha.gov.in/ from **13.05.2025** to **28.05.2025**. The last date for submission of RFP document is 30.05.2025 at 5 P.M.
The Authority reserves the right to accept or reject any/all RFP without assigning any reason thereof.

**OIPR-25003/11/0017/2526** **Sd./- Engineer-In-Chief, RWS&S(O)**



**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FAX No-0674-2466075, (M) 9437022023**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE

**No.MM-31:** **Tender Notice No.09/PMU/NKZP/95/2025**
**Dated, Nandankanan the 5th May 2025**
**RE- e TENDER NOTICE**
**FOR OPERATION AND MAINTENANCE OF BOATING FACILITY OVER BOATING ZONE-A OF KANJIA LAKE AT NANDANKANAN ZOOLOGICAL PARK**

No.MM-31: Deputy Director, Nandankanan Zoological Park invites sealed tenders online from interested persons/ firms/entrepreneurs for operation and maintenance of Boating Facility over Zone A of Kanjia lake of Nandankanan Zoological Park. The detailed tender document can be downloaded and apply online through Odisha e-procurement website: **www.tendersodisha.gov.in** from 06.05.2025 of 10.00 AM to 5.00 PM of 28.05.2025. The detailed tender document can also be downloaded from the website of Nandankanan Zoological Park: **www.nandankanan.org.** The last date of receipt of technical and financial bids is till 5.00 PM of 28.05.2025. The technical bids shall be opened on 29.05.2025 at 11.00 AM. Please refer the tender documents for further details. Nandankanan Zoological Park reserves the right to cancel this invitation and / or invite fresh Bid with or without amendments to this invitation, without liability or any obligation for such invitation and without assigning any reason. NKZP reserves the right to accept or reject any or all proposals without assigning any reason whatsoever.

OIPR-08070/11/0081/2526 **Sd./- Deputy Director, Nandankanan Zoological Park**



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph.No.-06782/260318, Balia, Balasore
**"e" Procurement Notice for Road Work**
Identification No.Online Tender- Road N.C.B. No. 07 for 2025-26
Letter No. 1361 Date:03.05.2025

**No.O-119:** 1. Name of the Work: SDMF Road, 2. Total No. of Work: 46 Nos. of Work. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-07 of 2025-26 | 13.05.2025 at 11.00 A.M. | 30.05.2025 Upto 5.00 P.M. | 29.05.2025 Upto 5.00 P.M. | 31.05.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in
OIPR-25105/11/0050/2526 Sd./- Chief Construction Engineer, R.W. Circle, Balasore



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, KHORDHA**
**No.A-127:** email Id:- eeddkhurda@gmail.com

| | | |
|---|---|---|
| 1. | Total Number of Work | : 2 No. of Work as mentioned below |
| 2. | Name of Work | : **1. Improvement to Dangarabasa Nalla alongwith structures in Nuagaon Block. 2. Improvement to Balanda Nalla alongwith structures in Nuagaon Block.** |
| 3. | Tender amount (Excluding GST) | : **Rs.83.19 Lakh, Rs.83.91 Lakh** |
| 4. | Bid Identification No. | : EE-DD-KHR-01/2025-26 EE-DD-KHR-02/2025-26 |
| 5. | Period of Completion | : 11 (Eleven) Calendar Months |
| 6. | Class of Contractor | : As per DTCN |
| 7. | Availability of Tender On-line | : **7.05.2025 11.00 hours to 22.05.2025 17.00 hours** |
| 8. | Date of Opening of Technical Bid | : **23.05.2025 at 11.00 hours** in the O/o the Executive Engineer, Drainage Division, Khordha |
| 9. | Date and Time of receipt of bids in the portal | : **7.05.2025 11.00 hours to 22.05.2025 17.00 hours** |
| 10. | Last date and time of receipt of bids in the portal | : **22.05.2025 upto 17.00 hours** |
| 11. | Bid Security | : As per DTCN |
| 12. | Cost of Tender Paper | : **Rs.10,000/-** |
| 13. | Procurement Officer | : Executive Engineer, Drainage Division, Khordha |

Further details can be seen from the Govt. website www.tendersorissa.gov.in. Addendum/ Corrigendum/ Cancellation if any required will be published only in Govt. website www.tendersorissa.gov.in.

**Sd./- Executive Engineer,**
OIPR-32458/11/0003/2526 **Drainage Division, Khordha**



**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**
ବିଜ୍ଞପ୍ତି ନଂ. ୬୫୭ (Exam. Conf.) ତା.୦୫.୦୫.୨୫ ରିଖ
**୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ**
**ONLINE ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

No.N-40:ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର, ଏକ୍ସ-ରେଗୁଲାର, ପତ୍ର ମାଧ୍ୟମ ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, **www.bseodisha.ac.in** website ମାଧ୍ୟମରେ ଉପଲବ୍ଧ ହେବ ।
୨. School Regular ଏବଂ Ex-Regular ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ସେମାନଙ୍କ ବିଦ୍ୟାଳୟ ମୁଖ୍ୟମାନଙ୍କ ଦ୍ୱାରା ଏବଂ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ବୋର୍ଡର ଶାଖା କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।
୩. **ONLINE** ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ
ଆରମ୍ଭ ତାରିଖ ତା.**14.05.2025** ରିଖ ସକାଳ ୦୮ ଘଟିକା
ଫିସ୍ ଓ ଫର୍ମ ଦାଖଲର ଶେଷ ତାରିଖ:- ତା.**26.05.2025** ରିଖ ରାତ୍ର ୧୧.୪୫

**OIPR-27004/11/0080/2526** **ସ୍ୱା./- ସମ୍ପାଦକ**



See Career Appointment on every Wednesday & Saturday



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**KANUPUR REHABILITATION, CAMPS & BUILDING DIVISION**
At/PO- Basudevpur, Dist-Keonjhar, PIN-758047
**e-PROCUREMENT NOTICE**
No.A-122 **Bid Identification No.SE,KRC & BD-04/2025-26**
**Email:eekrcbdbasudevpur@gmail.com**

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Providing Sanitation facilities to each house at Dhoblabeda (Daduan) R and R Colony for the DPs of village Daduan of KIP." | 65.57 | 65600.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/ PO- Basudevpur, Dist-Keonjhar |
| 02 | "Providing Sanitation facilities to each house at Phase II Basudevpur R and R Colony for the DPs of village Basudevpur, Rugudi and Dhobakuchuda of KIP." | 55.18 | 55200.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/ PO- Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-04/ 2025-26 | 07.05.25 From 10.00 Hours | 21.05.25 Upto 17.00 Hours | 22.05.25 at 11.00 Hours | 21.05.25 Upto 11.00 Hours | O/o the Superintending Engineer, Kanupur Reh. C&B Division, Basudevpur, Dist-Keonjhar |

**Sd./- Superintending Engineer**
OIPR-32053/11/0009/2526 **Kanupur Reh. C & B Division, Basudevpur**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ପ୍ରିତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ୪.୪୨ ଲକ୍ଷରୁ ଅଧିକ ଜିଓର ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ

**ଭୁବନେଶ୍ୱର,୭।୫ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା (କମ୍ପାନୀ) ଜିଓ ଓଡ଼ିଶାରେ ସବୁଠାରୁ ପସନ୍ଦିତ ଏବଂ ୧ ନମ୍ବର ହୋମ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଏପରିକି ଓଡ଼ିଶାରେ ଜିଓର ୪.୪୨ ଲକ୍ଷରୁ ଅଧିକ ହୋମ୍ ବ୍ରଡ୍‌ବ୍ୟାଣ୍ଡ (ଏୟାରଫାଇବର/ ଜିଓଫାଇବର) ଗ୍ରାହକ ଥିଲାବେଳେ ୨୦୨୫ ମାର୍ଚ୍ଚରେ ୧.୫ ଲକ୍ଷ ଜିଓ ଏୟାରଫାଇବର ଗ୍ରାହକ ସଂଖ୍ୟା ଅତିକ୍ରମ କରିଛି ବୋଲି ବୁଧବାର ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ସବ୍‌ସ୍କ୍ରିପସନ୍ ତଥ୍ୟରୁ ଏହା ଜଣାପଡ଼ିଛି। ଟ୍ରାଇ ତଥ୍ୟ ଅନୁଯାୟୀ ରାଜ୍ୟରେ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୫ ଲକ୍ଷ ଅତିକ୍ରମ କରିଛି, ଯାହା ସମଗ୍ର ରାଜ୍ୟରେ ଦୃଢ଼ ଜିଓ ଟ୍ରୁ ୫ଜି ଷ୍ଟାଣ୍ଡ ଆଲୋନ୍ ନେଟ୍‌ୱର୍କ ଦ୍ୱାରା ପ୍ରୋତ୍ସାହିତ ବୋଲି କୁହାଯାଉଛି। ସେହିଭଳି ଓଡ଼ିଶାରେ ୫ଜି ଏୟାରଫାଇବର ସେଗ୍‌ମେଣ୍ଟରେ ଜିଓର ପ୍ରାଧାନ୍ୟ ଜାରି ରହିଛି। ଟ୍ରାଇର ଏହି ତଥ୍ୟରୁ ଅନୁମାନ କରାଯାଇପାରେ, ରାଜ୍ୟରେ ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ୫ଗୁଣ ଅଧିକ ରହିଛି। ଟ୍ରାଇର ଏହି ତଥ୍ୟ ଅନୁଯାୟୀ ୨୦୨୫ ମାର୍ଚ୍ଚରେ ଓଡ଼ିଶାର ୫ଜି ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) କିମ୍ବା ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୭୭ ଲକ୍ଷରୁ ଅଧିକ ହୋଇଛି। ସେହିପରି ଓ୍ୱାୟାରଲାଇନ୍ କ୍ଷେତ୍ରରେ ଜିଓ ରାଜ୍ୟର ୨.୯୨ ଲକ୍ଷରୁ ଅଧିକ ଘର ଏବଂ ଘର ସହିତ ଏହାର ହାଇସ୍ପିଡ୍ ତାରଯୁକ୍ତ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓଫାଇବର ଦ୍ୱାରା ସଂଯୁକ୍ତ ହୋଇଛି। ଓ୍ୱାୟାରଲେସ୍ କ୍ଷେତ୍ରରେ ଜିଓ ୨୦୨୫ ମାର୍ଚ୍ଚରେ ଓଡ଼ିଶାର ୧.୩୫ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକଙ୍କୁ ଯୋଡ଼ିଛି, ଯାହା ଜିଓ ୪ଜି/୫ଜି ନେଟ୍‌ୱାର୍କରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୧.୬ କୋଟିକୁ ବୃଦ୍ଧି କରିଛି।

ଜାତୀୟସ୍ତରରେ ୫ଜି ଏଫ୍‌ଡବ୍ଲ୍ୟୁଏରେ ମଧ୍ୟ ଜିଓର ପ୍ରାଧାନ ଜାରି ରହିଛି, ଯାହା ବିଶ୍ୱବ୍ୟାପୀ ସଂଯୋଗ ଶିଳ୍ପରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ସେଗ୍‌ମେଣ୍ଟ ବୋଲି କୁହାଯାଉଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ୫୫.୭ ଲକ୍ଷରୁ ଅଧିକ ସବ୍‌ସ୍କ୍ରାଇବର ସହ ଜିଓର ୮୨% ରୁ ଅଧିକ ବଜାର ଅଂଶ ରହିଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୭।୫:** ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୫.୭୧ ପଏଣ୍ଟ ବୃଦ୍ଧି ଘଟି ୮୦,୭୪୬.୭୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୪.୮୦ ପଏଣ୍ଟ ବଢି ୨୪,୪୧୪.୪୦ ଅଙ୍କରେ କାରବାର ଶେଷ ହୋଇଥିଲା।

# ଇ-ସାମଗ୍ରୀରେ ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୭।୫**

ଦେଶର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ ଆମାଜନ୍ ବିଜ୍‌ନେସ୍ ପକ୍ଷରୁ ଇ-ସାମଗ୍ରୀଗୁଡ଼ିକ ଉପରେ ବ୍ୟବସାୟ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଓ ରିହାତି ଦିଆଯାଉଛି। ଏପରିକି ଆମାଜନ ବିଜ୍‌ନେସ୍ ଗ୍ରେଟ୍ ସମର ସେଲ୍ ସମୟରେ ଦିଆଯାଉଥିବା ଏବଂ ବର୍ତ୍ତମାନ ଉପଲବ୍ଧ ଡିଲ ଓ ଅଫରଗୁଡ଼ିକୁ ଦେଶବ୍ୟାପୀ ବ୍ୟବସାୟିକ ଗ୍ରାହକମାନଙ୍କ ପାଇଁ ଯଥେଷ୍ଟ ସଞ୍ଚୟ ସୁଯୋଗ ପ୍ରଦାନ କରୁଛି। ଏହି ଅଫରରେ ବ୍ୟବସାୟଗ୍ରାହକମାନଙ୍କୁ ଲାପ୍‌ଟପ୍, ଟାବ୍‌ଲେଟ୍, ହେଡ୍‌ଫୋନ୍, ଏସି, କୁଲର, ଫ୍ୟାନ୍, ଅଫିସ ଫର୍ନିଚର, ରୋଷେଇ ଘର ଉପକରଣ ଏବଂ ଗ୍ରୀନ ସୋଲ୍, ବୋଟ୍, ଜେବିଏଲ୍, ଡାଇକିନ୍, ବୋଶ୍, ଏଚ୍‌ପି, ସାମ୍‌ସଙ୍ଗ୍ ଏବଂ ସୋନି ଭଳି ୨ଲକ୍ଷରୁ ଅଧିକ ଅନନ୍ୟ ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଇଛି।


ଜନ୍ମ ଦିନର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା



ପ୍ରିତମ କୁମାର ବେହେରା
କରଞ୍ଜିଆ, ମୟୁରଭଞ୍ଜ
ମହାପ୍ରଭୁ ଶ୍ରୀଜଗନ୍ନାଥ ସବୁବେଳେ ସୁସ୍ଥ ରଖନ୍ତୁ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ, ସବୁଇଚ୍ଛା ଆକାଂକ୍ଷା ପୂର୍ଣ୍ଣ କରନ୍ତୁ, ଆଗାମୀ ସମୟ ସମୃଦ୍ଧ ଓ ମଙ୍ଗଳମୟ ହେଉ।
ଶୁଭେଚ୍ଛା ସହ - ବାବା, ମା, ବଡ଼ ଭଉଣୀ ପ୍ରୀତି ଓ ଅଲିଶା ଏବଂ ସାନ ଭାଇ ଶ୍ରୀତମ।
ଧ-୭୬୨୬୪


# ୧୦,୦୦୦ କୋଟିର ରାଜସ୍ୱ ହାସଲ

**ନୂଆଦିଲ୍ଲୀ,୭।୫**

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ତଥା ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ ଧର୍ମପାଲ ସତ୍ୟପାଲ ଗ୍ରୁପ୍ (ଡିଏସ୍ ଗ୍ରୁପ୍)କୁ ନିକଟରେ ଆଉ ଏକ ବଡ ସଫଳତା ମିଳିଛି। ଏପରିକି ଭାରତର ୧୫ଟି ଶୀର୍ଷ ଏଫ୍‌ଏମ୍‌ସିଜି କମ୍ପାନୀ ତାଲିକାରେ ଡିଏସ୍ ଗ୍ରୁପ୍ ପ୍ରବେଶ କରିଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗ୍ରୁପ୍ ୧୦,୦୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହାସଲକରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। କମ୍ପାନୀର ଏହି ସଫଳତା ପ୍ରାଥମିକ ଭାବେ ଏଫ ଆଣ୍ଡ ବି ସେଗ୍‌ମେଣ୍ଟର ମୋଟ ରାଜସ୍ୱରେ ୪୨% ଯୋଗଦାନ ରହିଛି। ସେହିଭଳି ମାଉଥ ଫ୍ରେଶନର ସେଗ୍‌ମେଣ୍ଟ ୩୮%, ହସ୍ପିଟାଲିଟି ସେଗ୍‌ମେଣ୍ଟ ୩% ଏବଂ ଅବଶିଷ୍ଟ ରାଜସ୍ୱରେ ଅନ୍ୟାନ୍ୟ ବ୍ୟବସାୟଗୁଡ଼ିକର ମିଳିତ ଯୋଗଦାନ ରହିଥିବାବେଳେ ତମାଖୁର ୧୦%ରୁ କମ୍ ଯୋଗଦାନ ରହିଛି। ଏହି ଗ୍ରୁପ ଉତ୍ତମ ଅଭିବୃଦ୍ଧି ମାଧ୍ୟମରେ ୧୬%ର ସିଏଜିଆର ସହ ଗତ ୩ ବର୍ଷରେ ସ୍ଥିର ଊର୍ଦ୍ଧ୍ୱଗାମୀ ଗତିର ସାକ୍ଷୀ ହୋଇଛି, ଯାହା ଏହାର ବଜାର ନେତୃତ୍ୱ ଓ ସମ୍ପ୍ରସାରଣ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଫୁଡ୍ ଆଣ୍ଡ ବେଭ୍‌ରେଜ (ଏଫ୍‌ଆଣ୍ଡବି) ସେଗ୍‌ମେଣ୍ଟ ଗତ ୩ ବର୍ଷ ମଧ୍ୟରେ ୧୯%ର ଏକ ସିଏଜିଆର ପ୍ରଦର୍ଶିତ କରିଛି। ଡିଏସ୍ ଗ୍ରୁପ୍‌ର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ୧୦,୦୦୦ କୋଟି ଟଙ୍କାର ରାଜସ୍ୱ ଅତିକ୍ରମ କରିବା ଭାରତର ବିକଶିତ ଅଭିବୃଦ୍ଧି କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ଭାବେ ଆମର ପ୍ରମୁଖ ଭୂମିକାକୁ ସୂଚିତ କରୁଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂଶ୍ରୀ ବସନ୍ତ କୁମାର ବେହେରା
ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ
ନୂଆବଜାର, ପୋତାପୋଖରୀ, କଟକ
ଆବିର୍ଭାବ: ୧୨।୦୯।୧୯୫୧
ତିରୋଧାନ: ୨୮।୦୪।୨୦୨୫
ତୁମେ ଆମକୁ ହଠାତ୍ ଛାଡ଼ି ଚାଲିଗଲ, ବିଶ୍ୱାସ ହେଉନାହିଁ। ତୁମ ଅନୁପସ୍ଥିତି, ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ସ୍ତ୍ରୀ- ଉଷାରାଣୀ ବେହେରା, ପୁତ୍ର- ଉମାକାନ୍ତ ବେହେରା, ବିଜୟ କୁମାର ବେହେରା, କନ୍ୟା- ମମତା ବେହେରା, ନାତୁଣୀ- ଅଭିଲିପ୍ସା ବେହେରା, ବନ୍ଧୁ ଓ ପରିବାରବର୍ଗ।
ଧ-୪୦୯

ସ୍ମୃତିରେ ତୁମେ ନୂତନ



ନୂତନ କାନ୍ତ ମହାନ୍ତି
ଆବିର୍ଭାବ : ୦୧.୦୧.୨୦୦୪
ତିରୋଧାନ : ୦୮.୦୫.୨୦୧୮
ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ବାପା, ମାଆ, ଭାଇ, ଭାଉଜ ଓ ଆତ୍ମୀୟସ୍ୱଜନ
ନଳିନୀକାନ୍ତ ମହାନ୍ତି (ଗୁଡୁ)
ରସୁଲଗଡ଼, ଭୁବନେଶ୍ୱର
ଧ-୭୫୩୮୫



# Classified Everyday
0674-2580101, 9692975378



## REAL ESTATE
### SALE

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରି ପ୍ଲଟ୍ 1250/ Sqft.ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496. D-438

## GENERAL SALE

Whole sale paper plate & danna For Buffet ,Phulanankhara, Cuttack. 7809525452. D-74651



## FOR RENT

Newly built 4-Storey building with Lift Facilities near Reliance Smart Point on Rent/ Lease (For Institute/Bank/Office/ any Commercial Purpose) in Industrial Area at IPICOL Chhak, Main Road, Jagatpur, Cuttack, Mob- 9778244466, 7978233819. D-444

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377



## Healthcare

Relax, Refresh your body, mind at Saikrupa SPA with best therapies. 7848011468. D-363

Full body massage by experience therapist with homely atmosphere. 8658088274. D-447


## AFFIDAVIT

I, Ved Prakash, S/o- Arun Kumar Singh, residing at Qtr- VIC 5/1, Unit-1, Bhubaneswar, Khurda-751009, Odisha declare vide affidavit No.- 77, dated 07.05.2025 that from now onwards my daughter SAANVEE shall be known as SAANVEE PRAKASH for all future purposes. D-441

ମୁଁ, ସନ୍ଦିପ ସାହୁ, ପିତା- ଗଣେଶ୍ୱର ସାହୁ, ଗ୍ରାମ- ବଣିଆ ସାହି, ପୋ- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର/ଜିଲ୍ଲା- କଟକ, ଓଡ଼ିଶାର ବାସିନ୍ଦା, ଏହି ଶପଥପତ୍ର ନମ୍ବର-୪୦୯୧, ତାରିଖ ୨୦।୦୩।୨୦୨୫ ମାଧ୍ୟମରେ ଘୋଷଣା କରୁଛି। ବର୍ତ୍ତମାନ ପରେ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ସନ୍ଦିପ କୁମାର ସାହୁ ଭାବରେ ପରିଚିତ ହେବି। ଧ-୪୩୨

ମୁଁ, ରିନିତା ସାହୁ, W/o- ସନ୍ଦିପ କୁମାର ସାହୁ, ଗ୍ରାମ- ବଣିଆ ସାହି, ପୋ- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର/ଜିଲ୍ଲା- କଟକ, ଓଡ଼ିଶାର ବାସିନ୍ଦା, ଏହି ଶପଥପତ୍ର ନମ୍ବର-୪୦୭୬, ତାରିଖ ୦୬।୦୫।୨୦୨୫ ମାଧ୍ୟମରେ ଘୋଷଣା କରୁଛି। ବର୍ତ୍ତମାନ ପରେ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ରିନିତା ମହାରଣା ଭାବରେ ପରିଚିତ ହେବି। ଧ-୪୩୩

By virtue of an affidavit sworn before the Notary Public, Bhubaneswar, date-03.05.2025, I, Saraswati Sethi, W/o- Rabindra Sethi permanent Address of Thanual, Muraripur, Dharmasala, Dist.- Jajpur, Odisha 755024 declare that I have changed my name from Saraswati Sethi to Saraswati Barik. Henceforth, I shall be known as Saraswati Barik for all purposes. D- 436

By virtue of affidavit sworn before Executive Magistrate, Bhadrak, dt 10.04.25, I, Purnima Lata Bal (27yrs), D/o- Nanda Kishore Bal, At- Jiginipur, P.O.- Matipaka, P.S.- Naikanidihi, Dist.- Bhadrak, declare that in my Bank Account my name is Usharani Bal as per my School Certificate. Henceforth, I shall be known as Usharani Bal for all purposes. D-435

By virtue of an affiadvait sworn before Executive Magistrate, Basudevpur, I, Sujata Kuanar, W/o- Ratikanta Kuanar, Vill- Mishrapur, P.O.- Patana Mishrapur, P.S.- Naikanidihi, Dist.- Bhadrak, declare that my daughter's name is wrongly written as Barsa Kuanar in Aadhaar instead of Barsarani Kuanar. Henceforth, she will be known as Barsarani Kuanar for all purposes. D-434

Affidavit before Executive Magistrate, Jagannathaprasad, Ganjam No.-307/7.5.2025, that I Sanjaya Gouda of Vill/P.O.- Khetamundali, P.S.- Tarasingi, Ganjam, changed my daughter's name from Ptiya Gouda to Priya Gouda as she is minor. Henceforth, she shall be known as Priya Gouda, D/o- Sanjaya Gouda for all purposes. D-450

By virtue of an affidavit No.59 dated 6.5.25 sworn before the Executive Magistrate, Loisingha, I, Priyadarshani Arpita Nanda, R/o- Village- Keutipali, P.O.- Jogisarda, P.S.- Loisingha, Dist.- Balangir declare that in Aadhaar card my name has been wrongly mentioned as Priyadarshini Arpita Nanda instead of Priyadarshani Arpita Nanda. Now onwards I shall be known as Priyadarshani Arpita Nanda for all purposes. D-448

By virtue of an affidavit sworn before the Executive Magistrate, Darpan, dated 02.05.2025, I, Krupasindhu Sethy, Address: Vill/P.O.- Balichandrapur, P.S.- Balichandrapur, Dist.- Jajpur, Odisha- 754205 declare that I have changed my son's name from Holikarjjun Sethy to Holika Arjunsai Sethy. Henceforth, he shall be known as Holika Arjunsai Sethy for all purposes. D-442

I P.K. Bhaskar, son of P. Krishna Reddy, P.O.- Sunabeda-2, Dist.- Koraput, presently residing at Qtr. No.- G-182, HAL Township, P.O.- Sunabeda-2, P.S.- Sunabeda, Dist.- Koraput (Odisha), working at HAL Koraput Division do hereby declare that by virtue of affidavit dated- 06.05.2025 before the Notary Public, Sunabada, I have changed my name from P.K. Bhaskar to Panati Krishnareedy Bhaskar in future and I will be known as Panati Krishnareedy Bhaskar in official and all other purposes. D-449

By an affidavit before The Notary Public, Karanjia, Mayurbhanj, Sl.No-1043, dt.15.04.2025, I, Latika Nayak, Address: Madarangajodi, Nedhuapal, Karanjia, Mayurbhanj, PIN-757037, Odisha declare that I have changed my minor daughter name from Mousumi Nayak to Abhilipsa Nayak. Henceforth, she shall be known as Abhilipsa Nayak for all purpose. D-76822

By an affidavit before The Executive Magistrate, Sukruli, Mayurbhanj, Sl.No-106, dt.10.04.2025, I, Droupadi Chattar, Address: Bangiriposi, Jhadghosada, Raruan, Mayurbhanj, PIN-757039, Odisha declare that I have changed my minor son name from Rajnidra Chatra to Rajendra Chatar. Henceforth, he shall be known as Rajendra Chatar for all purpose. D-76821

By virtue of an affidavit sworn before the Notary Public, Cuttack, Vide affidavit No.- 2505, dated- 28.11.2024, I, Amrit Kumar Kar, aged about 24 years, S/o- Asit Kumar Kar, residing At- Kusunpur, P.O.- Nishintakoili, P.S.- Derabish, Dist.- Kendrapara- 754207, Odisha, declare that I have changed my mother's name from PRIYATRMA KAR to PRIYATAMA KAR. Henceforth, she will be known as PRIYATAMA KAR for all purposes. D-431


Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## LEGAL NOTICE

IR No.- 691
Date-05.05.2025

ନୋଟିସ

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, I.A.S.)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନ.୨ମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର-୪୨୪/୨୦୨୪
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
(ସି.ପି.ସି. ଅର୍ଡ଼ର ୫, ରୁଲ୍-୨୦ ମୁତାବକ)

ସରୋଜିନୀ ପଣ୍ଡା, ସ୍ୱାମୀ- ସୁରେନ୍ଦ୍ର ନାଥ ପଣ୍ଡା, ଠିକଣା- ସା- ପ୍ଲଟ୍ ନ ଏନ-୩/୧୪୧ମ୍ବର, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

....ବାଦୀ

ବନାମ

୧. ନିମାଇଁ ଚରଣ ଜଗଦେବ, ୨. ନିତ୍ୟାନନ୍ଦ ଛୋଟରାୟ, ଏ ଦୁଇଜଣଙ୍କ ପିତା- ସ୍ୱର୍ଗତ ସାଧୁ ଚରଣ ଜଗଦେବ, ୩. ବିଜନ କୁମାର ଜଗଦେବ, ୪. ପ୍ରମୋଦ କୁମାର ଜଗଦେବ, ପିତା- ହରେକୃଷ୍ଣ ଛୋଟରାୟ, ଏ ସମସ୍ତଙ୍କ ଠିକଣା-ସା- ଜଗନ୍ନାଥ ପ୍ରସାଦ, ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୬. ଜିତେନ୍ କୁମାର ଛୋଟରାୟ, ପିତା- ପ୍ରସନ୍ନ କୁମାର ଛୋଟରାୟ, ମ୍ୟାନେଜିଂ ଡାଇରେକ୍ଟର ଅଫ୍ ମେସର୍ସ ବେ.ଟେକ୍ (ଇଣ୍ଡିଆ), କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ, ପ୍ଲଟ ନ୫୧୧ମ୍ବର, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

....ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଉତ୍ତରାଧିକାରୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ୍ ଜାରି ନହୋଇ ମୃତ ଦର୍ଶାଯାଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:
ଜମିର ବିବରଣୀ

ମୌଜା: ଅନ୍ଧାରୁଆ, ଥାନା- ଚନ୍ଦକା, ଥାନା ନ.- ୪୪ମ୍ବର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନ. ୨୫୧୭ମ୍ବର, ହାଲ ପ୍ଲଟ୍ ନଂ.୧୭୩୨ମ୍ବର, ରକବା ଏ୦.୦୫୫ ଡିମିଲ, ସ୍ୱତ୍ୱ- ସ୍ଥିତିବାନ, ସାବିକ- ଖାତା ନମ୍ବର- ୫୭୬, ସାବିକ ପ୍ଲଟ ନମ୍ବର- ୭୭୬, ସବ୍ ପ୍ଲଟ୍ ନମ୍ବର ୧ବି., ଏରିଆ ଏ୧.୦୪୦ ଡିସିମିଲ ସ୍ଥଳରୁ ଦାବି ବୃତି ଏ୦.୦୫୫ ଡିସିମିଲ।

ଏଣୁ ଉପରୋକ୍ତ ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ, ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନ୨ମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୪୪୩


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଛୋଟ ପରଦା



'ସାଥୀ ସାତ ଜନ୍ମର' ଧାରାବାହିକରେ ମାନସ-ବର୍ଷା

# ସାଥୀ ସାତ ଜନ୍ମର

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ପ୍ରସାରିତ ହେବାର ଖୁବ କମ୍ ସମୟ ମଧ୍ୟରେ ବେଶ ଲୋକପ୍ରିୟତା ସାଉଁଟୁଛି ଧାରାବାହିକ 'ସାଥୀ ସାତ ଜନ୍ମର' । କାହାଣୀ ଅନୁସାରେ ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପୂର୍ବରୁ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି । ବାହାଘର ଦିନ ଦେବଙ୍କ ବାପା ନଟ ବାହାଘର ସ୍ଥାନରେ ମଦ୍ୟପାନ କରି ଅଚେତ ଅବସ୍ଥାରେ ପଡିଥିବାର ଦେଖାଯାଏ, ଯାହାପରେ ଘଟଣା ନାଟକୀୟ ମୋଡ଼ ନେଇଥାଏ । ବିବାହ ଜାରି ରହିବା ସମୟରେ ଭାର୍ଗବୀ ଓ ପ୍ରିନ୍ସ ବାହାଘରକୁ ଭଣ୍ଡୁର କରିବାକୁ ଚେଷ୍ଟା କରିଥାନ୍ତି । ଅର୍ଚ୍ଚନାର ମା' ଆଶ୍ଚର୍ଯ୍ୟ ଓ ଦ୍ୱନ୍ଦ୍ୱରେ ପଡ଼ିଯା'ନ୍ତି ଓ ଦେବଙ୍କ ପରିବାର ଉପରେ ତାଙ୍କ ବିଶ୍ୱାସ ଭାଙ୍ଗିଯାଏ । ଦେବ ମୁଣ୍ଡରେ ସିନ୍ଦୂର ଲଗାଇବାକୁ ଯାଉଥିବା ସମୟରେ ଅର୍ଚ୍ଚନାଙ୍କ ମା' ଦେବଙ୍କ ଚରିତ୍ର ଉପରେ ସନ୍ଦେହ କରନ୍ତି ଏବଂ ଚିନ୍ତାରେ ପଡ଼ନ୍ତି ।

ତେବେ କ'ଣ ବିବାହ ଆଗକୁ ବଢ଼ିବ ? ନା ଅର୍ଚ୍ଚନାଙ୍କ ମା'ଙ୍କ ସନ୍ଦେହ ଏହି ସମ୍ପର୍କକୁ ଭାଙ୍ଗିଦେବ ! ଏହି ନାଟକୀୟ ମୋଡ଼କୁ ଦେବ ଓ ଅର୍ଚ୍ଚନା କେମିତି ପାର କରି 'ସାଥୀ ସାତ ଜନ୍ମର' ହେବେ ? ଏ ସବୁର ଉତ୍ତର ରହିଛି ଧାରାବାହିକର ଆଗାମୀ ଅଧ୍ୟାୟରେ । ଏହି ଧାରାବାହିକର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୭ଟା (ସୋମବାର-ଶନିବାର) ।

# ଚକୋଲେଟ୍ ପ୍ରିୟ ଆୟୁଷ୍ମାନ



ଆୟୁଷ୍ମାନ ଖୁରାନା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି । ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି । ହେଲେ ସେ ଜିନିଷଟି କ'ଣ ଜାଣିବେନି ? ଚକୋଲେଟ୍ । ଏପରି କି ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ କିଛି ଚକୋଲେଟ୍ ନେଇଯାଆନ୍ତି । ଏ ନେଇ ଆୟୁଷ୍ମାନ କହନ୍ତି, 'ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ । ତାହା ହେଲା ଚକୋଲେଟ୍ । କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ । ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି । କୌଣସି ଅକେଜନ୍‌ରେ ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ । ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ସେ ରେଡିଓ ଜକି ଭାବରେ କାମ କରୁଥିଲେ । ମାଧୁରୀ ଦୀକ୍ଷିତଙ୍କ ଅଭିନୀତ 'ତେଜାବ୍' ଦେଖିବା ପରେ ସେ ଅଭିନୟ ପ୍ରତି ମନ ବଳାଇଥିଲେ । ଆୟୁଷ୍ମାନଙ୍କ ଅଭିନୀତ ଶେଷ ଫିଲ୍ମ 'ଡ୍ରିମ ଗର୍ଲ ୨' ୨୦୨୩ରେ ରିଲିଜ ହୋଇଥିଲା । ମାତ୍ର ୩୫ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ବକ୍ସ ଅଫିସରେ ୧୪୦କୋଟି ଆୟ କରିଥିଲା । ଏବେ ସେ ନୂଆ ସିନେମା 'ଥାମ୍ମା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ।

# ଅପେକ୍ଷା କରିବେ ସାୟମୀ

ସାମୟୀ ଖେର୍ ଅପେକ୍ଷା କରିବାକୁ ତୟାର ଅଛନ୍ତି । ତାହା ପୁଣି ବର୍ଷେ କିମ୍ବା ଦୁଇବର୍ଷ ହୁଏ ତେବେ ସେ ଟିକିଏ ହେଲେ ମନ ଦୁଃଖ କରିବେ ନାହିଁ । ହେଲେ ତାହା ଏମିତି କ'ଣ କି ଯେଉଁଥିପାଇଁ ସେ ଅପେକ୍ଷା କରିବାକୁ ମନ ବଳାଇଛନ୍ତି । କଥା କ'ଣ କି ନିକଟରେ ସେ ଅଭିନୟ କରିଥିବା 'ଜାଟ୍' ରିଲିଜ ହୋଇଥିଲା । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଥିଲେ ସନି ଦେଓଲ । ସନିଙ୍କ ସହ ପୁଣି ଥରେ ଅଭିନୟ କରିବାକୁ ଆଶା ବ୍ୟକ୍ତ କରିଛନ୍ତି ଏହି ଅଭିନେତ୍ରୀ । ଏ ବିଷୟରେ ସେ କହନ୍ତି, ''ସତ କଥା କହିବାକୁ ଗଲେ 'ଜାଟ୍'ର ଶୁଟିଂ ସମୟରେ ତାଙ୍କର ଅଭିନୟ ମୋତେ ବହୁତ ପ୍ରଭାବିତ କରିଛି । ଏହାବ୍ୟତୀତ ତାଙ୍କ ଅଭିନୀତ ଅନେକ ସିନେମା ମଧ୍ୟ ଦେଖିଛି । ତେଣୁ ଭବିଷ୍ୟତରେ ଯଦି ମୋତେ ତାଙ୍କ ସହ ପୁଣି ଥରେ ଅଭିନୟ କରିବାର ସୁଯୋଗ ମିଳେ ତେବେ ମନା କରିବି ନାହିଁ ।'' ସାୟମୀଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୧୫ରେ ଆଉ ତାହା ଥିଲା ଏକ ତେଲୁଗୁ ସିନେମା, ଯାହାର ଟାଇଟଲ ଥିଲା 'ରେ' । ୨୦୧୬ରେ ସେ 'ମିର୍ଯ୍ୟା' ଫିଲ୍ମରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ । ଖାସ୍ କଥା ହେଲା, ପ୍ରଥମ ହିନ୍ଦୀ ସିନେମା ପାଇଁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା ।



ସାୟମୀ

# ଭୁଲନ୍ତି ନାହିଁ ତମନ୍ନା



ତମନ୍ନା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ଅଭିନେତ୍ରୀ ହେଉଛନ୍ତି ତମନ୍ନା ଭାଟିଆ । ତାଙ୍କୁ ଯେତେବେଳେ ଟିକେ ଅବସର ମିଳେ ସେ ଗୋଟିଏ କାମ କରିବାକୁ ଆଦୌ ଭୁଲନ୍ତି ନାହିଁ । ତାହା କ'ଣ ଜାଣନ୍ତି ? ଗାର୍ଡେନିଂ । ଅର୍ଥାତ୍, ସମୟ ମିଳିବା ମାତ୍ରେ ସେ ନିଜ ବଗିଚାର ଯତ୍ନ ନେଇଥାଆନ୍ତି । ଏ ବିଷୟରେ ତମନ୍ନା କହନ୍ତି, 'ପିଲାଟିଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା । କିନ୍ତୁ ପାଠପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି । ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି । ନୂଆ ଫୁଲଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି ।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି । ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି । ଅନ୍ୟପକ୍ଷରେ ଏବେ ତାଙ୍କ ହାତରେ ୨-୩ଟି ନୂଆ ତେଲୁଗୁ ଅଫର ରହିଛି । ତେବେ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ । ତାଙ୍କ ପାଇଁ ଆଉ ଏକ ଖୁସି ଖବର । ସେ ଏବେ ବାଲାଜୀ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ନୂଆ ସିନେମା 'ବନ୍ : ଫୋର୍ସ ଅଫ୍ ଫରେଷ୍ଟ'ର କାଷ୍ଟିଂରେ ସାମିଲ ହୋଇଛନ୍ତି । ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା ।

# ରକୁଲ୍‌ଙ୍କ ଫିଟନେସ୍ ଟିପ୍ସ



ରକୁଲ୍

ରକୁଲ୍ ପ୍ରୀତ ସିଂ ଏବେ ବୁଲି ବୁଲି ଗୋଟିଏ କଥା କହିବାକୁ ଭୁଲୁ ନାହାନ୍ତି । ଯଦି ସାଙ୍ଗମାନେ ଭେଟ ହୋଇଗଲେ ତେବେ ପ୍ରଥମେ ସେକଥାକୁ ନେଇ ଲମ୍ବା ଆଲୋଚନା ହେଉଛି । କଥା କ'ଣ କି ସେ ବର୍ତ୍ତମାନ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ । ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେ ଜଣ ସାଙ୍ଗମାନଙ୍କ ସହ ଭେଟ ହୋଇଗଲା । ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କଫି ପବ୍‌କୁ । ସେଠାରେ କଫିର ମଜା ନେବା ସହ ଫିଟ୍‌ନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ । ଏ ସମ୍ପର୍କରେ ରକୁଲ୍ କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜ ଫିଟନେସ ପ୍ରତି ଧ୍ୟାନ ଦେବା ଜରୁରୀ । ନ ହେଲେ ଅଯଥାରେ ଆମକୁ ରୋଗ ମାଡି ବସିବ । ତେଣୁ ମୁଁ ଏହାକୁ ନେଇ ଅଧିକ ସତର୍କ ଥାଏ । ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ । ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ଆଲର୍ଟ ଥାଏ । ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି ।' ଗତ ବର୍ଷ ଘର ସଂସାର କରିଥିବା ରକୁଲ୍ ଇତି ମଧ୍ୟରେ ହିନ୍ଦୀ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ଅଭିନୟ କରିସାରିଲେଣି । କନ୍ନଡ ଫିଲ୍ମ 'ଗିଲ୍ଲି' (୨୦୦୯)ରୁ ସେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ । ଏହାର ପାଞ୍ଚ ବର୍ଷ ପରେ 'ୟାରିୟାଁ' ଫିଲ୍ମରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ବର୍ତ୍ତମାନ ସେ ଅଭିନୟ କରିଥିବା ତାମିଲ ଫିଲ୍ମ 'ଇଣ୍ଡିଆନ୍ ୩'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି । ବିଶିଷ୍ଟ ନିର୍ଦ୍ଦେଶକ ଏସ. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ବିଗ୍ ବଜେଟ୍ ଫିଲ୍ମର ମୁଖ୍ୟ ଭୂମିକାରେ କମଲ ହାସନ ଅଭିନୟ କରୁଛନ୍ତି ।

ନୂଆ ସିନେମା

# ନାୟିକା

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି । ଜୟ ଜଗନ୍ନାଥ ନଟଜ୍ୟୋତ୍ସ୍ନା ପ୍ରଡକ୍ସନ ହାଉସ ଦ୍ୱାରା ଏହି ଫିଲ୍ମଟି ପ୍ରସ୍ତୁତ ହେବାକୁ ଯାଉଛି । ଖାସ୍ କଥା ହେଲା ଏହାର ଶୀର୍ଷକ ଭୂମିକାରେ ଅଭିନୟ କରିବେ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ । ଆଉ ଫିଲ୍ମଟିର ଟାଇଟଲ ରହିଛି 'ନାୟିକା' । ଚିତ୍ରଟିର ପ୍ରଯୋଜନା କରିଛନ୍ତି ରୂପେଶ କୁମାର ନାୟକ ଏବଂ ସହପ୍ରଯୋଜିକା ଅଛନ୍ତି ସଙ୍ଗୀତା ବିଷୋୟୀ । ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଓଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ । ଏହି ସିନେମା ବିଷୟରେ ପ୍ରଯୋଜକ କହନ୍ତି, ''ଏହାର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର । ଏହା ଏକ ମୌଳିକ କଥାବସ୍ତୁ ଉପରେ ଆଧାରିତ । ଏଥିରୁ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । ଫିଲ୍ମର କାହାଣୀ ଅନୁସାରେ କଳାକାର ଚୟନ, ସଙ୍ଗୀତ ଏବଂ ସଂଳାପ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଏହାର ଶୁଟିଂ ଚଳିତ ମାସ ୨୬ରୁ ଆରମ୍ଭ ହେବ ।'' ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ଏହାର ପ୍ରି-ଡିଜାଇନର ଅଛନ୍ତି ଚିତ୍ତ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ରଚାର ପ୍ରସାର ଦାୟିତ୍ୱ ନେଇଛନ୍ତି ଭରତ ପ୍ରଧାନ ।



ମହାଶ୍ୱେତା ରାୟ

— ମୋ କଥା —

# ସଙ୍ଗୀତ ନିଶା ପାଲଟି ଯାଇଛି

ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ମଧ୍ୟ ସେ ନିଜକୁ ସଙ୍ଗୀତଠାରୁ ଦୂରେଇ ନେଇ ପାରି ନାହାନ୍ତି । ନିଜର ପ୍ରତିଭା ବଳରେ ସେ ସାଉଁଟି ଚାଲିଛନ୍ତି ପ୍ରଶଂସା । ସତେଯେମିତି ସଙ୍ଗୀତ ତାଙ୍କ ଜୀବନର ଏକ ଅନ୍ୟତମ ଅଙ୍ଗ ପାଲଟି ଯାଇଛି । ସେ ହେଲେ କେନ୍ଦୁଝର ଜିଲା ମା' ତାରିଣୀ ପୀଠ ନିକଟସ୍ଥ ବେଢାପାଳ ଗାଁର ବୋହୂ ମମତା ଜେନା । ଝାରସୁଗୁଡାରେ ଜନ୍ମିତା ମମତା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାୟୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ ବିଏଡ୍ ମଧ୍ୟ କରିଛନ୍ତି । କେବଳ ସେତିକି ନୁହେଁ, ହିନ୍ଦୁସ୍ତାନୀ, କ୍ଲାସିକାଲ ଓ ଭୋକାଲରେ ପ୍ରୟାଗ ସଙ୍ଗୀତ ସମିତି, ଅହମଦାବାଦରୁ ସଙ୍ଗୀତ ପ୍ରବୀଣରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ନିଜ ବିଷୟରେ ମମତା କହନ୍ତି, '' ପିଲାଟି ଦିନରୁ ମୁଁ ସଙ୍ଗୀତ ମାୟାରେ ପଡିଯାଇଥିଲି । ମୋ ମା' ଏବଂ ବାପା ଉଭୟ ସଙ୍ଗୀତ ସହ ଜଡିତ । ସେମାନେ ମୋର ପ୍ରେରଣାର ଉତ୍ସ ସାଜିଥିଲେ । ସଙ୍ଗୀତ ମୋତେ ଏକ ଭିନ୍ନ ଧରଣର ଆନନ୍ଦ ଦେଇଥାଏ । ଏହାଦ୍ୱାରା ଯଦି ଶ୍ରୋତା ଖୁସି ହୋଇପାରିଲେ ତେବେ ତାହା ମୋ ପାଇଁ ବଡ଼ କଥା । ଗୀତ ଗାଇବା ସହ ମୁଁ ସଙ୍ଗୀତ ଶିଖାଇବା ମଧ୍ୟ ଜାରି ରଖିଛି । ନିକଟରେ ମୋତେ କେତୋଟି ଭଜନ ଆଲବମ୍‌ରେ ଗାଇବା ପାଇଁ ସୁଯୋଗ ମିଳିଛି । ମୋତେ ଲାଗୁଛି ସତେ ଯେମିତି ସଙ୍ଗୀତ ମୋ ନିଶା ପାଲଟି ଯାଇଛି ।'' ସଙ୍ଗୀତକୁ ପ୍ରଚାର ପ୍ରସାର କରିବା ପାଇଁ ସେ ଏକ ୟୁଟ୍ୟୁବ ଚ୍ୟାନେଲ-'ମମତା ଏଟରନାଲ ମ୍ୟୁଜିକ' ଖୋଲିଛନ୍ତି । ମମତା ବର୍ତ୍ତମାନ ଜବାହର ନବୋଦୟ ବିଦ୍ୟାଳୟ, ଝାରସୁଗୁଡାରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ । ସେ ଶାସ୍ତ୍ରୀୟ ଭଜନ, ଗଜଲ ଗାଇବା ପାଇଁ ବେଶି ପସନ୍ଦ କରନ୍ତି ।



ମମତା ଜେନା

# କୋଲକାତାକୁ ହରାଇଲା ଚେନ୍ନାଇ



ପ୍ଲେୟର ଅଫ୍ ଦି ମ୍ୟାଚ୍ ନୁର୍ ଅହମଦ।

**କୋଲକାତା,୭।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୨ ଉଇକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୬ ଉଇକେଟ ହରାଇ ୧୭୯ ରନ କରିଥିଲା। ଜବାବରେ ଚେନ୍ନାଇ ନାଟକୀୟ ଘଟଣାକ୍ରମ ମଧ୍ୟରେ ୧୯.୪ ଓଭରରେ ୮ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରି ନେଇଥିଲା। ଡେୱାଲ୍ଡ ବ୍ରେଭିସ (୫୨)ଙ୍କ ଅର୍ଦ୍ଧଶତକ ଏବଂ ଶିବମ ଦୁବେ (୪୫) ଓ ପଦାର୍ପଣକାରୀ ଉର୍ଭିଲ ପଟେଲ (୩୧)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଚେନ୍ନାଇ ବାଜି ମାରିଥିଲା।

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ୍)**
**ପଞ୍ଜାବ**
**ବନାମ ଦିଲ୍ଲୀ**
**ସ୍ଥାନ: ଧର୍ମଶାଳା**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ବୋମା ଆତଙ୍କ

କୋଲକାତା-ଚେନ୍ନାଇ ମ୍ୟାଚ ପୂର୍ବରୁ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଫିସିଆଲ ଆକାଉଣ୍ଟକୁ ଏକ ବୋମା ଆତଙ୍କ ସମ୍ପର୍କିତ ଇ-ମେଲ ଆସିଥିଲା। ଫଳରେ ମ୍ୟାଚରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆ ଯାଇଥିଲା। ଏକ ଅଜଣା ଇ-ମେଲ ଆଇଡିରୁ ଧମକ ମିଳିବା ପରେ ସିଏବି ପକ୍ଷରୁ କୋଲକାତା ପୋଲିସକୁ ଅବଗତ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୭୯/୬ (ଅଜିଙ୍କ୍ୟ ରାହାନେ-୪୮, ଆନ୍ଦ୍ରେ ରସେଲ-୩୮, ମନୀଷ ପାଣ୍ଡେ-୩୬*, ସୁନୀଲ ନାରିନ-୨୬, ନୁର ଅହମଦ-୪/୩୧, ଅନଶୁଲ କାମ୍ବୋଜ-୧/୩୮)। ଚେନ୍ନାଇ ସୁପର କିଙ୍ଗ୍ସ ୧୯.୪ ଓଭରରେ ୧୮୩/୮ (ଡେୱାଲ୍ଡ ବ୍ରେଭିସ-୫୨, ଶିବମ୍ ଦୁବେ-୪୫, ଉର୍ଭିଲ ପଟେଲ-୩୧, ବୈଭବ ଆରୋରା-୩/୪୮, ବରୁଣ ଚକ୍ରବର୍ତ୍ତୀ-୨/୧୮), ହର୍ଷିତ ରାଣା-୨/୪୩, ମୋଇନ ଅଲୀ-୧/୨୩)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୬ | ୧ | ୧୧ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

## ଟେଷ୍ଟରୁ ରୋହିତଙ୍କ ଅବସର ଘୋଷଣା

**ନୂଆଦିଲ୍ଲୀ, ୭।୫ (ପି.ଟି.):** ଭାରତୀୟ ଦଳର ସିନିୟର ଖେଳାଳି ରୋହିତ୍ ଶର୍ମା ବୁଧବାର ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ଲମ୍ବା ଫର୍ମାଟ୍‌ରେ ତାଙ୍କ ଭବିଷ୍ୟତକୁ ନେଇ ଚାଲିଥିବା ଚର୍ଚ୍ଚାର ମଧ୍ୟ ଅନ୍ତ ଘଟିଛି। ରୋହିତଙ୍କୁ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ପଦରୁ ହଟାଯାଉଥିବା ନେଇ ରିପୋର୍ଟ ଆସିବା ପରେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଠାରେ ଆପଣମାନଙ୍କୁ ଜଣାଇବାକୁ ଚାହୁଁଛି ଯେ, ମୁଁ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଉଛି। ଟେଷ୍ଟ କ୍ରିକେଟ୍‌ରେ ଦେଶକୁ ପ୍ରତିନିଧିତ୍ୱ କରିବା ସମ୍ମାନର ବିଷୟ। ଦୀର୍ଘବର୍ଷ ହେଲା ମୋତେ ଦେଇଥିବା ଭଲ ପାଇବା ଓ ସମର୍ଥନ ଲାଗି ଧନ୍ୟବାଦ। ମୁଁ ଦିନିକିଆ ଫର୍ମାଟ୍‌ରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବା ଜାରି ରଖିବି ବୋଲି ରୋହିତ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ତାଙ୍କ ଅବସର ଯୋଗୁ ଆସନ୍ତା ଜୁନ୍ ୨୦ରୁ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ନୂଆ ଅଧିନାୟକ ଭାରତୀୟ ଦଳର ନେତୃତ୍ୱ ନେବେ। ଏହି ଗୁରୁଦାୟିତ୍ୱ ଯଶପ୍ରୀତ ବୁମରା, ଲୋକେଶ ରାହୁଲ, ଶୁବମନ ଗିଲ ଓ ରିଷଭ ପନ୍ତଙ୍କ ମଧ୍ୟରୁ ଜଣଙ୍କୁ ଦିଆଯାଇପାରେ। ୨୦୧୩ରେ ପାରମ୍ପରିକ ଫର୍ମାଟ୍‌ରେ ପଦାର୍ପଣ କରିଥିବା ରୋହିତ କ୍ୟାରିୟରରେ ମୋଟ ୬୭ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

# ଫାଇନାଲରେ ଭାରତ



ଶତକ ହାସଲ ପରେ ଜେମିମା ରୋଡ୍ରିଗ୍ସେଜ।

**କଲମ୍ବୋ, ୭।୫**

ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ଶତକ ବଳରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୨୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତ ଦ୍ୱାରା ପ୍ରଦତ୍ତ ୩୩୮ ରନ୍ ଟାର୍ଗେଟ୍‌ର ଜବାବରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୧୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଭାରତ ଚଳିତ ତ୍ରିରାଷ୍ଟ୍ରୀୟ ସିରିଜ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୧ ତାରିଖରେ ଖେଳାଯିବାକୁଥିବା ଫାଇନାଲରେ ଭାରତ ଆୟୋଜକ ଶ୍ରୀଲଙ୍କାକୁ ଭେଟିବ।

### ତ୍ରିରାଷ୍ଟ୍ରୀୟ ମହିଳା କ୍ରିକେଟ ସିରିଜ୍

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୩୩୭ ରନ୍ କରିଥିଲା। ଦଳ ପକ୍ଷରୁ ଜେମିମା ୧୨୩(୧୫ ଚୌକା ଓ ୧ ଛକା) ରନ୍‌ର ଶତକୀୟ ପାଳି ଖେଳିଥିଲେ। ଅଳ୍ପକେ ଶତକ ହାତଛଡ଼ା କରିଥିବା ଦୀପ୍ତି ଶର୍ମା ୯୩(୧୦ ଚୌକା ଓ ୨ ଛକା) ଓ ସ୍ମୃତି ମନ୍ଧାନା ୫୧(୬ ଚୌକା) ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ନନକୁଲୁଲେକୋ ଏମ୍‌ଲାବା, ମାସାବାତା କ୍ଲାସ ଓ ନାଦିନ ଡେ କ୍ଲେର୍କ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୭ ଉଇକେଟ ହରାଇ ୩୧୪ ରନ୍ କରିପାରିଥିଲା। ଦଳ ପାଇଁ ଆନେରି ଡର୍କସେନ ୮୧, ଅଧିନାୟିକା କ୍ଲୋ ଟ୍ରାୟନ ୬୭, ମିଆଁ ସ୍ମିଟ ୩୯, ନନଡୁମିସୋ ଶାଙ୍ଗାସେ ୩୬ ରନ କରିଥିଲେ। ଭାରତ ପକ୍ଷରୁ ବୋଲିଂରେ ଅମନ୍‌ଜୋତ କୌର ୩ ଓ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୩୩୭/୯ (ଜେମିମା ରୋଡ୍ରିଗ୍ସେଜ୍-୧୨୩, ଦୀପ୍ତି ଶର୍ମା-୯୩, ସ୍ମୃତି ମନ୍ଧାନା-୫୧, ମାସାବାତା କ୍ଲାସ-୨/୫୧, ନନକୁଲୁଲେକୋ ଏମ୍‌ଲାବା-୨/୭୧)। ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୩୧୪/୭ (ଆନେରି ଡର୍କସେନ-୮୧, କ୍ଲୋ ଟ୍ରାୟନ-୬୭, ଅମନ୍‌ଜୋତ କୌର-୩/୫୯, ଦୀପ୍ତି ଶର୍ମା-୨/୫୭)।

# ଭାରତର କାର୍ଯ୍ୟାନୁଷ୍ଠାନକୁ କ୍ରୀଡ଼ା ଜଗତର ପ୍ରଶଂସା

**ନୂଆଦିଲ୍ଲୀ, ୭।୫(ପି.ଟି.)**

ଏପ୍ରିଲ ୨୨ରେ ଆତଙ୍କବାଦୀ ଆକ୍ରମଣରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହାର ଜବାବରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ୯ଟି ଭିନ୍ନ ଭିନ୍ନ ସ୍ଥାନରେ ଥିବା ପ୍ରତିବନ୍ଧିତ ଆତଙ୍କବାଦ୍ ଗୋଷ୍ଠୀ ଜୈଶ-ଇ-ମହମ୍ମଦ ଓ ଲସ୍କର-ଇ-ତୋଇବା ସହ ଜଡ଼ିତ କୋଠା ଓ ମସ୍‌ଜିଦ୍ ଉପରେ ଭାରତ ପକ୍ଷରୁ ରକେଟ୍ ମାଡ଼ କରାଯାଇଛି। ଭାରତର ଏହି କାର୍ଯ୍ୟାନୁଷ୍ଠାନ ପରେ ଭାରତୀୟ ସୁରକ୍ଷା ବଳ ଲାଗି କ୍ରୀଡ଼ା ଜଗତରୁ ପ୍ରଶଂସାର ଶୁଅ ଛୁଟିଛି।

### ଅପରେଶନ ସିନ୍ଦୂର

● ଏକତାରେ ନିର୍ଭୟତା। ଶକ୍ତିରେ ଅସୀମ। ଆମ ନାଗରିକମାନେ ହେଉଛନ୍ତି ଭାରତର କବଚ। ଏହି ବିଶ୍ୱରେ ଆତଙ୍କବାଦ ଲାଗି କୌଣସି ସ୍ଥାନ ନାହିଁ। ଜୟ ହିନ୍ଦ୍।

**-ସଚିନ ତେନ୍ଦୁଲକର, କିମ୍ବଦନ୍ତୀ କ୍ରିକେଟର**

● ଯଦି କେହି ଆପଣଙ୍କୁ ପଥର ପକାଉଛନ୍ତି, ତେବେ ତାଙ୍କ ଉପରେ ଫୁଲ ପକାଅ। କିନ୍ତୁ ଫୁଲଦାନି ସହିତ। ଜୟ ହିନ୍ଦ୍।

**-ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ କ୍ରିକେଟର**

ଆତଙ୍କବାଦ ବିରୋଧରେ ଭାରତ ତା'ର ପକ୍ଷ ବାଛିନେଇଛି।

**-ଶିଖର ଧାୱନ, ପୂର୍ବତନ ଓପନର**

● ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା। ଜୟ ହିନ୍ଦ୍-ଜୟ ଯୱାନ୍।

**-ଯୋଗେଶ୍ୱର ଦତ୍ତ, ଅଲିମ୍ପିକ୍ ପଦକ ବିଜୟୀ ରେସ୍‌ଲର**

● ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଅପରେଶନ ସିନ୍ଦୂର ସହିତ ଭାରତର ପ୍ରତିକ୍ରିୟାରେ ମୁଁ ବହୁତ ଖୁସି। ଆତଙ୍କବାଦୀଙ୍କୁ କଦାପି ଛଡ଼ାଯିବା ଉଚିତ ନୁହେଁ। ଅପରେଶନ ଲାଗି ଏକ ସୁନ୍ଦର ନାମ ରଖାଯାଇଛି। ଭାରତ ମାତା କୀ ଜୟ।

**-ଭିଦିତ ଗୁଜରାଠୀ, ଚେସ୍ ଖେଳାଳି**

● ଭାରତୀୟ ସଶକ୍ତ ବଳ ବିପଦକୁ ଏକ ବିଶାଳ ବିଜୟ ମୁହୂର୍ତ୍ତରେ ପରିବର୍ତ୍ତନ କରିଛି। ବିପଦ ମୁହଁରେ ସେମାନଙ୍କ ସାହସ ଓ ବୀରତ୍ୱ ଆମ ସଭିଙ୍କୁ ଗର୍ବିତ କରିଛି।

**-ମହମ୍ମଦ ଶାମି, ଭାରତୀୟ ପେସର**

● ପହଲଗାମ୍‌ରେ ଆମ ଭାଇମାନଙ୍କର ନିର୍ମମ ହତ୍ୟାର ଅପରେଶନ ସିନ୍ଦୂର ହେଉଛି ଭାରତର ଉତ୍ତର।

**-ହରଭଜନ ସିଂ, ପୂର୍ବତନ ସ୍ପିନର**

## ପଞ୍ଜାବ-ମୁମ୍ବାଇ ମ୍ୟାଚ୍ ସ୍ଥାନାନ୍ତର

**ନୂଆଦିଲ୍ଲୀ, ୭।୫:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତୀୟ ସେନା ପକ୍ଷରୁ ସଫଳତାର ସହ କରାଯାଇଥିବା ଅପରେଶନ ସିନ୍ଦୂରର ପ୍ରଭାବ ଚଳିତ ଆଇପିଏଲ୍‌ରେ ଦେଖିବାକୁ ମିଳିଛି। ଆସନ୍ତା ୧୧ ତାରିଖରେ ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ଓ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍ଆଇ) ମଧ୍ୟରେ ଧର୍ମଶାଳାରେ ହେବାକୁ ଥିବା ମ୍ୟାଚ୍‌କୁ ବୁଧବାର ସ୍ଥାନାନ୍ତର କରାଯାଇଛି। ଏହି ମ୍ୟାଚ୍ ଏବେ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଧର୍ମଶାଳା ଷ୍ଟାଡିୟମ ପଞ୍ଜାବର ଦ୍ୱିତୀୟ ହୋମ୍ ଭେନ୍ୟୁ। ଏତଦ୍ ବ୍ୟତୀତ ଗୁରୁବାର ଧର୍ମଶାଳାରେ ପଞ୍ଜାବ ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର କାର୍ଯ୍ୟସୂଚୀରେ ମଧ୍ୟ ପରିବର୍ତ୍ତନ କରାଯିବାର ବିଶେଷ ସମ୍ଭାବନା ରହିଛି।

# ଓଡ଼ିଶାରୁ ଭାଗନେବେ ୭ ପ୍ରତିଯୋଗୀ



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ଭାରୋତ୍ତୋଳକ ଓ ଅଫିସିଆଲ।

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ)**

ବିହାରର ରାଜଗିରିଠାରେ ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୪ ବାଳିକା ଓ ୩ ବାଳକ ପ୍ରତିଯୋଗୀ ଏବଂ ୨ କୋଚ୍ ଓ ୪ ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିବେ। ଭାଗ ନେବାକୁ ଯାଉଥିବା ଭାରୋତ୍ତୋଳକମାନେ ହେଲେ ଜ୍ୟୋତ୍ସ୍ନା ଶବର, ମୀନା ସାନ୍ତା(ଏ), ମୀନା ସାନ୍ତା(ବି), ଟିଙ୍କି ମୋହିନୀ ମଲିକ, ହର୍ଷବର୍ଦ୍ଧନ ସାହୁ, ମୁକେଶ ଗମାଙ୍ଗୋ ଓ ସ୍ୱୟଂଜିତ ପ୍ରସାଦ ସାହୁ। ୨ କୋଚ୍ ଫରକାଶ ଜୋଲଟନ ଓ କେ. ଭେଙ୍କଟଲକ୍ଷ୍ମୀ ଏବଂ ବୈଷୟିକ ଅଧିକାରୀମାନେ ହେଲେ ରାନୁ ମହାନ୍ତି, ସଂଯୁକ୍ତା ସାହୁ, ଲକିରାଣୀ ପାତ୍ର ଓ ରାଜେଶ୍ୱରୀ ବେହେରା। ମନୋନୀତ ଓଡ଼ିଶା ଦଳକୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ଉପସଭାପତି ହରି ପ୍ରସାଦ ପଟ୍ଟନାୟକ, ଅଲିମ୍ପିଆନ୍ କେ. ରବି କୁମାର ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

# ମଧୁସ୍ମିତାଙ୍କ ମାଉଣ୍ଟ ଆଇଲାଣ୍ଡ ଆରୋହଣ




ମଧୁସ୍ମିତା ପାତ୍ର

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ)**

ଗଞ୍ଜାମ ଜିଲଶ ମହାସାୟୀ ପେଣ୍ଠ ନିବାସୀ ମଧୁସ୍ମିତା ପାତ୍ର ନେପାଳର ମାଉଣ୍ଟ ଆଇଲାଣ୍ଡ (୬,୧୬୩ମି.)କୁ ୫ ତାରିଖ ସକାଳ ୯.୪୫ମିରେ ସଫଳତାର ସହ ଆରୋହଣ କରିଛନ୍ତି। ପୂର୍ବରୁ ଗତ ୨୯ ତାରିଖରେ ସେ ନେପାଳର ମାଉଣ୍ଟ ମୀରା(୬,୪୭୬ମି.)କୁ ସଫଳତାର ସହ ଆରୋହଣ କରିଥିଲେ। ହିମାଳୟର ୬୦୦୦ମି. ପିକ୍ ମଧ୍ୟରୁ ଆଇଲାଣ୍ଡ ଶୃଙ୍ଗ ଏକ ଟେକ୍‌ନିକାଲ ପାହାଡ଼ ଭାବେ ଜଣାଯାଏ। ଯେଉଁଠି ସମ୍ପୂର୍ଣ୍ଣଭାବେ ଫିକ୍ସରୋପ୍, ଜୁମରିଙ୍ଗ ଆଦି ପର୍ବତାରୋହଣର କୌଶଳ ପ୍ରୟୋଗ କରାଯାଇଥାଏ। ଗୋଟିଏ ସପ୍ତାହରେ ଦୁଇଟି ୬,୦୦୦ମିଟର ଉଚ୍ଚତାବିଶିଷ୍ଟ ପାହାଡ଼ ଚଢ଼ିବାର ଅଭିଜ୍ଞତା ମଧୁସ୍ମିତାଙ୍କୁ ପରବର୍ତ୍ତୀ ସମୟରେ ଆହୁରି ବଡ଼ ଶୃଙ୍ଗ ଆରୋହଣ ପାଇଁ ସାହାଯ୍ୟ କରିବ ବୋଲି ତାଙ୍କ ପ୍ରଶିକ୍ଷକ ପର୍ବତାରୋହୀ ନୃସିଂହ ସାହୁ କହିଛନ୍ତି। ଏହି ଅଭିଯାନ ପାଇଁ ଏସ୍‌ଏନ୍‌ଏମ୍ ମାଇନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି ଏବଂ ସ୍ପୋର୍ଟ୍ସ ସାଇନ୍ସ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ସାର୍ଥକ ପଟ୍ଟନାୟକ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମଧୁସ୍ମିତା ପୂର୍ବତନ ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଏବଂ ପୁଷ୍ପାଞ୍ଜଳି ପାତ୍ରଙ୍କ କନିଷ୍ଠା କନ୍ୟା। ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଟିସିଏସ୍ ଚେନ୍ନାଇରେ କାର୍ଯ୍ୟରତ।

# ୫ ବାଳକ, ୨ ବାଳିକା ଅଗ୍ରଣୀ

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ(କେଡିସିଏ) ଆନୁକୂଲ୍ୟରେ ୭ ବର୍ଷରୁ କମ୍ ବାଳିକା ଓ ବାଳକ ଚେସ୍ ଚାମ୍ପିୟନଶିପ୍ ବୁଧବାର ପଟିଆସ୍ଥିତ ଭେଙ୍କଟେଶ୍ୱର ଇଏମ୍ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଜିଲାସ୍ତରରେ ହେଉଥିବା ଏହି ପ୍ରଥମ ଏଜ୍ ଗ୍ରୁପ୍ ପ୍ରତିଯୋଗିତାରୁ ପ୍ରଦର୍ଶନ ଭିତ୍ତିରେ ପିଲାମାନେ ରାଜ୍ୟ ଏଜ୍ ଗ୍ରୁପ୍ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଉଦ୍‌ଘାଟନୀ ଉତ୍ସବରେ ଭେଙ୍କଟେଶ୍ୱର ଇଏମ୍ ସ୍କୁଲ ପ୍ରିନ୍ସିପାଲ ଜେ. ରାଜକିଶୋର, ଭାଇସ୍ ପ୍ରିନ୍ସିପାଲ ମହେଶ ପ୍ରସାଦ ମିଶ୍ର, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କେଡିସିଏ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସଦସ୍ୟ ସ୍ୱୟଂଶୁ ସତ୍ୟକାମ ଓ ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୨୮ ଖେଳାଳି ଭାଗ ନେଇଥିବାବେଳେ ପ୍ରଥମ ଦିବସରେ ୨ ରାଉଣ୍ଡ ଶେଷରେ ବାଳକରେ ୫ ଏବଂ ବାଳିକାରେ ୨ ଖେଳାଳି ଅଗ୍ରଣୀଲାଭ କରିଛନ୍ତି। ଅଭିଜ୍ଞ ଆର୍ବିଟର ଭବେଶ ମହାନ୍ତି ଓ ସୁଶାନ୍ତ ଷଡ଼ଙ୍ଗୀ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

### ଖୋର୍ଦ୍ଧା ଜିଲା ୭ ବର୍ଷରୁ କମ୍ ଚେସ୍




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ